

## କଲ୍‌କୀ-୨
### ଦୀପିକାଙ୍କ ସ୍ଥାନ ନେବେ ପ୍ରିୟଙ୍କା

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-162 ◆MONDAY ◆8 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬୨ ◆ସୋମବାର ◆୮ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ନାଇଟ୍ କ୍ଲବରେ ନିଆଁ: ୨୫ ଜୀବନ୍ତ ଦଗ୍ଧ

## ବାଣ ଫୁଟାଇବାରୁ ଅଗ୍ନିକାଣ୍ଡ: ମୁଖ୍ୟମନ୍ତ୍ରୀ



■ ପାନାଜୀ, ୭।୧୨ (ଏଜେନ୍ସି): ଗୋଆର ଏକ ନାଇଟ କ୍ଲବରେ ଗତ ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନ୍ୟ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଜଣ ପର୍ଯ୍ୟଟକ, ୧୪ କର୍ମଚାରୀ ଅଛନ୍ତି। ଅନ୍ୟ ମୃତଦେହର ଚିହ୍ନଟ ହୋଇପାରି ନାହିଁ। ଏହି ଘଟଣାରେ କ୍ଲବ୍ ମ୍ୟାନେଜରଙ୍କ ସମେତ ୪ ଜଣଙ୍କୁ ଗୋଆ ପୁଲିସ ଗିରଫ କରିଛି। ମାଲିକଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**କ୍ଲବ୍ ମ୍ୟାନେଜରଙ୍କ ସମେତ ୪ ଗିରଫ**

**ସଂକୀର୍ଣ୍ଣ ରାସ୍ତା; ବାହାରି ପାରିଲେନି ଲୋକେ**

**ଦୁର୍ଘଟଣା ନୁହେଁ; ହତ୍ୟାକାଣ୍ଡ ବୋଲି କହିଲେ ରାହୁଲ୍**

ରାଜଧାନୀ ପାନାଜୀ ଠାରୁ ୨୫ କିଲୋମିଟର ଦୂର ଅରପୋରା ଅଞ୍ଚଳର ବିଚି ସ୍ଥିତ ପ୍ରସିଦ୍ଧ ନାଇଟ କ୍ଲବ୍ 'ବିର୍ଚ ବାଏ ରୋମିଓ ଲେନ'ରେ ଶନିବାର ବିଳମ୍ବିତ ରାତିରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ରତ୍ୟକ୍ଷ ଦର୍ଶୀଙ୍କ ଅନୁଯାୟୀ, ନାଇଟ କ୍ଲବ୍‌ରେ 'ମେହବୁବା ମେହବୁବା' ଗୀତର ତାଳେ ତାଳେ ନାଚ ଜମି ଥିବା ବେଳେ ନିଆଁ ଲାଗି ▶ପୃଷ୍ଠା-୭

### ଆସନ୍ତାକାଲି ବାରବାଟୀ ଟି-୨୦

# ପହଞ୍ଚିଲେ ଖେଳାଳି; ଆଜି ଅଭ୍ୟାସ





■ କଟକ, ୭।୧୨ (ସମିସ): ଡିସେମ୍ବର ୯ରୁ ଆରମ୍ଭ ହେବାକୁ ଯାଉଛି ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍। ଐତିହାସିକ ବାରବାଟୀ ଷ୍ଟାଡିୟମରେ ପ୍ରଥମ ମୁକାବିଲା ହେବ। ଏହି ସିରିଜ ଓପନିଂ ମ୍ୟାଚ୍ ଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ରବିବାର ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଶାଖାପାଟଣାରେ ତୃତୀୟ ଦିନିକିଆ ଖେଳି ସାରିବା ପରେ ରବିବାର ଏକ ସ୍ୱତନ୍ତ୍ର ବିମାନଯୋଗେ ଦୁଇ ଦଳର ଖେଳାଳି ଆଜି ଅପରାହ୍ଣ ୩ଟାରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ହୋଟେଲକୁ ଅଣାଯାଇଥିଲା। ସେଠାରେ ଖେଳାଳିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

**ଭୁବନେଶ୍ୱରରେ ଭାରତ-ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ଭବ୍ୟ ସ୍ୱାଗତ**

ଯଶପ୍ରୀତ୍ ବୁମ୍‌ରା, ସଞ୍ଜୁ ସାମସନ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରମୁଖ ଭିନ୍ନ ଭିନ୍ନ ସମୟରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ରବିବାର ବିଶ୍ରାମ ପରେ ସୋମବାର ଦୁଇ ଦଳର ଖେଳାଳି ବାରବାଟୀରେ ଅଭ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି।

ପ୍ରଥମ ଟି-୨୦ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ସୋମବାର ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଖେଳାଳି ବାରବାଟୀକୁ ଅଭ୍ୟାସ ନିମନ୍ତେ ଆସିବେ। ପୂର୍ବାହ୍ନରେ ଭାରତ ଏବଂ ସନ୍ଧ୍ୟାରେ ଦକ୍ଷିଣଆଫ୍ରିକା ଦଳ ମ୍ୟାଚ୍ ପୂର୍ବରୁ ଶକ୍ତିପ୍ରଦର୍ଶନ କରିବେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଭାରତ ଦଳ ଦିନ ୧.୩୦ରେ ▶ପୃଷ୍ଠା-୭

# ସାରା ରାଜ୍ୟରେ ପ୍ରବଳ ଶୀତ

## ୧୦ ଡିଗ୍ରୀ ତଳେ ୧୦ ସହର

■ ଭୁବନେଶ୍ୱର, ୭।୧୨ (ସମିସ): ସାରା ରାଜ୍ୟରେ ପ୍ରବଳ ଥଣ୍ଡା। ପାରଦ ତଳମୁହାଁ ହେତୁ ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠୁ ଶୀତର ପ୍ରଭାବ ଜାରି ରହିଛି। ସନ୍ଧ୍ୟା ୭ରୁ ତାପମାତ୍ରା ହ୍ରାସ ଆରମ୍ଭ ହୋଇ ରାତି ୧୦ ବେଳକୁ କାଲୁଆ ଶୀତ ପଡ଼ିଯାଉଛି। ଏମିତି କି ଖରା ନ ଆସିବା ଅର୍ଥାତ ସକାଳ ପ୍ରାୟ ୯ ଟା ପର୍ଯ୍ୟନ୍ତ ଶୀତ ଜାରି ରହୁଥିବାରୁ ସାରା ରାଜ୍ୟରେ ଜନଜୀନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ▶ପୃଷ୍ଠା-୭



ଶିମିଳିପାଳ ଅଭୟାରଣ୍ୟରେ ତୁହିନ ଆସ୍ତରଣ

# ରାସନ କାର୍ଡ ଅପେକ୍ଷାରେ ୪.୭୨ ଲକ୍ଷ

## ଆବେଦକଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୫୭ ହଜାର

■ ଭୁବନେଶ୍ୱର, ୭।୧୨ (ସମିସ): ରାଜ୍ୟରେ ରାସନ୍ କାର୍ଡକୁ ଚାହିଁ ରହିଛନ୍ତି ୪ ଲକ୍ଷ ୭୨ ହଜାରରୁ ଊର୍ଦ୍ଧ୍ୱ ପରିବାର। ସରକାର କେବେ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବେ ଓ ଏମାନେ ରାସନ ସାମଗ୍ରୀ ପାଇବେ ତାହା ଚାହିଁଚାହିଁ ଆଖିରୁ ପାଣି ମଳାଣି। ରାଜ୍ୟ ସରକାର ବାରମ୍ବାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାସନକାର୍ଡ ପ୍ରଦାନ ପାଇଁ ଘୋଷଣା କରୁଥିଲେ ମଧ୍ୟ ୪ ଲକ୍ଷ ୭୨ ହଜାର ୪୭୮ ଟି ଆବେଦନକୁ ଏଯାଏ ବିଚାରକୁ ନିଆଯାଇ ନାହିଁ।

ଗୋଟିଏ ପଟେ କେନ୍ଦ୍ର ସରକାର ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ରାସନ୍ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଭିନ୍ନ ରାଜ୍ୟକୁ ସଂଦିଗ୍ଧ ହିତାଧିକାରୀ ତାଲିକା ପଠାଇଛନ୍ତି। ଏହି ତାଲିକାରେ ନିର୍ଦ୍ଦିଷ୍ଟ ମାନଦଣ୍ଡ ଆଧାରରେ କାର୍ଡ କାଟିବାକୁ କୁହାଯାଇଛି। ଏହି କ୍ରମରେ ଓଡ଼ିଶାରେ ମଧ୍ୟ ଜୋରଦାର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହା ସତ୍ତ୍ୱେ ପୁଣି ଥରେ ରାସନ୍‌କାର୍ଡ ହିତାଧିକାରୀ ଓ ଆବେଦକଙ୍କ ସଂଖ୍ୟାକୁ ନେଇ ସରକାରଙ୍କ ତଥ୍ୟ ଉପରେ ଉଠିଛିପ୍ରଶ୍ନ। ବର୍ତ୍ତମାନ ରାଜ୍ୟରେ ମୋଟ୍ ୯୮ ▶ପୃଷ୍ଠା-୭

**■ ବିଭିନ୍ନ ଆଳ ଦେଖାଇ କଟାଯାଉଛି ହିତାଧିକାରୀଙ୍କ କାର୍ଡ**

**■ ଯାଞ୍ଚରେ ଏଯାଏ କଟିଲାଣି ୩୩ ହଜାର ୧୨୮ କାର୍ଡ**




# ଶିଳ୍ପ ସଂସ୍ଥା ଗୁଡ଼ିକରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦାବି

**ଭବାନୀପାଟଣା, ୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲାରେ ଦୀର୍ଘ ବର୍ଷ ହେଲା ଲାଞ୍ଜିଗଡ଼ରେ ବେଦାନ୍ତ କମ୍ପାନୀ ପ୍ରତିଷ୍ଠା ପରେ ଖଣି ନମିଳିବା ଓ କଞ୍ଚାମାଲ ଅଭାବ ଯୋଗୁଁ ଲସରେ ଚାଲିଛି କମ୍ପାନୀ। ଫଳରେ ଜିଲ୍ଲାର ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ ବେଦାନ୍ତ କମ୍ପାନୀ ପର୍ଯ୍ୟାପ୍ତ ସ୍ଥାୟୀ କର୍ମନିଯୁକ୍ତି ଦେଇ ପାରୁନାହିଁ। ଏଭଳି ପରିସ୍ଥିତି ରେ ଜିଲ୍ଲାର ଅନ୍ୟ ଏକ ବକ୍ସାଇଟ ଖଣି ତିଜିମାଳି ବେଦନ୍ତକୁ ଦେବାପାଇଁ ପଥ ସଫା ହୋଇଥିଲେ ମଧ୍ୟ ସ୍ଥାନୀୟ ଆଦିବାସୀଙ୍କ ବିରୋଧ ଓ ବିଭିନ୍ନ ଲାକୁନା ଯୋଗୁଁ ତାହା ମଧ୍ୟ ସମ୍ଭବ ଅଦ୍ୟାବଧି ହୋଇପାରିନାହିଁ।ଏଭଳି ସ୍ଥଳେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି କଳାହାଣ୍ଡିର ଶିକ୍ଷିତ ଯୁବକ ଯୁବତୀଙ୍କୁ ବେଦାନ୍ତ କମ୍ପାନୀ ଦ୍ୱାରା ସ୍ଥାୟୀ ନିଯୁକ୍ତି ଓ ଥଇଥାନ ପାଇଁ ଦାବି କରାଯାଇଛି ।କଳାହାଣ୍ଡି ଯୁବ ବିକାଶ ପରିଷଦର ଆବାହକ ଶଶୀଦେବ ମହାନନ୍ଦ କହିଛନ୍ତି ଲାଞ୍ଜିଗଡ଼ ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କୁ ରାସ୍ତା, ପାନୀୟ, ଶିକ୍ଷ୍ୟା, ସ୍ୱାସ୍ଥ୍ୟ, ବିଜୁଳି ଯୋଗାଇବା, ପେଶା ଆଇନ ଆନୁଯାୟୀ ସମସ୍ତଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା, ପ୍ରତ୍ୟକ ପରିବାରକୁ ମାସିକ ୫୦୦୦ରାସନ ପାଇଁ ପ୍ରଦାନ କରିବା ଭଳି ପ୍ରାୟ ୩୦ଦଫାର ଦାବିପତ୍ର କଳାହାଣ୍ଡି ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଯୁବ ବିକାଶ ପରିଷଦର ମହେନ୍ଦ୍ର ରଣା, ଜିନର ମାଝୀ, ଭୁବନେଶ୍ୱର ଦୁର୍ଗା, ଦୁର୍ଯ୍ୟାଧନ କୁମାର, ମହେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।



# ସାମ୍ବାଦିକମାନେ ଲୋକଙ୍କ ଶାଣିତ ସ୍ୱର ହୁଅନ୍ତୁ

## ସାମ୍ବାଦିକ ମହମ୍ମଦ ଅସଲମଙ୍କ ସ୍ମୃତି ସଭା

**ଭବାନୀପାଟଣା, ୭ ।୧୨(ସମିସ):** ଯୁବ ସାମ୍ବାଦିକ ମହମ୍ମଦ ଅସଲମ୍‌ଙ୍କ ଚତୁର୍ଥ ସ୍ମୃତି ଦିବସ ସ୍ଥାନୀୟ ଅମଲା ଭବନରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହମ୍ମଦ ଅସଲମ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ମୌଲାନା ଇର୍ଫାନ୍ ଶାନ୍ତି ପ୍ରାର୍ଥନା ଏବଂ କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ଭଜନ ପରିବେଷଣ କରିଥିଲେ। ମହମ୍ମଦ ଅସଲମ ସ୍ମୃତି କମିଟି ତରଫରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଯୋଗଦେଇ ସାମ୍ବାଦିକମାନେ ଲୋକଙ୍କ ଶାଣିତ ସ୍ୱର ହୁଅନ୍ତୁ ବୋଲି ମତ ଦେଇଥିଲେ ।ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରବାନ, ବରିଷ୍ଠ ସାମ୍ବାଦିକ ଭକ୍ତ ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ସାମ୍ବାଦିକ ଅମରେଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ମହମ୍ମଦ ଅସଲମ୍ ସ୍ମୃତି କମିଟି ପକ୍ଷରୁ ମହମ୍ମଦ ଅସଲମ୍ ସାମ୍ବାଦିକ ସମ୍ମାନ ଶତରୂପା ସାମନ୍ତରାୟଙ୍କୁ ପ୍ରଦାନ କରଯାଇଥିବା ବେଳେ ସମାଜସେବା କ୍ଷେତ୍ରରେ ମୋହିତ କୁମାର ସା ଏବଂ ମେଧାବୀ ସମ୍ମାନ ଭାବରେ ପ୍ରଗତି କଲେଜର ଛାତ୍ର ସ୍ୱାଗତ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଚଳିତ ବର୍ଷ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ଅଧ୍ୟକ୍ଷ ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ସ୍ମୃତି ସଭାକୁ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର ଓ ଯୁବ ନେତା ଅବିନାଶ ଠାକୁର ମଞ୍ଚ ପରିଚାଳନା କରିଥିବା ବେଳେ ନୟନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।ସାମ୍ବାଦିକ ଅଜିତ ସିଂ, ବିକାଶ ଷଡ଼ଙ୍ଗୀ, ଶୁଭମ ରୋହିଲା, ଦୁଃଖିଶ୍ୟାମ ପ୍ରଧାନ, ମନମୋହନ ପ୍ରଧାନ, ମହମ୍ମଦ ଅଲ୍ଲୀ, ତାପସ ମହାନ୍ତି, ଅମରେଶ ପାଢ଼ୀ, ଅମିୟ ସାହୁ, ଇଙ୍ଗିତ ପଣ୍ଡା, ଅଂଶୁମାନ ପାତ୍ର, ଉମେଶ ଦୁରିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନୀଆଲ୍, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା ବିନ୍ଦୁ ମହାନନ୍ଦଙ୍କ ସହ କମିଟି ସଦସ୍ୟ ନରେଶ ଚୌଧୁରୀ, ରାଜେଶ ଦୀପ, ଦିବ୍ୟ ମହାପାତ୍ର, ପଙ୍କଜ ମହାରଣା ଓ ଚିନି କ୍ରିଷ୍ଣା ଅଚାରୀ ପ୍ରମୁଖ ସହଯୋଗ କରିଥିଲେ ।




## ଖୋଲୁନି ମଣ୍ଡି, ବଢ଼ୁଛି ଚୋରା ଚାଲାଣ

# ଖୋଲା ଆକାଶ ତଳେ ପଡ଼ିଛି ଧାନ

**କୋକସରା, ୭ ।୧୨(ସମିସ)**

କଳାହାଣ୍ଡି ଜିଲ୍ଲାରେ ଗତ ୨୯ ତାରିଖରେ ଖରିଫ୍ ଧାନ ମଣ୍ଡି ଖୋଲିଥିବା ହେଁ ଜିଲ୍ଲାର ବିଭିନ୍ନ ବ୍ଲକରେ ଆଜି ପର୍ଯ୍ୟନ୍ତ ମଧ୍ୟ ମଣ୍ଡି ଆରମ୍ଭ ହୋଇ ପାରିନାହିଁ। ଫଳରେ ଚାଷୀଙ୍କ ମୁଠାଏ ଧାନ ଉଠାଣ ହୋଇପାରି ନଥିବା ବେଳେ ଚୋରା ଚାଲାଣ ବଢ଼ିବାରେ ଲାଗିଛି । କୋକସରା ବ୍ଲକରେ ମଧ୍ୟ ଧାନ ମଣ୍ଡି ଆରମ୍ଭ ହୋଇ ନଥିବା ବେଳେ ଚିନ୍ତାରେ ପଡ଼ିଛି ଚାଷୀ। ସୂଚନା ଅନୁସାରେ, କୋକସରା ବ୍ଲକରେ ୬ଟି ପ୍ୟାକ୍ସ ରହିଥିବା ବେଳେ ପ୍ୟାକ୍ସ ଗୁଡ଼ିକ ଅଧିନରେ ମୋଟ ୨୩ଟି ଧାନ ମଣ୍ଡି ରହିଛି। ତନ୍ମଧ୍ୟରୁ ୭ଟି ଉପ ମଣ୍ଡି ରହିଛି। ଚଳିତବର୍ଷ ୬ଟି ପ୍ୟାକ୍ସ ଧାନ କ୍ରୟ କରୁଥିବା ବେଳେ ଗୋଟିଏ ମାତ୍ର ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ କରିବା ନେଇ ସୂଚନା ରହିଛି। ତେବେ ଜିଲ୍ଲାରେ ମଣ୍ଡି ଆରମ୍ଭକୁ ପ୍ରାୟ ସପ୍ତାହେ ବିତିଯାଇଥିଲେ ସୁଦ୍ଧା କୋକସରା ବ୍ଲକର କୌଣସି ପ୍ୟାକ୍ସରେ ମଣ୍ଡି ଆରମ୍ଭ ହୋଇ ନାହିଁ କିମ୍ବା ଚାଷୀଙ୍କ ମୁଠାଏ ମଧ୍ୟ ଧାନ ଉଠାଣ ହୋଇ ପରିନାହିଁ। ବ୍ଲକରେ ୬୦ ପ୍ରତିଶତ ଧାନ କଟା ସରିଥିବା ବେଳେ ଚାଷୀମାନେ ଅମଳ ପରେ ଧାନକୁ ଖଳା, ଘରେ ଓ ଖୋଲା ଆକାଶ ତଳେ ରଖି ମଣ୍ଡି ଖୋଲିବା ଦିନକୁ ଚାହିଁ ବସି ଶୀତ କାକରରେ ପଡ଼ି ରହିଛନ୍ତି। ବ୍ଲକରେ ମୋଟ୍ ୧୩ ହଜାର ୧୦୬ ଜଣ ଚାଷୀ ଖରିଫ୍ ଧାନ ବିକ୍ରୀ ପାଇଁ ପଞ୍ଜୀକରଣ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା କାଁ ଭାଁ ଚାଷୀଙ୍କ ଟୋକନ୍ ଆସିଛି। ଯାହା ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସୁଯୋଗ ନେଇ ଦଲାଲ୍‌ମାନେ ସକ୍ରିୟ ହୋଇ ଚାଷୀଙ୍କ ଠାରୁ କମ୍ ମୂଲ୍ୟରେ ଧାନ କ୍ରୟ କରି ନେଉଛନ୍ତି। ଚାଷୀ ମଧ୍ୟ ନିଜର ଆବଶ୍ୟକତାକୁ ପୂରଣ କରିପାବା ଓ ଧାର କରଜ ସୁଝିବା ଚିନ୍ତାରେ ବାଧ ହୋଇ କମ୍ ଦରରେ ବିକ୍ରୀ କରୁଥିବା ଅଭିଯୋଗ ହୋଇଛି। ଏଣେ କିଛି ଅସାଧୁ ମିଲର୍ସ ଓ ଧାନ ବେପାରିମାନେ ଫାଇଦା ଉଠାଇ ଧାନ ଚୋରା ଚାଲାଣ କରିବାରେ ମଧ୍ୟ ଲାଗିଛନ୍ତି। ନିକଟରେ ବ୍ଲକର ନୂଆଗୁଡା ଠାରେ ଏକ ବେଆଇନ୍ ଧାନ ବୋଝେଇ ଟ୍ରକ୍ ଓଲଟି ଥିବା ବେଳେ ଟ୍ରାନଜିଷ୍ଟ ପାସରେ ନବରଙ୍ଗପୁର ଜିଲ୍ଲାରୁ ନୂଆପଡ଼ା ଜିଲ୍ଲାକୁ ଯାଉଥିବା ଜଣାପଡ଼ିଥିଲା। ହେଲେ ଉକ୍ତ ବେଆଇନ୍ ଧାନ ବୋଝେଇ ଗାଡ଼ି ପ୍ରକୃତରେ ନବରଙ୍ଗପୁର ଜିଲ୍ଲାରୁ ନୂଆପଡ଼ା ଜିଲ୍ଲାକୁ ଯାଉ ନଥିବା ବେଳେ ଲଡୁଗାଁର ଏକ ନିର୍ଦ୍ଦିଷ୍ଟ ରାଇସ୍ ମିଲକୁ ଯାଉଥିବା ଜଣାପଡ଼ିଥିଲା। ଚତୁରତାର ସହ ଉକ୍ତ ମିଲ ମାଲିକ ଗାଡ଼ିକୁ ଉଦ୍ଧାର କରି ନେଇଥିବା ବେଳେ ପ୍ରଶାସନ ମଧ୍ୟ ଜାଣି ଅଜଣା ସାଜିଥିବା ଅଞ୍ଚଳରେ ଚର୍ଚ୍ଚା ଯୋର ଧରିଛି। ଅନ୍ୟପଟେ ବିଳମ୍ବ ଧାନ ମଣ୍ଡି ଯୋଗୁଁ ଚାଷୀଙ୍କ ଚିନ୍ତା ବଢ଼ିଥିବା ବେଳେ ଅସାଧୁ ମିଲର୍ସ ଓ ଧାନ ବେପାରି ଏହାର ଭରପୁର ଫାଇଦା ନେବାରେ ଲାଗି ପଡ଼ିଛନ୍ତି। ଅନ୍ୟପଟେ କୋକସରା ବ୍ଲକରେ ବିଧିବଦ୍ଧ ଭାବେ ମଣ୍ଡି ଖୋଲିଥିଲେ ହେଁ କେବେ ଚାଷୀଙ୍କ ଧାନ ଉଠାଣ ହେବ ତାହା ଆଶା ଆଶଙ୍କାରେ ଚାଷୀ। ଏଣେ ମଣ୍ଡି ଉଦ୍‌ଘାଟନ କେବଳ ପୂଜାର୍ଚ୍ଚନା ଓ ନଡ଼ିଆରେ ସୀମିତି ରହି ଯାଇଛି। ଏନେଇ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜତା ମିଶ୍ରଙ୍କ ପ୍ରତିକ୍ରିୟା ନେବାରୁ ମିଲର୍ସଙ୍କ ବକ୍ ଗ୍ୟାରେଣ୍ଟି ସରିବା ପରେ ମଣ୍ଡି ଆରମ୍ଭ ହେବ ବୋଲି କହିଥିବା ବେଳେ ଧାନ ଚୋରା ଚାଲାଣ ରୋକିବା ଉପରେ ବିଶେଷ ଦୃଷ୍ଟି ରହିଛି ବୋଲି ପ୍ରକାଶ କରିଛନ୍ତି।



# ଜିଲ୍ଲାସ୍ତରୀୟ ଅଭିଭାବକ ସମ୍ମିଳନୀ ଲାଗି ପ୍ରସ୍ତୁତି

**ଭବାନୀପାଟଣା, ୭ ।୧୨ (ସମିସ)** କଳାହାଣ୍ଡି ଜିଲ୍ଲା ମ.ରାମପୁର କରଲାଖୁଟାଠାରେ ଆଗକୁ ହେବାକୁ ଯାଉଥିବା ଜିଲ୍ଲାସ୍ତରୀୟ ଅଭିଭାବକ ସମ୍ମିଳନୀ ଲାଗି ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ବିଶିଷ୍ଟ ଆଦିବାସୀ ନେତା ତଥା କିସ୍‌ର ଶୁଭେଚ୍ଛୁ ପରମାନନ୍ଦ ମାଝୀ, ସମ୍ମାନିତ ଅତିଥି ପଦ୍ମଲୋଚନ ମାଝୀ, ମୁଖ୍ୟବକ୍ତା ଦ୍ରୋଣାଚାର୍ଯ୍ୟ ମାଝୀ ସମେତ ୧୯ ପଞ୍ଚାୟତର କିସ୍ ଅଭିଭାବକ ଓ କିସ୍‌ର ପୁରାତନ ଛାତ୍ର ଛାତ୍ରୀ ସମେତ ଶହେରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ବୈଠକର ପ୍ରାରମ୍ଭରେ ଦ୍ରୋଣାଚାର୍ଯ୍ୟ ମାଝୀ ସ୍ୱାଗତ ଅଭିଭାଷଣ ସହ ଉପସ୍ଥିତ ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ।ଡିସେମ୍ବର ମାସରେ ମେଗା ଅଭିଭାବକ ସମ୍ମିଳନୀ ଭୁବନେଶ୍ୱର କିସ୍‌ରେ ହୋଇଆସୁଥିଲା। କିନ୍ତୁ ଚଳିତ ବର୍ଷ ପ୍ରତି ଜିଲ୍ଲାରେ ଅଭିଭାବକ ସମ୍ମିଳନୀ ଆୟୋଜନ କରାଯିବ ତେଣୁ ଜିଲ୍ଲାସ୍ତରୀୟ ଅଭିଭାବକ ସମ୍ମିଳନୀକୁ ସଫଳ କରିବା ପାଇଁ ମୁଖ୍ୟ ଅତିଥି କହିଥିଲେ। କାର୍ଯ୍ୟକ୍ରମକୁ ଗୌର ଚନ୍ଦ୍ର ମାଝୀ ଓ ଅନ୍ୟ ସମସ୍ତ ନେତୃମଣ୍ଡଳୀ ସହଯୋଗ କରିଥିଲେ ।ଶେଷରେ କିସ୍ କଳାହାଣ୍ଡିର ଉପକାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପାଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ସମସ୍ୟା ଘେରରେ ଆମ୍ବେଦକର ନଗରବାସୀ

# ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ

**ଧର୍ମଗଡ଼, ୭ ।୧୨(ସମିସ):** ବିଭିନ୍ନ ସମସ୍ୟା ନେଇ ଆମ୍ବେଦକର ନଗରବାସୀ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମସ୍ୟା ଉପଚାର ନେଇ ଧର୍ମଗଡ଼ ବ୍ଲକ ଚିଲିଚିଲା ଗ୍ରାମର ଆମ୍ବେଦକରନଗରବାସୀ ଉପଜିଲ୍ଲାପାଳଙ୍କୁ ଦାବି ଦେଇଛନ୍ତି। ମୁଖ୍ୟତଃ ନଗରବାସୀ ବିଶୁଦ୍ଧ ପାନୀୟ ଜଳ ପାଇବାରେ ବଞ୍ଚିତ ଥିବା ବେଳେ ଗମନାଗମନ ପାଇଁ ପକ୍କା ସଡ଼କ ନ ଥିବା ଦାବିରେ ଉଲ୍ଲେଖ ରହିଛି। ବର୍ଷେ ନୁହେଁ ଦ୍ୱି ବର୍ଷ ନୁହଁ ଦୀର୍ଘ ୩୦ବର୍ଷ ଧରି ଏଭଳି ସମସ୍ୟା ଲାଗି ରହିଥିବା ନଗରବାସୀ ଅଭିଯୋଗ କରି ଆସୁଛନ୍ତି। ହେଲେ ନା ଶୁଣୁଛି ପ୍ରଶାସନ ନା ଦୃଷ୍ଟି ଦେଉଛି ସରକାର। ପକ୍କା ସଡକ ନ ଥିବା ଯୋଗୁଁ ସାଧାରଣ ଭାବେ ଜରୁରୀକାଳୀନ ସୁବିଧା ଆମ୍ବୁଲାନ୍ସ ଓ ଦମକଳ ଗାଡି ଘଟଣାସ୍ଥଳକୁ ପହଞ୍ଚି ପାରୁନାହିଁ। ବର୍ଷା ଦିନ କଥା ନ କହିବା ଭଲ ବୋଲି କ୍ଷୁବ୍ଧ ସହ ପ୍ରକାଶ କରନ୍ତି। ଗୋଟାଏ ପଟେ ବିଶୁଦ୍ଧ ଜଳ ସମସ୍ୟା ତ ଅନ୍ୟପଟେ ଗମନାଗମନ ସମସ୍ୟା ପଡ଼ାବାସୀଙ୍କୁ ବ୍ୟତିବ୍ୟସ୍ତ କରିଛି। ପଡ଼ାରେ ନଳକୂପ ଅଛି ସତ ହେଲେ ସେହି ପାଣି ପିଇ କୀଡ଼ନି ରୋଗରେ ଆକ୍ରାନ୍ତ ହୋଉଥିବା କୁହାଯାଏ। ଏପରିକି ରୋଗର ଶିକାର ସାଜି ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ କିଛି ଲୋକ ବର୍ତ୍ତମାନ ବି ଆକ୍ରାନ୍ତ ଥିବା ଅଭିଯୋଗ କରନ୍ତି। ଏହାକୁ ନଜରରେ ରଖି ସରକାର ବସୁଧା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରି ଗାଁରେ ପାଣି ଟ୍ୟାଙ୍କ ନିର୍ମାଣ କାମ ଜାରି ରଖିଛନ୍ତି। ଆମ୍ବେଦକର ନଗରବାସୀଙ୍କୁ ପ୍ରାଧାନ୍ୟ ଦେବାକୁ ଗ୍ରିଭାଗୀୟ ଯନ୍ତ୍ରୀ ଧର୍ମଗଡ଼ ନିର୍ମାଣ ଧୀନ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆମ୍ବେଦକର ନଗରରେ ପାଇପ୍ ଲାଇନ କାମ ଆଜି ଯାଏ ହୋଇ ପାରିଲା ନାହିଁ। ଏହି ସମସ୍ୟାର ଯଥା ଶୀଘ୍ର ସମାଧାନ କରିବା ପାଇଁ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ନଗରବାସୀ। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ମୁଖ୍ୟରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଚିଲିଚିଲା ଆମ୍ବେଦକରନଗରର କ୍ଷୀରସିନ୍ଧୁ ନାଏକ, ଗଜିନ୍ଦ୍ର ନିଆଲ, ମଧୁସୂଦନ ଜାଲ, ଲାବଣ୍ୟ ନାଏକ, ଶଶାଙ୍କଶେଖର ସାଗର, ରାଜୁ ଜାଲ, ମଧୁସୂଦନ ନାଏକ, ମୁକୁନ୍ଦ ଜାଲ, ସସ୍ମିତା ହରପାଳ, ଅମରଚନ ନାଏକ, ଘସିଏନ ହଂସ, ମୁନା ଜାଲ, ଜନତା ପୋଡ଼, ପଦ୍ମ ଗୋପାଳ, ଖଗେଶ୍ୱର ନାଏକ, ଅଭି ପୋଡ଼ ପ୍ରମୁଖ ଚେତାବନୀ ଦେଇଛନ୍ତି।




# ଓଡ଼ିଶା କୃଷକ ବିକାଶ ପରିଷଦ ଗଠିତ

**କୋମନା/ବୋଡେନ, ୭ ।୧୨ (ସମିସ):** ନୂଆପଡ଼ା ଜିଲ୍ଲା କାର୍ଯ୍ୟାଳୟର ତତ୍ୱବଧାନରେ ବୋଡେନ ବ୍ଲକସ୍ତରୀୟ ପରିଚାଳନା କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା କୃଷକ ବିକାଶ ପରିଷଦର ରାଜ୍ୟ ପ୍ରତିନିଧି ଦୁଷ୍ମନ୍ତ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସଭାନେତ୍ରୀ ପ୍ରତିଭା ପ୍ରଧାନ, ଜିଲ୍ଲା ସମ୍ପାଦକ ଖଗେଶ୍ୱର ଦୀପ, ଜିଲ୍ଲା ଉପସଭାନେତ୍ରୀ ନିବେଦିତା ମହାନ୍ତି, ଜିଲ୍ଲା ସହସମ୍ପାଦିକା ଅନିତା ପ୍ରଧାନ ଜିଲ୍ଲା ସଂଯୋଜକ ବିଶ୍ୱଜିତ ଭୋଇ ପ୍ରମୁଖ ଯୋଗଦାନ କରି ଓଡ଼ିଶା କୃଷକ ବିକାଶ ପରିଷଦର ଲକ୍ଷ୍ୟ, ଆଭିମୁଖ୍ୟ, କାର୍ଯ୍ୟକାରିତା ଉଦ୍ଦେଶ୍ୟ ବିଷୟରେ ବିଷଦ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଟିକେଶ୍ୱର ନାଗ ସ୍ୱାଗତ ସମ୍ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଅତିଥିଙ୍କ ଗହଣରେ ବ୍ଲକ କମିଟି ଗଠନ କରାଯାଇଥିଲା। ଶେଷରେ ତୁପସିଂ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଏମ୍‌ଜିସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଅମାନାରା ଦଳ ଚାମ୍ପିଅନ

**ନୂଆପଡ଼ା, ୭ ।୧୨(ସମିସ):** ସଦର ବ୍ଲକ ଚୂଳାଭାଟରେ ଜେଏମ୍‌ଜିସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅମାନାରା ଦଳ ପଟୋରାକୁ ହରାଇ ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଅମାନାରା ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୦୩ରନ କରିଥିବାବେଳେ ଅମାନାରା ଦଳ ୮ ଓଭରରେ ମାତ୍ର ୭୩ରନରେ ସୀମିତ ରହିଥିଲେ। ତେବେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜାନକୀ ମାଝୀ ମୁଖ୍ୟ ଅତିଥି, ସାମାଜିକ କର୍ମୀ ସୁରେଶ ମିର୍ଦ୍ଧା, ହେମସାଗର ରାଉତ, ବିରେନ୍ଦ କୁମାର ଦାସ, ପ୍ରିତମ ସିଂ ରାଉତ, କିଶୋର କୁମାର ମାଝୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିଅନ ଦଳକୁ ୧୨ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣାମେଣ୍ଟ ପରିଚାଳନାରେ ଟିକେଶ ରାଉତ, ଗୋପାଳ ରାଉତ, ସନ୍ତୋଷ ରାଉତ ପ୍ରମୁଖ ସହଯୋଗୀତା କରିଥିଲେ।

## ଜୁନାଗଡ଼ରେ ନୂତନ 'ମିଡିଆ କ୍ଲବ୍' ଗଠିତ

# ଆଦିତ୍ୟ ସଭାପତି, ବିଜୟ ଭୂଷଣ ସମ୍ପାଦକ



**ଜୁନାଗଡ଼, ୭ ।୧୨(ସମିସ):** ଜୁନାଗଡ଼ ଆରଏମସି କନଫରେନ୍ସ ହଲରେ ଜୁନାଗଡ଼ ବ୍ଲକର କାର୍ଯ୍ୟରତ ସାମ୍ବାଦିକ ସମୂହଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ରେ ଜୁନାଗଡ଼ ବ୍ଲକର ୨୫ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦାନ କରିଥିଲେ ।ବୈଠକ ରେ ସାମ୍ବାଦିକଙ୍କୁ ନେଇ ସଂଘ ଗଠନ ଏବଂ ସଂଘର ନାମ ପାଇଁ ଉପସ୍ଥିତ ସମସ୍ତ ସଦସ୍ୟ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ଅନୁଯାଇ ନୂତନ ସଂଘର ନାମ 'ମିଡିଆ କ୍ଲବ୍ ଜୁନାଗଡ଼ ' ଭାବେ ଗଠନ ଓ ଉନ୍ମୋଚନ କରାଯାଇଥିଲା। ବୈଠକରେ ସଂଗଠନର ଉପଦେଷ୍ଟା ଭାବେ ପ୍ରଶାନ୍ତ ପଣ୍ଡା, ଦେବେନ୍ଦ୍ର ବିଶି, ଉତ୍ତମ ଦାଶ ଓ ମୁକେଶ ଅଗ୍ରୱାଲ ମନୋନୀତ ହୋଇଥିଲେ। ପରେ ସଂଗଠନର ପଦାଧିକାରୀ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସଭାପତି ଭାବେ ଆଦିତ୍ୟ ପ୍ରସାଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ଭାବେ ଦୁର୍ଯ୍ୟୋଧନ ମାଝୀ, ଉପସଭାପତି ଭାବେ ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଭାବେ ବିଜୟ ଭୁସନ୍ ଦଣ୍ଡସେନା ସହ ସମ୍ପାଦକ ଭାବେ ବାଲେଶ୍ୱର ସୁନାନୀ, କୋଷାଧ୍ୟକ୍ଷ ଭାବେ ସ୍ୱାସ୍ତିଦୀପ ଆଦିତ୍ୟ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ବୈଠକକୁ ବରିଷ୍ଠ ସାମ୍ବାଦିକ ମୁକେଶ୍ ଅଗ୍ରୱାଲ ପରିଚାଳନା କରିଥିବା ବେଳେ ଦୁର୍ଯ୍ୟୋଧନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବରିଷ୍ଠ ସାମ୍ବାଦିକ ଉତ୍ତମ୍ ଦାଶ ସମସ୍ତ ସଦସ୍ୟ କିପରି ଏକଜୁଟ ହୋଇ ସଂଘକୁ ମଜବୁତ କରିବା ନେଇ ପ୍ରକାଶ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି ସଂଘ ଏକ ଶକ୍ତିଶାଳୀ ସଂଘ ହେବ ବୋଲି ପରିପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଣ୍ଡା ସଂଘଠନର ଆଗାମୀ କାର୍ଯ୍ୟ ପଦ୍ଧତି ବିଷୟରେ ସମସ୍ତଙ୍କୁ ମାର୍ଗଦର୍ଶନ ଦେଇଥିଲେ।

# ମହାଲକ୍ଷ୍ମୀ ପୂଜାଉତ୍ସବ ଉଦ୍‌ଯାପିତ

**ଗୋଲାମୁଣ୍ଡା, ୭ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଢୁଢୁକେଲ ଗ୍ରାମର ମାଁ ମହାଲକ୍ଷ୍ମୀ ପୂଜ ଉଦ୍‌ଯାପିତ ସହ ଭସାଣି ଯାତ୍ରା ସମାପ୍ତ ହୋଇଯାଇଛି। ପୂଜା ଗତ ୩ ତାରିଖରୁ ଆରମ୍ଭ ହୋଇ ଆଜି ସମାପ୍ତ ହୋଇଛି ।ପୂଜାରେ ଯୋଗୀ ବଗର୍ତ୍ତି ଏବଂ ତାଙ୍କ ଧର୍ମପତ୍ନୀ ରାଏମତି ବଗର୍ତ୍ତି କର୍ତ୍ତା ହୋଇଥିବା ବେଳେ ଗୋସାଇଁ ଭାବେ ପିତାମ୍ବର ପଣ୍ଡା ନିୟୋଜିତ ହୋଇଥିଲେ। ମାଁଙ୍କ ମୂର୍ତ୍ତିକୁ ବନ୍ଦାପନା କରି ନଗର ପରିକ୍ରମା କରାଯାଇଥିଲା। ମାଁଙ୍କ ଭଷାଣୀ ଯାତ୍ରାରେ ଶତାଧିକ ବ୍ୟକ୍ତି ଫଗୁ ରଙ୍ଗ ଖେଳି ଗ୍ରାମର ଉପରକଟା ପୋଖରୀରେ ଭସାଣି ଯାତ୍ରା ସମାପ୍ତ ହୋଇଥିଲା।

## ଖାଉଟି କାର୍ଡ ବଣ୍ଟନରେ ଅର୍ଥ ସଂଗ୍ରହ ମାମଲା

# ଯୋଗାଣ ସହାୟକଙ୍କୁ କାର୍ଯ୍ୟରୁ ଅନ୍ତର

**ନୂଆପଡ଼ା, ୭ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ କେନ୍ଦୁବାହାରା ପଞ୍ଚାୟତରେ ଜଣେ ଯୋଗାଣ ସହାୟକ ଖାଉଟିମାନଙ୍କୁ ଡୁପ୍ଲିକେଟ କାର୍ଡ ବଣ୍ଟନ କରିବା ନାଁରେ ଅର୍ଥ ସଂଗ୍ରହ କରିବା ସହ ଦୁର୍ବ୍ୟବହାର କରିବା ନେଇ ଥାନାରେ ମାମଲା ରୁଜୁ କରାଯାଇଥିଲା। ଉକ୍ତ ଯୋଗାଣ ସହାୟକଖାଉଟି ସାମଗ୍ରୀ ବଣ୍ଟନ ଦାୟୀତ୍ୱରୁ ଅନ୍ତର କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି ।ଯୋଗାଣ ସହାୟକ ପଞ୍ଚାୟତର ଅନ୍ୟୁନ ୨୭୩ଜଣ ହିତାଧିକାରୀଙ୍କ ଠାରୁ ଶହେ ଟଙ୍କା ଲେଖାଏଁ କରି ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଉପରେ ତଦନ୍ତ କରି ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମାମଲାରୁ ମୁକ୍ତି ନହେବା ପର୍ଯ୍ୟନ୍ତ ସେ ବଣ୍ଟନ ଦାୟିତ୍ୱ ତୁଲାଇପାରିବେ ନାହିଁ ବୋଲି ବ୍ଲକ ପ୍ରଶାସନ ତରଫରୁ ନିର୍ଦ୍ଦେଶ କରାଯାଇଛି। ପ୍ରକାଶ ଯେ ନୂଆପଡ଼ା ବ୍ଲକ କେନ୍ଦୁବାହାରା ଏକ ଆଦିବାସୀ ପ୍ରବଣ ପଞ୍ଚାୟତ। ଏଠିକାର ଶତ ପ୍ରତିଶତ ଲୋକ ସରକାରୀ ଖାଉଟି ସାମଗ୍ରୀ ଭରସା କରି ଚଳିଥାନ୍ତି। ଏଠାରେ ଅନ୍ୟୁନ ୯୦୦ଖାଉଟି କାର୍ଡ ରହିଛି ।ଏମାନଙ୍କୁ

**କେନ୍ଦୁବାହାରା ପଞ୍ଚାୟତ**

ନୂତନ (ଜେରକ୍ସ)କାର୍ଡ ବଣ୍ଟନ ନାଁରେ ସେଠିକାର ଯୋଗାଣ ସହାୟକ ହିରଦେ ହରିଜନ ପ୍ରତ୍ୟେକ ହିତାଧିକାରୀଙ୍କ ଠାରୁ ଶହେ ଟଙ୍କା ଲେଖାଏଁ ସଂଗ୍ରହ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହା ଉପରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ସୁର୍ମି ସୋରେନ ପଞ୍ଚାୟତକୁ ଯାଇ ତଦନ୍ତ କରିଥିଲେ। ଅନ୍ୟପକ୍ଷେ ହିତାଧିକାରୀଙ୍କୁ ବିଭିନ୍ନ ସମୟରେ ଟଙ୍କା ମାଗୁଥିବା ବେଳେ ନଦେଲେ ଦୁର୍ବ୍ୟବହାର କରୁଥିବା ନେଇ ହିତାଧିକାରୀମାନେ ଧରମବନ୍ଧା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ଉପରେ ଥାନା ତରଫରୁ ମାମଲା ରୁଜୁ କରାଯାଇଥିବା ବେଳେ ଏହାକୁ ନେଇ ବ୍ଲକ ପ୍ରଶାସନକୁ ମଧ୍ୟ ଅବଗତ କରାଯାଇଛି। ତେବେ ବର୍ତ୍ତମାନ ନୂଆପଡ଼ା ବ୍ଲକ ପ୍ରଶାସନ ତରଫରୁ ସମ୍ପୃକ୍ତ ଯୋଗାଣ ସହାୟକଙ୍କୁ ଦାୟିତ୍ୱରୁ ଅନ୍ତର କରି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବାକୁ ପତ୍ରାଙ୍କ ସଂଖ୍ୟା ୬୧୭୮/୨୫ରେ ନିର୍ଦ୍ଦେଶ କରାଯାଇଛି। ଅନ୍ୟପକ୍ଷେ ଏହାକୁ ନେଇ ଉପଜିଲ୍ଲାପାଳ ସୁର୍ମି ସୋରେନଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

## ରାସ୍ତା ଉପରେ ନୋଏଣ୍ଟ୍ରି ପଏଣ୍ଟ

# ଘଣ୍ଟା ଘଣ୍ଟା ଠିଆ ହେଉଛି ବଡ଼ବଡ଼ ଗାଡ଼ି

**କେସିଙ୍ଗା, ୭ ।୧୨(ସମିସ)**

କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ଟ୍ରାଫିକ ସମସ୍ୟା ପୁରୁଣା ସମସ୍ୟା ହୋଇଥିଲେ ମଧ୍ୟ ପ୍ରାୟତଃ ସକାଳ ୯ .୩୦ରୁ ଛାତ୍ରଛାତ୍ରୀ ସ୍କୁଲ ଯିବା ପାଇଁ ରାସ୍ତା ପାରି ହୋଇଥାନ୍ତି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ନିତିଦିନିଆ କଥା ।ଉକ୍ତ ଟ୍ରାଫକ ସମସ୍ୟାକୁ କିଛି ମାତ୍ରାରେ କମାଇବା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବର୍ଷେ କି ଦୁଇ ବର୍ଷ ତଳେ ସହରରେ ବଡ଼ ବଡ଼ ଗାଡ଼ିମାନଙ୍କ ପାଇଁ ନୋଏଣ୍ଟ୍ରି ସ୍ଥାପନ କରାଯାଇ ଜଣେ ପୁଲିସ ଷ୍ଟାଫଙ୍କୁ ମଧ୍ୟ ସେଠାରେ ନିଯୁକ୍ତି ଦିଆ ଯାଇଛି, ଯାହା ଆଜି ପର୍ଯ୍ୟନ୍ତ ବଳବତ୍ତ ରହିଛି। କେସିଙ୍ଗାରେ ଜାଗା ନ ଥିବାରୁ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଦୁଇ କିଲୋମିଟର ଦୂର ରେତ ବ୍ରିଜ ପଛକୁ ଗାଡ଼ି ସକାଳ ୮ ରୁ ୧୨ ଓ ଅପରାହ୍ନ ୪ ରୁ ରାତି ୮ ପର୍ଯ୍ୟନ୍ତ ଗାଡ଼ି ସହରକୁ ନ ପଶିବା ପାଇଁ ଆଦେଶ ଦିଆଯାଇଛି ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ ।ହେଲେ ଜାଗା ନ ଥିବାରୁ ବଡ଼ ବଡ଼ ଗାଡ଼ିମାନେ ରାସ୍ତା କଡ଼ରେ ନୁହେଁ ବରଂ ରାସ୍ତା ଉପରେ ଗାଡ଼ି ପାର୍କିଂ କରି ଘଣ୍ଟା ଘଣ୍ଟା ରହୁଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ନୋ ଏଣ୍ଟ୍ରି ପଏଣ୍ଟରେ ମଧ୍ୟ ଠିଆ ହୋଇଥିବା ଗାଡ଼ିକୁ ଅନ୍ୟଗାଡ଼ି ଦୁର୍ଘଟଣା ଘଟାଉଥିବା ଉଦାହରଣ ରହିଛି। ଦୁର୍ଘଟଣା ଘଟିବାର ମୁଖ୍ୟ କାରଣ ହେଉଛି ସନ୍ଧ୍ୟା ୬ ରୁ ୮ ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ପଏଣ୍ଟ ଅନ୍ଧାର ହେଇ ଯାଉଛି। ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ଲାଇଟ ବ୍ୟବସ୍ଥା କରା ନଯିବା। ଅଣ ଓସାରିଆ ଏନ୍‌ଏଚରେ ଅଧା ରାସ୍ତାରେ ନୋଏଣ୍ଟ୍ରି ପଏଣ୍ଟ ଓ ଅଧା ରାସ୍ତାରେ ଛୋଟ ଛୋଟ ଗାଡ଼ି ମଟର ସଦାବେଳେ ରାସ୍ତାରେ ଶହେ ଶହେରେ ଦୌଡ଼ୁଥିବା ବେଳେ ରାସ୍ତା ସାଇଡରେ ନୋଏଣ୍ଟ୍ରି ପାଇଁ ଠିଆ ହୋଇଥିବା ବଡ଼ ବଡ଼ ଗାଡ଼ି ଅନ୍ଧାରରେ ଦୁର୍ଘଟଣାକୁ ନିମନ୍ତ୍ରଣ କରିଥାଏ। ଅଧା ରାସ୍ତାରେ ନୋଏଣ୍ଟ୍ରି ପାଇଁ ଗାଡ଼ି ଠିଆ ଓ ଆଉ ଅଧା ରାସ୍ତାରେ ଗାଡ଼ିମଟର ଯିବା ଆସିବା କରିବାରେ ଅନେକ ସମସ୍ୟା ଦେଖା ଯାଇଥାଏ। ତେଣୁ ନୋ ଏଣ୍ଟ୍ରି ପାଇଁ ରାଜରାସ୍ତା ଛାଡି ଅନ୍ୟ କୌଣସି ଜାଗାରେ ଗାଡ଼ିମଟର ପାର୍କିଂ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେବା ସହିତ ଯଦି ରାସ୍ତା ଉପରେ ନୋ ଏଣ୍ଟ୍ରି ପଏଣ୍ଟ କରାଯାଉଛି ତାହାହେଲେ ଉଚିତ ଆଲୋକର ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି।




**ରାତି ହେଲେ ହେଉଛି ଦୁର୍ଘଟଣା**

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଶୋକସଭା

**ଧର୍ମଗଡ଼, ୭ ।୧୨(ସମିସ):** ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ଅକାଳ ବିୟୋଗ ଯୋଗୁଁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଧର୍ମଗଡ଼ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଶୋକସଭାର ଆୟୋଜନ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଧର୍ମଗଡ଼ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କବିରାଜ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକ ସଭାରେ ଉପଦେଷ୍ଟା ଲୋକନାଥ ବେହେରା ସ୍ୱର୍ଗତ ଶ୍ରୀ ସାହୁଙ୍କ କାର୍ଯ୍ୟ ଦକ୍ଷତା, କର୍ତ୍ତବ୍ୟ ନିଷ୍ଠା ଓ ସଙ୍ଘୀୟ ସେବା ଉପରେ ଆଲୋକପାତ କରିଥଲେ। ସମ୍ପାଦକ ରାଜେନ୍ଦ୍ର ଭୋଇ, ସହ ସମ୍ପାଦକ ଧରଣୀଧର ଧଙ୍ଗଡ଼ାମାଝୀ, ଉପସଭାପତି ପ୍ରମୋଦ କୁମାର ହଂସ ସମେତ ଫୁଲେଶ୍ୱର ସେନାପତି, ତ୍ରିଲୋଚନ ବାଗ, ଭୁଜବଳ ଗୋପାଳ, ସୁବାସ ଚନ୍ଦ୍ର ସାହୁ ଉପସ୍ଥିତ ରହି ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥଲେ। ସ୍ୱର୍ଗତ ସାହୁ କର୍ଲାପଡ଼ା ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ଟାଉନ ହାଇସ୍କୁଲ, ମାଣିକେଶ୍ୱରୀ ହାଇ ସ୍କୁଲ, ଭବାନୀପାଟଣାରୁ ପଦୋନ୍ନତି ପାଇ ଲାଞ୍ଜିଗଡ଼ ବ୍ଲକର ବିଶ୍ୱନାଥପୁର ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟକରି ୨୦୨୧ ମସିହାରେ ଅବସର ଗ୍ରହଣ କରିଥଲେ। ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଶ୍ରୀ ସାହୁ ଗତ ୪ ତାରିଖ ସକାଳେ ଭବାନୀପାଟଣାରୁ କୁସୁମଦର ଗାଁକୁ ବାଇକ୍‌ରେ ଯିବା ବେଳେ କୁଳିଆମାଲ ନିକଟରେ ପିକଅପ୍ ତାଙ୍କୁ ସାମ୍ନାରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟ ଘଟିଥିଲା।



# କମ୍ ମୂଲ୍ୟର ଉପକରଣ ଲଗାଇ ସରକାରୀ ଟଙ୍କା ଚଳୁ

## ବିଡିଓଙ୍କୁ ଅଭିଯୋଗ କଲେ ଚାନ୍ଦିଲିପାହାଡ ମହୋତ୍ସବ କମିଟି

**ବଲାଙ୍ଗିର, ୭ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅଧୀନ ପର୍ଯ୍ୟଟନସ୍ଥଳ ଚାନ୍ଦିଲି ପାହାଡର ବିକାଶ ପାଇଁ ରାଜ୍ୟ ସରକାର ୧କୋଟି ଟଙ୍କା ମଞ୍ଜୁର କରିବାପରେ ଉନ୍ନୟନ କାମ ଆଗେଇ ଚାଲିଛି । ପର୍ଯ୍ୟଟନ



ବିଭାଗର ପତ୍ରସଂଖ୍ୟା ୫୭୫୦/୮.୬.୨୦୨୩ ଏଷ୍ଟିମେଟ ଅନୁସାରେ ଶିଶୁଙ୍କ ଖେଳ ଉପକରଣ ଲଗାଇବା ପାଇଁ ୬ଲକ୍ଷ ୬୫ ହଜାର ୩୩୭ଟଙ୍କା ବ୍ୟୟ ବରାଦ ହୋଇଛି; ହେଲେ ସମ୍ପୃକ୍ତ ଠିକାଦାର ଲଗାଇଥିବା ଉପକରଣ କମ୍ ମୂଲ୍ୟର ବୋଲି ଅନୁମାନ ହେବାପରେ ଚାନ୍ଦିଲିପାହାଡ ମହୋତ୍ସବ କମିଟି ତଥା ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଥିଲା । ଏଣୁ କମିଟି ବଲାଙ୍ଗିରର ଏକ ଦୋକାନକୁ ଆସି ଲଗାଇଥିବା ଉପକରଣର ମୂଲ୍ୟ ବୁଝିବା ପରେ ସମସ୍ତ ଉପକରଣ ଅଧିକରୁ ଅଧିକ ଲକ୍ଷେ ଷାଠିଏ ହଜାର ବୋଲି ଜାଣିବା ପରେ ସମସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । ଏନେଇ କମିଟି ସମ୍ପାଦକ ସ୍ୱୟମ୍ବର ମେହେର, ଇନ୍ଦ୍ରଜିତ ରାଉତ, ରବୀନ୍ଦ୍ର ସାଏ, ରଘୁମଣି ରଣା, ଘାସିରାମ ରଣା, ନାରାୟଣ ଷଡଙ୍ଗୀ, ବିଦ୍ୟାଧର ନାଏକ, ନରୋତ୍ତମ ନାଏକ, ରାଧେଶ୍ୟାମ ମେହେର, ଦିନବନ୍ଧୁ ମେହେର, ପିଙ୍କୁ ଷଡଙ୍ଗୀ, ବନମାଳି ମେହେର ତଥା ଅନ୍ୟମାନେ ବିଡିଓ ଓ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି । ଏନେଇ ସମ୍ପୃକ୍ତ ଯନ୍ତ୍ରୀ ପ୍ରଶାନ୍ତ ନାଏକଙ୍କୁ ପଚାରିବାରୁ ତଦନ୍ତ କଲାପରେ ବିଲ କରାଯିବ ବୋଲି କହିଥିଲେ । ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ କମିଟି ଦାବି କରିଛନ୍ତ ।

## ଆଦିବାସୀ ମହିଳାଙ୍କ ଅଭିଯୋଗ ନ ରଖି ଫେରାଇଦେବା ଘଟଣା

# ଖବର ପ୍ରକାଶ ପରେ ଛାନିଆ ଆଇଆଇସି

**ପାଟଣାଗଡ଼, ୭ ।୧୨(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଲରମ୍ଭା ଥାନାରେ ଶନିବାର ଜଣେ ଆଦିବାସୀ ମହିଳାଙ୍କ ଲିଖିତ ଅଭିଯୋଗକୁ ଲରମ୍ଭା ଥାନା ଅଧିକାରୀ ଫେରାଇ ଦେବା ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି । ଏ ନେଇ 'ସକାଳ'ରେ ଖବର ପ୍ରକାଶ ପରେ ପୁଲିସ ପ୍ରଶାସନ ଛାନିଆ ହୋଇପଡ଼ିଛି । ଘଟଣା ଯେଭିଳି ବିବାଦୀୟ ନ ହେବ ସେଥିପ୍ରତି ପ୍ୟାଚ୍ ପକାଇବାକୁ ଯାଇ ଛାନଭିନ୍ ଆରମ୍ଭ କରିଛି ।

ମହିଳା ଜଣକ ନ୍ୟାୟ ନ ପାଇ ଶନିବାର ସନ୍ଧ୍ୟାରେ ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଯାଇଥିଲେ; ହେଲେ ଏସ୍‌ପି ନ ଥିବାରୁ ମହିଳା ଜଣକ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ । ପୁଲିସ ବ୍ୟବସ୍ଥା ଉପରେ ସେ ଆସ୍ଥା ହରାଇ ଫେରି ଯାଇଥିଲେ । ରବିବାର ଅପରାହ୍ନରେ ଲରମ୍ଭା ଥାନା ଅଧିକାରୀ ଭାନୁଶଙ୍କର ଯାଦବଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ନିର୍ଯାତିତ ଆଦିବାସୀ ମହିଳାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

ଅଭିଯୋଗ ଅନୁସାରେ ଦାବକାନି ଗାଁର ଯଶୋଦା ବରିହାଙ୍କ ସ୍ୱାମୀ ମନୁ ବରିହା ୩ ବର୍ଷ ହେଲା ସିକନ୍ଦରାବାଦ ଅଞ୍ଚଳର ଜରେ ଇଟାଭାଟି ମାଲିକଙ୍କ ପାଖରେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରିଆସୁଛନ୍ତି । ଏ ବର୍ଷ ମଧ୍ୟ ମନୁ ସେହି ଇଟାଭାଟିକୁ କାମ କରିବାକୁ ଯିବାକୁଥିବାବେଳେ ଏ ଅଞ୍ଚଳରୁ କିଛି ଶ୍ରମିକଙ୍କୁ ଆଣିବା ପାଇଁ ମାଲିକ ଜଣେ ଲାଇସେନ୍ସପ୍ରାପ୍ତ ଦାଦନ ସର୍ଦ୍ଦାରଙ୍କ ସହ ଯୋଗାଯୋଗ କରି ଆଣିବା ପାଇଁ କହିଥିଲେ । ମନୁ ଦାବକାନି ଗାଁର ଦାଦନ ଦଲାଲ ରୋଶନ ଖାନଙ୍କୁ ମାଲିକ ସହ ଫୋନ ଯୋଗେ କଥା କରାଇବାରୁ ରୋଶନ ତାଙ୍କ ଲାଇସେନ୍ସରେ ଶ୍ରମିକଙ୍କୁ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ମାଲିକ ରୋଶନ କଥାକୁ ବିଶ୍ୱାସ କରି ମନୁ, ତାଙ୍କ ସ୍ତ୍ରୀ ଓ ଭାଇଙ୍କ ଆକାଉଣ୍ଟରେ ୫ ଲକ୍ଷ ୫୦ ହଜାର ଟଙ୍କା ପଠାଇଥିଲେ । ଏହି ଟଙ୍କା ଏମାନେ ଗାଁର ୩ଜଣଙ୍କ ଉପସ୍ଥିତିରେ ରୋଶନଙ୍କୁ ଦେଇଥିଲା; ହେଲେ ଶ୍ରମିକ ନ ପଠାଇବାରୁ ରୋଶନ ଘରକୁ ଟଙ୍କା ମାଗିବାକୁ ଯାଇଥିବା ସମୟରେ ଯଶୋଦାଙ୍କୁ ଜାତିଆଣ ଆକ୍ଷେପ, ଗାଳିଗୁଲଜ, ଟଣାଓଟରା କରିବାରୁ ଭୟରେ ଘରକୁ ଫେରିଆସି ଲରମ୍ଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଲରମ୍ଭା ଥାନା ଅଧିକାରୀ ଫେରାଇଦେବାରୁ ଯଶୋଦା ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ ।


● ଅଭିଯୋଗ ପତ୍ର ଫେରାଇଦେଲେ ଲରମ୍ଭା ଥାନା ଅଧିକାରୀ
ନ୍ୟାୟ ପାଇଁ ମହିଳା ଏସ୍‌ପି ଅଫିସକୁ ଯାଇ ମଧ୍ୟ ନିରାଶ

# 'ଅମୃତ ମାତୃପିତୃ ସେବା'କାର୍ଯ୍ୟକ୍ରମ

**ଥୁଆମୂଳରାମପୁର, ୭ ।୧୨(ସମିସ):** କଳାହାଣ୍ଡିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ୍ ୟୁଥ ଅର୍ଗାନାଇଜେସନ ତତ୍ତ୍ୱାବଧାନରେ କମ୍ବଳ ବଣ୍ଟନ କରାଯାଇଛି । ଆୟୋଜକ ଇନ୍ଦ୍ରାବତୀ ପ୍ରଦ୍ୟୁମ୍ନସର ଗ୍ରୁପ୍ ଦଳଗୁଡା ଏବଂ ମନୋହରଲାଲ୍ ଦେବୀ ପ୍ରସାଦ ଭବାନୀପାଟଣାର ସହଯୋଗ କ୍ରମେ ରବିବାର ଥୁଆମୂଳରାମପୁର ବ୍ଲକର ଆବାସିକ ସରସ୍ୱତୀ ଶିଶୁ ମନ୍ଦିରରେ ବିଶେଷ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ବରିଷ୍ଠ ସମାଜସେବୀ ଇଂ ପୁରୁଷୋତ୍ତମ ଦାସ ଅଗ୍ରୱାଲ ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ଭାବେ ମା'ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ । ଆଚାର୍ଯ୍ୟଙ୍କ ମଧ୍ୟରେ ସାମନ୍ତ କୁମାର ଗହୀର, ଭୋଜଦେବ ନାୟକ, କିଶୋର ଚନ୍ଦ୍ର ଗହୀର, ଗିରିଧାରୀ ଭୋଇ ସହଯୋଗ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ କୁମର ମହାନନ୍ଦ । ଶିକ୍ଷାନୁଷ୍ଠାନ ପକ୍ଷରୁ ଆୟୋଜକ ସଂଗଠନକୁ ଧନ୍ୟବାଦ ଜଣାଇବା ସହିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଇଂ ଅଗ୍ରୱାଲଙ୍କୁ ପ୍ରଶଂସନୀୟ ମାନପତ୍ର ସହ ସମ୍ମାନିତ କରାଯାଇଥିଲା । ଏହା ପରେ ଅଡ୍ରି ପଞ୍ଚାୟତର ତେନ୍ତୁଳିପଡ଼ାରେ 'ଅମୃତ ମାତୃପିତୃ ସେବା' କାର୍ଯ୍ୟକ୍ରମ ମାଧ୍ୟମରେ ବରିଷ୍ଠ ନାଗରିକ ସମ୍ବନ୍ଧୀୟ ସଚେତନତା ସମାବେଶ ଅନୁଷ୍ଠିତ



ହୋଇଥିଲା । ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ନନ୍ଦାଏ ମାଝୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଯୁବ ସଂଗଠକ ତଥା ଅନୁଷ୍ଠାନର ସମ୍ପାଦକ ଅବିନାଶ ମୁଣ୍ଡ ସାଧନ କର୍ମୀ ଭାବେ ଯୋଗଦେଇଥିଲେ । ୨୪୦ ଜଣ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା ।ସମ୍ମାନିତ ଅତିଥି ଭାବେ ସାମାଜିକ କାର୍ଯ୍ୟକର୍ତ୍ତା ରିଶଭ ଅଗ୍ରୱାଲ, ସଞ୍ଜୀବ ଠାକୁର, ବେଦପ୍ରକାଶ ପଣ୍ଡା ଏବଂ ଲଳିତ କୁମାର ବିଶି ପ୍ରମୁଖ ଯୋଗଦାନ କରିଥିଲେ । ଯୁବ ସମାଜସେବୀ ଉପେନ୍ଦ୍ର ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହମ୍ମଦ ସାହେବ କଳାହାଣ୍ଡି କଂଗ୍ରେସ ଯୁବ ସଭାପତି

**ଭବାନୀପାଟଣା, ୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କଂଗ୍ରେସ ଯୁବ ସଭାପତି ଭାବେ ପୁନର୍ବାର ମହମ୍ମଦ ଅବଦୁଲ ମୋହସିନ(ମହମ୍ମଦ ସାହେବ) ନିଯୁକ୍ତ ହୋଇଛନ୍ତି । ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ଦାୟିତ୍ୱରେ ଥିବା ମହେଶ ଦେଶମୁଖ ଏକ ପ୍ରେସ ବିବୃତ୍ତିରେ ମହମ୍ମଦ ସାହେବଙ୍କ ନାମ ଘୋଷଣା କରିଛନ୍ତି । ଏହା ପୂର୍ବରୁ ମହମ୍ମଦ ସାହେବ ୨୦୨୦-୨୧ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ, ୨୦୨୧-୨୨ରାଜ୍ୟ ଯୁବ କଂଗ୍ରେସ ଉପସଭାପତି, ୧୦ବର୍ଷ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଓ ୨୦୨୩ରୁ ଜିଲା ଯୁବ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ ।



# ୧୩ରେ ଜୀବନ ବୀମା ଅଭିକର୍ତ୍ତା ମହାସଂଗଠନର ଅଧିବେଶନ

**ବଲାଙ୍ଗିର, ୭ ।୧୨(ସମିସ):** ଜୀବନବୀମା ଅଭିକର୍ତ୍ତା ମହାସଂଗଠନ, ସମ୍ବଲପୁର ମଣ୍ଡଳ ପରିଷଦର ୧୧ତମ ସାଧାରଣ ଅଧିବେଶନ ଡିସେମ୍ବର ୧୩ରେ ବଲାଙ୍ଗିରରେ ଅନୁଷ୍ଠିତ ହେବ । ସ୍ଥାନୀୟ ସମ୍ବଲପୁର ରୋଡସ୍ଥିତ ନଟରାଜ ପ୍ୟାଲେସଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇ ଦିବସ ସମ୍ମିଳନୀରେ ସମ୍ବଲପୁର ମଣ୍ଡଳର ସମସ୍ତ ଶାଖାରୁ ଶତାଧିକ ଜୀବନବୀମା ଅଭିକର୍ତ୍ତା ଯୋଗ ଦେବେ । କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା ପୂର୍ବକ ସଫଳ କରିବା ପାଇଁ ଆୟୋଜକ ବଲାଙ୍ଗିର ଶାଖା ସଂଗଠନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ କାର୍ଯ୍ୟାୟର ପହଞ୍ଚିଛି । ଅଧିବେଶନର ଉଭୟ ଦିବସରେ ମହାସଂଗଠନର କେନ୍ଦ୍ରୀୟ ସମ୍ପାଦକ ବି. ମର୍କଣ୍ଡେୟୁଲୁ, ରାଜନୈତିକ ବ୍ୟାପାର କମିଟି ଓ ସାଂଗଠନିକ ଅଧ୍ୟକ୍ଷ ଏନ୍. ଗଜପତି ରାଓ, ଶିକ୍ଷା ବିଭାଗ ଅଧ୍ୟକ୍ଷ ରବି ନାରାୟଣ ମିଶ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ ନାରାୟଣ ଦେଓ, କ୍ଷେତ୍ରୀୟ ସଭାପତି ରାକେଶ ନନ୍ଦକେଓଲିଆର, କ୍ଷେତ୍ରୀୟ ସମ୍ପାଦକ ସରୋଜ କୁମାର ଶଙ୍କୁଆ, କ୍ଷେତ୍ରୀୟ ସାଂଗଠାନିକ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଯୁବଜାନି ବେଜ, ମଣ୍ଡଳ ସଭାପତି ଦାମୋଦର କର, କାର୍ଯ୍ୟକାରୀ ସଭାପତି ଇଂ.ଅଜିତ କର, ସମ୍ପାଦକ ଅନିରୁଦ୍ଧ ସାମଲ ତଥା ମଣ୍ଡଳସ୍ତରୀୟ ଶୀର୍ଷ ନେତୃବୃନ୍ଦ ଯୋଗ ଦେବେ ରାଜ୍ୟସଭା ସାଂସଦ ନିରଞ୍ଜନ




ବିଶି, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ନବ ନିର୍ବାଚିତ ନୂଆପଡ଼ା ବିଧାୟକ ଜୟଢାଇ ଢୋଲକିଆ, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଏବଂ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଦେବୀ ଜୈନ ପ୍ରମୁଖ ପର୍ଯ୍ୟାୟ କ୍ରମେ ଯୋଗ ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ବଲାଙ୍ଗିର ଶାଖା ସଂଗଠନ ସଭାପତି ଅସୀମ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ଅଧିବେଶନରେ ଜୀବନ ବୀମା ଅଭିକର୍ତ୍ତାଙ୍କ ବହୁବିଧ ସମସ୍ୟା ଓ ବୃତ୍ତିଗତ ସୁରକ୍ଷା ଉପରେ ବ୍ୟାପକ ବିଚାର ବିମର୍ଷ ସହିତ ମହାସଂଗଠନର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ । ସାମ୍ବାଦିକ ଭବନରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଶାଖା କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପାଣିଗ୍ରାହୀ, ଉପସଭାପତି ପ୍ରତାପ ସାହୁ, ସମ୍ପାଦକ ସରୋଜ ଭୋଇ, କୋଷାଧ୍ୟକ୍ଷ ସାଧୁରାମ ପୃଷ୍ଟି, ଅଭ୍ୟର୍ଥନା କମିଟି କୋଷାଧ୍ୟକ୍ଷ ଉଦିତ୍ ଦାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନଖରି ପୋଡ଼ିଦେଲେ ଦୁର୍ବୃତ୍ତ

**ଦେଓଗାଁ, ୭ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ଉଡାର ଗାଁରେ ରବିବାର ଜଣେ ଚାଷୀଙ୍କ ଧାନଖରାକୁ କେହି ପୋଡି ଦେଇଥିବା ଅଭିଯୋଗ ହୋଇଛି । ଉଡାର ଗାଁର ଗୋବିନ୍ଦ ପଧାନ ତାଙ୍କ ଅମଳଧାନକୁ ମଡାଇବା ପାଇଁ ଖଳାରେ ଖରୀ ଆକାରରେ ରଖିଥିଲେ । ରବିବାର ପ୍ରାତଃ ସମୟରେ କେହି ଧାନଖରୀରେ ନିଆଁ ଲଗାଇ ଦେଇଥିଲା । ଖବର ପାଇ ଗୋବିନ୍ଦ ଖଳାକୁ ଗଲା ସମୟରେ ନିଆଁ ଲାଗିଯାଇଥିଲା । ଖବର ଦେବାପରେ ଅଗ୍ନିଶମ ବାହିନୀ ଆସି ନିଆଁ ଆୟତ୍ତ କରିବାବେଳକୁ ଧାନସବୁ ପୋଡି ପାଉଁଶ ହୋଇଯାଇଥିଲା । ବର୍ଷକର କଷ୍ଟ ଉପାର୍ଜିତ ଧାନ ହରାଇ ଗୋବିନ୍ଦଙ୍କ ପରିବାର ଘୋର ଚିନ୍ତାରେ ରହିଛନ୍ତି । ଏଦିଗରେ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।



# ଲକ୍ଷ୍ମୀବଜାରରେ ମା'ମହାଲକ୍ଷ୍ମୀ ପୂଜା



**ଭବାନୀପାଟଣା, ୭ ।୧୨(ସମିସ):** ସ୍ଥାନୀୟ ଲକ୍ଷ୍ମୀ ବଜାର ମଧ୍ୟ ଭାଗରେସ୍ଥିତ ମହାମାୟୀ ମହାଲକ୍ଷ୍ମୀ ମନ୍ଦିରରେ ଉତ୍ସାହ ଉଦ୍ଦୀପନା ସହିତ ମାଣବସା ମହାଲକ୍ଷ୍ମୀ ପୂଜାଉତ୍ସବ ପାଳିତ ହୋଇଛି । ଚଳିତ ବର୍ଷ ଚିତ୍ରାଙ୍କନ, ରଙ୍ଗୋଲୀ ଓ ନୃତ୍ୟ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ପ୍ରତିଭାଗୀ ଅଂଶ ଗ୍ରହଣ କରିଥିଲେ ।ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ରଘୁନାଥ ଠାକୁର, ଆଶ୍ୱସନା ପଟ୍ଟନାୟକ ଏବଂ ଜ୍ୟୋତିର୍ମୟ ହରପାଲ ବିଚାରପତି ଭାବରେ ପ୍ରତିଯୋଗିତା ଗୁଡିକୁ ସମ୍ପାଦନା କରିଥିବାବେଳେ ପ୍ରମୁଖ ସଦସ୍ୟ ସରୋଜ କୁମାର ଦାସ ଆୟୋଜନ କରିଥିଲେ । ମାଣବସା ଶେଷ ଗୁରୁବାର ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ସାମୂହିକ ଅନ୍ନପ୍ରସାଦ ସେବନ କରିଥିଲେ । କବିତା, ଭଜନ ଓ ସାମୂହିକ ନୃତ୍ୟକୁ ମିଶାଇ ଶ୍ରୀଧ୍ୱନି ଭଳି ନିଆରା କାର୍ଯ୍ୟକ୍ରମ ଶ୍ରୀମଞ୍ଚରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସଭାପତି ଶାନ୍ତନୁ ବେହେରା ଏବଂ ମୁଖ୍ୟଅତିଥି ପ୍ରଫେସର ଡ଼. ଅଜୟ ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ସାଗର ବୈଠାରୁ ଓ ସନ୍ତୋଷ ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ବିଜେତା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିବା ସହ ସରୋଜ ଦାସ ଏବଂ ମୁକେଶ ଅଗ୍ରୱାଲଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ସେବକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଆକାଶବାଣୀ କଳାକାର ରଚିତା ମେହେର, ଶିକ୍ଷାବିତ୍ ସାବିତ୍ରୀ ମହାରଣା ଏବଂ ପ୍ରାଞ୍ଜଳ ଠାକୁର ଶ୍ରୀମଞ୍ଚ ପରିଚାଳନା କରିଥିଲେ । ଶେଷରେ ପ୍ରତାପ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ସମୀକ୍ଷା

# ପ୍ରତ୍ୟେକ ଶିଶୁଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା ଲକ୍ଷ୍ୟ

**ବଲାଙ୍ଗିର, ୭ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସଭାଗୃହରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଉପରେ ଏକ କର୍ମଶାଳା ଓ ସମୀକ୍ଷା ବୈଠକ ଅନୁଷ୍ଠିତ




ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଡିଇଓ ସେବାଶ୍ରୀ ଭୋଇ, ପ୍ରବୀର ପଣ୍ଡା, ରୀନା କୁମାରୀ ବେହେରା ଯୋଗ ଦେଇଥିଲେ । ପ୍ରତ୍ୟେକ ଶିଶୁଙ୍କୁ ବିଦ୍ୟାଳୟ ସହ ଯୋଡିବା ପ୍ରଧାନ ଲକ୍ଷ୍ୟ ବୋଲି ଅତିଥିଗଣ କହିଥିଲେ । ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ପୁନଃ ମୁଖ୍ୟ ସ୍ରୋତକୁ ଆଣିବା ସହ ଡ୍ରପ ଆଉଟ ସଂଖ୍ୟାକୁ କିପରି ରୋକାଯାଇ ପାରିବ ସେ ଦିଗରେ ନୂଆ ରଣନୀତି ପ୍ରସ୍ତୁତ, ଅଭିଭାବକଙ୍କୁ ସଚେତନ କରେଇବା ସହ ଶିଶୁ ଶିକ୍ଷାରେ ସାମାଜିକ ଭାଗିଦାରୀ ବଢ଼ାଇବା, ପ୍ରତ୍ୟେକ ଶିଶୁ କିପରି ସମାନ ଅବସର ଓ ଗୁଣବତ୍ତା ମୂଳକ ଶିକ୍ଷା ପାଇବେ ସେ ଦିଗ ପ୍ରତି ଯତ୍ନଶୀଳ ହେବା ଓ ପୂର୍ବ କାର୍ଯ୍ୟର ବିଶ୍ଳେଷଣ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନାଗ ନିଜ ବକ୍ତବ୍ୟରେ ଶିଶୁମାନେ ଦେଶର ଭବିଷ୍ୟତ ଓ ସମାଜର ଶକ୍ତି । ସେମାନଙ୍କୁ ନିୟମିତ ଶିକ୍ଷା, ସୁରକ୍ଷା ଓ ସୁନିଶ୍ଚିତ ଅଧିକାର ଦେବା ପାଇଁ ସମସ୍ତେ ନିରନ୍ତର ପ୍ରୟାସ ଜାରି ରଖନ୍ତୁ ବୋଲି କହଥିଲେ । କୌଣସି ଶିଶୁ ଯେମିତି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ । ସମସ୍ତ ଶିଶୁ କିପରି ସ୍କୁଲ ସହ ଯୋଡି ହେବେ ସେ ଦିଗ ପ୍ରତି ସମସ୍ତେ ଯତ୍ନବାନ ହୁଅନ୍ତୁ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଏମଆଇଏସ ସଂଯୋଜକ ଦେବେଶ ମିଶ୍ର ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ନିଆଯାଇଥିବା ନୂଆ ପଦକ୍ଷେପ ସମ୍ପର୍କରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୪ଟି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲାର ସମସ୍ତ ସିଆରସିସି, ବିଆରସିସି, ଏସଆଇଓଏସ ଦାୟିତ୍ୱରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ନିଜ ନିଜ ମତ ଉପସ୍ଥାପନ କରିଥିଲେ ।

## ହିଲ୍ ଟାଉନ୍ ସିଭିଲ୍ ସୋସାଇଟିର ମିନି ମାରାଥନ

# ସମୃଦ୍ଧ ଭାରତ ବର୍ଷ ପାଇଁ ସ୍ୱଦେଶୀ ଆପଣାଇବା ଜରୁରୀ

**ଭବାନୀପାଟଣା, ୭ ।୧୨ (ସମିସ)**

ବର୍ତ୍ତମାନ ସମୟ ପାଇଁ ପରିବେଶ ସୁରକ୍ଷା ଏକ ଅତ୍ୟାବଶ୍ୟକ ଆବଶ୍ୟକତା ହୋଇପଡ଼ିଛି । ସେଥିପାଇଁ ପୃଥିବୀର ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନର ଆବଶ୍ୟକତା ରହିଛି । ତେଣୁ ଆମେ ସମସ୍ତେ ନିଜର ଜୀବନଶୈଳୀରେ ତାହା ପ୍ରତିଫଳିତ କରିବାକୁ ପଡ଼ିବ । ଏଥିପାଇଁ ସ୍ୱଦେଶୀ ବ୍ୟବହାର କରିବା ସହ ପରିବେଶ ଓ ଦେଶକୁ ସମୃଦ୍ଧ କରିବାର ଆବଶ୍ୟକତା ଅଛି ବୋଲି ଅତିଥିମାନେ ମିନି ମାରାଥନ ଅବସରରେ ମତପ୍ରକାଶ କରିଛନ୍ତି । ସ୍ଥାନୀୟ ହିଲ୍ ଟାଉନ୍ ରୋଡରେ ହିଲ୍ ଟାଉନ୍ ସିଭିଲ ସୋସାଇଟିର ମିନି ମାରାଥନ୍ ଆୟୋଜିତ ହୋଇଯାଇଛି । କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର



ଦରୱାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସ୍ୱଦେଶୀ ବ୍ୟବହାର କରନ୍ତୁ, ଦେଶକୁ ସମୃଦ୍ଧ କରନ୍ତୁ, ବାର୍ତ୍ତା ନେଇ ମାରାଥନ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶଚନ୍ଦ୍ର ପାଢ଼ୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ରୁପେଶ କୁମାର ହୋତା, ସିଡିଏମଓ ଡ.ନୀହରେନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଲଳିତ କାନୁନଗୋ ଓ ଦେବେନ୍ଦ୍ର କୁମାର ବିଶି ଯୋଗ ଦେଇଥିଲେ । ସୋସାଇଟିର ସମ୍ପାଦକ ଜିତେନ୍ଦ୍ର କୁମାର ମୁଣ୍ଡ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ମାରାଥନର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ସୋସାଇଟିର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମାରାଥନ୍ ହିଲ୍ ଟାଉନ୍ ଲେନ ନମ୍ବର ୪ ଠାରୁ ଆରମ୍ଭ ହୋଇ ସିଆରପିଏଫ କେମ୍ପ୍ ପର୍ଯ୍ୟନ୍ତ ଯାଇ ପୁଣି ଲେନ ୪ ପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନ କରି ସମ୍ପୂର୍ଣ୍ଣ କରାଯାଇଥିଲା । ଜିଲ୍ଲାର ବରିଷ୍ଠ ଖେଳ ଶିକ୍ଷକ ସୁବାସ ବାଗ, କୁନମୁନ୍ ଦାସ ତଥା ଅନ୍ୟ ସଦସ୍ୟ ମାନେ କାର୍ଯ୍ୟ ସମ୍ପାଦନ କରିଥିଲେ । ଲେନ ୪ ପଶ୍ଚିମ ନିବାସୀ ପ୍ରତ୍ୟୁଷ ମୁଣ୍ଡ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ।ହିଲ୍ ଟାଉନ୍ ସିଭିଲ ସୋସାଇଟିର ସମସ୍ତ ସଦସ୍ୟ/ସଦସ୍ୟା ସହଯୋଗ କରିଥିଲେ ।

# ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନ ଦଳକୁ ସ୍ୱାଗତ



**ଦେଓଗାଁ, ୭ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ଶାଶ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିୟନସିପରେ ଚାମ୍ପିୟନ ହୋଇଥିବା ଖେଳାଳିଙ୍କୁ କଲେଜ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃକଲେଜ ଫୁଟବଲ ଚାମ୍ପିୟନସିପ ଫାଇନାଲରେ ଜରାସିଂହା ଡିଗ୍ରୀ କଲେଜ କୁଶଙ୍ଗ ଡିଗ୍ରୀ କଲେଜ ଦଳକୁ ୪-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥଲା । ଅଧ୍ୟାପକ ବିଷ୍ଣୁ ଚରଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ପୁରୁଷୋତ୍ତମ ମେହେର ଯୋଗଦେଇ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଜଗଦୀଶ ସିଂ ବାବୁ, ବ୍ୟାସଦେବ ଦଣ୍ଡସେନା, ଆଲୋକ ମେହେର ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟାପିକା ବିନ୍ଦୁସାଗର ବେହେରା, ସଙ୍ଗୀତା ମେହେର, ଶ୍ରୀତମ ଯୋଶୀ, ପ୍ରମୋଦ ମେହେର, ଧନେଶ୍ୱର ଥନାପତି, ଶଙ୍କର ପଧାନ, ସନ୍ତୋଷ ଝାଙ୍କର, ସରୋଜ ସାମଲ, କିଶୋର ମେହେର ପ୍ରମୁଖ ସହଯୋଗ କରିଥିବା ବେଳେ ଶ୍ରୀନିବାସ ଗଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ ।

● ପାଣି ଛିଟିକା ପଡ଼ିବାରୁ ଆକ୍ରମଣ

## ମା' ଓ ଦୁଇ ଭାଇ ଗୁରୁତର

ପାରାଦୀପ,୭।୧୨(ସମିସ): ସାମାନ୍ୟ ପାଣି ଛିଟିକା ପଡ଼ିବାରୁ ତିନି ଜଣଙ୍କୁ ସଙ୍ଘବଦ୍ଧ ଭାବରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣରେ ଜଣେ ବୃଦ୍ଧା ମା' ଓ ତାଙ୍କର ଦୁଇ ପୁଅ ଗୁରୁତର ହୋଇପଡ଼ିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ପୌରାଞ୍ଚଳ ୪ ନମ୍ବର ୱାର୍ଡ ବାଲିଝରା ଇନ୍ଦିରା ପାର୍କ ପଡ଼ାରେ। ସୂଚନା ଅନୁଯାୟୀ ଆଜି ଅପରାହ୍ନ ସମୟରେ ବାଲିଝରା ବସ୍ତିରେ ରହୁଥିବା କୁମୁଦିନୀ ସାହୁଙ୍କ ସାନପୁଅ ସନାତନ ସାହୁ ବାଇକ୍ ନେଇ ନିଜ ଘରକୁ ଯାଉଥିଲେ। ଘର ସମ୍ମୁଖରେ ଥିବା ପ୍ରତାପ ମାର୍ଥାଙ୍କ ନାତି ଜନ୍ମଦିନ ପାଇଁ ରୋଷେଇ ଚାଲୁଥିବା ସମୟରେ ବାଇକ୍ ଖସିଯିବାରୁ ପାଣି ଛିଟିକା ପଡିଥିଲା। ଯାହାକୁ ନେଇ ସନାତନଙ୍କୁ ପ୍ରତାପ ମାର୍ଥା, ସତ୍ୟଜିତ ମାର୍ଥା, ରଣଜିତ ମାର୍ଥା, ବେବିନା ମାର୍ଥା ଓ କୁନି ମାର୍ଥା ଏମିତି ୭/୮ ଜଣ ମିଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତଳେ ପକାଇ ମାଡ଼ ମାରିଚାଲିଥିଲେ। ପାଟିତୁଣ୍ଡ ଖବର ପାଇ ସନାତନର ମା' କୁମୁଦିନୀ ଓ ତାଙ୍କ ବଡ଼ପୁଅ ଆସି ଅଟକାଇବାରୁ ତାଙ୍କୁ କାଠଫାଳିଆ ଓ ରୋଷେଇ ଲୁହା ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ କୁମୁଦିନୀ ଓ ତାଙ୍କ ବଡପୁଅ ଗୁରୁତର ଆହତ ହୋଇ ଅଠରବାଙ୍କୀ ମେଡିକାଲରେ ଚିକିତ୍ସା ହେଉଥିବା ବେଳେ ଏ ନେଇ କୁମୁଦିନୀଙ୍କ ସାନପୁଅ ସନାତନ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଆକ୍ରମଣକାରୀଙ୍କୁ ଥାନାକୁ ଡାକି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ବାରମ୍ବାର ପ୍ରତାପ ମାର୍ଥା କୁମୁଦିନୀଙ୍କ ପରିବାରକୁ ଜାଣିଶୁଣି ହଇରାଣ ହରକତ କରୁଥିବା ବେଳେ ଆଜି ସେହି ପୁରୁଣା ରାଗ ରଖି ମରଣାନ୍ତକ ଆକ୍ରମଣ କରିଥିବା ଓ ବିଭିନ୍ନ ଧମକ ମଧ୍ୟ ଦେବା ନେଇ କୁମୁଦିନୀ ଅଭିଯୋଗ ଆଣିଛନ୍ତି।

## କାର୍ ଧକ୍କାରେ ଜଣେ ଗୁରୁତର

ବାଲିକୁଦା,୭।୧୨(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଇଚ୍ଛାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ଉପରେ ଏକ କାର ଧକ୍କାରେ ସ୍ଥାନୀୟ ଗ୍ରାମର ବାବୁଲି ମାହାର (୫୭) ଗୁରୁତର ଆହତ ହୋଇଛନ୍ତି। ବାବୁଲି ଦିନ ୧୧ଟା ସମୟରେ ପନିର ନେଇ ବୋରିକିନା ଯାଉଥିବା ବେଳେ ବାଲିକୁଦା ପଟୁ କଟକ ଅଭିମୁଖେ ଯାଉଥିବା କାରଟି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ବାଇକ୍ ଯୋଗେ ଜଗତସିଂହପୁର ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ଅଧିକ ଗୁରୁତର ଦର୍ଶାଇ ଆଇସିୟୁ ଚିକିତ୍ସା ଆବଶ୍ୟକ ବୋଲି କହିଥିଲେ। ଫଳରେ ପରିବାର ଲୋକେ ଏକ କାର୍ ଯୋଗେ କଟକର ଏକ ଘରୋଇ ଡାକ୍ତରଖାନକୁ ନେଇଯାଇଥିଲେ। ବାଲିକୁଦା ପୁଲିସ ଉଭୟ କାର୍ ଓ ବାଇକକୁ ଜବତ କରି ଥାନାକୁ ନେଇଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ପୂଜ୍ୟ ପୂଜା ସଂସଦ ପକ୍ଷର ବୈଠକ

ବାଲିକୁଦା,୭।୧୨(ସମିସ): ବାଲିକୁଦା ବ୍ଲକ ପୂଜ୍ୟପୂଜା ସଂସଦ ପକ୍ଷରୁ ତ୍ରୟମାସିକ ବୈଠକ ବାଲିକୁଦା ବ୍ଲକ ମାଛଗାଁ ସରସ୍ୱତୀ ଶିଶୁମନ୍ଦିର ପରିସରରେ ସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅରୁଣ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଡ. ବିଷ୍ଣୁଚରଣ ସ୍ୱାଇଁ ସଂସଦର ମୁଖପତ୍ର ପୂଜାଫୁଲ ପାଇଁ ଲେଖା ପ୍ରସ୍ତୁତି କରିବା ପାଇଁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସରୋଜକାନ୍ତ ସ୍ୱାଇଁ, ରାମଚନ୍ଦ୍ର ଶତପଥୀ, ରମେଶ ଚନ୍ଦ୍ର ସ୍ୱାଇଁ, ମାନସ ବାରିକ, ଶରତ ଚନ୍ଦ୍ର ପରିଡା,ପଣ୍ଡିତ ଅଜୟ କୁମାର ଶତପଥୀ, କୈଳାଶ ପାଳ, ରଞ୍ଜନ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଶ୍ୱେତକୁମାର ସ୍ୱାଇଁ, ଭାରତୀ ମିଶ୍ର, ମିନତୀ ନାୟକ, ଯାଜ୍ଞସେନୀ ବିଶ୍ୱାଳ, ଲୁସି ନାୟକ ଉପସ୍ଥିତ ରହି ବାର୍ଷିକ ଉତ୍ସବକୁ ସଫଳ କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରମୋଦ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାଗୁଳାଇ ପୀଠରେ ବ୍ୟକ୍ତିତ୍ୱ ବିକାଶ ଶିବିର

ନାଉଗାଁ,୭।୧୨(ସମିସ): ନାଉଗାଁ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ, ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତି ଆଧ୍ୟାତିକ ସାଧନା, ଗୁରୁଜନ ଓ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ଏବଂ ସାମାଜିକ ଦାୟିତ୍ୱବୋଧତା ସଂପର୍କରେ ବିଶ୍ୱ ସନାତନ ଯୁବସେବା ସଂଘ ଓ ଗୁରୁକୃପା ଚାରିଟେବୁଲ ସୋସାଇଟିର ମିଳିତ ସହଯୋଗରେ ବ୍ୟକ୍ତିତ୍ୱ ବିକାଶ ଶିବିର ତିହୁଡା ସ୍ଥିତ ମା' ଜାଗୁଳାଇ ମନ୍ଦିର ପରିସରରେ ଆସନ୍ତା ୨୬ରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷିରେ ଗୁରୁକୃପା କୁଟୀର ପରିସରରେ ଅନୁଷ୍ଠାନର ସଭାପତି ବାବା ସତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ଆଜି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଚିନ୍ମୟ ମିଶନ ପଟିଆଲା (ପ୍ରଜ୍ଞାବର) ପୂଜ୍ୟ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ, ଗୀତା ଆଶ୍ରମ (କଣ୍ଟାବାଡର) ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନୁଷ୍ଠାନର ସଭାପତି ବାବା ସତ୍ୟାନନ୍ଦ ଦାସ ମହାରାଜ ଶିକ୍ଷା ପ୍ରଦାନ କରିବେ, ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେବେ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ରୂପେ ପୂଜ୍ୟ ପରମ ହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦଗିରିଜୀ ମହାରାଜ, ସମ୍ମାନୀତ ଅତିଥି ଭାବେ ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ, ପୂଜ୍ୟ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ, ଓଡିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଆନନ୍ଦ ଚନ୍ଦ୍ର ବେହୋରା, ଜାତୀୟ ମାନବ ଅଧିକାର କମିଶନ ସଦସ୍ୟ ତଥା ପୂର୍ବତନ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ବିଜୟ କୁମାର ସାହୁ, ଇଂ.ପ୍ରବିର ରାଉତ, ଡାକ୍ତର ପୁଷ୍ପା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

# ଅର୍ଥ ବିଭାଗ ପକ୍ଷରୁ ନାଟକ 'ଭୟ' ମଞ୍ଚସ୍ଥ

ପାରାଦୀପ,୭।୧୨(ସମିସ)



ପାରାଦୀପ ବନ୍ଦରର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳା ସଂସଦ ଆନୁକୂଲ୍ୟରେ ଆୟୋଜିତ ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ-୨୦୨୫ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବନ୍ଦରର ଅର୍ଥ ବିଭାଗର କଳାକାରମାନେ ନିରଞ୍ଜନ ଗାନଙ୍କ ନିର୍ଦ୍ଦେଶନାରେ ଆନନ୍ଦ ଚନ୍ଦ୍ର ପହିଙ୍କ ଲିଖିତ ନାଟକ "ଭୟ' ମଞ୍ଚସ୍ଥ କରିଥିଲେ। ଅନ୍ତିମ ସନ୍ଧ୍ୟାର ନାଟକର ମୁଖ୍ୟ ଆକର୍ଷଣ ଥିଲା ପ୍ରଶାନ୍ତ ମହାରଣା ଏବଂ ତାଙ୍କ ସାଥୀ କଳାକାର ମାନଙ୍କ ଦ୍ୱାରା ପାଲା ପରିବେଷଣ। ଦୀର୍ଘ ନ ଦିନ ଧରି ପାରାଦୀପ ବନ୍ଦର ତରଫରୁ ଆୟୋଜିତ ଏହି ସାଂସ୍କୃତିକ ମହୋତ୍ସବ ବନ୍ଦର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିପାରିଥିଲା। ଅନ୍ତିମ ସନ୍ଧ୍ୟାରେ ବନ୍ଦର ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ, ଡିସି କ୍ୟାପଟେନ ଅଲେଖ ସାହୁ ଆଦି ଅତିଥି ଭାବେ ଯୋଗଦେଇଥିଲେ। ଜଗନ୍ନାଥ ଲଳିତ କଳା ସଂସଦର ସମ୍ପାଦକ ପ୍ରଶାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଶିଖରଘାଟରେ ଦୁର୍ଘଟଣା; ଯୁବକ ମୃତ

## ବଡ଼ବାପା ତିକତ ଖାଇବାକୁ ଯାଉଥିବା ପୁତୁରାର ମୃତ୍ୟୁ

ନାଉଗାଁ,୭।୧୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖରଘାଟ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବଡ଼ବାପାର ମୃତ୍ୟୁ ଖବର ଶୁଣି, ତିକତ ଖାଇବାକୁ ଆସୁଥିବା ବେଳେ ନାଉଗାଁ ଦୁର୍ଘଟଣାରେ ପୁତୁରାର ମୃତ୍ୟୁ। ଆଜି ମଧ୍ୟାହ୍ନ ସମୟରେ ନାଉଗାଁ ଥାନା ଅଞ୍ଚଳର ଅରିଓଦା ଗ୍ରାମର ଦୈତାରୀ ନାୟକଙ୍କ ପୁଅ ପବିତ୍ର ନାୟକ (୪୦) ନିଜ ବଡବାପାର ମୃତ୍ୟୁ ଖବର ଶୁଣି ତିକତ ଖାଇବାକୁ ନିଜ ବାଇକ୍ ଯୋଗେ ଆସୁଥିଲେ। ନାଉଗାଁ ଥାନା ଶିଖରଘାଟ ନିକଟରେ ଦ୍ରୁତ ଗତିରେ ଏକ ଅଜଣା ଗାଡ଼ି ପବିତ୍ରଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ତେବେ ସେଠାରେ ପବିତ୍ର ଗୁରୁତର ଅବସ୍ଥାରେ ପଡି ରହିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରା ଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ ମେଡିକାଲ ପଠାଯାଉଥିବା ବେଳେ ଅଧା ବାଟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ଐତିହ୍ୟ ପଦଯାତ୍ରାରେ କୁଓାମଚଣ୍ଡୀ ମନ୍ଦିର




ଜଗତସିଂହପୁର/ନାଉଗାଁ,୭।୧୨(ସମିସ): ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଏକାଦଶତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରୀମାନେ ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳ ଗ୍ରାମରେ ଥିବା "କୁଓାମଚଣ୍ଡୀ ମନ୍ଦିର' ପରିଦର୍ଶନ କରିଥିଲେ। ଏହି ମନ୍ଦିରଟି ଗଜପତି ଶାସନ ପରବର୍ତ୍ତୀ ୧୬ଶହ ବା ୧୭ଶହ ଶତାବ୍ଦୀରେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ। ଜଗତସିଂହପୁର ସହର ଠାରୁ ନାଉଗାଁ ଦିଗରେ ପ୍ରାୟ ୧୫ କିଲୋମିଟର ବାଟ ଯିବା ପରେ, ଦେବୀନଦୀ କୂଳରେ ରହିଛି ଦେବୀଦୋଳ ଗ୍ରାମ। ଆଉ ଏହି ଗ୍ରାମରେ ରହିଛି, ସୁପ୍ରସିଦ୍ଧ ଶକ୍ତିପୀଠ ମାଆ କୁଓାମଚଣ୍ଡୀଙ୍କ ମନ୍ଦିର। ମାଆଙ୍କ ବିଗ୍ରହ ହେଉଛି ଅଷ୍ଟଭୁଜା ମହିଷାମର୍ଦ୍ଦିନୀ ଦୁର୍ଗା, ବହୁତ ପ୍ରାଚୀନ ପ୍ରତିମା। ଯାହାକି ଅଷ୍ଟମ ଶତାବ୍ଦୀର ହୋଇଥିବାର ଅନୁମାନ କରାଯାଏ। ମା'ଙ୍କ ବଡ଼ପଣ୍ଡା ବସନ୍ତ କୁମାର ପାଢ଼ୀ ମା'ଙ୍କୁ ନେଇ ଥିବା ଲୋକକଥା ଓ କିମ୍ବଦନ୍ତୀ ସମସ୍ତ ଐତିହ୍ୟାନୁରାଗୀଙ୍କୁ ବୁଝାଇ କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପ୍ରଭାଂଶୁ ସାମନ୍ତରାୟଙ୍କ ଦିଗ୍‌ଦର୍ଶନରେ ଆଜିର କାର୍ଯ୍ୟକ୍ରମରେ ପ୍ରାୟ ୩୦ ଜଣ ପଦଯାତ୍ରୀ ସାମିଲ ହୋଇଥିଲେ। ସଂଯୋଜକ ଶ୍ରୀକାନ୍ତ ସିଂହ, ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ବିଶ୍ୱରଞ୍ଜନ ଦେହୁରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉତ୍କଳ ମହାନ୍ତି, ପ୍ରମୁଖ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ସୌରଭ ସିଂହ, ଦେବାଶିଷ ପାତ୍ର, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା, ପ୍ରଭୁଦତ୍ତ ଦାଶ, ହୃଦାନନ୍ଦ ବେହେରା ତଥା ଦେବୀ ପ୍ରସାଦ ପାଢ଼ୀ ଆଦି କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

## ଦଣ୍ଡିଲୋ ସଢ଼େଇଶାସନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବିରିଡ଼ି,୭।୧୨(ସମିସ): ସଢ଼େଇଶାସନ ଓ ଦାଣ୍ଡିଲୋ ମିଳିତ ଆନୁକୂଲ୍ୟରେ ଆୟୋଜିତ ସାଇଶ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଅଳକା ମହାବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମଣ୍ଡାସାହିର ଉରାଳୀ ଓ ୨୨ମୌଜା ପୂରଣ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ଉରାଳୀ ଟିମ୍ ଟସ ଜିତି ବ୍ୟାଟିଂର ନିଷ୍ପତି ନେଇ ୨୦ଓଭରରେ ୧୩୭ ରନ କରିଥିଲା। ପଛରେ ଖେଳିଥିବା ପୂରଣ ଟିମର ଗୋଟିଏ ପରେ ଗୋଟିଏ ପତନ ଘଟିବାରୁ ମାତ୍ର ୬୪ରନରେ ଆଉଟ ହୋଇଯାଇଥିଲେ। ଫଳରେ ପୂରଣ ଦଳ ହାରିଯାଇଥିଲା। ଏହାର ଉଦ୍‌ଯାପନ ତଥା ପୁରସ୍କାର ବିତରଣ ଉତ୍ସବରେ ସଢ଼େଇ ଶାସନ ସରପଞ୍ଚ ତପତି ତପସ୍ୱିନୀ ଭୂୟାଁ, ଯୁବସମାଜସେବୀ ନିର୍ମଳ କୁମାର ଶତପଥି ଅତିଥି ଭାବେ ଯୋଗଦେଇ ବିଜୟୀ ଦଳ ଉରାଳୀକୁ ଟ୍ରଫିସହ ୨୫ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ଖେଳାଳି ଭାବେ ଦୀପକଙ୍କୁ ଓ ମ୍ୟାନ ଅଫଦି ମ୍ୟାଚ ଭାବେ ତୋଫାନଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟକୁ ବିଶ୍ୱରଂଜନ ସ୍ୱାଇଁ, ବିଶ୍ୱଜିତ ବେହେରା, ତୋଷବନ୍ତ ଧାରୁଆ, ଦୀପକ ରାଉତ, ରାଜେଶ ସ୍ୱାଇଁ, ବାପୁ ରାଉତ, ରୋହିତ ମଲ୍ଲିକ, କହେଁଇ ମୁଦୁଲି, ରାଜକିଶୋର ବେହେରା, ସୁଶାନ୍ତ ନାୟକ, ତପନ କୁମାର ବେହେରା, ରିଙ୍କୁନା ନାୟକ ପ୍ରମୁଖ ପରିଚାଳନା କରିଥିଲେ।



## କଂଗ୍ରେସର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଜଗତସିଂହପୁର,୭।୧୨(ସମିସ): ଜଗତସିଂହପୁର ଜିଲ୍ଲା କଂଗ୍ରେସର ସଭାପତି ଭାବେ ଯୁବନେତା ଦେବପ୍ରସାଦ ନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଜିଲ୍ଲା କଂଗ୍ରେସର ନୂତନ କାର୍ଯ୍ୟାଳୟ ଯୋଗଧାରୀଠାରେ ଉଦ୍‌ଘାଟିତ ହୋଇ-ଯାଇଛି। ବରିଷ୍ଠ କଂଗ୍ରେସ କର୍ମୀ ତଥା ସରପଞ୍ଚ କାଳନ୍ଦୀ ମହାନ୍ତି ଫିତାକାଟି ଉଦ୍‌ଘାଟନ କରିଥିଲେ। ପରେ ସରଳାଦେବୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସମାବେଶରେ ଓପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ଓପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ଯାସିର ନୱାଜ, ତିର୍ତ୍ତୋଲ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ଓପିସିସି ପୂର୍ବତନ ସାଧାରଣ ସମ୍ପାଦକ ଅଜୟ ମହାପାତ୍ର, ସମ୍ପାଦକ ଅଜୟ ସାହୁ, ବରିଷ୍ଠ କଂଗ୍ରେସ ନେତା ବିଷ୍ଣୁ ଚରଣ ବାରିକ, ପ୍ରଶାନ୍ତ ମହାପାତ୍ର, ସର୍ବେଶ୍ୱର ପଣ୍ଡା, ପ୍ରଶାନ୍ତ ଦାସ, ବଲ୍ଲଭାନନ୍ଦ ସ୍ୱାଇଁ, ଶ୍ରୀଚରଣ ରାଉତ, ବିଚିତ୍ରାନନ୍ଦ ଲେଙ୍କା, ପ୍ରିୟବ୍ରତ ମିଶ୍ର, ନିହାର ଦାସ, ମହମ୍ମଦ ଅବଦୁଲ ୱାହିଦ, ଆଡଭୋକେଟ୍ ଦିପକ ପଶାୟତ, ଦିପ୍ତୀମୟୀ ପ୍ରଧାନ, ସୃଜନିକା ରାଉତ, ସତ୍ୟବ୍ରତ ଦାସ, ସ୍ୱରୂପ କାନୁନଗୋ, ପ୍ରିତମ ପରିଜା, ଅଭିଜିତ ସାହୁ, ସଫି ଆଜମ୍, ସୂର୍ଯ୍ୟକାନ୍ତ ସାହୁ, ଦେବୀ ପ୍ରସାଦ ପରିଡା, କେଦାର ଦଳାଇ, ସରସ୍ୱତୀ ସାହୁ, ରାଜେନ୍ଦ୍ର ସ୍ୱାଇଁ, ନାଥ କାଣ୍ଡୀ ପ୍ରମୁଖ ଯୋଗ ଦେଇଥିଲେ।



## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ପାରାଦୀପ,୭।୧୨(ସମିସ): ପାରାଦୀପ ଉପକଣ୍ଠ ତିକିଁଆ ପଞ୍ଚାୟତ ଗୋବିନ୍ଦପୁର ଗାଁର ଉମେଶ ପଶାୟତ (ଉମା ଭାଇ)ଙ୍କର ୫୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ତିକିଁଆ ପଞ୍ଚାୟତ ସମେତ ଗୋବିନ୍ଦପୁର ଗାଁରେ ଶୋକର ଛାୟା ଖେଳିଯାଇଛି। ସେ ସାର୍ବଜନୀନ ଦୁର୍ଗା ପୂଜା କମିଟିର ୧୨ ବର୍ଷର ପୂର୍ବତନ କର୍ତ୍ତା ତଥା ଉପଦେଷ୍ଟା ଥିଲେ। ମରଶରୀର ଗାଁରେ ପହଞ୍ଚିବା କ୍ଷଣି ଗୋବିନ୍ଦପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପାଦନ କରାଯାଇଥିଲା। ତାଙ୍କର ଦୁଇ ପୁଅ ରହିଥିବା ବେଳେ ବଡ଼ ପୁଅ ସର୍ବଜିତ୍ ମୁଖାଗ୍ନି ଦେଇଥିଲେ।

ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ ଲିଗ୍

# ୭ଟି ଷ୍ଟାଡିୟମରେ ହେଉଛି ଖେଳ



ଜଗତସିଂହପୁର,୭।୧୨(ସମିସ): ଜଗତସିଂହପୁର ଜିଲ୍ଲାର ସାତୋଟି ଷ୍ଟାଡିଅମରେ ଅନୁଷ୍ଠିତ ହେଉଛି ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ୍ ଲିଗ୍। ୩୧ଟି କ୍ରୀଡ଼ା ଜିଲ୍ଲା ମଧ୍ୟରୁ ବାଳକ ବିଭଗରେ ୧୦ଟି ମ୍ୟାଚ୍ ଓ ବାଳିକା ବିଭାଗରେ ୪ଟି ମ୍ୟାଚ ଲିଗ୍ ଭିତ୍ତିରେ ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ଯାଜପୁର ବନାମ କୋରାପୁଟ ଏବଂ ସୁନ୍ଦରଗଡ ବନାମ କେନ୍ଦ୍ରାପଡା, ନନ୍ଦବ୍ରତ ଷ୍ଟାଡିୟମଠାରେ ଭୁବନେଶ୍ୱର ବନାମ ରାୟଗଡା ଓ ବାଲେଶ୍ୱର ବନାମ ବୌଦ୍ଧ, ସତୀ ଖେଳପଡିଆ ଠାରେ କଳାହାଣ୍ଡି ବନାମ ଦେବଗଡ଼ ଓ ନୟାଗଡ ବନାମ ଜଗତସିଂହପୁର, ତର୍ତ୍ତଙ୍ଗ ମିନିଷ୍ଟାଡିୟମ ଠାରେ ଖୋର୍ଦ୍ଧା ବନାମ କନ୍ଧମାଳ, ଓ କଟକ ବନାମ ଝାରସୁଗଡ଼ା, ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ବରଗଡ଼ ବନାମ ନୂଆପଡା, ଭଦ୍ରକ ବନାମ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ଲିଗ୍ ପ୍ରତିଯୋଗିତାରେ ଯାଜପୁର, କେନ୍ଦ୍ରାପଡା, ଭୁବନେଶ୍ୱର, ବାଲେଶ୍ୱର, ଦେଓଗଡ, ଜଗତସିଂହପୁର, ଖୋର୍ଦ୍ଧା, ଝାରସୁଗଡା, ନୂଆପଡା ଏବଂ ଭଦ୍ରକ କ୍ରୀଡ଼ାଜିଲ୍ଲା ବିଜୟୀ ହୋଇଛନ୍ତି। ସେହିପରି ୧୭ବର୍ଷରୁ କମ ବାଳିକା ବିଭାଗରେ ପୁନଃଙ୍ଗ ସ୍ଥିତ ପୁଲିସ ବାରାକ ପଡିଆରେ ବାଲେଶ୍ୱର ବନାମ ମୟୂରଭଞ୍ଜ ଏବଂ ନୂଆପଡା ବନାମ ସମ୍ବଲପୁର, ଜୟଦୁର୍ଗା ଯୁଥ ଆଥଲେଟିକ କ୍ଲବ ଖେଳ ପଡିଆରେ ସୁନ୍ଦରଗଡ଼ ବନାମ ଭଦ୍ରକ ଓ ଅନୁଗୁଳ ବନାମ ଜଗତସିଂହପୁର ମଧ୍ୟରେ ଅନୁଷ୍ଠିତ ଲିଗ ପର୍ଯ୍ୟାୟ ମ୍ୟାଚରେ ବାଲେଶ୍ୱର, ନୂଆପଡା, ସୁନ୍ଦରଗଡ଼ ଏବଂ ଜଗତସିଂହପୁର କ୍ରୀଡ଼ା ଜିଲ୍ଲା ବିଜୟୀ ହୋଇଛନ୍ତି। ସମସ୍ତ ଲିଗମ୍ୟାଚକୁ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତିଙ୍କ ମାର୍ଗଦର୍ଶନରେ ଏବଂ ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଜୟନ୍ତ କୁମାର ରକ୍ଷୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଷ୍ଟାଡିୟମରେ ଅନୁଷ୍ଠିତ ଖେଳରେ ଜିଲ୍ଲା ଜୁନିଅର ରେଡ୍‌କ୍ରସ ଅଧିକାରୀ ତ୍ରିଲୋଚନ ସାହୁଙ୍କ ନେତୃତରେ ଜୁନିଅର ରେଡ୍‌କ୍ରସ, ଏନ୍‌ସିସି ଏବଂ ସ୍କାଉଟ ଗାଇଡ୍‌ମାନଙ୍କୁ ନେଇ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା।

ଡାଟା ଏଣ୍ଟ୍ରି ଅପରେଟରଙ୍କ ସ୍ଥାୟୀ ନିଯୁକ୍ତି ମାମଲା

# ପଞ୍ଚାୟତିରାଜ ବିଭାଗକୁ ୧ ଲକ୍ଷ ଟଙ୍କା ଜରିମାନା

ଜଗତସିଂହପୁର,୭।୧୨(ସମିସ)

ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ କାଳିଓ ଗ୍ରାମର ରଞ୍ଜନ କୁମାର ରାଉତଙ୍କ ଜିଲ୍ଲା ପରିଷଦରେ ସ୍ଥାୟୀ ନିଯୁକ୍ତି ମାମଲା ଏବେ ଭିନ୍ନ ମୋଡ଼ ନେଇଛି। ଶ୍ରୀ ରାଉତ ଗତ ୨୦୦୦ ମସିହା ନଭେମ୍ବର ମାସରେ ଜଗତସିଂହପୁର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ନିଯୁକ୍ତି ମିଳିଥିଲା। ୧୪ ବର୍ଷ କାମ କରିବା ପରେ ତାଙ୍କ ନିଯୁକ୍ତିକୁ ନିୟମିତ କରାଯାଉ ବୋଲି ଶ୍ରୀ ରାଉତ ତତ୍‌କାଳୀନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପାଖରେ ଲିଖିତ ଭାବେ ଆବେଦନ କରିଥିଲେ ମଧ୍ୟ ତାହା ଗ୍ରହଣ କରିନଥିଲେ ପ୍ରକଳ୍ପ ନିର୍ଦ୍ଦେଶକ। ତେଣୁ ଶ୍ରୀ ରାଉତ ରାଜ୍ୟ ସରକାର, ଜଗତସିଂହପୁର ଜିଲ୍ଲାପାଳ, ପଞ୍ଚାୟତିରାଜ ବିଭାଗ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରି ଓଡିଶା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ମାମଲାର ବିଚାରକରି ହାଇକୋର୍ଟ ଗତ ୨୦୨୩ ମସିହାରେ ଏକ ଅର୍ଡର ପାସ କରିଥିଲେ। ଯେଉଁଥିରେ ୩ ମାସ ମଧ୍ୟରେ ଶ୍ରୀ ରାଉତଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲ୍ଲା ପରିଷଦ ତଥା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିନଥିଲେ କିମ୍ବା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନ୍ୟାୟାଳୟରେ ଅପିଲ ଦାଖଲ କରିନଥିଲେ। କିନ୍ତୁ ପ୍ରାୟ ୧ବର୍ଷ ପରେ ସଂପୃକ୍ତ ବିଭାଗ ତରଫରୁ ଅଦାଲତରେ ଅପିଲ କରାଯାଇଥିଲେ ମଧ୍ୟ ବିଳମ୍ବରେ ଅପିଲ କରାଯାଇଥିବାରୁ ଉଚ୍ଚ ନ୍ୟାୟାଳୟ ସଂପୃକ୍ତ ବିଭାଗ ଉପରେ ୧ଲକ୍ଷ ଟଙ୍କା ଜରିମାନା ଆଦେଶ କରିଛନ୍ତି। ୪ ମାସ ମଧ୍ୟରେ ଜିଲ୍ଲା ଆଇନସେବା ପ୍ରାଧିକରଣ ନିକଟରେ ଏହି ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଏଥିସହିତ ଏହି ଟଙ୍କା ଶିଶୁଆଶ୍ରମ ପିଲାଙ୍କ ପାଇଁ ପୁସ୍ତକ କିଣିବା ବାବଦରେ ବ୍ୟବହାର କରିବାକୁ ନ୍ୟାୟାଳୟ ତାଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

ଏ ସଂପର୍କରେ ଜଗତସିଂହପୁର ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀଙ୍କୁ ପଚାରିବାରୁ ସଂପୃକ୍ତ ଡିଟିପି ଅପରେଟର ଯେଉଁ ପଦବୀରେ ନିଯୁକ୍ତି ପାଇଁ ଦାବି କରିଛନ୍ତି ସେପରି କୌଣସି ପଦ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ନଥିଲା କିମ୍ବା ଜିଲ୍ଲା ପରିଷଦରେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ଉଚ୍ଚ ନ୍ୟାୟାଳୟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ସେ ସଂପର୍କରେ ଆଡ୍‌ଭୋକେଟ ଜେନେରାଲଙ୍କ ସହିତ ପରାମର୍ଶ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଜେଠୀ ସୂଚନା ଦେଇଛନ୍ତି।

## ଶିଶୁମନ୍ଦିରରେ ଜେଜେବାପା, ଜେଜେମା' ସମ୍ମିଳନୀ

ବାଲିକୁଦା,୭।୧୨(ସମିସ): ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜେଜେ ବାପା ଜେଜେ ମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାନ୍ତ ଧର୍ମ ଜାଗରଣ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ବରିଷ୍ଠ କାର୍ଯ୍ୟକର୍ତ୍ତା ଡାକ୍ତର ଚିତ୍ତରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସସ୍ମିନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସମ୍ପାଦକ ଶରତ ଚନ୍ଦ୍ର ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ନିକୁଞ୍ଜ କିଶୋର ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ବିଜୟ କୁମାର ବେହେରା ନିଜର ମତ ରଖିଥିଲେ। ବିଦ୍ୟାଳୟର ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ସୁଦାମ ଚରଣ ପରିଡ଼ା ପରିଚାଳନା ଓ ସଂଚାଳନ କରିଥିଲେ। ବରିଷ୍ଠ ଗୁରୁଜୀ ଅର୍ଜୁନ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ମେଗା ରକ୍ତଦାନ ଶିବିର; ୧୫୯ ୟୁନିଟ୍ ସଂଗ୍ରହ



ପାରାଦୀପ,୭।୧୨(ସମିସ): ଉର୍ମିଳା ଦେବୀ ଚାରିଟେବୁଲ ଟ୍ରଷ୍ଟ ଓ ସାହୁ ଆଣ୍ଡ ଆସୋସିଏଟସର ମିଳିତ ସହଯୋଗରେ ଆଜି ସ୍ଥାନୀୟ ଶ୍ରମିକ ଭବନ ପରିସରରେ ୧୦ମ ବାର୍ଷିକ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ଏହି ଶିବିରରେ ମୋଟ ୧୫୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଆଜିର ଶିବିରକୁ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବକ୍ତାଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଡ. ଦୁର୍ଗା ପ୍ରସାଦ ସେଠୀ, ସିଏମଇ ସୁଶୀଲ ଚନ୍ଦ୍ର ନାହାକ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା, କାଉନସିଲର ପ୍ରଭାତୀ ନାୟକ, ଶଙ୍କର ପ୍ରସାଦ ରାଉତ, ସୁଶୀଲ ମହାପାତ୍ର ଓ ଚପଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅଟଳ ପରିଡା, ଆସନ୍ତ ବିଶ୍ୱାଳ, ଦୀପ୍ତି ରଞ୍ଜନ ନାୟକ, କୃତିବାସ ସାହୁ, ସଞ୍ଜୟ ମହାନ୍ତି ଓ ସରୋଜ ପରିଡା ପ୍ରମୁଖ ସହଯୋଗ କରିଥିଲେ। ବନ୍ଦରର ଇଂ.ଅମରେଶ ନରେଶ ସାମନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ।

## ଜିଲ୍ଲାସ୍ତରୀୟ ଦଣ୍ଡନାଚ ମହାସଂଘ ବୈଠକ

# 'ସାମାଜିକ ନାଟକ ବନ୍ଦ ପାଇଁ ଚକ୍ରାନ୍ତ ହେଉଛି'

କବିସୂର୍ଯ୍ୟନଗର,୭ ।୧୨(ସମିସ)



ଚଳିତ ବର୍ଷ ଗଞ୍ଜାମ ଦଣ୍ଡନାଚରେ ରାତ୍ର ମଞ୍ଚରେ ପାରମ୍ପରିକ ନୃତ୍ୟ ମଞ୍ଚସ୍ଥ ହେବା ନେଇ ଜିଲ୍ଲା ପ୍ରଶାସନର ଜାରି କରିଥିବା ଏସ୍‌ଓପି ପରେ ସାମାଜିକ ନାଟକରେ ମଞ୍ଚସ୍ଥ ହେବ କି ନାହିଁ ରହିଥିବା ଦ୍ୱନ୍ଦ ଦିନକୁ ଦିନ ଉଗ୍ର ରୂପ ନେବାରେ ଲାଗିଛି। ଏହାର ସମାଧାନ ପାଇଁ ଗତ ୩ତାରିଖ ଦିନ ଅତିରିକ୍ତ ଜିଲ୍ଲାପାଳ ସୁନିଲ କେର୍କେଟ୍ଟା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବିସ୍ତୃତ ଆଲୋଚନା ସହ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ହେଲେ କିଛି ଫଇସଲା ନହୋଇ ଆଉ ଏକ ତାରିଖ ଧାର୍ଯ୍ୟ ହୋଇଥିଲା। ସାମାଜିକ ନାଟକ ବନ୍ଦ କରିବାକୁ କିଛି ବ୍ୟକ୍ତି ଚକ୍ରାନ୍ତ କରିବା ସହ ଦଣ୍ଡନାଚ ସଂଗଠନକୁ କଳୁଷିତ କରୁଥିବା ବିଷୟ ନେଇ ରବିବାର ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଦଣ୍ଡକାଳୀ ମନ୍ଦିର ନିକଟରେ ଏକ ଜିଲ୍ଲାସ୍ତରୀୟ ବୈଠକ ସୁବାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ବରିଷ୍ଠ ଲୋକକଳା ଗୁରୁ ନବଘନ ପରିଡା, ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘ ସଭାପତି ରାଜ ଗୋପାଳ ପାଢ଼ୀ, ରାଜ୍ୟ ଚିତ୍ରାଳୟ ମାଲିକ ସଂଘ ସମ୍ପାଦକ ଦୁର୍ଗା ପ୍ରସାଦ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଟୁଟୁ ପାଢ଼ୀ, ଭବାନୀ ଶଙ୍କର ମଲ୍ଲିକ, କୃଷ୍ଣଚନ୍ଦ୍ର ପଣ୍ଡା, ମୋହିନୀ ଗୌଡ଼, ତ୍ରିପତି ମହାରଣା, ବିବେକାନନ୍ଦ ପ୍ରଧାନ,ରଜନୀକାନ୍ତ ସାହୁ, ଭାସ୍କର ସେନାପତି, ଗଙ୍ଗୋପ ପରିଡା, ହାଡ଼ିବନ୍ଧୁ ମହାରଣା, ସୀମାଞ୍ଚଳ ଡାଙ୍ଗୁଆ, ତିରୁ ମହାରଣା, ଗୋପବନ୍ଧୁ ଡାଙ୍ଗୁଆ, ଲକ୍ଷ୍ମଣ ବିଷୋୟୀ, ବିନାୟକ ସାହୁ, ଦିଲ୍ଲୀପ କୁମାର ନାୟକ, ସୁଶାନ୍ତ ପଟ୍ଟନାୟକ, ତିରୁ ମହାରଣା, ସପନେଶ୍ୱର ପ୍ରଧାନ, ଗୌତମ ବାଡ଼ତ୍ୟା, ରମାକାନ୍ତ ଆଚାର୍ଯ୍ୟ, ରବୀନ୍ଦ୍ର ଗୌଡ଼, ଜୟ ପଣ୍ଡା, ପ୍ରଶାନ୍ତ ସାହୁ, ନିରଞ୍ଜନ ବେହେରା, ହୃଷିକେଶ ଆଚାର୍ଯ୍ୟଙ୍କ ସହ ଗଞ୍ଜାମ ଜିଲ୍ଲା ଅନେକ ଦଣ୍ଡ ଅନୁଷ୍ଠାନର ମ୍ୟାନେଜର, ଅଧିକାରୀ ଓ କର୍ମକର୍ତ୍ତା, ଚିତ୍ରାଳୟ ସଂଘ କର୍ମକର୍ତ୍ତା, ନୃତ୍ୟବଦ, ଲାଇଟ ଏଣ୍ଡ ସାଉଣ୍ଡ କର୍ମକର୍ତ୍ତା ମାନେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଦଣ୍ଡନାଚ ମହାସଂଘର ତିନୋଟି ପଦ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇ ପୂର୍ବ କମିଟିର ତିନି ପଦବୀକୁ ଭଙ୍ଗ କରାଗଲା। ନୂତନ ସଭାପତି ଭାବେ ବ୍ରଜ ସୁନ୍ଦର ମଲ୍ଲିକ, ସମ୍ପାଦକ ଭାବେ ବିବେକାନନ୍ଦ ପ୍ରଧାନ ଓ କୋଷାଧ୍ୟକ୍ଷ କୃତିବାସ ଡାକୁଆ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ନାବାଳିକା ମୃତ

ସାନଖେମୁଣ୍ଡି,୭ ।୧୨(ସମିସ): ସାନଖେମୁଣ୍ଡି ବ୍ଲକ ଡୁଡୁଙ୍ଗପୁର ଗାଁରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଦୁଇ ନାବାଳିକା ଗାଁ ମନ୍ଦିର ପୋଖରୀକୁ ଗାଧୋଇବା ପାଇଁ ଯାଇ ବୁଡି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆର.ଘନ ପାତ୍ରଙ୍କ ଝିଅ ଆର. ସାଲୋନି ପାତ୍ର(୮)। ସୂଚନା ମୁତାବକ ଆର୍.ସାଲୋନି ପାତ୍ର ଓ ତାଙ୍କ ସାଙ୍ଗ ଏନ. ରାଜେଶ୍ୱରୀ ପାତ୍ର ଗାଁର ନୀଳକଣ୍ଠେଶ୍ୱର ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତାବଶତଃ ପୋଖରୀ ଘାଟରୁ ଖସିଯାଇ ସାଲୋନି ଗଭୀର ଭିତରକୁ ଚାଲିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ରାଜେଶ୍ୱରୀ ପାତ୍ର ପାଣିରେ ବୁଡି ଯାଇଥିଲେ। ପୋଖରୀରେ ଗାଧୋଉଥିବା ଲୋକେ ରାଜେଶ୍ୱରୀଙ୍କୁ ଉଦ୍ଧାର କରିଥିବା ବେଳେ ସାଲୋନିଙ୍କ ସନ୍ଧାନ ମିଳି ନ ଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ସାଲୋନିଙ୍କୁ ଉଦ୍ଧାର କରିବା ପରେ ଉଭୟଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସାଲୋନିଙ୍କୁ ମୃତ ଘୋଷଣା କରିଥିଲେ। ରାଜେଶ୍ୱରୀଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାଲୋନିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଉଭୟ ସାଙ୍ଗ ଗାଁ ସ୍କୁଲରେ ୩ୟ ଶ୍ରେଣୀରେ ପଢୁଥିବା ଦୁଇ ସାଙ୍ଗ ପ୍ରତିଦିନ ଭଳି ରବିବାର ସକାଳେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି।

## ଯୁବତୀଙ୍କୁ ପ୍ରତାରଣା; ଅଭିଯୁକ୍ତ ଗିରଫ



ରଙ୍ଗେଇଲୁଣ୍ଡା,୭ ।୧୨(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ଏକ ଗ୍ରାମର ଯୁବତୀଙ୍କୁ ପ୍ରଥମେ ପ୍ରେମ ଓ ପରେ ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ମାମଲାରେ ପୁଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ବ୍ରହ୍ମପୁର ଆସ୍କା ରୋଡ଼ ସୀତାରାମ ସାହିର ଦିଲ୍ଲୀପ କୁମାର ମାହାଙ୍ଗୁଡ (୨୮) ବୋଲି ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

ସୂଚନା ଅନୁସାରେ, ଏହି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଦିଲ୍ଲୀପଙ୍କର ଗତ ଏକବର୍ଷ ତଳେ ଇନ୍‌ଷ୍ଟଗ୍ରାମରେ ସମ୍ପର୍କ ହୋଇଥିଲା। ପରେ ସମ୍ପର୍କ ନିବିଡ ହେବାପରେ ଦିଲ୍ଲୀପ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପର୍ଯ୍ୟାୟ କ୍ରମେ ୬ ଲକ୍ଷ ୭୫ ହଜାର ଟଙ୍କା ଅନ୍‌ଲାଇନ ମାଧ୍ୟମରେ ନେଇଥିଲେ। ଏଥିସହ ୬ ଭରି ସୁନା ମଧ୍ୟ ନେଇଥିଲେ। ହଳଦିଆପଦରରେ ଥିବା ଏକ ଲଜ୍‌କୁ ଡକାଇ ବିଭିନ୍ନ ସମୟରେ ଦିଲ୍ଲୀପ ଜୋରଜବରଦସ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ପରବର୍ତ୍ତୀ ସମୟରେ ଦିଲ୍ଲୀପ ଯୁବତୀଙ୍କୁ ବିବାହ ପାଇଁ ମନା କରିବାରୁ ସେ ଦେଇଥିବା ଟଙ୍କା ଓ ସୁନା ମାଗିଥିଲେ। ମାତ୍ର ଦିଲ୍ଲୀପ ଟଙ୍କା ଓ ସୁନା ନଦେଇ ଓଲଟି ଯୁବତୀଙ୍କୁ ଧମକ ଚମକ ଦେଉଥିଲେ। ଶେଷରେ ଯୁବତୀ ଜଣକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପଚରାଉଚରା ବେଳେ ଟଙ୍କା ଓ ସୁନା ଅନ୍‌ଲାଇନରେ ଖେଳି ଦେଇଥିବା ଦିଲ୍ଲୀପ ପୁଲିସ ନିକଟରେ କହିଥିଲେ। ପୁଲିସ ଦିଲ୍ଲୀପ ନିକଟରୁ ମୋବାଇଲ ଫୋନ୍ ଜବତ କରିବା ସହ ଗିରଫ କରି କୋର୍ଟଚାଲାଣ କରିଛି।

## ଜିଲ୍ଲାପାଳଙ୍କ ସହ ବରିଷ୍ଠ ନାଗରିକଙ୍କ ଆଲୋଚନା

ଛତ୍ରପୁର,୭ ।୧୨(ସମିସ): ଛତ୍ରପୁରର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ସହ ଛତ୍ରପୁର ବରିଷ୍ଠ ନାଗରିକ ପରିଷଦର କର୍ମକର୍ତ୍ତାଙ୍କ ଆଲୋଚନା ହୋଇଛି। ବରିଷ୍ଠ ନାଗରିକ ପରିଷଦର ସଦସ୍ୟ ତଥା ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଓ ପୂର୍ବତନ ସର୍ବ ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ପ୍ରମୁଖ ସହର ପାଶ୍ୱର୍ ଦେଇ ଯାଇଥିବା ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣା ରୋକିବାକୁ ଫ୍ଲାଏ ଓଭର ନିର୍ମାଣ ସମ୍ପର୍କରେ ପଦକ୍ଷେପ ନିଆଯାଇଥିବା ଜିଲ୍ଲାପାଳ କହିବା ସହ ଏନେଇ ଟେଣ୍ଡର ପ୍ରକ୍ରିୟା ଚାଲିଥିବା କହିଥିଲେ। ନୂତନ ବସ୍‌ଷ୍ଟାଣ୍ଡ ବିପରୀତ ଅଞ୍ଚଳରୁ ଗୋପାଳପୁର ବନ୍ଦରକୁ ସ୍ୱତନ୍ତ୍ର ରାସ୍ତା ନିମନ୍ତେ ଦୀର୍ଘ ଦିନରୁ ଜମି ଅଧିଗ୍ରହଣ ବିନା ବାଧାରେ ହୋଇଥିବା ବେଳେ ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନିମନ୍ତେ ସଦସ୍ୟମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ସହରରେ ମାଙ୍କଡ ମାନଙ୍କ ଉପଦ୍ରବ ବୃଦ୍ଧି ପାଇବା ସହ ଦୈନିକ ବହୁ ଜନସାଧାରଣ ମାଙ୍କଡ଼ ଆକ୍ରମଣର ଶିକାର ହେଉଛନ୍ତି। ଏଣୁ ମାଙ୍କଡ଼ ମାନଙ୍କୁ ସହରରୁ ତଡ଼ିବା ନିମନ୍ତେ ବନ ବିଭାଗ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ସେହିପରି ଛତ୍ରପୁର ସହରର ସାମଗ୍ରୀକ ବିକାଶ ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କ ସହ ନାଗରିକ ପରିଷଦର ସଦସ୍ୟମାନେ ଆଲୋଚନା କରିଥିଲେ।

## ସର୍ଦ୍ଦାର ପଟେଲ୍‌ଙ୍କ ଜନ୍ମବାର୍ଷିକୀ

ବେଲଗୁଣ୍ଠା,୭ ।୧୨(ସମିସ): ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଗାଙ୍ଗପୁର ଥାନା ପରିସରରେ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନା ଏସ୍‌ଆଇ ଅଜୟ କୁମାର ମଲ୍ଲିକ, ଏଏସ୍‌ଆଇ ସୁଷମା ବେହେରା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ହାବିଲଦାର ସରୋଜ କୁମାର ରଣସିଂ, ଝାଡ଼ବନ୍ଧ ସରପଞ୍ଚ ପ୍ରତିନିଧି, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର କୁମାର ଡାକୁଆ, ବେଲଗୁଣ୍ଠା ପ୍ରେସକ୍ଲବ ଉପଦେଷ୍ଟା ସନ୍ତୋଷ କୁମାର ବିଷୋୟୀ, ସାମ୍ବାଦିକ ପଞ୍ଚାନନ ସାହୁ, ବରିଷ୍ଠ ଆଇନଜୀବୀ ସୀମାଞ୍ଚଳ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ଜୀବନୀ ଏବଂ ଆଦର୍ଶ ଉପରେ ଆଲୋଚନା କରିଥିଲେ। ଗାଙ୍ଗପୁର ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ

ବୁଗୁଡ଼ା,୭ ।୧୨(ସମିସ): ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱମୋହନ ମିଶ୍ର-ସଭାପତି, ପ୍ରକାଶ ଚନ୍ଦ୍ର ରଥ-କାର୍ଯ୍ୟକାରୀ ସଭାପତି, ବିପିନ ବିହାରୀ ପଟ୍ଟନାୟକ-ଉପସଭାପତି, ହରେକୃଷ୍ଣ ପାତ୍ର-ସାଧାରଣ ସମ୍ପାଦକ, ଗୋରୀପତି ଦାଶ ଓ ନଗେନ୍ଦ୍ର ନାଥ ଷଡ଼ଙ୍ଗୀ-ସହସମ୍ପାଦକ, ଶ୍ୟାମସୁନ୍ଦର ନାୟକ-କୋଷାଧ୍ୟକ୍ଷ, ରାମକୃଷ୍ଣ ସାହୁ-ସମୀକ୍ଷକ ଭାବେ ନିର୍ବାଚିତ ହୋଇଥିଲେ। ଏଥି ସହ ଉପଦେଷ୍ଟା ଭାବେ ସୁରେଶ ଚନ୍ଦ୍ର ଦାଶ, ନନ୍ଦ କିଶୋର ମିଶ୍ର, ଉପେନ୍ଦ୍ର ପଟ୍ଟନାୟକ ଏବଂ ୧୨ ଜଣଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ମନୋନୀତ କରାଯାଇଥିଲା। ଅନ୍ୟପକ୍ଷରେ ସଂଘ ପକ୍ଷରୁ ଆଗାମୀ ୧୪ ତାରିଖ ଦିନ ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସମସ୍ତ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ଜାନୁଆରୀ ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶିକ୍ଷକ ସୋରଭ ସମ୍ମାନ ଉତ୍ସବରେ ପୁରସ୍କୃତ କରାଯିବା ନେଇ ସ୍ଥିର କରାଯାଇଥିଲା। ବିପିନ ବିହାରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାନୁଆରୀ ୧୪ରୁ ମାରଦା ମହୋତ୍ସବ

### ପ୍ରସ୍ତୁତି ବୈଠକରେ ଯୋଗଦେଲେ ମନ୍ତ୍ରୀ, ଜିଲ୍ଲାପାଳ ଓ ଏସ୍‌ପି



ପୋଲସରା, ୭ ।୧୨(ସମିସ): ମାରଦା ମହୋତ୍ସବ-୨୦୨୬ ଲାଗି ରବିବାର ଏକ ପ୍ରସ୍ତୁତି ବୈଠକ ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶରଣ ଶ୍ରୀକ୍ଷେତ୍ର ମାରଦା ପୀଠରେ ଅନୁଷ୍ଠିତ ବୈଠକରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ତଥା ମହୋତ୍ସବ କମିଟିର ସଭାପତି ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବର ସୁପରିଚାଳନା ଉପରେ ଆଲୋକପାତ କରିଥିଲେ। ଗଞ୍ଜାମ ଜିଲ୍ଲାପାଳଙ୍କ ଚିଠି ନଂ.୨୨୩୭ ପ୍ରକାରେ ଆସନ୍ତା ବର୍ଷ ଜାନୁଆରୀ ମାସର ୧୪, ୧୫ ଓ ୧୬ ତାରିଖ ୩ ଦିନ ଧରି ଅନୁଷ୍ଠିତ ହେବାଲାଗି ଦିନ ଧାର୍ଯ୍ୟ ହୋଇଛି। ମାରଦା ମହୋତ୍ସବ କିଭଳି ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହେବ ସେଥିଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଯୋଗଦେଇ ମହୋତ୍ସବକୁ ଶାନ୍ତିଶୃଙ୍ଖଳା ସହ ଆୟୋଜନ କରାଯିବା ସହ ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା ଉପରେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଶିବାଶିଷ ବରାଳ, ଡ଼ିଏଫ୍‌ଓ ବିପାସା ପାରୁଲ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ତହସିଲଦାର ଦିପ୍ତିମୟୀ ପାତ୍ର, ମଥୁରା ମଠାଧୀଶ ସୁନ୍ଦର ରାମଦାସ ମହାରାଜ, ମାରଦା ମହୋତ୍ସବ ଉପସଭାପତି ପ୍ରଭାକର ପଣ୍ଡା, ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନ, ଏନଏସି ଅଧ୍ୟକ୍ଷା ସଂଗୀତା ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ସାଂସ୍କୃତିକ ସମାରୋହ




ବ୍ରହ୍ମପୁର,୭ ।୧୨(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଓ ବିନାୟକ ଆଚାର୍ଯ୍ୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ପୌରୋହିତ୍ୟ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆନ୍ତର୍ଜାତିକ ଖ୍ୟାତିପ୍ରାପ୍ତ ମଞ୍ଚ ଉଦଘୋଷକ ହୃଷୀକେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ମହାତ୍ମା ଗାନ୍ଧୀ କାରାଗାର ଏକାଡେମୀ ଓ ସୁଧାର ସେବାର ପ୍ରାକ୍ତନ ଉପ-ନିର୍ଦ୍ଦେଶିକା ସୁଦୀପ୍ତା ପାଣିଗ୍ରାହୀ ଯୋଗଦେଇ ଓଡ଼ିଶାର ସାଂସ୍କୃତିକ ମହତ୍ତ୍ୱ ଓ ମାହାତ୍ମ୍ୟ ସମ୍ପର୍କରେ ଗୀତ ଓ ବକ୍ତବ୍ୟ ମାଧ୍ୟମରେ ବର୍ଣ୍ଣନା କରିବା ସଂଗେ ସଂଗେ ଦୃଢ଼ ଆତ୍ମ ପ୍ରତ୍ୟୟ ଓ ପ୍ରତିବଦ୍ଧତାର ସହ ଜୀବନ ସରଣିରେ ଅଗ୍ରସର ହେବାକୁ ସମବେତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ ଯୋଗ ଦେଇଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝାଙ୍କ ସଂଯୋଜନାରେ ସଂଚାଳିତ ନାଟ୍ୟ ସଂସଦ ଓ ଅନ୍ୟ ସମସ୍ତ ଭଗିନୀ ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ସାଂସ୍କୃତିକ ସମାରୋହ ନାଟ୍ୟ ସଂସଦ ଉପ-ସଭାପତି ଡ. ଦେବରାଜ ସ୍ୱାଇଁ ପ୍ରାକ୍-ସୂଚନା ସହ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗୀ ଉପ-ସଭାପତି ଡ. ମଧୁମିତା ନାୟକ ନାଟ୍ୟ ସଂସଦରବାର୍ଷିକବିବରଣୀପାଠକରିଥିଲେ। ସମାରୋହରେ ନୃତ୍ୟ, ସଂଗୀତ, ଅଭିନୟ କ୍ଷେତ୍ରରେ କୃତିତ୍ୱ ପ୍ରଦର୍ଶନ କରିଥିବା ଯୁକ୍ତ ଦୁଇ ବର୍ଗ ଓ ସ୍ନାତକ-ସ୍ନାତକୋତ୍ତର ବର୍ଗର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

## ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ବୁଗୁଡ଼ା,୭ ।୧୨(ସମିସ): ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ବୁଗୁଡ଼ା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ.ଶୁଭ୍ରାଂଶୁ ଶେଖର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ.ଅଞ୍ଜନ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ବିଡିଓ ଦୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ଭାରତ ଭୂଷଣ ସାହୁ, ସାଂସଦ ପ୍ରତିନିଧି ଉତ୍ତମ କୁମାର ଦାଶ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ଜିଲ୍ଲା ପରିଷଦସଦସ୍ୟଗଙ୍ଗାପାଣିଜେନାପ୍ରମୁଖଯୋଗ ଦେଇ ଉପସ୍ଥିତ ସହସ୍ରାଧିକ ପୁରୁଷ ଓ ମହିଳା ଚାଷୀଙ୍କ ସମେତ ଅନ୍ୟମାନଙ୍କୁ ଚାଷକାର୍ଯ୍ୟ ଏବଂ ପଶୁପାଳନ ପ୍ରତି ଆକୃଷ୍ଟ ହେବାକୁ ଉତ୍ସାହିତ କରିଥିଲେ। ଅନ୍ୟପକ୍ଷରେ ମନ୍ତ୍ରୀଙ୍କ କରକମଳରେ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟର ନୂତନ ଗୃହ ଉଦଘାଟିତ ହୋଇଯାଇଥିଲା।

### ● ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

## ହତ୍ୟା ପରେ ପେଟ୍ରୋଲ ଢାଳି ପୋଡ଼ିଦେଇଥିବା ସନ୍ଦେହ

ଖଲ୍ଲିକୋଟ,୭ ।୧୨(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚିକିଲି ନିକଟସ୍ଥ ମେଦିପୁର - ଆଲିପୁର ରାସ୍ତା ଶୁଳିଆ ପାହାଡ଼ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତଦେହଟି ପ୍ରାୟ ୩/୪ ଦିନ ତଳର ହୋଇଥିବା ପୁଲିସ ଅନୁମାନ କରୁଛି। ରବିବାର ସେହି ରାସ୍ତା ଦେଇ ଯାଉଥିବା କିଛି ବ୍ୟକ୍ତି ଦୁର୍ଗନ୍ଧ ହେବାରୁ ଶୁଳିଆ ପାହାଡ଼ ନିକଟକୁ ଅନୁଧ୍ୟାନ ପାଇଁ ଯାଇଥିଲେ। ସେଠାରେ ଏକ ଖାଲୁଆ ସ୍ଥାନରେ ଏକ ଗଳିତ ଶବ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଏସ୍‌ଆଇ ପିଙ୍କିନି ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତକଙ୍କ ଶରୀରରେ ବିଭିନ୍ନ ଆଘାତ ଚିହ୍ନ ରହିଥିବା ବେଳେ ପେଟ୍ରୋଲ ଢାଳି



ନିଆଁ ଲଗାଇ ଦିଆଯାଇଥିବା ସନ୍ଦେହ କରାଯାଉଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମେଡିକାଲ ଫାଟକ ପରିବର୍ତ୍ତନକୁ ବିରୋଧ

କବିସୂର୍ଯ୍ୟନଗର,୭ ।୧୨(ସମିସ): ସ୍ଥାନୀୟ ମେଡିକାଲ ମୁଖ୍ୟ ଫାଟକକୁ ଅନ୍ୟତ୍ର ପରିବର୍ତ୍ତନ କରିବା ପାଇଁ ଚକ୍ରାନ୍ତକୁ ସ୍ଥାନୀୟ ଜନସାଧାରଣ ବିରୋଧ କରିଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ହେବା ପରଠୁ ମୁଖ୍ୟ ଫାଟକ ଭାବେ ଯାହା ବହୁବର୍ଷ ହେଲା ରହିଆସିଛି ତା'କୁ ଗତ ଦୁଇ ବର୍ଷ ତଳେ ଭାଙ୍ଗି ୫ ଲକ୍ଷ ବ୍ୟୟରେ ନୂତନ ଗେଟ୍ ସହ କ୍ୟାଚ ନିର୍ମାଣ କରାଯାଇଥିଲା। ଗେଟ ପାଶ୍ୱର୍ରେ ଏକ ମୁଭିଙ୍ଗ ଗେଟ୍ ବି ନିର୍ମାଣ ହୋଇଥିଲା। କିନ୍ତୁ



ବର୍ତ୍ତମାନ ନୂତନ କୋଠା ନିର୍ମାଣ ଆଳରେ ମୁଖ୍ୟ ଫାଟକକୁ ଉତ୍ତର ପାଶ୍ୱର୍କୁ ଘୁଞ୍ଚାଇବାକୁ ଜନସାଧାରଣ ବିରୋଧ କରୁଛନ୍ତି। ମେଡିକାଲ ନିର୍ମାଣ ଠାରୁ ଉକ୍ତ ଗେଟ ଜନସାଧାରଣ ପାଇଁ ସୁବିଧା ଯୋଗାଇ ଆସୁଛି। କିନ୍ତୁ ସହରବାସୀ ପ୍ରଶ୍ନ କରିଛନ୍ତି କାହା ସ୍ୱାର୍ଥରେ ଘୁଞ୍ଚାଇବାକୁ ମସୁଧା ଚାଲିଛି। ମେଡିକାଲ ଠାରୁ କିଛି ଦୂରରେ ୩୦ ଶଯ୍ୟା ବିଶିଷ୍ଟ କୋଠା ନିର୍ମାଣ ପାଇଁ ଗତ ସରକାରରେ ତତ୍କାଳୀନ ବିଧାୟିକା ଲତିକା ପ୍ରଧାନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବର୍ତ୍ତମାନର ସରକାର ଗତ ୩୧ ଅଗଷ୍ଟ ୨୦୨୫ ରିଖରେ ମେଡିକାଲ ପରିସରରେ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ୩୦ ଶଯ୍ୟା ବିଶିଷ୍ଟ କୋଠା ନିର୍ମାଣ ଲାଗି ପୁନଃ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦୀର୍ଘ ତିନି ମାସ ବିତି ଯାଇଥିଲେ ବି ମେଡିକାଲ ଗେଟ ପରିବର୍ତ୍ତନକୁ ବିରୋଧ ହେତୁ କାମ ଆରମ୍ଭ ହୋଇ ବନ୍ଦ ରହିଛି। ଏଣୁ ଯଥାଶୀଘ୍ର ରାଜନୀତି ନ କରି କୋଠା ନିର୍ମାଣ କାର୍ଯ୍ୟ ଆଗେଇ ନେବା ପାଇଁ ଦାବି ହେଉଛି।

# ଶାନ୍ତିଝରରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼

ଧରାକୋଟ,୭ ।୧୨(ସମିସ):



### ■ ମନ ମୋହୁଛନ୍ତି ଦଳ ଦଳ ମୟୂର
### ■ ଆକର୍ଷଣ ସାଜିଛି ୩୧ ଫୁଟ୍‌ର ହନୁମାନ ମୂର୍ତ୍ତି

ଧରାକୋଟଗଡ଼ ନିକଟରେ ଥିବା ଶାନ୍ତିଝର ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଚଳିତବର୍ଷ ଡିସେମ୍ବର ମାସରୁ ହିଁ ଜମିବାରେ ଲାଗିଛି। ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ପୀଠ ପ୍ରତି ଧୀରେ ଧୀରେ ଆକର୍ଷିତ ହେଉଛନ୍ତି ପର୍ଯ୍ୟଟକ। ଆକର୍ଷଣୀୟ ପ୍ରାକୃତିକ ପରିବେଶ ସାଙ୍ଗକୁ ବଣ ଜଙ୍ଗଲରୁ ଝରି ଆସୁଥିବା ଝରଣାର କୁଳୁ କୁଳୁ ନାଦ ଏହାର ପରିବେଶକୁ ଆହୁରି ଅମୋଦିତ କରୁଛି। ପୀଠ ଆରମ୍ଭରେ ଥିବା ଶାନ୍ତିର ପ୍ରତୀକ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଦର୍ଶକଙ୍କ ମନ ମୋହୁଥିବା ବେଳେ ପୀଠର ପାଦ ଦେଶରେ ମା'କଠୁଳିଆ ଦେବୀଙ୍କ ମନ୍ଦିର, ମଧ୍ୟ ଭାଗରେ ସିଦ୍ଧ ଗୁମ୍ଫାରେ ବିରାଜିତ ମା' ରାଜରାଜେଶ୍ୱରୀ ଗଡ଼ଚଣ୍ଡୀଙ୍କ ଜୀବନ୍ତ ମୂର୍ତ୍ତି, ପାହାଡ଼ ଶିଖରରେ ହନୁମାନ ବାଟିକା, ହନୁମାନ ବାଟିକା ନିକଟରେ ଜଳ ପରିପୂର୍ଣ୍ଣ କୁଣ୍ଡ ତଳ ଭାଗରେ ରହିଥିବା ଶିଶୁପାର୍କ ପିଲାଙ୍କ ମନ ମୋହୁଛି। ବିଶେଷ କରି ଡିସେମ୍ବର ଓ ଜାନୁଆରୀ ମାସରେ ରାଜ୍ୟର କୋଣ ଅନୁକୋଣରୁ ଲୋକେ ଏଠାରେ ଭିଡ଼ ଜମାଉଥିବା ବେଳେ ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀମାନେ ପିକ୍‌ନିକ୍ ପାଇଁ ଏଠାରେ ଭିଡ଼ ଜମାଉଛନ୍ତି। ବଣଭୋଜି ପାଇଁ ବିଶୁଦ୍ଧ ପାନୀୟ ଜଳ ସାଙ୍ଗକୁ ଭୋଜି ରାନ୍ଧିବାକୁ ପିଣ୍ଡି , ସୁନ୍ଦର ପରିବେଶ ଓ ନିକଟରେ ଥିବା ପାର୍କିଂସ୍ଥାନ ଦର୍ଶକଙ୍କୁ ଏଠାକୁ ଆକୃଷ୍ଟ କରୁଛି। ସବୁଠାରୁ ଆକର୍ଷଣୀୟ କଥା ହେଲା ସନ୍ଧ୍ୟା ସମୟରେ ମୟୂରମାନେ ଦଳ ଦଳ ହୋଇ ପୀଠ ନିକଟରେ ବିଚରଣ କରିଥାନ୍ତି। ମୟୂରମାନଙ୍କ ସୁରକ୍ଷା ସାଙ୍ଗକୁ ପରିବେଶର ସ୍ୱଚ୍ଛତା ପାଇଁ ଶାନ୍ତିଝର ଉନ୍ନୟନ କମିଟି ସର୍ବଦା ଗୁରୁତ୍ୱାରୋପ କରୁଥିବାରୁ ବର୍ଷ ସାରା ଏଠାକୁ ପିକ୍‌ନିକ୍ ପାଇଁ ଲୋକେ ଆସନ୍ତି। ସମ୍ପ୍ରତି ଶାନ୍ତିଝର ଉନ୍ନୟନକମିଟି ଉଦ୍ୟମ କ୍ରମେ ହନୁମାନ ବାଟିକାରେ ଏକ ୩୧ଫୁଟ ଉଚ୍ଚତାର ହନୁମାନ ପ୍ରତିମୂର୍ତ୍ତି ନିର୍ମାଣ ଚାଲିଛି। ଏହା ମଧ୍ୟରେ ଆସିକା ସାଂସଦ ଅନିତା ଶୁଭଦର୍ଶିନି ଓ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଶାନ୍ତିଝର ପରିଦର୍ଶନ ପରେ ଏହାର ସାମଗ୍ରିକ ବିକାଶ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏସବୁ ସତ୍ତ୍ୱେ ଏହାର ଭିତ୍ତିଭୂମିର ବିକାଶ ସହ ଏହି ପୀଠକୁ ଆହୁରି ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଆକ୍ଟିଭ ମିଡିଆ ୟୁଥ କ୍ଲବର ବୈଠକ



କଣିହାଁ,୭ ।୧୨(ସମିସ): କଣିହାଁ ବ୍ଲକ ଆକ୍ଟିଭ ମିଡିଆ ୟୁଥ କ୍ଲବର ବାର୍ଷିକ ବୈଠକ ଗୁରୁବାର ସମଲ ପଞ୍ଚାୟତ ଟିପ ଗ୍ରାମ ନିକଟ ଚକ୍ରାଶିଳୀ ଶୈବପୀଠରେ ଅନୁଷ୍ଠିତ ହୋଇଛି। କ୍ଲବର ନୂତନ ସଭାପତି ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏହି ଅବସରରେ ନୂତନ ଭାବେ କୈଳାସ ଚନ୍ଦ୍ର ନାଏକ, ଅଜୟ ନାଏକ, ବଳରାମ ଷଣ୍ଢ, ଯୀଶୁକୃଷ୍ଣ ବିଶ୍ୱାଳ, ସର୍ବେଶ୍ୱର ନାଏକ, ପ୍ରଦୀପ କୁମାର ବେହେରା ପ୍ରମୁଖ କ୍ଲବର ସଦସ୍ୟତା ଗ୍ରହଣ କରିଥିଲେ। ଅନ୍ୟ କାର୍ଯ୍ୟରେ ସମ୍ପାଦକ ଉପସ୍ଥିତ ନ ଥିବାରୁ ସମ୍ପାଦକ ଭାବେ ବଳଭଦ୍ର କୁମାର ନାଏକ ଦିନକ ପାଇଁ ଦାୟିତ୍ୱ ଗ୍ରହଣ କରି କ୍ଲବର ବାର୍ଷିକ ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଆଗାମୀ ଦିନରେ ଲୋକଙ୍କ ବିଭିନ୍ନ ସମସ୍ୟା ଓ ସରକାରଙ୍କ ବିଫଳତା ସଫଳତା କାର୍ଯ୍ୟକ୍ରମକୁ ଗଣମାଧ୍ୟମରେ ପ୍ରସାର ପ୍ରଚାର କରିବାକୁ ନୂତନ ସଭାପତି ବିଜୟ ବେହେରା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସୁବାସ ଚନ୍ଦ୍ର ପ୍ରଧାନ, ଦୁଷ୍ମନ୍ତ ବେହେରା, ଅମର ସିଂଦେବ, ମନୋଜ କୁମାର ସାହୁ, ସୁନୀଲ କୁମାର ପାଣି, ଚନ୍ଦନ କୁମାର ପାଣି, ବାବୁଲି କୁମାର ଖିଲାର, ଦୁଃଖବନ୍ଧୁ ବେହେରା, ଖଗେଶ୍ୱର ନାଏକ, ଭଜମନ ସାହୁ, ଅଶ୍ୱିନୀ କୁମାର ଦେବତା, ପ୍ରଦୀପ କୁମାର ବେହେରାଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବିଶ୍ୱ ମୃତ୍ତିକା ଦିବସ ପାଳିତ

ଅନୁଗୋଳ,୭ ।୧୨(ସମିସ): ସ୍ଥାନୀୟ ଆତ୍ମା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଛି। ଚଳିତ ବର୍ଷର ବାର୍ତ୍ତା 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା'। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ମୁଖ୍ୟଅତିଥି, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, ମୁଖ୍ୟଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଦେବାଶିଷ ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ୍, ଜଳବିଭାଜିକା ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ, କୃଷି ଜିଲ୍ଲା ଅଧିକାରୀ ବିନୋଦ କୁମାର ଦଳେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୃତ୍ତିକାର ସୁପରିଚାଳନା, ଜୈବିକ ଚାଷର ଉପଯୋଗିତା, ପାରମ୍ପରିକ ପଦ୍ଧତିରେ କୃଷିର ବିକାଶ ତଥା ସବୁଜ ସାର ପ୍ରୟୋଗ, ଜୈବିକ ଚାଷରେ ଗୋପାଳନର ଭୂମିକା, ସନ୍ତୁଳିତ ସାର ବ୍ୟବହାର ବିଷୟରେ ଆଲୋଚନା ହୋଇଥିଲା। ୫ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୦ ଜଣ ଚାଷୀ, କୃଷି ବିଶ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀ ସମେତ କୃଷି ଅଧିକାରୀମାନେ ଯୋଗଦେଇଥିଲେ।

# ରାଣୀବନ୍ଧ ଗ୍ରାମରେ ରକ୍ତଦାନ ଶିବିର

କିଶୋରନଗର,୭ ।୧୨(ସମିସ): ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ପଞ୍ଚାୟତ ରାଣୀବନ୍ଧ ଗ୍ରାମରେ ମା' ବୀଣାପାଣି ପୂଜା କମିଟି ଆନୁକୂଲ୍ୟରେ ମାଣବସା ଲକ୍ଷ୍ମୀପୂଜା ଉପଲକ୍ଷେ ଗ୍ରାମ କୋଠଘରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୮୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସୁବୋଧ କୁମାର ମହାପାତ୍ର, ବ୍ଲକ୍ ବିଜେଡି ସଭପତି ମହେଶ୍ୱର ଦେହୁରୀ, ଜିଲ୍ଲା ପରିଷଦ ସଭ୍ୟ ଯୁଧିଷ୍ଠିର ସିଂହ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏଲିଜା ତ୍ରିପାଠୀ, ରାଜେଶ ମଣ୍ଡଳ, ଠାକୁରଗଡ଼ ଥାନା ଭାରପ୍ରାପ୍ତ ଅଧିକାରୀ ମନୋଜ କୁମାର ବେହେରା, ରାଣୀବନ୍ଧ ଗ୍ରାମ ସଭାପତି ଅଜିତ୍ କୁମାର ମିଶ୍ର, ଅନାମ ଚରଣ ସ୍ୱାଇଁ, ପ୍ରକାଶ ସାହୁ, ରଞ୍ଜନ ସାହୁ, ହିମାଂଶୁ ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ମଣ୍ଟୁ ନାୟକ, ସୁନୀଲ ସାହୁ, ଡାକ୍ତର କୁମାର ସୌରଭ, ଆର୍ଯ୍ୟବାଳା ଦାସ, ମୁକେଶ କୁମାର ଦେହୁରୀ, ବିନୟ କୁମାର ବିଶ୍ୱାଳ, ସୌମ୍ୟରଞ୍ଜନ ବେହେରା, ରବୀନ୍ଦ୍ରନାଥ ମହାନ୍ତି, ରାକେଶ କୁମାର ଦତ୍ତ, ଗିରୀଶ ଚନ୍ଦ୍ର ବେହେରା, ରୁଦ୍ରମୋହନ ତ୍ରିପାଠୀ ଓ ଡାକ୍ତରୀ ଟିମ ସହଯୋଗ କରିଥିଲେ। ରକ୍ତଦାତା ମହାସଂଘ ସଭାପତି ଶତ୍ରୁଘ୍ନ ସାହୁ ଏବଂ ସମ୍ପାଦକ ବିନୟ କୁମାର ପଟ୍ଟନାୟକ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା।

# ସମାଧାନ ଶିକ୍ଷା ନିକେତନର କ୍ରୀଡ଼ା ଉତ୍ସବ

କିଶୋରନଗର,୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅଏଡ଼ାସ୍ଥିତ ସମାଧାନ ଶିକ୍ଷା ନିକେତନର ନବମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଶିବ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର କୁନି ଛାତ୍ରଛାତ୍ରୀମାନେ ଦୌଡ଼, ଲମ୍ବଡିଆଁ, ବାସ୍କେଟ ବଲ, ଦଉଡ଼ି ଡିଆଁ, ବେଲୁନ ଖେଳ, ବସ୍ତା ଡିଆଁ, ବାଟି ଚାମଚ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରମେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରବିନାରାୟଣ ସାହୁ, ମୁଖ୍ୟବକ୍ତା ଭାବେ ଶତ୍ରୁଘ୍ନ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଉପଦେଷ୍ଟା ମାଧବଚନ୍ଦ୍ର ସାହୁ, ଭଗବାନ ନାଏକ, ଖେଳ ଶିକ୍ଷକ ପ୍ରଭୁରଞ୍ଜନ ପ୍ରଧାନ, ଧନଞ୍ଜୟ ନାୟକ, ବିଦ୍ୟାଳୟ କମିଟି ସଭ୍ୟ ବିପିନ ମଲ୍ଲିକ, ମାତୃମଞ୍ଚ ସଭାନେତ୍ରୀ ମାନସୀ ରାଜ, ସମ୍ପାଦିକା ନିବେଦିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ବିନୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଗୁରୁମା ପ୍ରଭାତ ନଳିନୀ କ୍ଷେତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଉପଦେଷ୍ଟା ଅରବିନ୍ଦ କ୍ଷେତି, ଗୁରୁଜୀ ନରହରି ପ୍ରଧାନ, ଗୁରୁମା ଭୂମିସୁତା ପ୍ରଧାନ, ଚିନ୍ମୟୀ କ୍ଷେତି, ସସ୍ମିତା ଭୁକ୍ତା ପ୍ରମୁଖ ସହଯୋଗ କରିଥିଲେ।

# ବାଗଡ଼ିଆ ଜଗନ୍ନାଥଙ୍କ ରଥର ମୁଖ୍ୟଶିଳ୍ପୀଙ୍କ ଦେହାନ୍ତ



ଛେଣ୍ଡିପଦା,୭ ।୧୨(ସମିସ): ଛେଣ୍ଡିପଦା ବ୍ଲକ୍ ବାଗଡ଼ିଆ ଗ୍ରାମର ଜଗନ୍ନାଥଙ୍କ ରଥର ମୁଖ୍ୟ ଶିଳ୍ପୀ କରୁଣାକର ପ୍ରଧାନ (୮୬)ଙ୍କ ପରଲୋକ ହୋଇଛି। କରୁଣାକର ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ବୁଦ୍ଧଦେବ ପ୍ରଧାନ ମୁଖାଗ୍ନି ଦେଇଥିଲେ।

## ଅନୁଗୋଳରେ ଶ୍ରମିକଙ୍କୁ ଶୋଷଣ

# ୧୮ ଶହ ଟଙ୍କା ନେଇ ଶ୍ରମ କାର୍ଡ କରାଉଛନ୍ତି ଏଜେଣ୍ଟ !

ଅନୁଗୋଳ,୭ ।୧୨(ସମିସ)



**ଶ୍ରମ ଅଧିକାରୀଙ୍କ ପାଖରେ ଖବର ନାହିଁ**

ଅନୁଗୋଳରେ ମାତିଛନ୍ତି ଶ୍ରମ କାର୍ଡ ଏଜେଣ୍ଟ। ୧୮ ଶହ ଟଙ୍କା ନେଇ କରାଇ ଦେଉଛନ୍ତି କାର୍ଡ। ଅନୁଗୋଳ ଜିଲ୍ଲାରେ ଟଙ୍କା ନେଇ ଶ୍ରମ କାର୍ଡ କରାଇ ଦେବାକୁ ଚାରିଆଡ଼େ ବୁଲୁଛନ୍ତି ଏଭଳି ଏଜେଣ୍ଟ। ଅନୁଗୋଳ ବ୍ଲକ୍ ଡେରଜାଙ୍ଗ ସତ୍‌ସଙ୍ଗ କେନ୍ଦ୍ରଠାରେ ଏଭଳି ଏକ ଲେବର କାର୍ଡ ରାକେଟର ବୈଠକ ଚାଲିଥିବା ଖବର ପାଇ ପହଞ୍ଚିଥିଲେ ଗଣମାଧ୍ୟମ ପ୍ରତିନିଧି। ତେବେ ଗଣମାଧ୍ୟମକୁ ଦେଖି ହଠାତ୍ ଛତ୍ରଭଙ୍ଗ ଦେଇଥିଲେ ଲେବର କାର୍ଡ କରାଇଦେବାକୁ ପ୍ରତିଶ୍ରୁତି ଦେଇଥିବା ଲୁଟେରା। ଆଉ ଦୂର ଦୂରାନ୍ତର ଗାଁ ଗହଳିରୁ ଆସିଥିବା ଶ୍ରମିକଙ୍କୁ ଭଣ୍ଡେଇ କହିଥିଲେ, ଆଜି ଅଫିସର ଆସିଲେନି, ସେଥିପାଇଁ ଭେରିଫିକେସନ ହୋଇପାରୁନି, ପରେ ଡକାଯିବ। ଏପଟେ ଲେବର କାର୍ଡ ପାଇଁ ଆସିଥିବା ଲୋକଙ୍କ ଅଭିଯୋଗ ଯେ ଲେବର କାର୍ଡ କରାଇଦେବାକୁ ଏମାନେ ୧୬ଶହରୁ ୧୮ ଶହ ଟଙ୍କା ନେଉଛନ୍ତି। ନାମ ପଞ୍ଜୀକରଣ ବେଳେ ୨୦୦ ଟଙ୍କା ନେଉଛନ୍ତି। କାର୍ଡ ଦେଲା ବେଳେ ଅବଶିଷ୍ଟ ଟଙ୍କା ନେଇଥାନ୍ତେ। ଲୋକଙ୍କ କହିବା ଅନୁସାରେ, କିଛି ଲୋକ ପ୍ରଥମେ ଗାଁକୁ ଆସୁଛନ୍ତି। ୨୦୦ ଟଙ୍କା ନେଇ ଲେବର କାର୍ଡ ଅନଲାଇନରେ ରେଜିଷ୍ଟ୍ରେସନ କରାଉଛନ୍ତି। ପରେ ଭେରିଫିକେସନ ପାଇଁ ଲେବର ଅଫିସ ପରିବର୍ତ୍ତେ ନିଜ ପସନ୍ଦର ଶୂନଶାନ୍ ଜାଗାକୁ ଡାକୁଛନ୍ତି। ସେଠାକୁ ଲେବର ଅଫିସ କର୍ମଚାରୀ କହି ନିଜେ ନିଜେ ଡକ୍ୟୁମେଣ୍ଟ ଭେରିଫିକେସନ ବି କରାଉଛନ୍ତି। ଏନେଇ ଅନୁଗୋଳ ଯୁଗ୍ମ ଶ୍ରମ ଆୟୁକ୍ତ କହିଛନ୍ତି, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ସ୍ଥାନରେ କୌଣସି ଭେରିଫିକେସନ ବୈଠକ ନ ଥିଲା। ଗଣମାଧ୍ୟମରୁ ଶୁଣି ଜିଲ୍ଲା ଶ୍ରମ ଅଧିକାରୀ ଏନେଇ ଅବଗତ କରାଇଛନ୍ତି। ଖୁବଶୀଘ୍ର ଏହାର ତଦନ୍ତ କରାଯିବ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୁଗ୍ମ ଶ୍ରମ ଆୟୁକ୍ତ କହିଛନ୍ତି।

**ଆକ୍ରମଣରେ ପରିବାରର ୨ ଗୁରୁତର**

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକ



କିଶୋରନଗର,୭ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୃତିବାସପୁର ପଞ୍ଚାୟତ କୃତିବାସପୁର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୋଟିଏ ପରିବାରର ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ରାସ୍ତାରୋକ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କୃତିବାସପୁର ମୌଜା ଖାତା ନଂ-୨୧ ପଟ୍ଟାଦାର ଦ୍ରୌପଦୀ ରଣା, ସରସ୍ୱତୀ ରଣା, ସୁମିତ୍ରା ରଣାଙ୍କ ୫ ଏକର ୧୦ ଡିସିମିଲି ଜାଗା ରହିଛି। ଉକ୍ତ ଖାତାର ୬୯୧ ପ୍ଲଟରେ ଦୀର୍ଘ ୫୦ ବର୍ଷ ହେବ ସୁମିତ୍ରା ରଣା ସ୍ଥାୟୀ ଘରକରି ରହିଆସୁଛନ୍ତି। ତେବେ ସରସ୍ୱତୀ ରଣା ଉକ୍ତ ପ୍ଲଟର ୧ ଏକର ୭୦ ଡିସିମିଲ ଜାଗାକୁ ତଞ୍ଚକତାର ସହ ଜରପଡ଼ା ଗ୍ରାମର ଲଛମନ ସାହୁଙ୍କ ପୁଅ ବସନ୍ତ କୁମାର ସାହୁଙ୍କୁ ବିକି ରେକର୍ଡ କରିଦେଇଛନ୍ତି। ସୁମିତ୍ରାଙ୍କ ପୁଅ ଛବି ରଣା କରିଥିବା ଘର ଆଗରେ ବସନ୍ତ ୫/୬ଟି ଗାଡ଼ି ଲଗାଇ ମାଟି ପକାଇବା ସମୟରେ ଛବି ଏହାକୁ ବାରଣ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ବସନ୍ତ କୁମାର ସାହୁ, ସୁଶାନ୍ତ ସାହୁ (କାଳିଆ) ଓ ଲଛମନ ସାହୁ ସଂଘବଦ୍ଧ ଭାବେ ଛବିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ଦେଖି ଛବିଙ୍କ ସ୍ତ୍ରୀ ଶୈଳବାଳା ରଣା ଘଟଣାସ୍ଥଳକୁ ଦୌଡ଼ି ଆସି ଆକ୍ରମଣକାରୀଙ୍କୁ ପ୍ରତିରୋଧ କରିବାରୁ ସେମାନେ ତାଙ୍କୁ ମଧ ଆକ୍ରମଣ କରି ଲହୁଲୁହାଣ କରିଥିଲେ। କିଛି ସମୟ ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ।

ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ ଅପରାଧୀଙ୍କୁ ଗିରଫ କରି ଛବି ରଣାଙ୍କ ପରିବାରକୁ ନ୍ୟାୟ ଦେବା ଦାବିରେ ଗ୍ରାମବାସୀ ଟାୟାର ଜାଳି ରାଜରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୪ ଘଣ୍ଟାପରେ ଠାକୁରଗଡ଼ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଅପରାଧୀ ଜଣେ ନକଲି ମଦ ମାଫିଆ, କାଠ ମାଫିଆ, ଇଟା ମାଫିଆ, ଗୋରୁ ମାଫିଆ ସାଜି କୋଟି କୋଟି ଟଙ୍କାର ମାଲିକ। ଥାନା କର୍ମଚାରୀଙ୍କୁ ହାତରେ ରଖି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଯେପର୍ଯ୍ୟନ୍ତ ଅପରାଧୀଙ୍କୁ ଗିରଫ କରା ନ ଯାଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଜିଦ୍‌ରେ ଅଟଳ ରହିଛନ୍ତି। ଅନ୍ୟପଟେ କେଉଁ ନୀତିନିୟମ ଅନୁଯାୟୀ ତହସିଲଦାର ତିନିଜଣ ହିତାଧିକାରୀଙ୍କୁ ନ ଜଣାଇ ଜଣଙ୍କ ନାମରେ ଜାଗା ରେକର୍ଡ କରି ଅନ୍ୟ ଜଣଙ୍କୁ ବିକ୍ରି କରି ତୁରନ୍ତ ରେକର୍ଡ କରିଦେଲେ ସେ ନେଇ ପ୍ରଶ୍ନ କରିଛନ୍ତି।

# ଓପି ଜିନ୍ଦଲ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ




ଅନୁଗୋଳ,୭ ।୧୨(ସମିସ): ଜିନ୍ଦଲନଗରସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଗୋଳ ଓପି ଜିନ୍ଦଲ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଗୋଳ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମାଲହାନ ମୁଖ୍ୟଅତିଥି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରୋଜେକ୍ଟ ଏବଂ ଆଇରନ୍ ଜୋନ୍) ଦାମୋଦର ମିତ୍ତଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିନ୍ଦଲ ମହିଳା ସମିତି ସଭାପତି ସୀମା ମାଲହାନ ଏବଂ ଅନିତା ମିତ୍ତଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରତ୍ୟୁଷରେ ଏସଏଫଏସଏସର ମୁଖ୍ୟ ବ୍ରିଗେଡିୟର ଦୀନେଶ ଶର୍ମା କ୍ରୀଡ଼ା ଉତ୍ସବକୁ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ମାର୍ଚ୍ଚ ପାଷ୍ଟ କରାଯାଇଥିଲା। ଏଥିରେ ଆଜାଦ ହାଉସ୍ ଶ୍ରେଷ୍ଠ ବିଜେତା ହୋଇଥିଲା। ସେହିପରି ରାମାନୁଜନ ହାଉସ୍ କ୍ରୀଡ଼ାରେ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଜୁନିଅର ଓ ସିନିୟର ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା। ନିକୁନ ବେହେରା ଏବଂ ଦିବ୍ୟଶ୍ରୀ ସାହୁ (୬ଷ୍ଠରୁ ୮ମ ଶ୍ରେଣୀ ବର୍ଗ) ଏବଂ ତମୋଜିତ ସାହୁ ଏବଂ ରିଆ ଦତ୍ତ (୯ମରୁ ଦ୍ୱାଦଶ ଶ୍ରେଣୀ ବର୍ଗ) ସମ୍ମାନିତ ହୋଇଥିଲେ। ସମସ୍ତ ବିଜେତାଙ୍କୁ ମଧ ପଦକ ପ୍ରଦାନ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ଡ. ଅଶ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୂଅରୁ ଛୁଆ ହାତୀ ଉଦ୍ଧାର



ବଅଁରପାଳ,୭ ।୧୨(ସମିସ): ବଅଁରପାଳ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମରେ କୂଅରେ ପଡ଼ିଯାଇଥିବା ଏକ ୮ ବର୍ଷର ହାତୀଛୁଆକୁ ବନବିଭାଗ ଉଦ୍ଧାର କରିଛି। ବନ ବିଭାଗ ସୂଚନା ମୁତାବକ ନୂଆହତା ପଞ୍ଚାୟତ ଗଣ୍ଡିଗାଡ଼ିଆ ଗ୍ରାମ ଜଙ୍ଗଲରୁ ପ୍ରାୟ ୯୦ଟି ହାତୀ ଗଡ଼ସନ୍ତ୍ରୀ ପଞ୍ଚାୟତ ଅଭିମୁଖେ ଆସୁଥିବା ବେଳେ ବଅଁରପାଳ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମରେ ଏକ ହାତୀ ଛୁଆ ଗାଁ ଭିତରକୁ ପ୍ରବେଶ କରି ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲା। ଖବର ପାଇ ରେଞ୍ଜର ଚାରୁଲତା ନାୟକ, ଫରେଷ୍ଟର କୁଶଧ୍ୱଜ ନାୟକ, ପଙ୍କଜ ବେହେରା, ଆରଆରଟି ଫରେଷ୍ଟର ସିପୁନ୍ ବେହେରା, ହାତୀ ସ୍କ୍ୱାଡ୍ ରାପିଡ୍ ଆକ୍ସନ ଟିମ, ଗଜମିତ୍ର ଓ ଅନ୍ୟ କର୍ମଚାରୀ ସମେତ ସରପଞ୍ଚ ଅନୁସୂୟା ଗଡ଼ନାୟକ ପହଞ୍ଚିଥିଲେ। ବନବିଭାଗ ପକ୍ଷରୁ ଏକ ଜେସିବି ମେସିନ୍ ଡକାଇ କୂଅର ଏକ ପାଖରୁ ଖନନ କରି ହାତୀଛୁଆକୁ ଉଦ୍ଧାର କରାଯାଇଛି। ତେବେ ହାତୀ ଗ୍ରାମକୁ ପ୍ରବେଶ ନେଇ ସରପଞ୍ଚ ଓ ଗ୍ରାମବାସୀଙ୍କ ପକ୍ଷରୁ ବନବିଭାଗ ଅଧିକାରୀଙ୍କ ସହ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ଗ୍ରାମରେ ଆଲୋକୀକରଣ ଓ ସୋଲାର ତାର ବିଛାଇବାକୁ ବନବିଭାଗ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଡୋଜର ତଳେ ଚାପିହୋଇ ଶ୍ରମିକଙ୍କ ଗୋଡ଼ କଟିଲା

ତାଳଚେର,୭ ।୧୨(ସମିସ): ଶନିବାର ସକାଳ ସାଢ଼େ ୭ଟାରେ ବଳରାମ କୋଇଲା ଖଣିରେ ଶ୍ରମିକ କାର୍ତ୍ତିକ ବେହେରା (୫୩) କାର୍ଯ୍ୟରତ ଥିବା ବେଳେ ଏକ ଚେନ୍ ଡୋଜର ତାଙ୍କ ଗୋଡ଼ରେ ଚଢ଼ିଯାଇଥିଲା। ଫଳରେ ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ କଟିଯାଇଛି। ସେଠାରେ ଉପସ୍ଥିତ ସାଥୀ ଶ୍ରମିକମାନେ କାର୍ତ୍ତିକଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଖଣି ସୁରକ୍ଷା ଅଧିକରୀ ଶ୍ରମିକଙ୍କ ସୁରକ୍ଷା ପ୍ରତି କୌଣସି ଧ୍ୟାନ ଦେଉ ନ ଥିବା ଶ୍ରମିକ ନେତା ଅଭଯୋଗ କରିଛନ୍ତି। ନିକଟରେ ତାଳଚେରର ସମସ୍ତ କୋଇଲା ଖଣିରେ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ସୁରକ୍ଷା ସପ୍ତାହ ପାଳନ ଶେଷ ହେବାପରେ କୌଣସି ଗୋଟିଏ ହେଲେ ବି ଶ୍ରମିକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବ ଶ୍ରମିକମାନେ ଅଭିଯୋଗ କରିଛନ୍ତି।

# ସ୍ମାର୍ଟ ମିଟରକୁ ତୀବ୍ର ବିରୋଧ

ଅନୁଗୋଳସଦର,୭ ।୧୨(ସମିସ):ଅନୁଗୋଳ ଜିଲ୍ଲା ସୁରକ୍ଷା ମଞ୍ଚ ଓ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଏକ ହୋଟେଲ୍‌ରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। କଂଗ୍ରେସ ନେତା ପ୍ରବୋଧ କୁମାର ସ୍ୱାଇଁ ଓ ଆଇନଜୀବୀ ଧର୍ମେନ୍ଦ୍ର ନାଥ ମିଶ୍ର ଏଥିରେ ଉପସ୍ଥିତ ଥିଲେ। ସ୍ମାର୍ଟ ମିଟରକୁ ବିରୋଧ କରାଯିବ ବୋଲି ସ୍ୱାଇଁ ଚେତାବନୀ ଦେଇଥିଲେ। ୩୦୦ ୟୁନିଟ ମାଗଣା ବିଦ୍ୟୁତ୍, ବିନା ନୋଟିସରେ ଲାଇନ ନ କାଟିବା, ପ୍ରତି ଶିଳ୍ପ ସଂସ୍ଥା ସୁପର ସ୍ପେଶାଲିଟି ଡାକ୍ତରଖାନା ବସାଇବା, ଜିଲ୍ଲାର କୃଷକଙ୍କ ପାଇଁ ସୁଧମୁକ୍ତ ଋଣ ଦେବା, ଜିଲ୍ଲାରେ ଶୀତଳଭଣ୍ଡାର ସ୍ଥାପନ, କୃଷିମିତ୍ର ଓ ପ୍ରାଣୀମିତ୍ରଙ୍କୁ ସର୍ବନିମ୍ନ ୧୮ ହଜାର ଟଙ୍କା ଦରମା ପ୍ରଦାନ ଓ ଅନୁଗୋଳ ଜିଲ୍ଲାକୁ ପ୍ରଦୂଷଣମୁକ୍ତ ଆଦି ୧୩ ଦଫା ଦାବି କରିଥିଲେ। ଜିଲ୍ଲା ପ୍ରଶାସନ ଦାବି ପୂରଣ ନ କଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି କୁହାଯାଇଛି।

# ବଇଣ୍ଡା ପୂର୍ତ୍ତ ବଙ୍ଗଳା ନିର୍ମାଣ ପାଇଁ ଜାଗା ଚିହ୍ନଟ

କିଶୋରନଗର,୭ ।୧୨(ସମିସ): କିଶୋରନଗର ବ୍ଲକ ବଇଣ୍ଡାଠାରେ ନୂତନ ପୂର୍ତ୍ତ ଡାକବଙ୍ଗଳା ନିର୍ମାଣ ପାଇଁ ଶନିବାର ତହସିଲ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ଥିବା ଡାକବଙ୍ଗଳା ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ଉଚ୍ଛେଦ ହୋଇଥିଲା। ନୂତନ ବଙ୍ଗଳା ନିର୍ମାଣ ପାଇଁ ବିଜେପି ନେତା ଅରବିନ୍ଦ ସାହୁ ଅନୁଗୋଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କିଶୋରନଗର ତହସିଲ ପକ୍ଷରୁ ନୁନୁକାପଶି ମୌଜାର ସରକାରୀ ଜାଗାରୁ ଖାତା ନମ୍ବର ୧୧୪/୮୬୫ରେ ୧ ଏକର ଜାଗା ଚିହ୍ନଟ କରାଯାଇଛି। ଚିହ୍ନଟ ବେଳେ ତହସିଲ ଅମିନ ଜାଫ୍ରୁନ ପ୍ରଧାନ, ହଣ୍ଡପା ଆରଆଇ ଦୁଷ୍ମନ୍ତ ବେହେରା, ବଇଣ୍ଡା ଆରଆଇ ପ୍ରଦୀପ ପ୍ରଧାନ, ଜିତେନ୍ଦ୍ର ସାହୁ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ବଙ୍ଗଳା ନିର୍ମାଣ ପାଇଁ ୫୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ଜଣାପଡ଼ିଛି।

# ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ପ୍ରବଚନ

କିଶୋରନଗର,୭ ।୧୨(ସମିସ): କିଶୋରନଗର କଲେଜ ଛକ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଚାଲିଥିବା ମା' ମହାଲକ୍ଷ୍ମୀଙ୍କ ପୂଜା ଅବସରରେ ଆୟୋଜିତ ହୋଇଛି ପ୍ରବଚନ କାର୍ଯ୍ୟକ୍ରମ। ପ୍ରତ୍ୟେକ ମୁହୂର୍ତ୍ତରେ ଯିଏ ଭଗବାନଙ୍କ ନାମ ନେଉଛି ସେ ସବୁଠାରୁ ବଳବାନ ବ୍ୟକ୍ତି ବୋଲି ପ୍ରବଚକ ପଣ୍ଡିତ ରବିନାରାୟଣ ହୋତା ପ୍ରବଚନ ମାଧ୍ୟମରେ ଉପଦେଶ ଦେଉଛନ୍ତି। ରବିବାର ଅପରାହ୍ନ ୪ଟାରେ ପ୍ରବଚନ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ସନ୍ଧ୍ୟାରେ ଲଟେରୀ ଉଠାଣ ଓ ପରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ମା'ଙ୍କ ଭସାଣି କାର୍ଯ୍ୟକ୍ରମ ରହିଛି।

**● ଖଜୁରୀ ଗଛ କାଟିବାକୁ ନେଇ ତତ୍ପିତୋଫାନ**

# ପ୍ରଶାସନ ଓ ଗ୍ରାମବାସୀ ମୁହାଁମୁହିଁ

ଅନୁଗୋଳ,୭ ।୧୨(ସମିସ): ଖଜୁରୀ ଗଛ କାଟିବାକୁ ନେଇ ଗ୍ରାମବାସୀ ଓ ପ୍ରଶାସନ ମୁହାଁମୁହିଁ ହୋଇଛନ୍ତି। ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଭିତରେ ରବିବାର ଏଭଳି ଘଟଣା ଘଟିଛି। ଅଭୟାରଣ୍ୟ ଭିତରେ ଥିବା ଟିକରପଡ଼ା ନୂଆସାହିର ବାବୁ ସାହୁ, ତୋଫାନ ସାହୁ ଓ କୃଷ୍ଣ ସାହୁ ନିଜ ଜାଗାରେ ଚାଷ କରିବା ପାଇଁ ଦୁଇ ଫୁଟର ଖଜୁରୀ ଗଛ ହାଣୁଥିଲେ। ଏହି ସମୟରେ ଟିକରପଡ଼ା ଆଡ଼େ ଯାଉଥିବା ଆରସିସିଏଫ୍ ସଞ୍ଜୟ ସ୍ୱାଇଁ ଗଛ ନ ହାଣିବା ପାଇଁ ଧମକ ଦେଇଥିଲେ। ଏଥିସହ ଗ୍ରାମବାସୀଙ୍କୁ ସେଠାରୁ ତଡ଼ିବା ପାଇଁ ୮/୧୦ ଜଣ ବନ କର୍ମଚାରୀଙ୍କୁ ମଧ ପଠାଇଥିଲେ। ତେବେ ସ୍ଥାନୀୟ ଲୋକେ ଏକାଠି ହୋଇ ବନ କର୍ମଚାରୀଙ୍କୁ ବିରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ଟିକରପଡ଼ା ବନାଞ୍ଚଳ ଓ ଘଡ଼ିଆଳ କୁମ୍ଭୀର ପ୍ରଜନନ କାର୍ଯ୍ୟାଳୟକୁ ଯିବା ରାସ୍ତାରେ ଲୋକେ କାଠଗଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ। ପ୍ରାୟ ତିନି ଘଣ୍ଟା ଧରି ଉତ୍ତେଜନା ଲାଗି ରହିଥିବା ବେଳେ ପୁଲିସ ଓ ଜିଲ୍ଲା ପ୍ରଶାସନ ଅଧିକାରୀ ପହଞ୍ଚି ବୁଝାସୁଝା କରିବାରୁ ଆନ୍ଦୋଳନ ହଟିଥିଲା। ଏନେଇ ଆରସିସିଏଫ୍ ସଞ୍ଜୟ ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ବିନା ଅନୁମତିରେ ଗଛ କାଟିବା ବେଆଇନ। ତେଣୁ ଗଛ କାଟିବା ପାଇଁ ମୁଁ ବାରଣ କରିଥିଲି। ପରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପହଞ୍ଚି ସେମାନଙ୍କ ଦାବି ସବୁ ପୂରଣ କରିଥିବା ସେ ସୂଚନା ଦେଇଛନ୍ତି।




# ଜିଲ୍ଲାସ୍ତରୀୟ ପ୍ରଥମ ହରଡ଼ କ୍ରୟ କମିଟି ବୈଠକ

ଅନୁଗୋଳ,୭ ।୧୨(ସମିସ)



ଜିଲ୍ଲାସ୍ତରୀୟ ପ୍ରଥମ ହରଡ଼ କ୍ରୟ କମିଟି ବୈଠକ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଖରିଫ୍-୨୦୨୫ଯୋଜନା ବିଷୟରେ ଅବଗତ କରାଇଥିଲେ। ଅନୁଗୋଳ ଜିଲ୍ଲାରେ ୪୯୧୪ ହେକ୍ଟର ଜମିରେ ହରଡ଼ ଚାଷ ହେଉଛି। ୨୯ ହଜାର ୪୮୪ କ୍ୱିଣ୍ଟାଲ ଉତ୍ପାଦନ ହେବା ସମ୍ଭାବନା ରହିଛି। ୨ ହଜାର କ୍ୱିଣ୍ଟାଲ ହରଡ଼ ବିକ୍ରି କରିବା ପାଇଁ ସ୍ଥିର କରାଯାଇଥିଲା। ଏହା ଜିଲ୍ଲା ସ୍ତରରେ ଗୋଟିଏ ଲେଖାଏଁ କୃଷକ ଉତ୍ପାଦକ ସଂସ୍ଥା ଦ୍ୱାରା କରାଯିବ ବୋଲି ସ୍ଥିର କରାଯାଇଛି। ହରଡ଼ ବିକ୍ରି କରିବା ପାଇଁ ଇଚ୍ଛୁକ ଚାଷୀମାନେ ପ୍ରଥମେ ଇ-ସମୃଦ୍ଧି ପୋର୍ଟାଲରେ ପଞ୍ଜୀକରଣ କରିପାରିବେ ବୋଲି ସୂଚନା ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧୁ ସୁଦୀପ ଗଡ଼ନାୟକ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ସମେତ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅବହେଳିତ ପୁରାତନ ତଳସାହି ପ୍ରାଥମିକ ବିଦ୍ୟାଳୟ




ତେଲକୋଇ, ୭।୧୨(ସମିସ): ତେଲକୋଇ ବ୍ଲକ ସଦର ମହକୁମା ତଳସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇରହିଛି। ସରକାରୀ ସ୍ତରରେ ଅବହେଳା ଯୋଗୁଁ ଏହି ପୁରାତନ ବିଦ୍ୟାଳୟ ଆଜି ଅସ୍ତିତ୍ୱ ହରାଇବାକୁ ବସିଲାଣି। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ବିଦ୍ୟାଳୟରେ ଚଳିତ ବର୍ଷ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୮୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ କେବଳ ଦୁଇ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସେଥିମଧ୍ୟରୁ ଜଣେ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହିଥିବା ବେଳେ ଅନ୍ୟଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ପ୍ରଧାନ ଶିକ୍ଷକ ଜଣଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ କରୁଥିବା ବେଳେ ବିଦ୍ୟାଳୟରେ ଜଣେ ଥିବା ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ସମ୍ଭବ ହେଉନାହିଁ। ଅଧିକାଂଶ ସମୟ ଏଭଳି ସ୍ଥିତି ପରିଲକ୍ଷିତ ହୋଇଛି। ଯେଉଁଠି ଶିକ୍ଷକ ଅଭାବ ଥିବ ଉକ୍ତ ବିଦ୍ୟାଳୟରେ ସେଇ କ୍ଲଷ୍ଟର ସିଆର୍‌ସିସି ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇବାର ନିୟମ ରହିଥିଲେ ସୁଦ୍ଧା ଏହାର ମଧ ବ୍ୟତିକ୍ରମ ଦେଖାଦେଇଛି। ତେଲକୋଇ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ସିଆରସିସିମାନେ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସହଯୋଗ କରିବା ବଦଳରେ ଦବଙ୍ଗ ଗିରି ଦେଖାଉଥିବା ଅଭିଯୋଗ ହୋଇଛି। ଶ୍ରେଣୀ ଅଭାବରୁ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଦୁଇଟି କକ୍ଷରେ ବସି ପାଠ ପଢୁଛନ୍ତି। ଗୋଟିଏ କକ୍ଷ ଭିତରେ ଦୁଇ ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀ ବସୁଥିବା ବେଳେ ହୋ ହାଲ୍ଲା ଭିତରେ ଛାତ୍ରଛାତ୍ରୀ କିଭଳି ଶିକ୍ଷା ଗ୍ରହଣ କରୁଛନ୍ତି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ଥିବା ଅନେକ ଶ୍ରେଣୀଗୃହ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେ ସବୁକୁ ତୁରନ୍ତ ଭଙ୍ଗାଯାଇ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଦାବି ହୋଉଛି। କେତେକ ଗୃହର କାନ୍ଥ ଭାଙ୍ଗି ଛାତ ଅାଁ ହୋଇ ରହିଥିବା ବେଳେ କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ସରକାରୀ ବିଦ୍ୟାଳୟରେ ଶିକ୍ଷକ ଅଭାବ ସାଙ୍ଗକୁ ଭିତ୍ତିଭୂମି ଅଭାବ ଯୋଗୁଁ ସରକାରୀ କର୍ମଚାରୀଙ୍କ ପିଲା ଏବେ ବେସରକାରୀ ବିଦ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ଆଉ ଗାଁଗଣ୍ଡାରେ ଥିବା ଦିନମଜୁରିଆ ଓ ସାଧାରଣ ଲୋକ ଅର୍ଥାଭାବରୁ ତାଙ୍କ ପିଲାଙ୍କୁ ଏହି ସରକାରୀ ବିଦ୍ୟାଳୟରେ ପାଠ ପଢ଼ାଇ ନିଜ ଭବିଷ୍ୟତକୁ ଅନ୍ଧାର ଆଡ଼କୁ ଠେଲି ଦେଉଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ସରକାର ଶିକ୍ଷା ବ୍ୟବସ୍ଥା ଓ ଭିତ୍ତିଭୂମିକୁ ସୁଦୃଢ଼ ନ କଲେ ସରକାରୀ ବିଦ୍ୟାଳୟରୁ ଅଭିଭାବକ ମୁହଁ ଫେରାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ବନ୍ଧରେ ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଦାଶରଥୀ ଶୁଣ୍ଢି କହିଛଉନ୍ତି, ସପ୍ତାହେ ଭିତରେ ଶିକ୍ଷକ ସମସ୍ୟା ଦୂର କରାଯିବ। ବିପଦସଙ୍କୁଳ ଗୃହଗୁଡ଼ିକୁ କମିଟି ଦ୍ୱାରା ପ୍ରସ୍ତାବ କରାଯାଇ ଭଙ୍ଗାଯିବାକୁ ବିଭାଗୀୟ ଅଧିକାରୀଙ୍କୁ ଚିଠି କରାଯିବ।

# ଜିଲ୍ଲା କୁଡୁମୀ ଔଷଧ ଦୋକାନୀଙ୍କ ବାର୍ଷିକ ଉତ୍ସବ



ତୁରୁମୁଙ୍ଗା, ୭।୧୨(ସମିସ): କେନ୍ଦୁଝର ଜିଲ୍ଲା କୁଡୁମୀ ଔଷଧ ଦୋକାନୀଙ୍କ ବାର୍ଷିକ ସମାରୋହ ରଘୁନାଥପୁର କାନିଝାରୀ ଡ୍ୟାମଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା କୁଡୁମୀ ସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଓଷ୍ଟା ଶିକ୍ଷକ ସଂଘ ସଭାପତି ମନ୍ମଥ ମହାନ୍ତ, ଭାରତୀୟ ମଜଦୁର ସଙ୍ଘ ରାଜ୍ୟ ଉପସଭାପତି ଡାକ୍ତର ମହାନ୍ତ, ମା' ତାରିଣୀ ହସ୍ପିଟାଲର ନିର୍ଦ୍ଦେଶିକା ସୁଚିସ୍ମିତା ମହାନ୍ତ, ପାଟଣା ପ୍ରେସ କ୍ଲବ ସଭାପତି କିଶୋର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା କୁଡୁମୀ ସେନା ରାଜ୍ୟ ସମ୍ପାଦକ ତଥା କେନ୍ଦୁଝର କୁଡୁମୀ କେମିଷ୍ଟ ସଙ୍ଘ ଆବାହକ ବିଶ୍ୱଜିତ୍ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ କୁଡୁମୀ ଔଷଧ ଦୋକାନୀ ଯୋଗ ଦେଇଥିଲେ। ଆଗାମୀ ଦିନରେ କୁଡୁମୀ ଜାତିର ଶିକ୍ଷକ ସଂଘ, ବ୍ୟବସାୟୀ ସଂଘ, ଓକିଲ ସଂଘ, ସରକାରୀ କର୍ମଚାରୀ ସଂଘ, ଆଦି ସଂଗଠନ କରି ଜାତିର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କେନ୍ଦୁଝର କୁଡୁମୀ ଔଷଧ ଦୋକାନୀ ପରିଚାଳନା କମିଟିର ଏକ କମିଟି ଗଠନ କରାଯାଇଥିଲା। କମିଟିର ସଦସ୍ୟ ଭାବେ ନୀଳାଦ୍ରି ମହାନ୍ତ, କୃପାସିନ୍ଧୁ ମହାନ୍ତ, ଚତୁର୍ଭୁଜ ମହାନ୍ତ, ଚିନ୍ମୟ ମହାନ୍ତ, ରାକେଶ ମହାନ୍ତ, ରଶ୍ମିରଞ୍ଜନ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, କୃପାସିନ୍ଧୁ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ଦୁଷ୍ମନ୍ତ ମହାନ୍ତ ପ୍ରମୁଖ ସଦସ୍ୟ ରହିଥିଲେ। ଉତ୍ସବରେ ୮୨ ଜଣ କୁଡୁମୀ ଔଷଧ ଦୋକାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ତଥା ବିଶିଷ୍ଟ ମାଦଳ ବାଦକ ନିରଞ୍ଜନ ମହାନ୍ତଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ମା' ତାରିଣୀ ମେଡିସିନ ଷ୍ଟୋର ପଦ୍ମପୁରର ରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମାଦଳ ବାଦକ ନିରଞ୍ଜନ ମହାନ୍ତଙ୍କ ନିର୍ଦ୍ଦେଶନାରେ ମାଦଳ ବାଦ୍ୟ ତାଳେ ତାଳେ ସମସ୍ତେ ନୃତ୍ୟ ପରିବେଷଣ କରିଥିଲେ।

# ତପନଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ସେବା ସମ୍ମାନ



ଆନନ୍ଦପୁର, ୭।୧୨ (ସମିସ): ଅନ୍ତର୍ଜାତୀୟ ଚାରଣ ଗୋଷ୍ଠି ପୁରୀ ତରଫରୁ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ କଦମ୍ବଡିହି ଗ୍ରାମର ତପନ କୁମାର ନାୟକଙ୍କୁ ଶ୍ରୀ ଜଗନ୍ନାଥ ସଂସ୍କୃତି ସେବା ସମ୍ମାନ ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଓ ନିକଟରେ ଆୟୋଜିତ ଶ୍ରୀ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷାର ସୁପରିଚାଳନା ଦାୟିତ୍ୱ ନିଷ୍ଠାପର ଭାବରେ ତୁଲାଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ କୃଷ୍ଣଚନ୍ଦ୍ର ପୂଜାପଣ୍ଡା ସାମନ୍ତ ଶ୍ରୀମନ୍ଦିର ପୁରୀ, ସମ୍ମାନିତ ଅତିଥି ଭାବେ ଲୋକନାଥ ଦାସ ମହାପାତ୍ର ବରିଷ୍ଠ ଦଇତାପତି ନିଯୋଗ, ଭଗବାନ ମହାସୁଆର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଚାରଣ ଗୋଷ୍ଠୀ ପୁରୀର ଦଳପତି ଡ ଗୋପାଳଚନ୍ଦ୍ର ରଥ, ସମ୍ପାଦକ ଗୋବିନ୍ଦଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ହରିଶଚନ୍ଦ୍ର ସାହୁ ଓ ସାରା ରାଜ୍ୟର ଚାରଣ ଗୋଷ୍ଠୀର ମାଆ ଓ ଭାଇମାନେ ଉପସ୍ଥିତ ଥିଲେ।

# ବିମଳା-କାଳିଆହତା ପୂର୍ତ୍ତ ବିଭାଗ ରାସ୍ତାର ଭିତ୍ତିପ୍ରସ୍ତର

ତେଲକୋଇ, ୭।୧୨(ସମିସ): ତେଲକୋଇ ବ୍ଲକର ବହୁ ବର୍ଷର କଷ୍ଟ ଏବେ ଲାଘବ ହେବାକୁ ଯାଉଛି। ମୁଖ୍ୟରାସ୍ତାର ବିମଳାଠାରୁ କାଳିଆହତା ପର୍ଯ୍ୟନ୍ତ ରାସ୍ତା ବହୁ ବର୍ଷରୁ ଅତ୍ୟନ୍ତ ଖରାପ ଅବସ୍ଥାରେ ପଡ଼ିରହିଥିଲା। ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ରବିବାର ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିମଳାଠାରୁ କାଳିଆହତା ପର୍ଯ୍ୟନ୍ତ ୨୧.୩୭୦ କିଲୋମିଟରଠାରୁ ୪୪.୫୨୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ୫୧.୪୭୧୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ ଏହି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରାଯାଇଛି। ବିଧାୟକ ଡାକ୍ତର ନାଏକ ଯଥାଶୀଘ୍ର ଖୁଣ୍ଟାପଡା-ପଡାଙ୍ଗ-ବେଣାମୁଣ୍ଡା ରାସ୍ତାର ମଧ ପୁନଃନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଏବଂ ତେଲକୋଇ ବଜାରରେ ନିର୍ମାଣାଧୀନ କଂକ୍ରିଟ ରାସ୍ତାକୁ ଡବଲ ଇଂଜିନ ସରକାରଙ୍କ ଉପଲବ୍ଧି ଭାବେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଅଞ୍ଚଳରେ ବିଦ୍ୟୁତ କାଟ ଓ ଟାୱାର ସମସ୍ୟାର ଯଥାଶୀଘ୍ର ସମାଧାନ କରିବାକୁ ପ୍ରଶାସନିକ ସ୍ତରରେ ଆଲୋଚନା କରିଥିବା ପ୍ରକାଶ କରିଛନ୍ତି।



# ପାତ୍ରତନ୍ତୀ ସମାଜ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



କେନ୍ଦୁଝର,୭ ।୧୨(ସମିସ): ପୁଣ୍ୟାତ୍ମା ବାବା ସାହେବ ଡ. ଆମ୍ବେଦକରଙ୍କ ଶ୍ରାଦ୍ଧ ଦିବସ ଅବସରରେ କେନ୍ଦୁଝର ଜିଲ୍ଲା ପାତ୍ରତନ୍ତୀ ସମାଜ ପକ୍ଷରୁ ସଦର ବ୍ଲକ ବରଦାପାଳ ପାତ୍ର ସାହିରେ ବ୍ଲକସ୍ତରୀୟ ସେବା କାର୍ଯ୍ୟକ୍ରମ ଆଞ୍ଚଳିକ ସଂଗଠକ ଗଣନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ବାବାଜୀ ପାତ୍ର, ବକ୍ତା ସାଧାରଣ ସଂମ୍ପାଦକ ଶରତଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଉପଦେଷ୍ଟା ଅଲେଖଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ପଲ୍ଲୀସଭା ମାଧ୍ୟମରେ ନୂତନ ସଭ୍ୟ ସଂଗ୍ରହ ଅଭିଯାନ ହାତକୁ ନିଆଯିବ ବୋଲି ସୂଚନା ଦିଆଯାଇଥିଲା। କେନ୍ଦୁଝର ଜିଲ୍ଲା ପାତ୍ରତନ୍ତୀ ସମାଜ ସଂଗଠନ ଜିଲ୍ଲାପାଳଙ୍କଠାରୁ ସ୍ୱୀକୃତିପ୍ରାପ୍ତ ହୋଇଛି। ସଂପ୍ରତି ହାଡ଼ଭଙ୍ଗା ଶୀତ ହେଉଥିବାରୁ ବୃଦ୍ଧବୃଦ୍ଧା, ଅସହା. ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୨ଟି ଗ୍ରାମର ଶତାଧିକ ପାତ୍ରତନ୍ତୀ ସମାଜର ଭାଇଭଉଣୀ ଉପସ୍ଥିତ ଥିଲେ। ଜିଲ୍ଲା ସଂଗଠନର ଅଯୋଧ୍ୟାନାଥ ପାତ୍ର, ଗମ୍ଭୁଧର ପାତ୍ର, ରମାକାନ୍ତ ପାତ୍ର, ରଞ୍ଜିତ ପାତ୍ର, ଭଗବାନ ପାତ୍ର, ବାବାଜୀ ଦାସ, ଦୁର୍ଯ୍ୟୋଧନ ପାତ୍ର, ଗଣେଶ୍ୱର ପାତ୍ର, ଚନ୍ଦନ ଦାସ, ଦାଶରଥୀ ପାତ୍ର ପ୍ରମୁଖ ସାମିଲ ଥିଲେ। ମହିଳା ସଦସ୍ୟ ଶକୁନ୍ତଳା ପାତ୍ର, ପଦ୍ମାବତୀ ପାତ୍ର, ଗୁଣମଣି ପାତ୍ର, ନଳିନୀ ପାତ୍ର, ମମତା ପାତ୍ରଙ୍କୁ ନେଇ ମହିଳା ମଣ୍ଡଳ ଗଠନ କରାଯାଇଥିଲା। ଗଣନାଥ ପାତ୍ର ଧନ୍ୟବାଦ ଦେଇଥିଲେ।

# ବାଣିଜ୍ୟ ମହୋତ୍ସବ ପାଇଁ ଭୂମିପୂଜା



ଆନନ୍ଦପୁର, ୭।୧୨(ସମିସ): ଆନନ୍ଦପୁର ପ୍ରେସକ୍ଲବ ପକ୍ଷରୁ ଆୟୋଜିତ ହେବାକୁଥିବା ବାଣିଜ୍ୟ ମହୋତ୍ସବ ପାଇଁ ଭୂମି ପୂଜନ ହୋଇଯାଇଛି। କ୍ଲବର ସମ୍ପାଦକ ସନ୍ତୋଷ କୁମାର ରାଉତଙ୍କ ସଂଯୋଜନାରେ ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ମିଶ୍ର, ସରୋଜ କୁମାର ପରିଡା, ଗୋପୀନାଥ ପାତ୍ର, ରାଜୀବ ଲୋଚନ ଜେନାଙ୍କ ଉପସ୍ଥିତିରେ ଏହି ଭୂମିପୂଜନ ହୋଇଥିଲା। ପ୍ରେସ କ୍ଲବର ବାର୍ଷିକ ଉତ୍ସବପାଳନ ଅବସରରେ ଚଳିତ ବର୍ଷ ଆୟୋଜିତ ହୋଇଥିବା ବାଣିଜ୍ୟ ମହୋତ୍ସବର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚଳିତ ମାସ ୧୪ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ଆନନ୍ଦପୁରବାସୀଙ୍କୁ ମନରଞ୍ଜନ ଖୋରାକ ଯୋଗାଇବ। ବାଣିଜ୍ୟ ମହୋତ୍ସବ ପାଇଁ ୨୫୦ରୁ ୩୦୦ ବିଭିନ୍ନ କିସମର ଷ୍ଟଲ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପ୍ରତିଦିନ ସଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରକାର ଦୋଳି, ଖାଇବା ଷ୍ଟଲ ବ୍ୟବସ୍ଥା କରାଯାଉଛି।

# ଯୁବଗୋଷ୍ଠୀଙ୍କୁ ଆକର୍ଷଣ କରୁଛି ପୋଡ଼ାଖମଣ ଜଙ୍ଗଲ



ଆନନ୍ଦପୁର ୭।୧୨(ସମିସ): ଏବେ ପିକ୍‌ନିକ୍ ଋତୁରେ ଚାରିଆଡ଼େ ଜମୁଛି ଭୋଜିଭାତର ଆସର। ଆନନ୍ଦପୁର ସହର ମଧ୍ୟରେ ଏବେ ନୂତନ ପିକ୍‌ନିକ୍ ସ୍ପଟ ଭାବେ ୧୫ ନମ୍ବର ୱାର୍ଡ ଘସିପୁରା ନିକଟ ପୋଡ଼ାଖମଣ ଜଙ୍ଗଲ ଚର୍ଚ୍ଚାରେ ରହିଛି। ଏଠାକାର ଜଙ୍ଗଲିଆ ପରିବେଶ ପ୍ରକୃତିପ୍ରେମୀଙ୍କୁ ଆକର୍ଷିତ କରୁଛି। ୨୦୧୫-୧୬ରେ ପୋଡ଼ାଖମଣ ନିକଟରେ ଥିବା ୬ହେକ୍ଟର ପଡ଼ିଆ ଜମିରେ ଆନନ୍ଦପୁର ଜଙ୍ଗଲ ବିଭାଗ ପକ୍ଷରୁ ୧୦ ହଜାରରୁ ଅଧିକ ଚାରାରୋପଣ କରାଯାଇଥିଲା। ଏଥିରେ ଜାମୁ, ଶିମିଳି, ଆକାଶିଆ, ଅସନ, ଅର୍ଜୁନ, ରାଧାଚୂଡ଼ା, ପିଆଶାଳ ଚାରାରୋପଣ ସହ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏବେ ଏହି ଅଞ୍ଚଳ ସବୁଜ ଜଙ୍ଗଲରେ ପରିଣତ ହୋଇଯାଇଛି। ଜଙ୍ଗଲ ସୃଷ୍ଟି କରିବାକୁ ବିଭାଗୀୟ କର୍ମଚାରୀମାନେ ବହୁତ ପରିଶ୍ରମ କରିଛନ୍ତି ବୋଲି ଆନନ୍ଦପୁର ରେଞ୍ଜର ନବକିଶୋର ନାଏକ କହିଛନ୍ତି। ଆନନ୍ଦପୁର ବ୍ୟାରେଜ କେନାଲ ନିକଟରେ ରହିଥିବା ଏହି ଜଙ୍ଗଲକୁ ଆସିବାକୁ ଆନନ୍ଦପୁର ଓ ଘସିପୁରା ପାର୍ଶ୍ୱରୁ ସୁବିଧା ରହିଛି। ପାଣି ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ନଳକୂପ ଖନନ କରାଯାଇଛି। ଏବେ ସହର ନିକଟରେ ଏହି ସ୍ଥାନ ଭୋଜିଭାତ କରିବାକୁ ଭଲ ସୁଯୋଗ ସୃଷ୍ଟି କରିଛି ବୋଲି ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶ ସାହୁ କହିଛନ୍ତି। ଏହି ସ୍ଥାନର ପାରିପାର୍ଶ୍ୱିକ ବିକାଶ କରାଯିବା ସହ ଏକ ପାର୍କ ନିର୍ମାଣ କରାଗଲେ ଆକର୍ଷଣ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଏନେଇ ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ୧୫ ନମ୍ବର କାଉନସିଲର ଉର୍ବଶୀ ସାହୁ କହିଛନ୍ତି। ଆସନ୍ତା ବଡ଼ଦିନ ଓ ନୂଆବର୍ଷରେ ପୋଡ଼ାଖମଣ ଜଙ୍ଗଲରେ ଭୋଜିଭାତ ଜମିବ ବୋଲି ସ୍ଥାନୀୟ ବାସିନ୍ଦା ବିଦ୍ୟାଧର ଖଟୁଆ କହିଛନ୍ତି।



ଚଳିତବର୍ଷ ୧୬ ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟ, ଲକ୍ଷେ ଚାଷୀ ପଞ୍ଜିକୃତ

# ଆସିନି ଟୋକନ ଓ ଖୋଲିନି ଧାନମଣ୍ଡି

ବାଲେଶ୍ୱର,୭ ।୧୨(ସମିସ)




ଗତବର୍ଷ ବିଭ୍ରାଟ ଦେଖା ହେବା ପରେ ଚଳିତ ବର୍ଷ ମଣ୍ଡିରେ ଧାନ କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏବେ ଚାଷୀଙ୍କ ଧାନ ଅମଳ ପାଖାପାଖି ସରିବାକୁ ବସିଥିବା ବେଳେ ଚାଷୀମାନେ ପୂର୍ବରୁ ପଞ୍ଜୀକରଣ ମଧ୍ୟ କରିସାରିଛନ୍ତି । ତେବେ ଡିସେମ୍ବର ମାସର ଗୋଟିଏ ସପ୍ତାହ ହୋଇଯାଇଥିବା ବେଳେ ଧାନ କିଣିବା ପାଇଁ ଜିଲ୍ଲାକୁ ଟାର୍ଗେଟ ମଧ୍ୟ ଆସି ସାରିଛି । ହେଲେ ଏ ପର୍ଯ୍ୟନ୍ତ ଜିଲ୍ଲାରେ ଧାନ ମଣ୍ଡି ଖୋଲା ହୋଇ ନ ଥିବା ବେଳେ ଚାଷୀମାନଙ୍କୁ ଟୋକନ ମଧ୍ୟ ଆସିନାହିଁ। ଏପରି ସ୍ଥଳେ ଚାଷୀମାନେ ବାଧ୍ୟ ହୋଇ କମ୍ ଦରରେ ବାହାରକୁ ପଠାଉଛନ୍ତି । ଜିଲ୍ଲା ଯୋଗାଣ ବିଭାଗ ଏବଂ ସମବାୟ ସମିତି ସମୂହରୁ ମିଳିଥିବା ତଥ୍ୟ ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ଏବେ ମଣ୍ଡିରେ ଧାନ କିଣିବା ପାଇଁ ଟାର୍ଗେଟ ଆସିଛି । ଚଳିତ ବର୍ଷ ଜିଲ୍ଲାରୁ ବିଭିନ୍ନ ମଣ୍ଡିରୁ ଧାନ କିଣିବା ପାଇଁ ୧୬ ଲକ୍ଷ ୮୩ ହଜାର କ୍ୱିଣ୍ଟାଲ ଧାନର ଟାର୍ଗେଟ ଆସିଛି । ଏହି ଧାନ ସବୁ ଜିଲ୍ଲାରେ ଥିବା ୧୭୬ଟି ମଣ୍ଡିରୁ କିଣାଯିବ । ଅନ୍ୟପଟେ ଚାଷୀମାନେ ପୂର୍ବରୁ ମଣ୍ଡିରେ ଧାନ ଦେବା ପାଇଁ ଅନଲାଇନ ପଞ୍ଜୀକରଣ ମଧ୍ୟ କରିସାରିଛନ୍ତି । ଚାଷୀମାନେ ସେମାନଙ୍କ ବିଲରୁ ଧାନ ଅମଳ କରିସାରିଥିବା ବେଳେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ବାଧ୍ୟ ହୋଇ ସେମାନେ କମ ଦରରେ ବାହାରକୁ ପଠାଉଛନ୍ତି । ସମବାୟ ସମିତି ସମୂହରୁ ମିଳିଥିବା ତଥ୍ୟ ଅନୁସାରେ, ଚଳିତ ବର୍ଷ ଏକ ଲକ୍ଷ ୨୫ହଜାର ୫୭୬ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଯାହାକି ସେମାନେ ମଣ୍ଡି ମାଧ୍ୟମରେ ସରକାରଙ୍କୁ ଧାନ ବିକ୍ରି କରିବେ । ହେଲେ ଡିସେମ୍ବର ମାସର ଗୋଟିଏ ସପ୍ତାହ ଅତିକ୍ରମ ହୋଇଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଟୋକନ ମଧ୍ୟ ଆସି ନାହିଁ କିମ୍ବା ମଣ୍ଡି ମଧ୍ୟ ଖୋଲାଯାଇପାରି ନାହିଁ । ଚଳିତ ବର୍ଷ ଜିଲ୍ଲାରେ ଏସଏଚଜି ଗ୍ରୁପକୁ ମିଶାଇ ମୋଟ ୧୭୬ଟି ମଣ୍ଡିରେ ଧାନ ନିଆଯିବ । ଜିଲ୍ଲାରେ ଚଳିତ ବର୍ଷ ସିମୁଳିଆ ବ୍ଲକରେ ୧୦ହଜାର ୯୯୪ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସୋର ବ୍ଲକରେ ୮ହଜାର୨୬୦ଜଣ,ବାହାନଗା ବ୍ଲକରେ ୧୦ହଜାର୬୬୫, ଜଳେଶ୍ୱର ବ୍ଲକରେ ୧୧ହଜାର୨୨୭, ବସ୍ତା ବ୍ଲକରେ ୧୧ହଜାର୩୨୨, ନୀଳଗିରି ବ୍ଲକରେ ୫ହଜାର୮୮୨, ଔପଦା ବ୍ଲକରେ ୬ହଜାର୮୨୨, ଖଇରା ବ୍ଲକରେ ୧୫ହଜାର୩୬୨, ଭୋଗରାଇ ବ୍ଲକରେ ୧୨ହଜାର୪୯୭, ବାଲିଆପାଳ ବ୍ଲକରେ ୧୦ହଜାର୨୬୫, ରେମୁଣା ବ୍ଲକରେ ୯ହଜାର୫୬୧ ଏବଂ ସଦର ବ୍ଲକରେ ୧୩ହଜାର ୫୧ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି । ତେବେ ଆବେଦନ କରିଥିବା ସମସ୍ତ ଚାଷୀଙ୍କ ଠାରୁ ଧାନ କିଣାଯିବ । ଚଳିତ ବର୍ଷ ଏହି ଧାନ କିଣିବା ପାଇଁ ମୋଟ ୨୧ଟି ମିଲକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହାଛଡା ମିଲରମାନେ ଚାଷୀମାନଙ୍କ ଠାରୁ ଏଫଏକ୍ୟୁ ମାନର ଧାନ ନେବା ସହ ସେମାନଙ୍କୁ ଅଖାବସ୍ତା ମଧ୍ୟ ପ୍ରଦାନ କରିବେ । ଏନେଇ ସମବାୟ ସମିତି ସମୂହ ବାଲେଶ୍ୱର ଡିଭିଜନର ଉପନିବନ୍ଧକ ସରୋଜିନି ନାୟକ କହିଛନ୍ତି ଯେ, ଚଳିତ ବର୍ଷ ମଣ୍ଡିରେ ଧାନ କିଣା ସମୟ ହୋଇଆସିଲାଣି । ଏକ ଲକ୍ଷରୁ ଅଧିକ ଚାଷୀ ଆବେଦନ କରିଥିବା ବେଳେ ସମସ୍ତଙ୍କର ପଞ୍ଜୀକରଣ କାଏମ ରହିଛି । ଚଳିତ ମାସ ୨୯ତାରିଖରେ ମଣ୍ଡିରେ ଧାନ କିଣା ଶୁଭାରମ୍ଭ ହେବାକୁ ଥିବା ବେଳେ ୨୦ତାରିଖ ସୁଦ୍ଧା ପଞ୍ଜୀକରଣ କରିଥିବା ଚାଷୀମାନଙ୍କ ନିକଟକୁ ଟୋକନ ପହଁଚିବ ।

## ଜିଲ୍ଲା କାଷ୍ଠ କାରିଗର ସଙ୍ଘର କର୍ମକର୍ତ୍ତା ନିର୍ବାଚନ

ବାଲେଶ୍ୱର, ୭।୧୨(ସମିସ): ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଜିଲ୍ଲା କାଷ୍ଠ କାରିଗର ସଙ୍ଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି । ପୂର୍ବତନ ସଭାପତି ତ୍ରୈଲୋକ୍ୟ ନାଥ ମହାରଣାଙ୍କ ଦେହାନ୍ତ ହେତୁ ସଭାପତି ପଦ ଦୁଇ ବର୍ଷ ରୁ ଅଧିକ ସମୟ ଧରି ଖାଲି ପଡ଼ିଥିଲା । ଆଜି ସଙ୍ଘର ସଦସ୍ୟ ମାନେ ଏକାଠି ହୋଇ ସହମତି ଭିତ୍ତିରେ ସଭାପତି ଭାବେ ମନସୁର ଅଲ୍ଲୀ, ସମ୍ପାଦକ ଭାବେ ରାଜେଶ କୁମାର ଶର୍ମା, ଉପସଭାପତି ଭାବେ ଅଜୟ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଭାବରେ ଉମାକାନ୍ତ ମିସ୍ତ୍ରୀ,




ସହ ସମ୍ପାଦକ ଅନିରୁଦ୍ଧ ସେନାପତି, କୋଷାଧ୍ୟକ୍ଷ ଗଣେଶ ଚନ୍ଦ୍ର ସ ଏବଂ ସହ କୋଷାଧ୍ୟକ୍ଷ ଭାବେ ଡମ୍ବରୁଧର ଦାସଙ୍କୁ ଚୟନ କରିଛନ୍ତି । ଚାରି ବର୍ଷରେ ଥରେ ସଙ୍ଘର ନିର୍ବାଚନ ହେବାର ନିୟମ ରହିଛି । ନବ ନିର୍ବାଚିତ ସଭାପତି ମନସୁର ଅଲ୍ଲୀ ଜିଲ୍ଲା ର ସମସ୍ତ କାଷ୍ଠ କାରିଗର ମାନେ ଏକଜୁଟ ହୋଇ ସଙ୍ଘ କୁ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଛନ୍ତି । ସଙ୍ଘର ନିଜସ୍ୱ କାର୍ଯ୍ୟାଳୟ ନୀଳଗିରିରେ ଥିବା ସଙ୍ଘ ର ଜମିରେ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ । ଏହା ସହିତ ବିଶ୍ୱ କର୍ମାଙ୍କ ଏକ ମନ୍ଦିର ଓ ଏକ ବୃଦ୍ଧାଶ୍ରମ ଉକ୍ତ ଜମିରେ ନିର୍ମାଣ କରାଯିବ । ରାଜ୍ୟ ସରକାର ମାତ୍ରାଧିକ ବୟସ ହୋଇଯାଇଥିବା କାଷ୍ଠ କାରିଗରଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଆର୍ଥିକ ଓ ସାମାଜିକ କଲ୍ୟାଣ ଯୋଜନା କରି ନ ଥିବା ବେଳେ ବରିଷ୍ଠ କାଷ୍ଠ କାରିଗର ଚାହିଁଲେ ଉକ୍ତ ବୃଦ୍ଧା ଶ୍ରମ ରେ ରହି ପାରିବେ ଓ ସେମାନଙ୍କୁ ମାଗଣା ଖାଦ୍ୟ ବସ୍ତ୍ର ସଙ୍ଘ ଦେବ । ଏହା ସହିତ ସେମାନଙ୍କ ଦେହାନ୍ତ ହେଲେ ଅନ୍ତେଷ୍ଟି କ୍ରିୟା ମଧ୍ୟ ସଂଘ କରିବ ବୋଲି ସଭାପତି କହିଛନ୍ତି ।

## ୭୪-୭୫ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ମିଳନ ଉତ୍ସବ



ବାଲେଶ୍ୱର, ୭।୧୨(ସମିସ): ଫକୀରମୋହନ ମହାବିଦ୍ୟାଳୟର ୧୯୭୪-୭୫ ମସିହା ଛାତ୍ର ସଂସଦର ନିର୍ବାଚିତ କର୍ମକର୍ତ୍ତା,ଉପଦେଷ୍ଟା ମାନଙ୍କର ଛାତ୍ର ସଂସଦ ର ୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ବନ୍ଧୁମିଳନ ଉତ୍ସବ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ସଭା ଗୃହରେ ୭୪ ମସିହା ଛାତ୍ର ସଂସଦର ସଭାପତି ନିତ୍ୟଗୋପାଳ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ତମ କୁମାର ଚାନ୍ଦ ପ୍ରାକ କଥନ ରଖି ଥିବାବେଳେ ୭୪ ମସିହାର ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ । ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଅନିରୁଦ୍ଧ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାଣିଜ୍ୟ ବିଭାଗ ର ମୁଖ୍ୟ ଅଭିଜିତ ଦାସ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇ ଥିଲେ । ଅଭୟ ମହାପାତ୍ର, ନିରୋଦ ମହାନ୍ତି, ବିଷ୍ଣୁଦାସ କୁଣ୍ଡୁ, କଲ୍ୟାଣ ଦେ, ରମାକାନ୍ତ ମହାନ୍ତି, ଗୋପାଳ ଜେନା, ସ୍ମିତା ଦାସ, ସ୍ନିଗ୍ଧା କୁଣ୍ଡୁ, ଶକ୍ୟସିଂ ଦାସ, କାଳିଚରଣ ମହାରଣା, ସୁବାସ ମିଶ୍ର, ଲିଙ୍ଗରାଜ ପଣ୍ଡା, ସନ୍ତୋଷ ମହାନ୍ତି, କଲ୍ୟାଣ କୁମାର ଦତ୍ତ, ଦିନେଶ ଚାଟାର୍ଜି ପ୍ରମୁଖ ମତ ରଖିଥିଲେ । ବିଷ୍ଣୁ ପ୍ରସାଦ ମହାନ୍ତି ପୂର୍ବ ଦିନ ବିଷୟରେ ସ୍ମୃତି ଚାରଣ କରିବା ସହ ଧନ୍ୟବାଦ ଦେଇଥିଲେ ।

## ଗାଁ ଦାଣ୍ଡରେ ଯୁବକଙ୍କୁ ଘୋଷାଡ଼ି ମାଡ଼ ଘଟଣାରେ ୩ ଗିରଫ

ବାଲେଶ୍ୱର,୭ ।୧୨(ସମିସ): ସଦର ଥାନା ଅର୍ନ୍ତଗତ ପରୀଖୀ ଫାଣ୍ଡି ଅର୍ନ୍ତଗତ ତେଲଗଡିଆ ଅଂଚଳର ଯୁବକ ଦେବାଶିଷ ହାତୀଙ୍କୁ ଅମାନୁଷିକ ଭାବେ ବେକରେ ରଶି ଲଗାଇ ଗାଁ ଦାଣ୍ଡରେ ଘୋଷାଡ଼ି ଘୋଷାଡ଼ି ମାଡ ମାରିବା ଭିଡିଓ ଭାଇରାଲ ହୋଇଥିଲା । ଦେବାଶିଷଙ୍କ ପତ୍ନୀ ଶେଫାଳୀ ହାତୀଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ୫୭୪/୨୫ ନମ୍ବରରେ ଏକ ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଗତକାଲି ବିଳମ୍ବିତ ରାତିରେ ପୁଲିସ ଉକ୍ତ ଗାଁରେ ଚଢ଼ାଉ କରି ଏହି ଘଟଣାରେ ସମ୍ପୃକ୍ତ ଥିବା ତିନି ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭୂୟାଁ(୪୫), ସୁରେନ୍ଦ୍ର ଭୂୟାଁ(୪୨) ଏବଂ ତାପସ ପରିଡା(୪୧) । ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅତିରିକ୍ତ ଏସପି ଦେବଜ୍ୟୋତି ଦାଶ ସୂଚନା ଦେଇଛନ୍ତି । ଏହାଛଡା ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ମଧ୍ୟ ଖୁବ ଶିଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ବିଦ୍ୟାଳୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା

ବାଲେଶ୍ୱର, ୭।୧୨(ସମିସ): ଏସଆରବି ସ୍ୱସ୍ତିକ ଫାଉଣ୍ଡେସନ ପକ୍ଷରୁ ସ୍କୁଲରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଛି । ଏହି ସଂଗଠନ ଗତ ୪ ବର୍ଷ ହେବ ଅନେକ ସମାଜ କଲ୍ୟାଣ କାର୍ଯ୍ୟରେ ନିଜର ସଂଗଠନ ମାଧ୍ୟମରେ ନିଜକୁ ନିୟୋଜିତ ରଖିଛନ୍ତି । ସେଗୁଡିକ ମଧ୍ୟରେ ବୃକ୍ଷରୋପଣ, ଫ୍ରି ମେଡ଼ିସିନ୍ କ୍ୟାମ୍ପ, ରକ୍ତଦାନ ଶିବିର, ଅସହାୟଙ୍କୁ ସାହାଯ୍ୟ ଆଦି ରହିଛି ।ଏବେ ସଂଗଠନ ପକ୍ଷରୁ ଏକ ନୂତନ ପ୍ରତିଯୋଗିତା ଆରମ୍ଭ କରାଯାଇଛି । ପିଲାମାନେ କେମିତି



ଶିକ୍ଷିତ ଓ ଜ୍ଞାନ ବୃଦ୍ଧି କରିବେ ସେଥିପାଇଁ ସ୍କୁଲରେ କରୁଛନ୍ତି ଜିକେ ପ୍ରତିଯୋଗିତା । ତେଣୁ ତାହାର ପ୍ରଥମ ପ୍ରୟାସ କରିଛନ୍ତି ଡାହାପଡା ଚିନ୍ତାମଣି ହାଇସ୍କୁଲ ରେ । ଦହପଡ଼ା ହାଇସ୍କୁଲରେ ପ୍ରାୟ ଶହେରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତା ରେ ଭାଗ ନେଇଥିଲେ । ସେଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ସ୍କୁଲର ପ୍ରଧାନ ଶିକ୍ଷକ ହରିଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ହୋଇଥିବାବେଳେ ସ୍କୁଲର ଅନ୍ୟ ଶିକ୍ଷକ ଅମରେଶ ଦେ, ନୋରୁତ୍ତମ ଷଡ଼ଙ୍ଗୀ, ଅଜୟ ବିଶ୍ୱାଳ, ପଦ୍ମଲୋଚନ ନାୟକ ଓ ଗଜେନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ । ସଂଗଠନ ଅଧ୍ୟକ୍ଷା ସଂଯୁକ୍ତା ରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନ୍ୟ କର୍ମକର୍ତ୍ତା ସବିତା ମହାନ୍ତି, ଅମିତା ଚାନ୍ଦ, ରଞ୍ଜିତ ପୃଷ୍ଟି, ବିଜୟ ବାରିକ, ରଜତ ବାରିକ, ଗତିକୃଷ୍ଣ ପାତ୍ର, ସୁବ୍ରତ ଦାସ, ହରିଶ ଜେନା, ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପୂଜା ଓ ଅମରଙ୍କ ପ୍ରେମ କାହାଣୀରେ ନୂଆ ଟୁଇଷ୍ଟ

ବାଲେଶ୍ୱର,୭ ।୧୨(ସମିସ):ସେଜଲ(ପୂଜା) ଓ ଅମରଙ୍କ ପ୍ରେମ କାହାଣୀରେ ଏବେ ଏକ ନୂଆ ଟୁଇଷ୍ଟ ଦେଖିବାକୁ ମିଳିଛି । ଏବେ ଅମର ନିଜକୁ ସଠିକ ବୋଲି ପ୍ରମାଣିତ କରିବାକୁ ଚାହୁଁଥିବା ବେଳେ ସେ ସୋସିଆଲ ମିଡିଆରେ ଏକ ଭିଡିଓ କରି ପୋଷ୍ଟ କରିଛନ୍ତି । ଯାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି । ଓଡ଼ିଆ ଯୁବକ ଅମର ଏବଂ ଆମେରିକାରେ ପାଳିତା କନ୍ୟା ସେଜଲ ଓରଫ ପୂଜାଙ୍କ ପ୍ରେମ କାହାଣୀରେ ପ୍ରତ୍ୟେକ ଦିନ ନୂଆ ଟୁଇଷ୍ଟ ଦେଖିବାକୁ ମିଳୁଛି । ଦୀର୍ଘ ବର୍ଷର ସମ୍ପର୍କକୁ ଛାଡି ନିଜ ପ୍ରେମିକ ଅମରଙ୍କ ନିକଟକୁ ପୂଜା ଫେରି ଆସିବା ପାଇଁ ମିଛ କାହାଣୀ ରଚନା କରିଥିଲେ । ଗୋଟିଏ ପରେ ଗୋଟିଏ ଘଟଣାରେ ଅମର ବିବାଦୀୟ ହୋଇ ପଡ଼ିଥିବା ବେଳେ ଏବେ ଅମର ନିଜକୁ ସଠିକ ପ୍ରମାଣିତ କରିବା ପାଇଁ ସଫେଇ ଦେଉଛନ୍ତି । ଯାହାର ଏକ ଭିଡିଓ ମଧ୍ୟ ନିଜେ ପୋଷ୍ଟ କରିଛନ୍ତି । ସେଥିରେ ସେ କହୁଛନ୍ତି ଯେ, ସେ ନିଜେ ସେଜଲ କିମ୍ବା ତାଙ୍କ ପାଳିତ ମା'ଙ୍କୁ ଏକ କୋଟି ଟଙ୍କା ମାଗି ନାହାଁନ୍ତି । ବରଂ ସେମାନେ ତାଙ୍କ ଆଡୁ ଅମରଙ୍କୁ ଏକ କୋଟି ଟଙ୍କା ଯାଚି ଥିଲେ । ସେଜଲଙ୍କ ପାଳିତ ମା ସୁସି ଜନ ନିଜ ବିବୃତ୍ତିକୁ ନେଇ ସଙ୍କଟରେ ପଡିଥିବା ବେଳେ ଏପଟେ ପ୍ରେମିକା ପାଇଁ କିଛି ବି କରିବାକୁ ପ୍ରସ୍ତୁତ ରହିଛନ୍ତି ବୋଲି ଅମର କହିଛନ୍ତି । ଏହାବ୍ୟତିତ ଅମର ନାରୀ ସଂଘ ମଧ୍ୟରେ ଧସେଇ ପସିବାକୁ ଉଦ୍ୟମ ବେଳେ ନାରୀ ସଂଘ ଅଧ୍ୟକ୍ଷା ତାଙ୍କୁ ମାଡ ମାରିଥିଲେ ବୋଲି ଅଭିଯୋଗ କରିଛନ୍ତି ।

## ଜାନୁଆରୀ ୭ରେ ସୁବର୍ଣ୍ଣରେଖା ଗ୍ରାମ୍ୟ ମହୋତ୍ସବ

ଜଳେଶ୍ୱର, ୭।୧୨(ସମିସ): କରୋନା ମହାମାରୀ ପୂର୍ବରୁ ପଶ୍ଚିମବାର୍ଡ଼ଠାରେ ଅନୁଷ୍ଠିତ ହୋଇଆସୁଥିବା ସୁବର୍ଣ୍ଣାରେଖା ଗ୍ରାମ୍ୟ ମହୋତ୍ସବ ପୁଣି ୭ ବର୍ଷ ପରେ ଆଗାମୀ ଜାନୁଆରୀ ୭ ତାରିଖରୁ ଆରମ୍ଭ ହେବ ବୋଲି ପ୍ରସ୍ତୁତି ବୈଠକରେ ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଛି । ଧାନଚାଷ ଅମଳ ପରେ ଗ୍ରାମାଞ୍ଚଳରେ ସେପରି କିଛି ଆମୋଦ ପ୍ରମୋଦର ମାଧ୍ୟମ ନ ଥିବାବେଳେ ଏହି ଭାଇଚାରାର ଉତ୍ସବ ସୁବର୍ଣ୍ଣରେଖା ଗ୍ରାମ୍ୟ ମହୋତ୍ସବ ଏହାର ଗୁରୁତ୍ୱ ବହନ କରିଥାଏ । ଚଳିତବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ଲାଗି କଳାକାର, ସିନେ ତାରକା, ରାଜନୈତିକ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଶୁଭାଗମନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କୁହାଯାଇଛି । ରମେଶ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବ୍ରଜମୋହନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସୁକୁମାର ମିଶ୍ର, ଚନ୍ଦନ ଜେନା, ଅନନ୍ତ ଜେନା, ରବୀନ୍ଦ୍ର ରାୟ, କରାମତ ଅଲ୍ଲିସାହା, ହରେନ୍ଦ୍ର ଜେନା, ମଦନମୋହନ ପାତ୍ର, ରବୀନ୍ଦ୍ର ପ୍ରଧାନ, ମହମ୍ମଦ ହୋସେନ, ବାପୁଜୀ ଦାସ, ସୂର୍ଯ୍ୟକୁମାର ମିଶ୍ର, ସେକ୍ ହବିବୁଲ, ରବୀନ୍ଦ୍ର ପାଳ, ସେକ୍ ରାଜଉଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ ।

## ସମୂହ ଛୁଟିରେ ଯିବେ ଭେଲୋରା ଆଦର୍ଶ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ

ରାଜଘାଟ, ୭।୧୨ (ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ପକ୍ଷରୁ ଶିକ୍ଷାର ଗୁଣବତ୍ତା,ଶିକ୍ଷକ ମାନଙ୍କ ନ୍ୟାୟସଙ୍ଗତ ଦାବିକୁ ନେଇ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ । ବିଦ୍ୟାଳୟର କର୍ମଚାରୀଙ୍କୁ ସରକାରୀ ମାନ୍ୟତା,କ୍ୟାଡର ରୁଲ୍,ଗ୍ରେଡ ପେ ବୃଦ୍ଧି,ଓଡ଼ିଆ ପିଜିଟି ପୋଷ୍ଟ ସକ୍ରିୟ କରିବା,ସମାନ କାମକୁ ସମାନ ଦରମା,ଛାତ୍ରଛାତ୍ରୀମାନଙ୍କୁ ନିଟ୍ ଓ ଜେଇଇ ପରୀକ୍ଷାରେ ୧୫ ପ୍ରତିଶତ ସଂରକ୍ଷଣ ଓ ଏନ୍ ଏମ୍ ଏମ୍ (ଘଗଗଝ) ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି ଭଳି ୧୩ ଦଫା ଦାବିରେ ଗତ ନଭେମ୍ବର ୧୬ ରେ ରାଜ୍ୟସ୍ତରୀୟ ପ୍ରେସ୍ ମିଟ୍ ପରେ ରାଜ୍ୟ ତମାମ ଗତ ୨୪ରୁ ୨୯ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ୬ ଦିନିଆ ଶାନ୍ତି ପୂର୍ଣ୍ଣ ପ୍ରତିବାଦ କରି ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କ୍ରମରେ ଶିକ୍ଷକ ମହାସଂଘର ରାଜ୍ୟ ସଭାପତି ରିପୁଦମନ ସୌରଭ ମିଶ୍ର ଓ ସମ୍ପାଦକ ସୁଭାଶିଷ ଦାସଙ୍କ ଆହ୍ୱାନ କ୍ରମେ ବସ୍ତା ବ୍ଲକ୍ ର ଭେଲୋରା ସ୍ଥିତ ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସଙ୍ଗଠନର ଦାବିକୁ ସମର୍ଥନ ଜଣାଇ ଆଜିଠାରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବେ ।

## ଜିଲ୍ଲାରେ ତୁରନ୍ତ ଧାନମଣ୍ଡି ଖୋଲିବାକୁ ସ୍ମାରକପତ୍ର



ବାଲେଶ୍ୱର, ୭।୧୨(ସମିସ): ଦେଢ଼ ବର୍ଷ ହେଲା ପରିବର୍ତ୍ତନ ହେଲାଣି ଡବଲ ଇଂଜିନ ସରକାର ହେଲେ ବାଲେଶ୍ୱର ସମେତ ସମଗ୍ର ରାଜ୍ୟରେ କୃଷକ ମାନଙ୍କ ପରିସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇ ରହିଯାଇଛି । ଏ ନେଇ କୃଷକ ସଭା ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ପ୍ରଶାସନର ଅଧିକାରୀଙ୍କୁ ମଣ୍ଡି ଖୋଲିବାକୁ ଦାବି କରିଛନ୍ତି । ରାଜ୍ୟ ସରକାର ପଶ୍ଚିମ ଓଡିଶାରେ ନଭେମ୍ବର ମାସ ପହିଲା ଓ ଅବଶିଷ୍ଟ ଜିଲ୍ଲାରେ ନଭେମ୍ବର ତିରିଶ ତାରିଖ ସୁଦ୍ଧା ଧାନ ମଣ୍ଡି ଖୋଲିବାକୁ ନୀତିଗତ ନିଷ୍ପତ୍ତି ନେଇଥିଲେ । ଆଜି ଡିସେମ୍ବର ସାତ ତାରିଖ ହୋଇଥିଲେ ମଧ୍ୟ ଜିଲ୍ଲାର କୌଣସି ଗୋଟିଏ ହେଲେ ବି ଧାନ ମଣ୍ଡି ପାକ୍ସ ପକ୍ଷରୁ ଖୋଲାଯାଇ ପାରି ନାହିଁ । ତେଣୁ ତୁରନ୍ତ ଧାନ ମଣ୍ଡି ପ୍ରଶାସନ ପକ୍ଷରୁ ଖୋଲିବାକୁ ଦାବି କରାଯାଇଛି । ଧାନ ମଣ୍ଡି ଖୋଲିବାରେ ଜାଣି ଶୁଣି ଅବହେଳା କରାଯିବା ପଛରେ ଷଡ଼ଯନ୍ତ୍ର ରହିଥିବା ସଭାର ବରିଷ୍ଠ ନେତା ପ୍ରେମ ରଞ୍ଜନ ପାତ୍ର ଓ ସାଧାରଣ ସମ୍ପାଦକ ଦୀପ୍ତିମାନ ଆଚାର୍ଯ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି । ମଣ୍ଡି ଖୋଲା ଯିବାରେ ବିଳମ୍ବ ହେବା ଯୋଗୁଁ ଚାଷୀ ମାନେ ପଶ୍ଚିମ ବଙ୍ଗର ଦଲାଲ ମାନଙ୍କୁ କୁଇଣ୍ଟାଲ ପିଛା ବାର ଶହ ଟଙ୍କା ରେ ବିକ୍ରି କରିଦେଉଛନ୍ତି । ସରକାର କୁଇଣ୍ଟାଲ ପିଛା ୨୯୦୦ଟଙ୍କା ଦେବେ ବୋଲି ଘୋଷଣା କରିବା ସହ ଆଠ ଶହ ଟଙ୍କା ବୋନସ ଦେବେ ବୋଲି ବିଧାନସଭା ଭିତରେ ଘୋଷଣା କରିଥିଲେ । ତେବେ ବଡ଼ ବଡ଼ ଚାଷୀ, ଦଲାଲ ଏବଂ ମିଲର ମାନଙ୍କ ପାଇଁ ସରକାର କାମ କରୁଥିବା ଏହି ମଣ୍ଡି ଖୋଲାରେ ବିଳମ୍ବ କରାଯାଉଛି ବୋଲି ଶ୍ରୀ ପାତ୍ର କହିଛନ୍ତି । ଯଦି ପ୍ରଶାସନ ତୁରନ୍ତ ଧାନ ମଣ୍ଡି ନ ଖୋଲିଲେ ଚାଷୀମାନେ ପ୍ରତି ବ୍ଲକରେ ଆନ୍ଦୋଳନ କରିବେ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏଣୁ ଏ ନେଇ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି । ଦାବି ପତ୍ର ପ୍ରଦାନ ବେଳେ ସମ୍ପାଦକ ଦିଲ୍ଲୀପ ଗିରି, ସୀତାଂଶୁ ସେନାପତି, ପ୍ରଭାକର ବେହେରା, ଷ୍ଟାଲିନ ମିଶ୍ର, ଗୋବିନ୍ଦ ବାରିକ, ଶଙ୍କର ଗୋଛାୟତ, ଅକ୍ଷୟ କୁମାର ରଣା, ପଲଟୁ ଦାସ, ସୁଦର୍ଶନ ବେହେରା, ଦେବବ୍ରତ ମାଝି, ବିଜୟ ଗାହାଣ, ଭଗବାନ ମହାନ୍ତି, ସତ୍ୟଜିତ ଦାସ ପ୍ରମୁଖ ଉପସ୍ଥିତ ରହି ଥିଲେ ।

## ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ ପାଳିତ

ବାଲେଶ୍ୱର,୭ ।୧୨(ସମିସ): ସହିଦ ଜୟୀରାଜଗୁରୁଙ୍କ୨୨୯ତମ ବଳିଦାନ ଦିବସ ରେମୁଣା ବ୍ଲକ ଅର୍ନ୍ତଗତ ଚଷାଖଣ୍ଡ ଗ୍ରାମପଂଚାୟତ ଅର୍ନ୍ତଗତ ମେଦିନପୁର ଗ୍ରାମରେ ସହିଦ ଜୟୀରାଜଗୁରୁ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଅଶୋକ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ହରିଶ୍ଚନ୍ଦ୍ର ବେହେରା ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ମାନବ ଅଧିକାର ସଭାପତି ଉମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ଆଲୋଚନା କରାଯାଇଥିଲା । ମେଦିନପୁର ବଳୀଦାନ ପୀଠକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପ୍ରଦାନ କରିବା ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଥିଲା । ଡ. ଅମ୍ବରୀଶ ଶତପଥି ସଭା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମକୁ ସଂଘର ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, କର୍ମକର୍ତ୍ତା ଗଙ୍ଗାଧର ମହାନ୍ତି, ଜୟଚନ୍ଦ୍ର ଦ୍ୱାରୀ, ରବୀନ୍ଦ୍ର ସେଠୀ, ବନମାଳୀ ମହାନ୍ତି, ନରେନ୍ଦ୍ର ସାହାଣୀ, ତପନ ଦ୍ୱାରୀ,



ପୂର୍ବତନ ସଭାପତି ଡ ଶିରିଶ ଜେନା ଯୋଗଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ଡ. ଅକ୍ଷୟ ଜେନା, ଚଷାଖଣ୍ଡ ସରପଂଚ କେଦାର ସାହୁ ଏବଂ ଜିଲ୍ଲା ସନ୍ତୋଷ ଦାସ, ମନସରଞ୍ଜନ ଦ୍ୱାରୀ ପ୍ରମୁଖ ସହଯୋଗ କରିଥିଲେ । ଅନୁଷ୍ଠାନର ପରାମର୍ଶଦାତା ନିମାଇଁଚରଣ ଦାସ ଧନ୍ୟବାଦ ଦେଇଥିଲେ ।

## ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ପୁରସ୍କୃତ

ବାଲେଶ୍ୱର,୭।୧୨(ସମିସ): ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପୁରସ୍କୃତ କରାଯାଇଛି । 'କ' ବର୍ଗରେ ରାଣୀଗୋଡା ନୋଡାଲ୍ ୟୁପି ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ରୀ ହରପ୍ରିୟା କମିଳା ପ୍ରଥମ, ଛଣପୁର ନୋଡାଲ୍ ୟୁପି ସ୍କୁଲ ସପ୍ତମ ଶ୍ରେଣୀ ଛାତ୍ର ଅଂଶୁମାନ ଭୋଇ ଦ୍ୱିତୀୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦକ୍ଷିଣୋଡା ଅଷ୍ଟମ ଶ୍ରେଣୀର ଛାତ୍ର ଆୟୁଷ ପାଢୀ ତୃତୀୟ, 'ଖ' ବର୍ଗରେ ଶକୁନ୍ତଳା ସରକାରୀ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଗୌତମୀ ଦାସ ପ୍ରଥମ, ଟାଉନ ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ର ସମୀର ବେହେରା ଦ୍ୱିତୀୟ ଓ ଜଗନ୍ନାଥ ସରକାରୀ ଉ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀ ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ପୁରସ୍କୃତ କରିଥିଲେ । ଏ ଅବସରରେ ଜିଲ୍ଲା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ ଜେନା ଉପସ୍ଥିତ ଥିଲେ ।

## ବ୍ୟାଙ୍କ ଠକେଇ; ଦୁଇ ମହିଳାଙ୍କ ସମେତ ତିନି ଗିରଫ

ବାଲେଶ୍ୱର,୭ ।୧୨(ସମିସ)



ବାଲେଶ୍ୱର ପୁଲିସ ଠକେଇ ହେଉଥିବା ଏକ ନୂଆ ଉପାୟକୁ ପର୍ଦ୍ଦାଫାସ କରିଛି । ବିଶେଷ କରି ମୁଲ ବ୍ୟାଙ୍କ ଖାତା ଉପରେ ଧରପଗଡ କରିଛି । ଯାହାଫଳରେ ପୁଲିସ ଦୁଇ ଜଣ ମହିଳାଙ୍କ ସମେତ ମୋଟ ତିନିଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ସୋର ବ୍ରାହ୍ମଣସାହିର ଗାୟତ୍ରୀ ହାସଁଦା(୨୭), କାଳନ୍ଦୀପାଟଣା ଅଂଚଳର ବର୍ଣ୍ଣିଅର୍ଚ୍ଚନା ବେହେରା(୩୯) ଏବଂ ମହୁମୁହାଣ ଅଞ୍ଚଳର ରୋମିୟ ରଞ୍ଜନ ନାୟକ(୨୮) । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ତିନୋଟି ମୋବଇଲ ଜବତ କରିବା ସହ ଗୋଟିଏ କାର ମଧ୍ୟ ଜବତ କରିଛି । ପୁଲିସ ମୁଲ ବ୍ୟାଙ୍କ ଖାତା ଉପରେ ଧରପଗଡ କରିଥିଲା । ବିଶେଷ କରି ଏହି ମୁଲ ବ୍ୟାଙ୍କ ଖାତା ହେଉଛି ଅନ୍ୟ ଜଣଙ୍କ ପାଇଁ ଠକେଇ କିମ୍ବା ଅବୈଧ ଟଙ୍କା ନେଣଦେଣ କରିବା ପାଇଁ ବ୍ୟବହୃତ ହେଉଥିବା ଖାତାକୁ ମୁଲ ବ୍ୟାଙ୍କ ଖାତା କୁହାଯାଇଥାଏ । ବିଶେଷ କରି ଏଭଳି ସାଇବର ଠକେଇ ମାମଲା ପୁଲିସ ନଜରକୁ ଆସିବା ପରେ ଅନେକ ସାଇବର ଠକେଇ ମାମଲାରେ ବ୍ୟବହୃତ ହୋଇଥିବା ଖାତା ଗୁଡିକୁ ଚିହ୍ନଟ କରି ସାଇବର ଥାନାରେ ଏକ ୫୨/୨୫ନମ୍ବରରେ ଏକ ମାମଲା ହୋଇଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ, କିଛି ବ୍ୟକ୍ତି ସେମାନଙ୍କ ବ୍ୟାଙ୍କ ଖାତା ଚଳାଚଳ, ଟଙ୍କା ଉଠାଣ ଓ ଅନ୍ୟମାନଙ୍କ ଦ୍ୱାରା ଅପରାଧିକ କାରବାର ପାଇଁ ସୁବିଧା ଯୋଗାଉଥିବା କଥା ସାମନାକୁ ଆସିଥିଲା । ଏପରିକି ଏହି ବ୍ୟାଙ୍କ ଖାତା ଗୁଡିକ ମୁଖ୍ୟତଃ ଫିସିଙ୍ଗ(ସାଇବର ଠକେଇ), ଫୋନପେ କ୍ୟାସବ୍ୟାକ ଠକେଇ, ଅନଲାଇନ ପାର୍ଟ ଟାଇମ ଜବ ମାଧ୍ୟମରେ ଠକେଇ, ଇନଭେଷ୍ଟମେଂଟ ଫଣ୍ଡ ଓ ଗୁଗୁଲ ରିଭ୍ୟୁ ଠକେଇ ଭଳି ବିଭିନ୍ନ ସାଇବର ଅପରାଧରେ ବ୍ୟବହୃତ ହୋଇଥିଲା । ସେହି ଖାତା ଗୁଡିକ ମାଧ୍ୟମରେ ବ୍ୟାପକ ଭାବେ ଟଙ୍କା ନେଣଦେଣ ହୋଇଥିବା ମଧ୍ୟ ଜଣାପଡ଼ିଥିଲା । ତଦନ୍ତ ଆଧାରରେ ପୁଲିସ ଉପରୋକ୍ତ ୩ଜଣ ବ୍ୟାଙ୍କ ଖାତାଧିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି । ଏହି ଠକେଇରେ ଅନେକ ଅପରାଧି ସାମିଲ ରହିଥିବା ନେଇ ପୁଲିସ ସନ୍ଦେହ କରୁଥିବା ଅଧିକ ତଦନ୍ତ ଜାରି ରହିଛି ।

# ବାଟ ହୁଡ଼ିଲାଣି '୧୦୮' ଆମ୍ବୁଲାନ୍ସ ସେବା




● ପଇସା ଲାଳସାରେ ଭୂତ ବୋହୁଛି ଗାଡ଼ି
● ରୋଗୀସେବା ନାଁରେ ଖାଲିରେ ବୁଲୁଛି; ଟଙ୍କା ଲୁଟୁଛି ପରିଚାଳନା ସଂସ୍ଥା

**ବ୍ରହ୍ମପୁର, ୭।୧୨ (ସମିସ):** ଆହତ ଓ ଗୁରୁତରଙ୍କୁ ତତ୍କ୍ଷଣାତ ମେଡ଼ିକାଲାରେ ପହଞ୍ଚାଇବା ଲାଗି ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ପ୍ରଚଳିତ ହୋଇଥିଲା। ରୋଗୀଙ୍କୁ ମାଗଣାରେ ଡାକ୍ତରଖାନା ପହଞ୍ଚାଇବା ଏହାର ମୂଳ ଉଦ୍ଦେଶ୍ୟ ହୋଇଥିବା ବେଳେ ୨୪ଘଣ୍ଟା ଏହା ଉପଲବ୍ଧ ବୋଲି କୁହାଯାଉଛି। କିନ୍ତୁ ୧୦୮ ଆମ୍ବୁଲାନ୍ସ ସେବା ଗଞ୍ଜାମ ଜିଲ୍ଲାରେ ବାଟ ହୁଡୁଛି। ଏହି ଜରୁରୀକାଳୀନ ସେବା ସମ୍ପ୍ରତି ବିପର୍ଯ୍ୟସ୍ତ ଅବସ୍ଥା ଦେଇ ଗତି କରୁଛି। ସେବା ନାଁରେ ମିଛ ଦର୍ଶାଇ ସରକାରୀ ଅର୍ଥ ଲୁଟିବା ଲାଗି ନୂଆ ଫନ୍ଦି ଆରମ୍ଭ ହୋଇଛି। ଘରୋଇ ସଂସ୍ଥା 'ଏମ୍ରି ଗ୍ରୀନ ହେଲ୍ଥ ସର୍ଭିସେସ୍'କୁ ଦାୟିତ୍ୱ ଦେଇ ସ୍ୱାସ୍ଥ୍ୟ ବିଭାଗ ବି ନିଦରେ ଶୋଇପଡ଼ିଛି। ଫଳରେ ପରିଚାଳନା ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ନିଜ କ୍ଷମତାର ଅପବ୍ୟବହାର କରୁଥିବା ଅଭିଯୋଗ ହୋଇଛି।

ଏଭଳି ଏକ ଘଟଣା ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡ଼ିକାଲରେ ପରିସରରେ ଶନିବାର ଦେଖିବାକୁ ମିଳିଥିଲା। ୧୦୮ ଆମ୍ବୁଲାନ୍ସରେ ରୋଗୀ ନଥିବା ବେଳେ ଖାଲି ଆମ୍ବୁଲାନ୍ସଟି ଏମ୍‌କେସିଜି ମେଡ଼ିକାଲରେ ପହଞ୍ଚିଛି। ଏଭଳି ଭାବେ ରୋଗୀ ସ୍ଥାନାନ୍ତର ବାହାନା ଦେଖାଇ ଖାଲି ୧୦୮ ଆମ୍ବୁଲାନ୍ସ ଗୁଡ଼ିକ ଗୋଟିଏ ମେଡ଼ିକାଲରୁ ଅନ୍ୟ ଏକ ମେଡ଼ିକାଲ ବୁଲୁଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ଦିଗପହଣ୍ଡି ନିକଟସ୍ଥ ବାଲିପଡ଼ାଠାରେ ସଡ଼କ ଦୁର୍ଘଟଣା ଘଟିଥିଲା। ଟିଭି ଏକ୍ସଏଲ ସହ ଏକ ବୁଲେଟ ମଧ୍ୟରେ ଧକ୍କା ହୋଇଥିଲା। ଯଦ୍ୱାରା ୨ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ କଲ୍ କରିଥିଲେ। ଆହତ ବ୍ୟକ୍ତିଙ୍କୁ ମେଡ଼ିକାଲ ସ୍ଥାନାନ୍ତର ନିମନ୍ତେ ଘଟଣାସ୍ଥଳକୁ ଦୁଇଟି ଆମ୍ବୁଲାନ୍ସ ପଠାଯାଇଥିଲା। ଘଟଣାସ୍ଥଳକୁ ପ୍ରଥମେ ଯାଇଥିବା ୧୦୮ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ରୋଗୀଙ୍କୁ ଏମ୍‌କେସିଜି ମେଡ଼ିକାଲକୁ ସ୍ଥାନାନ୍ତରିତ କରିଥିଲା। ଏହାର କିଛି ସମୟ ପରେ ଘଟଣାସ୍ଥଳରେ ପୁଣି ଆଉ ଏକ ୧୦୮ ଆମ୍ବୁଲାନ୍ସ (ଓଡ଼ି୦୨ବିଜେ-୯୬୮୭) ପହଞ୍ଚିଥିଲା। ପୂର୍ବରୁ ସେଠାରୁ ଉଭୟ ରୋଗୀଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସ ରୋଗୀଙ୍କୁ ନେଇ ଏମକେସିଜି ମେଡ଼ିକାଲ ଯାଇଥିବା ସ୍ଥାନୀୟ ଲୋକେ କହିଥିଲେ। ବିଳମ୍ବ ତଥା ଦ୍ୱିତୀୟରେ ଘଟଣାସ୍ଥଳରେ ପହଞ୍ଚିଥିବା ଆମ୍ବୁଲାନ୍ସଟି ନିଜ ପାର୍କିଂ ସ୍ଥଳକୁ ଯିବା ପରିବର୍ତ୍ତେ ରୋଗୀ ନ ଥାଇ ବି ଖାଲି ଆମ୍ବୁଲାନ୍ସ ନେଇ ଏମ୍‌କେସିଜି ମେଡ଼ିକାଲ ଅଭିମୁଖେ ବାହାରିଥିଲା। କିଛି ସମୟରେ ଉକ୍ତ ଆମ୍ବୁଲାନ୍ସ ଏମ୍‌କେସିଜି ମେଡ଼ିକାଲରେ ପହଞ୍ଚି ଆଶୁ ଚିକିତ୍ସା ବିଭାଗ ଓ ଶିଶୁ ବିଭାଗର ଆଶୁ ଚିକିତ୍ସା ବିଭାଗକୁ ଯାଇ ପୁଣି ଫେରି ଆସିଥିବା ଦେଖିବାକୁ ମିଳିଥିଲା। ଆମ୍ବୁଲାନ୍ସରେ ରୋଗୀ ନଥିବା ବେଳେ ଖାଲି ଆମ୍ବୁଲାନ୍ସ ମେଡ଼ିକାଲ ଅଶୁ ଚିକିତ୍ସା ବିଭାଗ ନିକଟକୁ ଆସି ଫେରିଯିବା ଘଟଣା କିଛିବ୍ୟକ୍ତି ଦେଖି ଘଟଣା ସମ୍ପର୍କରେ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏହାପରେ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଥିଲା।

ଆବଶ୍ୟକ ସ୍ଥଳରେ ସଠିକ ସମୟରେ ଘଟଣାସ୍ଥଳକୁ ୧୦୮ ଆମ୍ବୁଲାନ୍ସ ଆସୁନଥିବା ବାରମ୍ବାର ଅଭିଯୋଗ ହେଉଥିବା ବେଳେ ରୋଗୀ ସ୍ଥାନାନ୍ତର ନାଁରେ ଖାଲି ଆମ୍ବୁଲାନ୍ସ ବୁଲିବା ଘଟଣାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ଆମ୍ବୁଲାନ୍ସରେ ରୋଗୀ ନଥିବା ବେଳେ ଅଯଥାରେ ଆମ୍ବୁଲାନ୍ସ ରୋଗୀ ସ୍ଥାନାନ୍ତରିତ ନାଁରେ ମୂଲ୍ୟବାନ ସମୟ ନଷ୍ଟ କରିଛି। ଯଦି ଏହି ସମୟରେ ଆମ୍ବୁଲାନ୍ସଟି ନିଜ ପାର୍କିଂ ସ୍ଥଳରେ ପହଞ୍ଚି ସେଠାରେ ରହିଥାନ୍ତା, ତେବେ ଆବଶ୍ୟକସ୍ଥଳରେ ଅନ୍ୟକୌଣସି ରୋଗୀଙ୍କ ସେବାରେ ଲାଗିଥାନ୍ତା। ଏଭଳି ଭାବେ ୧୦୮ ଆମ୍ବୁଲାନ୍ସର ପରିଚାଳନା ତ୍ରୁଟି କାରଣରୁ ରୋଗୀ କିମ୍ବା ଆହତ ବ୍ୟକ୍ତି ସଠିକ ସମୟରେ ସେବା ପାଇପାରୁନାହାନ୍ତି। ରୋଗୀ ସ୍ଥାନାନ୍ତର ନାଁରେ ୧୦୮ ଆମ୍ବୁଲାନ୍ସ ପରିଚାଳନା କରୁଥିବା ଘରୋଇ ସଂସ୍ଥା ବିଭିନ୍ନ ଆଳରେ ରାଜ୍ୟ ସରକାରଙ୍କ ଠାରୁ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହୋଇଛି। ତେଣୁ ୧୦୮ ଆମ୍ବୁଲାନ୍ସ ପରିଚାଳନା ତ୍ରୁଟିକୁ ନେଇ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରସାଶନ ପକ୍ଷରୁ ତଦନ୍ତ କରିବା ସହ ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଲେହେରସ ସ୍ମାର୍ଟ କିଡ୍‌ଜୀ ସ୍କୁଲର ବାର୍ଷିକ ଉତ୍ସବ

**ବ୍ରହ୍ମପୁର,୭।୧୨(ସମିସ):** ଲେହେରସ ସ୍ମାର୍ଟ କିଡ୍‌ଜୀ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଗୋପାଳକୃଷ୍ଣ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡ଼. ସରିତା ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଓଡ଼ିଶା ହ୍ୟାଣ୍ଡବଲ ଆସୋସିଏସନ ଉପସଭାପତି ସୁରେଶ ଚନ୍ଦ୍ର ପାଢ଼ୀ, ମୁଖ୍ୟ ବକ୍ତା ଭାବେ ପି. ସୁଜାତା ରାଣୀ ପଣ୍ଡା ଯୋଗ ଦେଇଥିଲେ। ସେହଭଳି ଅନ୍ୟତମ ସମ୍ମାନିତ ବକ୍ତାଭାବେ ସମାଜସେବୀ ରାଜେଶ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରଜୁ ମହାରଣା ଓ ସ୍କୁଲ ଅଧକ୍ଷା ସୁଜ୍ଞାନୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ର୍ୟାମ୍ପ ସୋ ପ୍ରତିଯୋଗିତା ହୋଇଥିଲା। ସ୍କୁଲର ଦୃଷ୍ଟିଭଙ୍ଗୀ "ଶିକ୍ଷା ସହ ସଂସ୍କାର"କୁ ଆଗାମୀ ଦିନରେ ଆହୁରି ଦୃଢ଼ କରିବାକୁ ଅତିଥିମାନେ ମତପୋଷଣ କରିଥିଲେ।



**ଫଲ୍‌ଗୁ ଶୀତ ସାହିତ୍ୟ ପର୍ବ-୨୦୨୫**

## ସାହିତ୍ୟରେ ନୈତିକ ମୂଲ୍ୟବୋଧ ସମାଜ ପାଇଁ ମାର୍ଗଦର୍ଶନ

**ବ୍ରହ୍ମପୁର,୭।୧୨(ସମିସ):** ଫଲ୍‌ଗୁ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀଙ୍କ ଅଧକ୍ଷତାରେ ଶୀତ ସାହିତ୍ୟ ପର୍ବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ସାଂସ୍କୃତିକ ବ୍ୟକ୍ତିତ୍ୱ, ଗବେଷକ ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗଦେଇ ସାହିତ୍ୟରେ ନୈତିକ ମୂଲ୍ୟବୋଧ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କବିସୂର୍ଯ୍ୟ ବଳଦେବ ରଥଙ୍କ ପରି ସ୍ରଷ୍ଟାମାନେ ନୈତିକ ମୂଲ୍ୟବୋଧ ଭିତ୍ତିକ ରଚନା କରି ସମାଜ ପାଇଁ ପ୍ରେରଣା ପୂର୍ଣ୍ଣ ସନ୍ଦେଶରେ ସାହିତ୍ୟ ପୃଥିବୀରେ ପବିତ୍ର ଉଚ୍ଚାରଣ ହୋଇ ରହିଛନ୍ତି ବୋଲି ସେ କହିଥିଲେ। ସାହିତ୍ୟ ସଂସଦ ସମ୍ପାଦକ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ନାଟ୍ୟକାର ମେଜର ରମା ରମଣ ପାଢ଼ୀ ଉଦ୍‌ଘାଟନ କରି କହିଥିଲେ ଯେ, ସାହିତ୍ୟରେ ନୈତିକ ମୂଲ୍ୟବୋଧ ସମାଜ ପାଇଁ ମାର୍ଗ ଦର୍ଶନ କରିବା ପାଇଁ ସମର୍ଥ ଏବଂ ଏହା ହିଁ ସତ୍ୟ ଯେ, ବିଶୁଦ୍ଧ ଭାବ ସହ ଯୋଡି ହୋଇଥିବା ଜୀବନ ଧର୍ମୀ ସାହିତ୍ୟ ଯୁଗେ ଯୁଗେ ପାଠକୀୟ ସ୍ୱୀକୃତି ଲାଭ କରିଛି। ଅନ୍ୟତମ ଆଲୋଚକ ପୂର୍ବତନ କୁଳପତି ପ୍ରଫେସର ମନ୍ମଥ ପାଢ଼ୀ ନୀତି ଆଧାରିତ ସଂସ୍କାର ମୂଳକ ରଚନାରେ ସହୃଦୟ ପାଠକ ପାଠିକା ମାନଙ୍କ ପାଇଁ ପ୍ରେରଣା ପ୍ରଦାନ କରିଥାଏ ବୋଲି କହିଥିଲେ। ଏ ଅବସରରେ ବାଗ୍ମୀ କୃଷ୍ଣ କେଶବ ଷଡ଼ଙ୍ଗୀଙ୍କୁ ମାନପତ୍ର ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ଫ ଲ ଗୁ ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଣ୍ଣମୟୀ ପାଢ଼ୀ ଏବଂ ଅମିତ ମିଶ୍ରଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କବି କୃଷ୍ଣ ଚନ୍ଦ୍ର ତ୍ରିପାଠୀ, ମାଧୁରୀ ଅଧିକାରୀ, ଡ ସୂଚନା ପାଢ଼ୀ, ଶ୍ୟାମ ସୁନ୍ଦର ଖାଡଙ୍ଗା, ବିରୁପାକ୍ଷ ଦାଶ, ସୁରେଶ ଚନ୍ଦ୍ର ମହାପାତ୍ର, ଡ ଶ୍ୟାମ ପ୍ରସାଦ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।




**ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷା ଓ କର୍ତ୍ତୃପକ୍ଷ ମହାସଂଘର ବୈଠକ**

## ପ୍ରଶାନ୍ତ ମହାପାତ୍ର ସଭାପତି ମନୋନୀତ

**ବ୍ରହ୍ମପୁର,୭।୧୨(ସମିସ):** ଗଞ୍ଜାମ କଳା ପରିଷଦ ପରିସରରେ ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷା ଏବଂ କର୍ତ୍ତୃପକ୍ଷ ମହାସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରଘୁନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ନୂତନ କାର୍ଯ୍ୟକର୍ତ୍ତା ଚୟନ, ସଂଘର ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଘରୋଇ ବିଦ୍ୟାଳୟ ସମ୍ପର୍କୀୟ ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ଉଠାଯାଲା। ଆଗାମୀ ଦିନରେ ସଂଘକୁ କିପରି ସୁଦୃଢ଼ କରିବାଯାଇପାରିବ ଓ ଶିକ୍ଷାକ୍ଷେତ୍ରରେ ଅଧିକ ପରିବର୍ତ୍ତନ ଆଣିବା ପାଇଁ କଣ ପଦକ୍ଷେପ ଗ୍ରହଣ କରାଯିବ ସେ ନେଇ ଆଲୋଚାନ କରାଯାଇଥିଲା। ଆଗାମୀ ଦିନରେ ଘରୋଇ ବିଦ୍ୟାଳୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ଓ ଛାତ୍ରଛାତ୍ରୀଙ୍କ ସୁନ୍ଦର ଶିକ୍ଷା ପରିବେଶ ସୃଷ୍ଟି କରିବା ମହାସଂଘର ମୁଖ୍ୟ ଲକ୍ଷ୍ୟ ରହିବ କୁହାଯାଇଥିଲା। ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଏବଂ କର୍ତ୍ତୃପକ୍ଷ ମହାସଂଘର ନୂତନ ସଭାପତି ଭାବେ ଗୁରୁକୁଳ ଆନ୍ତର୍ଜାତୀୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଶାନ୍ତ ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମହାପାତ୍ର ଓ ସଂଗଠନ ସମ୍ପାଦକ ଲକ୍ଷ୍ମଣ ରାଓ ଆଚାରୀ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମହାପାତ୍ର, ସାଧାରଣ ସଚିବ ଅମ୍ବରିଶ ମିଶ୍ର, ସଂଗଠନ ସଂପାଦକ ଲକ୍ଷ୍ମଣ ରାଓ ଆଚାରୀ, ଉପଦେଷ୍ଟା ଶରତ କୁମାର ପଟ୍ଟନାୟକ, ସଭାପତି କଟକ ରେଞ୍ଜର ଶରତ ଚନ୍ଦ୍ର ସାମନ୍ତ, ଉପଦେଷ୍ଟା ରଞ୍ଜନ ପୋଲାଇଙ୍କ ସମେତ ରାଜ୍ୟର ବିଭିନ୍ନ ବ୍ଲକ ଓ ଜିଲ୍ଲାରୁ ଆସିଥିବା ସଦସ୍ୟ ଉପସ୍ଥିତ ଥିଲେ।



● **ପୀତବାସ ପଣ୍ଡା ହତ୍ୟା ମାମଲା**

## ସିଡି ପ୍ରସ୍ତୁତ କରୁଛି ପୁଲିସ

**ବ୍ରହ୍ମପୁର,୭।୧୨(ସମିସ):** ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର କେସ ଡାଇରୀ (ସିଡି) ପ୍ରସ୍ତୁତ କରୁଛି ପୁଲିସ। ଏହି ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁ, ଆଇନଜୀବୀ ମଦନ ଦଳାଇ ଓ ଶୂନ୍ୟ ଦାସଙ୍କ ପାଇଁ କୋର୍ଟରେ ଜାମିନ ଆବେଦନ ହୋଇଛି।

**୯ରେ ବିକ୍ରମ, ପିଣ୍ଟୁ, ମଦନ ଓ ଶୂନ୍ୟଙ୍କ ଜାମିନ ଆବେଦନର ଶୁଣାଣି**

ଜିଲ୍ଲା ଜଜ୍ ଅଶାନ୍ତ କୁମାର ଦାଶ ଉକ୍ତ ଜାମିନ ଆବେଦନ ପିଟିସନର ଶୁଣାଣି ଆରମ୍ଭ ପୂର୍ବରୁ ତଦନ୍ତ ଜାରି ରହିଥିବା ଦର୍ଶାଇ ତଦନ୍ତକାରୀ ଅଧିକାରୀଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ସିଡ଼ି ଦାଖଲ ପାଇଁ କୋର୍ଟରେ ସମୟ ମାଗିଥିଲେ। ଆବେଦନକୁ କୋର୍ଟ ଗ୍ରହଣ କରି ପରବର୍ତ୍ତି ଶୁଣାଣି ଅର୍ଥାତ ଆସନ୍ତା ୯ତାରିଖ ମଙ୍ଗଳବାର ପାଇଁ ଦିନ ଧାର୍ଯ୍ୟ ହୋଇଛି। ସେପଟେ ଟାଉନ୍ ଏସ୍‌ଡିପିଓ ଅଫିସରେ ପୀତବାସଙ୍କ ଓକିଲ ଓ ପୁଲିସ ଉଭୟେ ହତ୍ୟା ଘଟଣାର ସିଡି ପ୍ରସ୍ତୁତି ପାଇଁ ଆଲୋଚନା କରିବା ସହ ପ୍ରାୟ ସିଡି ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି।

## ବ୍ୟାଙ୍କ୍ ସମ୍ମୁଖରୁ ୨ଲକ୍ଷ ଟଙ୍କା ଲୁଟ୍

**ବ୍ରହ୍ମପୁର,୭।୧୨(ସମିସ):** ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରୁ ଜଣଙ୍କଠାରୁ ୨ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଲୋଚାପଡ଼ା ଶକ୍ତି ନଗରର ବିନୋଦ ବିହାରୀ ପଟ୍ଟନାୟକ ଶୁକ୍ରବାର ଏସ୍‌ଆଇ ମୁଖ୍ୟ ଶାଖାକୁ ମଧ୍ୟାହ୍ନରେ ଯାଇ ୨ଲକ୍ଷ ଟଙ୍କା ଉଠାଇଥିଲେ। ଏକ ବ୍ୟାଗରେ ଟଙ୍କା, ଚେକ୍ ବୁକ୍, ଏଟିଏମ୍ କାର୍ଡ, ପାନ୍ କାର୍ଡ, ଆଧାର କାର୍ଡ ରଖି ସ୍କୁଟର ପାଖକୁ ଆସିଥିଲେ। ସ୍କୁଟର ଡିକିରେ ବ୍ୟାଗ ରଖୁଥିବା ବେଳେ ଜଣେ ଯୁବକ ତଳେ ୫୦ଟଙ୍କା ପଡ଼ିଥିବା କହିଥିଲେ। ସେ ତଳକୁ ଦେଖିବା ଭିତରେ ବ୍ୟାଗକୁ ଝାମ୍ପି ନେଇ ବାଇକ୍‌ରେ ଚମ୍ପଟ ମାରିଥିଲା ଯୁବକ। ଏନେଇ ବିନୋଦ ବିହାରୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ଆଜି ଅଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନର ଆମରଣ ଅନଶନ

**ବ୍ରହ୍ମପୁର,୭।୧୨(ସମିସ):** ଅଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ୮ଦଫା ଦାବି ନେଇ ଧାରଣା ଜାରି ରହିଥିବା ବେଳେ ସେମାନଙ୍କ ଦାବି ପୁରଣ ହୋଇନି। ଫଳରେ ସଂଘ ପକ୍ଷରୁ ସୋମବାରଠାରୁ ସମସ୍ତ ଛାତ୍ରଛାତ୍ରୀ ସମୂହ ଆମରଣ ଅନଶନ କରିବାକୁ ସଂଘ ନିଷ୍ପତି ନେଇଥିବା ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍‌ପିଟାଲର ଛାତ୍ର ସଂସଦ ସଭାପତି ସିଦ୍ଧାର୍ଥ ପଣ୍ଡା କହିଛନ୍ତି। ପୂର୍ବରୁ ସଂଗଠନ ପକ୍ଷରୁ ଦୀର୍ଘ ୧୯ଦିନ ଧରି କଳାବ୍ୟାଜ୍ ପରିଧାନ କରିବା ପରେ ମଧ୍ୟ ସେମାନଙ୍କ ଦାବି ପୂରଣ ହୋଇନଥିଲା। ପରେ ଛାତ୍ରଛାତ୍ରୀ ବିଭିନ୍ନ ପନ୍ଥା ଆପଣାଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ତଥାପି ସରକାର ଛାତ୍ର ସଂଗଠନର କୌଣସି ଦାବିକୁ ଗ୍ରହଣ କଲେ ନାହିଁ। ସରକାର ତୁରନ୍ତ ଓପିଏସ୍‌ସି ଜରିଆରେ ଆୟୁଷ ଡାକ୍ତର ପଦବୀ ସୃଷ୍ଟି କରିବା ସହ ନିଯୁକ୍ତି ପ୍ରଦାନ କରିବା ଭଳି ୮ଦଫା ଦାବି ନେଇ ସୋମବାରରୁ ଆମରଣ ଅନଶନ କରିବାକୁ ସଂଘ ନିଷ୍ପତି ନେଇଛି।

## ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ବୈଠକ



**ବ୍ରହ୍ମପୁର,୭।୧୨(ସମିସ):** ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଜିଲ୍ଲା ଶାଖାର ବୈଠକ ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ରାଜ୍ୟ ପେନସନର୍ସ ଫେଡେରେସନର ଆହ୍ୱାନକ୍ରମେ ଆସନ୍ତା ୧୭ତାରିଖ ଦିନ ସମଗ୍ର ଦେଶର ପ୍ରତି ଜିଲ୍ଲାରେ ପେନ୍‌ସନ ଦିବସ ପାଳନ କରାଯିବା ନିଷ୍ପତ୍ତି ପ୍ରକାରେ ଗଞ୍ଜାମ ଜିଲ୍ଲାରେ ମଧ୍ୟ ଏହା ଅନୁଷ୍ଠିତ ହେବା ନେଇ ମତପ୍ରକାଶ ପାଇଥିଲା। ବୈଠକରେ କେନ୍ଦ୍ର ସରକାରଙ୍କ ଗତ ଅର୍ଥ ବିଲ୍ ପାରିତ ସମୟରେ ଭ୍ୟାଲିଡ଼ସନ ଆକ୍ଟ ମାଧ୍ୟମରେ ପୁରୁଣା ପେନସନ (ଓପିଏସ୍) ପ୍ରାପ୍ୟ ଗୁଡିକୁ ସଂକୁଚିତ କରିବା ନିଷ୍ପତ୍ତିକୁ ସମ୍ପାଦକ ଅଶୋକ କୁମାର ଦଳାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର କୁମାର ପଣ୍ଡା, ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଅଧ୍ୟକ୍ଷ କାମରାଜୁ ମହାରଣା, ଉପ-ସଭାପତି ସୁବାସ ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ମିହିର କାନ୍ତ ମହାପାତ୍ର, ଲିଙ୍ଗରାଜ ସ୍ୱାଇଁ, ସମୀର ଆଚାର୍ଯ୍ୟ, ଇ. କରୁଣା କୁମାରୀ ଓ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ନିଜ ନିଜ ବକ୍ତବ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେହିଭଳି ୧୮ ତାରିଖରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ଦେବାନେଇ ଆଲୋଚନା କରାଯାଇଥିଲା। ଶେଷରେ ସୁବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମପୁର ପ୍ରେସ୍ କ୍ଲବ୍‌ର ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କାର୍ଯ୍ୟକ୍ରମ

**ବ୍ରହ୍ମପୁର,୭।୧୨(ସମିସ):** ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ଓ ପ୍ରେସ୍ କ୍ଲବ୍ ବ୍ରହ୍ମପୁରର ମିଳିତ ସହଯୋଗରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଆଲୋଚନା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ପ୍ରେସ୍ କ୍ଲବ୍‌ର ୧୫୦ରୁ ଅଧିକ ସଦସ୍ୟ ଭାଗ ନେଇଥିଲେ। ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିବା ଏହି ସ୍ୱାସ୍ଥ୍ୟ ଶିବିରକୁ ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ। ଏ ଅବସରରେ ମଣିପାଲ ହସ୍ପିଟାଲ ପକ୍ଷରୁ ସମସ୍ତ ଅଂଶଗ୍ରହୀଙ୍କ ପାଇଁ 'ମିଡିଆ ପ୍ରିଭିଲେଜ୍ କାର୍ଡ' ମଧ୍ୟ ଲୋକାର୍ପିତ କରାଯାଇଥିଲା। ପ୍ରେସ୍ କ୍ଲବ ସଭାପତି ଅଶୋକ ବ୍ରହ୍ମା ମଣିପାଲ ହସ୍ପିଟାଲର ଏହି ପ୍ରୟାସକୁ ସ୍ୱାଗତ କରିଥିଲେ। ଶିବିରରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଦିବ୍ୟ ରଞ୍ଜନ ବେହେରା, ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ଡାଇରେକ୍ଟର ଅର୍ଥୋପେଡିକ୍ ଡାକ୍ତର ସୁନୀଲ କୁମାର ଦାଶ, ରୋବୋଟିକ୍ ନି ସର୍ଜରୀ, ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଅମ୍ଳାନ ତପନ ମହାପାତ୍ର, ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡାକ୍ତର ଜତିନ କୁମାର ମାଝି ଯୋଗଦେଇ ବିଭିନ୍ନ ରୋଗ ନେଇ ସଚେତନ କରିଥିଲେ।



**ସୁଧ କାରବାର ନାଁରେ ୩ କୋଟି ଠକେଇ**

## ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ଗିରଫ

**ବ୍ରହ୍ମପୁର,୭।୧୨(ସମିସ):** ସୁଧ କାରବାର ନାଁରେ ବଡ଼ବଜାର ଅଞ୍ଚଳର ଶତାଧିକ ଲୋକଙ୍କଠାରୁ ୩ କୋଟିରୁ ଅଧିକ ଟଙ୍କା ଠକି ନେବା ଅଭିଯୋଗରେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଶାସ୍ତ୍ରୀନଗର ପ୍ରଥମ ଲାଇନର ପ୍ରଶାନ୍ତ ମହାପାତ୍ର (୩୪)। ଗତକାଲି ପ୍ରଶାନ୍ତଙ୍କ ପତ୍ନୀ ଲକ୍ଷ୍ମୀ ମହାପାତ୍ରଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।

ସୂଚନାଯୋଗ୍ୟ ଯେ, ସୁଧ କାରବାର ଓ ଚିଟ୍ ପକାଇବା ନାଁରେ ପ୍ରଶାନ୍ତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଶତାଧିକ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଣିଥିଲେ। ପୂର୍ବରୁ ସେ ଜମାକାରୀଙ୍କୁ ସେମାନଙ୍କ ମାସିକ ସୁଧ ଟଙ୍କା ଠିକ୍ ସମୟରେ ଦେଉଥିଲେ। ହେଲେ ଗତ ୧ ମାସରୁ ଅଧିକ ସମୟ ହେବ ପ୍ରଶାନ୍ତ ଜମାକାରୀଙ୍କୁ ଟଙ୍କା ଦେଇନଥିଲେ କିମ୍ବା ଫୋନ ଗ୍ରହଣ କରିନଥିଲେ। ଏପରିକି ଗତ ୧ସପ୍ତାହ ହେବ ସେ ମୋବାଇଲ ବନ୍ଦ କରି କେଉଁଆଡେ ଫେରାର ହୋଇ ଯାଇଥିଲେ। ଜମାକାରୀମାନେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ବଡ଼ବଜାର ଥାନାକୁ ଯାଇ ପ୍ରଶାନ୍ତଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ସମ୍ପର୍କରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତ ପ୍ରଶାନ୍ତଙ୍କ ବିରୋଧରେ ମୋଟ ୪ଟି ଠକେଇ ମାମଲା ରୁଜୁ କରିଥିବା ବେଳେ ଗୋଟିଏ ଅଭିଯୋଗରେ ତାଙ୍କ ପତ୍ନୀ ଲକ୍ଷ୍ମୀଙ୍କ ନାମ ରହିଥିଲା। ପ୍ରଶାନ୍ତ ଓ ରଙ୍ଗୁଣୀବନ୍ଧ ସାହିର ଅନୀଲ ଗଜେନ୍ଦ୍ର ପୂର୍ବରୁ ବନ୍ଧୁ ଭାବେ ପରିଚିତ ଥିଲେ। ଚିଟ୍ ଓ ସୁଧ କାରବାରରେ ଟଙ୍କା ଲଗାଇଲେ ମୋଟା ଅଙ୍କର ମାସିକ ସୁଧ ଦେବେ ବୋଲି କହି ପ୍ରଶାନ୍ତ ତାଙ୍କ ଠାରୁ ୧୩ ଲକ୍ଷ ୫୦ହଜାର ନେଇଥିଲେ। ପ୍ରଶାନ୍ତ ୭ଲକ୍ଷ ୫୦ହଜାର ନେଇଥିବା ବେଳେ ଲକ୍ଷ୍ମୀ ୬ ଲକ୍ଷ ନେଇଥିଲେ। ହେଲେ ବର୍ତ୍ତମାନ ଟଙ୍କା ଫେରସ୍ତ କରିବାକୁ କହିଲେ ପ୍ରଶାନ୍ତ ଗାଳିଗୁଲଜ କରିବା ସହ ଧମକ ଦେଉଥିବା ଅନିଲ ଅଭିଯୋଗ କରିଥିଲେ। ଏନେଇ ବଡ଼ବଜାର ଥାନାରେ ଅଭିଯୋଗ ପରେ ପୁଲିସ ନଂ.୬୦୧/୨୫ରେ ଏକ ମାମଲା ରୁଜୁ କରିଥିଲା। ଘଟଣା ପରଠାରୁ ପ୍ରଶାନ୍ତ ନିଜ ମୋବାଇଲ ସୁଇଚ୍ ଅଫ୍ କରି ଫେରାର ହୋଇଯାଇଥିବା ବେଳେ ପୁଲିସ ଆଜି ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା।



## ଚତୁର୍ଦ୍ଦଶ ଭଦ୍ରକ ଜିଲ୍ଲା ମହୋତ୍ସବର ୫ମ ସନ୍ଧ୍ୟା

# ‘ମଣି ବେଜ ଥିଲେ ଆମ ଜାତିର ସମ୍ପତ୍ତି’

ଭଦ୍ରକ,୭ ।୧୨(ସମିସ)

ଭଦ୍ରକର ଐତିହ୍ୟ,ସଂସ୍କୃତି, ପରମ୍ପରା, କିମ୍ବଦନ୍ତୀ ସ୍ୱତନ୍ତ୍ର । ଭାରତର ସ୍ୱାଧୀନତା ସଂଗ୍ରାମକୁ ଭଦ୍ରକର ଦାନ ଅତୁଳନୀୟ । ଭାରତ ଇତିହାସରେ ଭଦ୍ରକ ଯୁଗ ଯୁଗ ଧରି ସୁବର୍ଣ୍ଣ ପଦକ ମଣ୍ଡନ କରି ଇତିହାସର ମୂକସାକ୍ଷୀ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ । ରକ୍ତ ତୀର୍ଥ ଇରମର ମଣି ବେଜ୍ ଆମ ଜାତିର ସମ୍ପତ୍ତି ଥିଲେ । ତାଙ୍କର ପ୍ରଚାର ପ୍ରସାର କରିବା ଆମର କର୍ତ୍ତବ୍ୟ ହେବା ଉଚିତ ବୋଲି ରାଜ୍ୟ କିଷାନ ମୋର୍ଚ୍ଚାର ଉପ ସଭାପତି ପୁନିଲ କୁମାର ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ବିଶିଷ୍ଟ ସମାଜସେବୀ ତଥା ସଂକ୍ରାନ୍ତି ସାହିତ୍ୟ ସନ୍ଧ୍ୟାର ସଭାପତି କବି ଦୀନବନ୍ଧୁ ପତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ, ଆମ ସମାଜର ପ୍ରତ୍ୟେକ ବ୍ୟକ୍ତି ମାନବୀୟ ସଂସ୍କୃତି ଉପରେ ପ୍ରାଧାନ୍ୟ ଦେବା ଉଚିତ । ଇଂରାଜୀ ଭାଷା ସାହିତ୍ୟ ଗବେଷକ ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ପ୍ରାଧ୍ୟାପକ ସୁରେନ୍ଦ୍ର ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଦ୍ରକର ଐତିହ୍ୟ, ସଂସ୍କୃତି, ପରମ୍ପରା ଓଡ଼ିଶାର କିମ୍ବଦନ୍ତୀ ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ନାଟ୍ୟଭୂଷଣ ବଂଶୀବଲ୍ଲଭ ଗୋସ୍ୱାମୀ



ମଞ୍ଚରେ ‘ଆମ ସଂସ୍କୃତିର ସୁରକ୍ଷା ଆମର କର୍ତ୍ତବ୍ୟ’ ଶୀର୍ଷକ ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିଲେ । ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା । ପ୍ରାଧ୍ୟାପକ ସୁରେନ୍ଦ୍ରପ୍ରସାଦ ମହାନ୍ତିଙ୍କ ରଚିତ "ଗୋହିରା ଟିକିରାରୁ ଷୋଳମପୁର' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା । ରଶ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଦର୍ଶ ଶିକ୍ଷକ ଅରୁଣ କୁମାର ମଲ୍ଲିକ ମାତୃ ବନ୍ଦନା ଗାନ କରିଥିଲେ ଏବଂ ଶେଷରେ ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ସନ୍ଧ୍ୟାରେ ଆଞ୍ଚଳିକ ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ନୃତ୍ୟ ପରିବେଷଣ ଓ ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଭଦ୍ରକ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଲା, ଦାସକାଠିଆ ଏବଂ ନୃତ୍ୟ ବେଶ୍ ଚିତ୍ତାକର୍ଷକ ଥିଲା । ଗୀତ ସଙ୍ଗୀତର ନିର୍ଦ୍ଦେଶକ କୁମାର ଗୌତମ ଓ ସାଥୀଙ୍କ ସଙ୍ଗୀତ ନୃତ୍ୟରେ ଦର୍ଶକମାନେ ବିମୋହିତ ହୋଇଥିଲେ । କମିଟିର ଉପ ସଭାପତି ପ୍ରମୋଦ ରାୟ, ଆବାହକ ଶଶୀଭୂଷଣ ସ୍ୱାମୀ, ସାଂସ୍କୃତିକ ସମ୍ପାଦକ ରଶ୍ମିତା ଦାଶ, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଂଯୋଜକ ରାଜଲକ୍ଷ୍ମୀ ମହାପାତ୍ର, ଉପ ସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର ତ୍ରିପାଠୀ, ମନସ୍ମିତା ଦାସ, ଦୀପାଲୀ ନାୟକ, ସୁମିତ୍ରା ପାଣି, ଗୋସ୍ୱାମୀ ଅରୂପ ଦାସ, ସୁନୀଲ ଦତ୍ତ ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ପ୍ରତ୍ୟେହ ସନ୍ଧ୍ୟାରେ ସାଧାରଣ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ନାଟକ ଭିତିକ ସାଂସ୍କୃତିକ ବିଚିତ୍ରା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ଓ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକ କଳା, ଲୋକ ନୃତ୍ୟ, ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ, ମଞ୍ଚ କଳାକାର, ହାସ୍ୟ ଅଭିନେତା, ଅଭିନେତ୍ରୀ, ଯାତ୍ରା କଳାକାର ଯୋଗ ଦେଉଛନ୍ତି ।

## ପ୍ରାକ୍ତନ ବିଧାୟକ ମୁରଲୀଧର ଜେନାଙ୍କ ଶ୍ରାଦ୍ଧ ବାର୍ଷିକୀ



ଧାମନଗର,୭।୧୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଅବିଭକ୍ତ ଧାମନଗର-ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ, ଦରଦୀ ଜନନେତା ସ୍ୱର୍ଗତ ମୁରଲୀଧର ଜେନାଙ୍କ ୫୯ତମ ଶ୍ରାଦ୍ଧ ସମାରୋହ ଧାମନଗର ସ୍ୱାଧୀନତା ସଂଗ୍ରାମର ପୀଠ ମହତାବ ସେବାସଦନ ଠାରେ ଅନୁଷ୍ଠିତ ହୋଇଯାଇଛି ।ସଭା ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ସେବାସଦନ ପରିସରରେ ଥିବା ସ୍ୱର୍ଗତ ମୁରଲୀଧର ଜେନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା ।ହାଇକୋର୍ଟର ଆଇନଜୀବୀ ଦେବାଶିଷ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବରିଷ୍ଠ ସାମ୍ବାଦିକ ତଥା ମହତାବ ସେବାସଦନର ପରିଚାଳକ ବାସୁଦେବ ତ୍ରିପାଠୀ ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସାଂସଦ ମୁରଲୀଧର ଜେନା, ସମ୍ମାନିତ ଅତିଥି ଭାବେ ଭଦ୍ରକ ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, କଂଗ୍ରେସ ନେତା ଅଭିଷେକ ରାଉତ, କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ଶିକ୍ଷାବିତ ରବୀନ୍ଦ୍ର କୁମାର ବେହୁରିଆ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସେବା ସମର୍ପଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ ମହେଶ୍ୱର ସ୍ୱାଇଁ, ହୃଦାନନ୍ଦ କର, ଭାବଗ୍ରାହୀ ଖୁଣ୍ଟିଆ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ମାନସ ରଞ୍ଜନ ସାହୁ, ମାନସ ରାଉତ, ପ୍ରସନ୍ନ କୁମାର ଧଳ, କୁଳମଣି ବେହେରା, ଶିକ୍ଷକ ମନୋଜ ସିଂ, ସାମ୍ବାଦିକ ସେକ ଜାଫର ଅଲ୍ଲୀ, ରଜତ କୁମାର ପଣ୍ଡା, ସରୋଜ କୁମାର ସେଠୀ, ଗୋଲାମ ଜିଲାନୀ ହବିବ୍, ପ୍ରଦୀପ କୁମାର ମହାପାତ୍ର, ପ୍ରମୋଦ ସ୍ୱାଇଁ, ଅନନ୍ତ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମୁରଲୀଧର ଜେନାଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ବହୁ ସାମ୍ବାଦିକ, ଶିକ୍ଷାବିତ୍, ସାହିତ୍ୟିକ, ବୁଦ୍ଧିଜୀବୀ ଓ ସମାଜସେବୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

### ମଦ ପାଇଁ ମା’କୁ ଜାଳିଦେବା ଘଟଣା

## ୩ ଦିନ ପରେ ଆଖି ବୁଜିଲା ମା’; ପୁଅ ଅଟକ

ଦୋଳସାହି,୭ ।୧୨(ସମିସ): ତିହିଡ଼ି ଥାନା ଅଧିନ ରେ ମଦ ପିଇବା ପାଇଁ ଟଙ୍କା ମାଗି ନପାଇବାରୁ ଜଣେ ପୁଅ ନିଜ ମା’ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବା ଘଟଣାର ୩ଦିନ ପରେ ମା’ ଜ୍ୟୋସ୍ନାରାଣୀ ନାୟକ(୬୫)ଆଖି ବୁଜିଛନ୍ତି । ସୂଚନାଯୋଗ୍ୟ, ବିଲଣା ଗଣ୍ଡୋଗଳଗଣ୍ଡପୁର ଗାଁର ରବିନ୍ଦ୍ର ନାୟକଙ୍କ ପୁତ୍ର ଦେବାଶିଷ ନାୟକ ପ୍ରତିଦିନ ମଦ ପିଇ ଗ୍ରାମ ରେ ଅଶାନ୍ତି ଘଟାଉଥିବା ବେଳେ ମଦ ପିଇବା ପାଇଁ ମା ଜୋସ୍ନାରାଣୀ ନାୟକ (୫୫) କୁ ଟଙ୍କା ମାଗିବା ସହ ମାରଧର କରୁଥିଲା । ଗତ ଗୁରୁବାର ସକାଳ ୮ଟା ବେଳେ ମା’ମଦ ପିଇବା ପାଇଁ ଟଙ୍କା ନଦେବାରୁ ମା ଦେହରେ କିରୋସନି ନିଆଁ ଲଗାଇ ଥିଲା । ଗୁରୁତର ଅବସ୍ଥାରେ ମା’ ଜ୍ୟୋସ୍ନାରାଣୀଙ୍କୁ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା ବେଳେ ଅବସ୍ଥା ସଂକଟାପନ୍ନ ଆଡକୁ ଗତି କରିବା ନେଇ ଜୋସ୍ନାରାଣୀ ନାୟକ ଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଶନିବାର ରାତିରେ ଜୋସ୍ନାରାଣୀ ନାୟକଙ୍କ ମୃତ୍ୟୁ ବରଣ ହୋଇଥିଲା ବେଳେ ପୁଅ ଦେବାଶିଷ ନାୟକ ତିହିଡି ପୁଲିସ ଅଟକ ଥିବା ଜଣାଯାଇଛି ।

### ଶିକ୍ଷାଗତ ପ୍ରମାଣ ପତ୍ରରେ ଜାଲିଆତି

## ଅବସର ନେଲେଣି ଶିକ୍ଷକ; ସ୍କୁଲରେ ନାଁ ଗଢୁଛି

ବନ୍ତ/ଆଗରପଡ଼ା,୭।୧୨(ସମିସ): ଶିକ୍ଷାଲାଭ କରିଥିବା ସ୍କୁଲରେ ଟିସି ନେଇଥିବାର କୌଣସି ସୂଚନା ନଥିବାବେଳେ ଜନୈକ ବ୍ୟକ୍ତି ଶିକ୍ଷକତା କରି ଅବସର ନେଇଥିବା ଜଣାପଡ଼ିଥିଲା । ଏହିପରି ଏକ ଘଟଣା ଭଦ୍ରକ ଜିଲ୍ଲା ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନରେ ଘଟିଥିବାର ଜଣାପଡ଼ିଥିଲା । ସୂଚନା ଅଧିକାର କର୍ମୀ ତଥା ସାମ୍ବାଦିକ ବିନୋଦ ଧଳ ସାମନ୍ତ ଗତ ଜୁନ ମାସରେ ସୂଚନା ଅଧିକାର ଆଇନ ବଳରେ ବନ୍ତ ନୂକ ଆଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଅଡ଼ାଳପଙ୍କ ସ୍ଥିତ କୃପାସିନ୍ଧୁ ସରକାରୀ ହାଇସ୍କୁଲକୁ ଉକ୍ତ ହାଇସ୍କୁଲରେ ଅଧ୍ୟୟନ କରିଥିବା ଜନୈକଛାତ୍ରଙ୍କ ସବିଶେଷ ବିବରଣୀ ମାଗିଥିଲେ । ପରେ ଗତ ୨୦୧୩ ଜୁଲାଇ ମାସରେ ହାଇସ୍କୁଲ ତରଫରୁ ଉକ୍ତ ଛାତ୍ରଙ୍କ ବିବରଣୀ ପ୍ରଦାନ କରାଯାଇଥିଲା ।ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ସୂଚନା ଅଧିକାରୀ ଉକ୍ତ ଛାତ୍ର ତାଙ୍କ ସ୍କୁଲରେ ବର୍ଷ ୧୯୭୬ ଜୁନ ମାସ ୨୫ ତାରିଖରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବାର ସୂଚନା ପ୍ରଦାନ କରିଥିଲେ । କିନ୍ତୁ ଉକ୍ତ ଛାତ୍ର ତାଙ୍କ ବିଦ୍ୟାଳୟରୁ କେବେ ଟିସି ନେଲେ ତାର କୌଣସି ସଠିକ ପ୍ରମାଣ ଆଡ଼ମିସନ ରେଜିଷ୍ଟରରେ ନଥିବା ସେ ତାଙ୍କ ଚିଠିରେ ଉଲ୍ଲେଖ କରିଥିବା ବେଳେ ଉକ୍ତ ଛାତ୍ର ପରବର୍ତ୍ତୀ ସମୟରେ ଅନ୍ୟ ଏକ ବିଦ୍ୟାଳୟ (ତରାଗ ହାଇସ୍କୁଲ) ରୁ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଉଚ୍ଚ ଶିକ୍ଷାଲାଭ କରି ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧିନରେ ଶିକ୍ଷକତା କରି ଗତ ୨୦୨୩ ମାର୍ଚ୍ଚ ମାସରେ ଚାକିରିରୁ ଅବସର ନେଇଥିବା ସୂଚନା ଜନସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନାରୁ ଜଣାପଡ଼ିଥିଲା । ସୂଚନାକୁ ଅନୁସନ୍ଧାନ କଲେ ଏଠାରେ ପ୍ରଶ୍ନ ଉଠେ ଯେ ଗୋଟିଏ

### ଶୁଣାଣି ପାଇଁ ବିଜ୍ଞପ୍ତି ଜାରିକଲେ ରାଜ୍ୟ ସୂଚନା ଆୟୋଗ

ବିଦ୍ୟାଳୟରୁ ଟିସି ନେଇଥିବାର କୌଣସି ପ୍ରମାଣ ନଥିବା ବେଳେ ଶିକ୍ଷକ ଜଣକ କେଉଁ ପ୍ରମାଣପତ୍ର ଆଧାରରେ ଓ କେଉଁ ପରିସ୍ଥିତିରେ ଅନ୍ୟ ଏକ ବିଦ୍ୟାଳୟରେ ନାମ ଲେଖାଇଲେ ଓ ପରବର୍ତ୍ତି ସମୟରେ ଉଚ୍ଚଶିକ୍ଷା ଲାଭ କରି ଶିକ୍ଷକତା କଲେ । ତେଣୁ ବିଭିନ୍ନ ବିଦ୍ୟାଳୟରେ ତାଙ୍କ ନାମ ଲେଖା ପ୍ରକ୍ରିୟାକୁ ବିଭାଗୀୟ ଅଧିକାରୀ ଯାଂଚ କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ଉକ୍ତ ଶିକ୍ଷକଙ୍କ ଚଂକତା ପଦାକୁ ଆସିବ ବୋଲି ସୂଚନା ଅଧୁକାର କର୍ମୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଠାରେ ଦାବି କରିବା ସହ ଏଥିନେଇ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ ତାଙ୍କ ଅଭିଯୋଗକୁ ୬ ମାସ ବିତିଯାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଏହା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ପରୋକ୍ଷରେ ଜାଲିଆତିକୁ ପ୍ରଶ୍ରୟ ଦେଉଥିବା ଜଣାପଡ଼ିଥିଲା । ତେଣୁ ନିୟମାନୁସାରେ ଶ୍ରୀ ଧଳ ସାମନ୍ତ ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜନ ସୂଚନା ଅଧିକାରୀଙ୍କୁ ସେ କେଉଁ ଆଧାରରେ ତରାଗ ହାଇସ୍କୁଲରେ ନାମ ଲେଖାଇଲେ ଓ ଉଚ୍ଚଶିକ୍ଷାଲାଭ କଲେ ତାହାର ପ୍ରମାଣ ପତ୍ର ସୂଚନା ଅଧିକାର ଆଇନ ବଳରେ ମାଗିଥିଲେ କିନ୍ତୁ ସେ ତାହା ନପାଇପାରିବାରୁ ପରେ ଶିକ୍ଷାଧିକାରୀ,ବନ୍ତଙ୍କ ଠାରେ ଅପିଲ କରିଥିଲେ । ଶିକ୍ଷାଧିକାରଙ୍କ ଠାରୁ କୋ÷ଣସି ସୂଚନା ନ ପାଇବାରୁ ଶେଷରେ ରାଜ୍ୟ ସୂଚନା ଆୟୋଗଙ୍କ ଠାରେ ଆବେଦନ କରିଥିଲେ । ତାଙ୍କ ଅଭିଯୋଗକୁ ଗ୍ରହଣ କରି ସୂଚନା ଆୟୋଗ ଅଭିଯୋଗ ଉପରେ ଶୁଣାଣୀ ପାଇଁ ବିଜ୍ଞପ୍ତି ଜାରୀ କରିବା ସହ ଜନ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ ପ୍ରାଧିକରଣ(ଗୋଷ୍ଠୀ ଶିକ୍ଷାଧିକାରୀ,ବନ୍ତ)ଙ୍କୁ ଆସନ୍ତା ୧୭ ତାରିଖରେ ରାଜ୍ୟ ସୂଚନା ଆୟୋଗଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

## ଚରମ୍ପା କଲେଜରେ ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା



ଭଦ୍ରକ,୭ ।୧୨(ସମିସ): ଭଦ୍ରକ ଚରମ୍ପା ମହାବିଦ୍ୟାଳୟର ୪୫ତମ ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ସମାରୋହର ପ୍ରଥମ ଦିବସରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ସଭାପତି ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ । ପରିଚାଳନା ସମିତି ସଭାପତି ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହେବାପରେ କ୍ରୀଡ଼ା ପତାକା ଉତ୍ତୋଳନ, ଖେଳାଳିଙ୍କ ଦ୍ୱାରା ମଶାଲ ଧାରଣ ପୂର୍ବକ ମାର୍ଚ୍ଚ ପାଷ୍ଟ କରାଯାଇଥିଲା । କ୍ରୀଡ଼ା ବିଭାଗର ଉପସଭାପତି ପ୍ରାଧ୍ୟାପିକା କଳ୍ପନା ଲେଙ୍କା, ବିଭାଗର ଦାୟିତ୍ୱରେ ଥିବା ଅଧିକାରୀ ମନୋଜ କୁମାର ମହାଳିକ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଆଦିଶଙ୍କର କବି, ଲିଟୁନା ରଣା, ସିଦ୍ଧାନ୍ତ ଲାଲ, ସୁଶାନ୍ତ କୁମାର ଶଙ୍ଖୁଆ, ସ୍ନେହଲତା ହେମ୍ବ୍ରମ, କ୍ରୀଡ଼ା ଶିକ୍ଷକ ଆଲୋକ ରଞ୍ଜନ ସେନାପତି, ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ । ଦୁଇଜଣ ଅତିଥି କ୍ରୀଡ଼ା ଶିକ୍ଷକ ବିଶ୍ୱରଞ୍ଜନ ମହାପାତ୍ର ଓ ସୁବ୍ରତ କୁମାର ସାହୁଙ୍କ ସହଯୋଗରେ ଏହି ତ୍ରିଦିବସୀୟ ବାର୍ଷିକ କ୍ରୀଡାର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ପ୍ରଥମ ଦିନ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର, ଓ ୮୦୦ ମିଟର ଦୌଡ଼ ପ୍ରତିଯୋଗିତା ସହ ଲଙ୍ଗ୍ ଜମ୍ପ, ହାଇ ଜମ୍ପ ଇଭେଣ୍ଟ, ଉଭୟ ଛାତ୍ର ଓ ଛାତ୍ରୀଙ୍କ ମଧ୍ୟରେ ସମାପ୍ତ ହୋଇଥିଲା । ଦ୍ୱିତୀୟ ଦିବସରେ ସେହିପରି ୧୦୦୦ ମିଟର ଦୌଡ଼, ରିଲେ ରେସ୍, ଡିସକସ, ଜେଭେଲିନ ଆଦି ଥ୍ରୋ ଇଭେଣ୍ଟ, ସଟ୍ ପୁଟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତୃତୀୟ ଦିବସରେ ୫ହଜାର ମିଟର ଦୌଡ଼, ଟ୍ରିପଲ୍ ଜମ୍ପ, ଖୋଖୋ, ସ୍ଲୋ ସାଇକେଲ ରେସ୍, ଟଗ ଅଫ୍ ୱାର, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିପୁଳ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । କ୍ରୀଡ଼ା କ୍ଷେତ୍ରରେ ଚରମ୍ପା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ସମୟରେ ଆନ୍ତର୍ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ସଫଳତା ଲାଭ କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି ।

## ଭେଙ୍କଟେଶ୍ୱର ସ୍କୁଲର ବାର୍ଷିକ ବିଜ୍ଞାନମେଳା




ଭଦ୍ରକ,୭ ।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିସ୍ଥିତ ଭେଙ୍କଟେଶ୍ୱର ସ୍କୁଲର ୧୪ତମ ବାର୍ଷିକ ବିଜ୍ଞାନ, ଚିତ୍ର, ହସ୍ତକଳା ଓ ପୁଷ୍ପ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ମୁଖ୍ୟଅତିଥି ଚାନ୍ଦବାଲି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼. ତରଣିସେନ ପଣ୍ଡା, ସମ୍ମାନୀତ ଅତିଥି ତଥା ବିଚାରକ ଭାବେ ଚାନ୍ଦବାଲି ବାଳିକା ଉଚ୍ଚ ବିଦ୍ୟାଳୟର ଦିବ୍ୟଜ୍ୟୋତି ବାରିକ, ଗଣପତି ଉଚ୍ଚ ବିଦ୍ୟାଳୟର ସତ୍ୟ ରଞ୍ଜନ ସାହୁ ଓ ଦୁର୍ଗାଚରଣ ଉଚ୍ଚ ବିଦ୍ୟାଳୟର ମନୋଜ ମାଝୀ ପ୍ରମୁଖ ବିଜ୍ଞାନ ଶିକ୍ଷକମାନେ ଯୋଗ ଯୋଗଦେଇ ଅନୁସନ୍ଧିତ୍ସତାରୁ ହିଁ ବିଜ୍ଞାନ ସୃଷ୍ଟି ବୋଲି ମତ ପ୍ରକାଶ କରିବା ସହିତ ସ୍ଥାନୀୟ ଅଂଚଳର ବିଲୁପ୍ତପ୍ରାପ୍ତ ଜୀବ ଓ ବୃକ୍ଷର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ବାର୍ଷିକ ମେଳାରେ ପ୍ରାୟ ଅଶୀ ଗୋଟି ବିଜ୍ଞାନ ପ୍ରକଳ୍ପ, ଅଦରକାରୀ ବସ୍ତୁକୁ ବ୍ୟବହାର କରି ୨୦ଟି ପ୍ରକଳ୍ପ ଓ ୩୦ ଗୋଟି ପୁଷ୍ପ ପ୍ରକଳ୍ପ ସ୍ଥାନ ପାଇଥିଲା । ଏହି ଉତ୍ସବରେ ସ୍କୁଲର ଚେୟାରମେନ ସୁଧୀର ମହାନ୍ତି, ନିର୍ଦ୍ଦେଶକ ବ୍ରଜ କିଶୋର ପଣ୍ଡା, ଲଳିତ ମୋହନ ମହାନ୍ତି ଓ ନିତ୍ୟାନନ୍ଦ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ଅଧ୍ୟକ୍ଷ ସେକ୍ ମହମ୍ମଦ ଏର୍ଷାଦ, ସୁପ୍ରିତୀ ନାୟକ, ବିଜ୍ଞାନ ଶିକ୍ଷୟତ୍ରୀ ଉପାସନା ସେନ, ଶ୍ରଦ୍ଧାଞ୍ଜଳୀ ନାୟକ, ସୌମିତ୍ରୀ ମୁଦୁଲି, କଳା ଶିକ୍ଷୟତ୍ରୀ ପୁଷ୍ପା ଦାସ, ଚିତ୍ରକଳା ଶିକ୍ଷକ ମାତୃପ୍ରସାଦ ସୂତାର କଳା ଓ ପୁଷ୍ପ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ କ୍ଷ ଶିକ୍ଷକ ରାଜେନ୍ଦ୍ର ପାତ୍ର, ସେକ୍ କାଦି,ର୍ ଇତିଶ୍ରୀ ଦାଶ, ବୀର କିଶୋର ରାଉତ , ଉମାକାନ୍ତ ମିଶ୍ର, ରମାକାନ୍ତ କର, ଉର୍ମିଳା ଦଳାଇ, ସ୍ମୃତି ମାଝୀ, ମିଳନ ମହାନ୍ତି, ଅୟସକାନ୍ତ ମହାନ୍ତି, ସନ୍ଧ୍ୟାରାଣୀ ସାହୁ, ମିନତୀ ସାହୁ , ସୁଚିସ୍ମିତା ପାତ୍ର, ଅର୍ଚ୍ଚନା ସାହୁ, ଅଭିଲିପ୍ସା ବଳ, ସିପ୍ରା ନାୟକ, ଦିଶା ଦାସ, ସୁଶାନ୍ତ ବିଶ୍ୱାଳ, ଧୀରେନ୍ଦ୍ର ଦାସ ସମେତ ସ୍କୁଲର ସମସ୍ତ ଶିକ୍ଷାକର୍ମୀ ଏବଂ ଅଣଶିକ୍ଷକର୍ମୀମାନେ ଏହି ମେଳାର ପରିଚାଳନାରେ ସହଯୋଗ କରିଥିଲେ ।

## କ୍ଲଷ୍ଟରସ୍ତରୀୟ ଲଘୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ



ଭଦ୍ରକ,୭ ।୧୨(ସମିସ): ଭଦ୍ରକ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଲଘୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ଲଷ୍ଟରସ୍ତରୀୟ କ୍ଷୁଦ୍ର ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମାବତୀ ଦ୍ୱିବେଦୀ ଅତିଥି ପରିଚୟ ଦେଇଥିଲେ । ନୃତ୍ୟ, ଗୀତ, ଇଂରାଜୀ କାହାଣୀ କଥନ ଓ କବିତା ଆବୃତ୍ତି, ହିନ୍ଦୀ କାହାଣୀ କଥନ ଓ କବିତା ଆବୃତ୍ତି ପରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ କେ.ଭି ଆନନ୍ଦପୁର, କେ.ଭି ବାଲେଶ୍ୱର ୧, କେ.ଭି ବାଲେଶ୍ୱର ୨, କେ.ଭି ଭଦ୍ରକ, କେ.ଭି ଯାଜପୁର, କେ.ଭି ବ୍ୟାସନଗର, କେ.ଭି କେନ୍ଦୁଝର, କେ.ଭି ରାଇରଙ୍ଗପୁର, କେ.ଭି ଚମ୍ପୁଆ, କେ.ଭି ବାରିପଦା, କେ.ଭି ମୁର୍ଗାବାଡ଼ିର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧ୍ୟକ୍ଷା ପଦ୍ମାବତୀ ଦ୍ୱିବେଦୀ, ପ୍ରଧାନଶିକ୍ଷକ ଦିଲେଶ୍ୱର ସାହୁ, ସୁରେନ୍ଦ୍ର କୁମାର ରାଉତ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁକାନ୍ତି ମିଶ୍ରଙ୍କ ଦ୍ୱାରା ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଦୁଃଖେଶ୍ୱରଙ୍କ ପୀଠରେ ନାହିଁ ଆଲୋକ ଓ ପାନୀୟ ଜଳ ବ୍ୟବସ୍ଥା

ବାରିକପୁର,୭।୧୨(ସମିସ)

ଭକ୍ତଙ୍କ ଦୁଃଖ ଶୁଣନ୍ତି ବୋଲି ସେ ଦୁଖେଶ୍ୱର । କେଉଁ ଆବାହମାନ କାଳରୁ ତେନ୍ତୁଳି ଗଛ ମୂଳେ ପୂଜା ପାଉଛନ୍ତି ଭଗବାନ ବାବା ଦୁଖେଶ୍ୱର । ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ଥଇଲା ଗ୍ରାମ ଠାରେ ଏଭଳି ଏକ ସର୍ବ ପୁରାତନ ଧାର୍ମିକ ପୀଠର ଅବସ୍ଥିତି ରହିଛି । ଲୋକ କଥା ଅନୁଯାୟୀ ଅନେକ ବର୍ଷ ପୂର୍ବରୁ ଏଠାରେ ଜଣେ ସାଧୁ ଅବସ୍ଥାନ କରୁଥିଲେ । ସାଧୁ ଜଣଙ୍କ ଇହଧାମ ତ୍ୟାଗ କରିବା ପରେ ଏଠାରେ ତାଙ୍କୁ ସମାଧି ଦିଆ ଯାଇଥିଲା । ସେବେ ଠାରୁ ମାନବ ରୂପରୁ ପଥରରେ ରୂପାନ୍ତରିତ ହୋଇ ବାବା ଦୁଖେଶ୍ୱର ନାମରେ ଭଗବାନଙ୍କୁ ପୂଜାର୍ଚ୍ଚନା କରା ଯାଉଛି । ବାବାଙ୍କ ପାଇଁ ମନ୍ଦିର ନିର୍ମାଣ ହୋଇଥିଲେ ସୁଦ୍ଧା ସେ ତେନ୍ତୁଳି ବୃକ୍ଷ ମୂଳରେ ଖୋଲା ଆକାଶ ତଳେ ରହବେ ବୋଲି ସ୍ୱପ୍ନରେ ନିର୍ଦ୍ଦେଶ ଦେଇଥିଲେ ।ଆଜିଁଓ ଦୁଖେଶ୍ୱର ସେହି ବୃକ୍ଷ ମୂଳରେ ପୂଜା ପାଉଛନ୍ତି । ଦୁଃଖି ଦରିଦ୍ରର ଦୁଃଖ ଶୁଣନ୍ତି ବାବା । ଯେକେହି ଶ୍ରଦ୍ଧାଳୁ ମାନସିକ କରନ୍ତି ବାବା ତାଙ୍କର ମନସ୍କାମନା ପୂରଣ କରିଥାନ୍ତି । ଦେହପା ଠାରୁ ଆରମ୍ଭ କରି ପାଠ ପଢା, ଚାକିରି ଓ ଝିଅ ପୁଅଙ୍କ ବିଭାଘର ସମସ୍ୟା ନେଇ ଅନେକ ଲୋକ ବାବାଙ୍କୁ ମାନସିକ କରି ଫଳ ପାଇଥିବା କହିଛନ୍ତି । ପୀଠରେ ମାନସିକ ଧାରୀ ମାନେ ମାଟି ଘୋଡା ଓ ଗଞ୍ଜେଇ ଭୋଗ ପ୍ରଥମେ ଅର୍ପଣ କରନ୍ତି । ଗ୍ରାମ ସମେତ ମଞ୍ଜୁରୀ ରୋଡ, ରାଜେନ୍ଦ୍ରପୁର, ଶାସନ, କୁଳଣା, କଟାଂ ପୋଖରୀ, କୋଟଶିରା, ଶାରୋ ପ୍ରମୁଖ ଗାଁର ଶହଶହ ଶ୍ରଦ୍ଧାଳୁ ଦୈନିକ ପୀଠରେ ଆସି ପୂଜାର୍ଚ୍ଚନା କରିଥାନ୍ତି । ଏହାଛଡା ଦୂରଦୁରାନ୍ତରୁ ଅନେକ ଭକ୍ତ ମଧ୍ୟ ପୀଠକୁ ଆସିଥାନ୍ତି । ବୈଶାଖ ମାସ ପଣା ସଂକ୍ରାନ୍ତି ଦିନ ବାବାଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଥାଏ । ଏଥିରେ ହଜାର ହଜାର ଜନସାଧାରଣ ମାନଙ୍କ ସମାଗମ ହୋଇଥାଏ । ଜ ନ ସ । ଧ । ର ଣ ମାନଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ବାବା ଦୁଖେଶ୍ୱରଙ୍କ ପୀଠରେ ଅନେକ ସମସ୍ୟା ରହିଛି । ଯାହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।



### ସେମାନଙ୍କ ମୁହଁରୁ...



▶▶ ଯେଉଁ ଭାବ ଭକ୍ତି ନେଇ ଭକ୍ତ ଦୁଃଖ ଜଣାନ୍ତି ଆମ୍ଭେ ପୂଜକ ହିସାବରେ ପୂଜାର୍ଚ୍ଚନା ଜରିଆରେ ବାବାଙ୍କୁ ଜଣାଇ ଥାଉ । ଦୁଖେଶ୍ୱର ସମସ୍ତଙ୍କ ଦୁଃଖ ହରଣ କରିଥାନ୍ତି ।

ଚିତ୍ତରଞ୍ଜନ ପତି, ପୂଜକ



▶▶ ଆମ ଅଞ୍ଚଳର ସର୍ବ ପୁରାତନ ଧାର୍ମିକ ପୀଠରେ କଲ୍ୟାଣ ମଣ୍ଡପ ନିହାତି ଦରକାର । ଏହାସହ ଆଲୋକୀକରଣ ଓ ପାଇପ ଯୋଗେ ପାନୀୟ ଜଳ ବ୍ୟବସ୍ଥା ହେବା ଜରୁରୀ ଅଟେ ।

ବିଜୟାନନ୍ଦ ସାହୁ, ସ୍ଥାନୀୟ ବାସିନ୍ଦା



▶▶ ବାବାଙ୍କ ପାଖରେ ଯିଏ ଯାହା ମାନସିକ କରନ୍ତି ତାହା ପୂରଣ ହୋଇଥାଏ । କାହାରି ଦୁଃଖ ସହି ପାରନ୍ତି ନାହିଁ ଦୁଖେଶ୍ୱର । ଅଧିକାଂଶ ସମୟରେ ଆମେ ପୀଠକୁ ଆସି ବାବାଙ୍କ ପୂଜାର୍ଚ୍ଚନା କରିଥାଉ ।

କବିତାରାଣୀ ଆରୁଖ, ଶ୍ରଦ୍ଧାଳୁ

# ବିଦ୍ୟାପୀଠର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ସୋର, ୭।୧୨(ସମିସ): ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁରସ୍ଥିତ ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ୱାଇଫାଇ ଇଣ୍ଟରନେଟ ମାଧ୍ୟମରେ ସମସ୍ତ ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ଭିଡିଓ କନଫରେନ୍ସ ମାଧ୍ୟମରେ ବହୁ ଦୂରଦୂରାନ୍ତରୁ ଯୋଗାଯୋଗ କରାଯାଇଥିଲା । ସାଂସ୍କୃତିକ ଏବଂ ଅତିଥି ଯୋଗାଯୋଗ ପାଇଁ ଆଲୋଚନା କରାଯାଇଥିଲା । ଏହି ବୈଠକ ରେ ଉପସଭାପତି ମଧୁସୂଦନ ବେହେରା, ନାରାୟଣ ପଣ୍ଡା, ଶ୍ରୀଧର ସାହୁ, ସମ୍ପାଦକ ମୁରଲୀଧର ପାଢ଼ୀ ଉପସ୍ଥିତ ରହି ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ ।

ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ସମସ୍ତ ନୂତନ ଏବଂ ପୁରାତନ ଛାତ୍ରଛାତ୍ରୀ ହିରକ ଜୟନ୍ତୀରେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ।ଶ୍ରୀଧର ବେହେରା, ସତ୍ୟାନନ୍ଦ ଦାସ, ସୁରେଶ ଚନ୍ଦ୍ର ଦାସ, ମହେନ୍ଦ୍ର ପ୍ରସାଦ ସାହୁ, ସୁଦାମ ଚରଣ ବେହେରା, ସୁନୀଲ ରଞ୍ଜନ ବିଶ୍ୱାଳ, ଜୟନ୍ତ ରାଉତ, ଗୟାଧର ସାହୁଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶ୍ରୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୁଣା ଘରେ ରଙ୍ଗବୋଳି ନେଇଗଲେ ଟଙ୍କା !

ଜଳେଶ୍ୱର ବ୍ଲକ, ୭।୧୨ (ସମିସ)



ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକରେ ଦିନକୁ ଦିନ ପିସି କାରବାର ବୃଦ୍ଧି ପାଇବାରେ ଲାଗିଛି । ବିଭିନ୍ନ ଗ୍ରାମ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଅତି ନିମ୍ନମାନର ଚାଲିଛି, ଯାହାକୁ ନେଇ ବିଭିନ୍ନ ସମୟରେ କାର୍ଯ୍ୟକୁ ନେଇ ଅଭିଯୋଗ ଆସିଲେ ମଧ୍ୟ ପିସି ପାଇଁ କର୍ଣ୍ଣପାତ କରିଲୁନାହାନ୍ତି ପ୍ରଶାସନିକ ଅଧିକାରୀ । ଏଭଳି ଏକ ଅଭିଯୋଗ ଆସିଛି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆର୍ଡ ଗ୍ରାମ ପଞ୍ଚାୟତରୁ ।୨୦୦୭ ମସିହାରେ ବିଧାୟକ ହାତପାଣ୍ଠିରୁ ଖୁଆଡ ଆରଆଇ ଅଫିସ ନିକଟରେ ଏକ କମ୍ୟୁନିଟି ସେଣ୍ଟର୍ ନିର୍ମାଣ କାର୍ଯ୍ୟ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ଏବଂ ଠିକାଦାର ମଧ୍ୟ ୭୦ ପ୍ରତିଶତ କାର୍ଯ୍ୟ ସମାପନ କରିଥିଲେ ମଧ୍ୟ ଉକ୍ତ ଖାତା ନମ୍ବର -୧୧୦୦ ପ୍ଲଟ ନମ୍ବର -୩୩୫୦ , ସ୍ଥାନଟି ଏକ ଗ୍ରାମ୍ୟ ଜଙ୍ଗଲ କିସମର ହୋଇ ଥିବାରୁ ଅଭିଯୋଗ ପରେ କାର୍ଯ୍ୟ ଆଗକୁ ହୋଇ ପାରି ନ ଥିଲା କି ଠିକାଦାର ମଧ୍ୟ ଖର୍ଚ୍ଚ କରିଥିବା ଅର୍ଥ ଅଧିକାରୀ ମାନଙ୍କୁ ପାଖରେ ଗୁହାରୀ କରିଥିଲେ ମଧ୍ୟ ପାଇ ପାରି ନ ଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ସେହି ଅସମ୍ପୂର୍ଣ୍ଣ କାର୍ଯ୍ୟଟି ସାହିବାସୀଙ୍କ ଉଦ୍ୟମରେ ସମ୍ପୂର୍ଣ୍ଣ ହୋଇ ଥିଲା । କିନ୍ତୁ ଜଳେଶ୍ୱର ବ୍ଲକର କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର କୁମାର ପ୍ରଧାନ ଉକ୍ତ କମ୍ୟୁନିଟି ସେଣ୍ଟରରେ ପୁରୁଣା ଘରେ କେବଳ ରଙ୍ଗ ବୋଳି ୨୦୨୪-୨୫ ଆର୍ଥିକ ବର୍ଷରେ ବିଧାୟକ ହାତ ପାଣ୍ଠିରୁ ସେହି ଗ୍ରାମ୍ୟ ଜଙ୍ଗଲ କିସମର ଜାଗାରେ ୧ ଲକ୍ଷ ଟଙ୍କାର ଫଳକ ଲଗାଇ ବିଲ ଉଠାଇ ନେଇଥିବାର ଚର୍ଚ୍ଚା ହେଉଛି ।

ଏ ବାବଦରେ ଗ୍ରାମର କିଛି ବ୍ୟକ୍ତି ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଏବଂ ଜିଲ୍ଲାପାଳ ମିଳିତ ଅଭିଯୋଗ ଜନ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ କୌଣସି ତଦନ୍ତ ନ କରି ବିଲ୍ ପୈଠ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏ ବାବଦରେ ଜିଲ୍ଲା ପ୍ରଶାସନ ତୁରନ୍ତ ତଦନ୍ତ କରି ଏ ଭଳି କାର୍ଯ୍ୟ ନ କରି ଫଲ୍ସ ବିଲ କରୁଥିବା ଅଧିକାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗକୁ ଏହି ପରି ବିଭିନ୍ନ ସ୍ଥାନରେ ବେଆଇନ କାର୍ଯ୍ୟ ବୃଦ୍ଧି ପାଇବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ୧୭ ରୁ ନୀଳଗିରି କ୍ରିକେଟ ଲିଗ୍ ସିଜିନ୍-୫




ନୀଳଗିରି, ୭।୧୨ (ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ଅନୁଷ୍ଠିତ ହେବାକୁଥିବା ନୀଳଗିରି କ୍ରିକେଟ ଲିଗ୍ (ଏନସିଏଲ) ସିଜିନ -୫ର ଆଗାମୀ ସଂସ୍କରଣ ଡିସେମ୍ବର ୧୭ ତାରିଖରୁ ଅନୁଷ୍ଠିତ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଚଳିତମାସ ୧୦ ତାରିଖି ମହାବୀର ୟୁନାଇଟେଡ, ହରପ୍ରିୟା ଚେଲେଞ୍ଜର, ବାବା ସର୍ବେଶ୍ୱର ଫାଇଟରସ, ମୁକ୍ତି ଇଲେଭେନ୍, ୫ଏସ ଫାଇଟର୍ସ, ଓମସାଇ ଷ୍ଟାରପାୱାର ଆଦି ୬ଟି ଫ୍ରାଞ୍ଚାଇଜକୁ ନେଇ ଖେଳାଳୀ ନିଲାମି (ବିଡ଼ିଂ) ହେବ । ନୀଳଗିରି, ବାଲେଶ୍ୱର, ସୋର ଏବଂ ରେମୁଣା ନିର୍ବାଚନମଣ୍ଡଳୀରୁ ୧୫୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳୀ ନାମ ପଞ୍ଜୀକରଣ କରିଥିବା ଆଜି ନୀଳଗିରି ହାଟଛକ ଜଗନ୍ନାଥ କଲ୍ୟାଣମଣ୍ଡପ ଠାରେ ଆୟୋଜକ "ମାହି ସ୍ପୋର୍ଟସ" ଆନୁକୂଲ୍ୟରେ ନୀଳଗିରି କ୍ରିକେଟ ଲିଗ୍ ସଭାପତି ସୁମନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏଥିସହ ନୀଳଗିରି ଅଞ୍ଚଳ ଏବଂ ଆଖପାଖ ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମାନଙ୍କର ପ୍ରତିଭା ଖେଳାଳିମାନେ ନିଜର ଖେଳପ୍ରଦର୍ଶନ କରି କ୍ରୀଡାକ୍ଷେତ୍ରରେ ଆଗକୁଯାଇ ନିଜର ତଥା ଅଞ୍ଚଳର ଗୌରବଅର୍ଜନ କରିବାର ପ୍ଲାଟଫର୍ମ ଦେଇଛି ନୀଳଗିରି କ୍ରିକେଟଲିଗ୍ ବୋଲି ଅନ୍ୟ ମଞ୍ଚାସିନ କର୍ମକର୍ତ୍ତା ମତ ରଖିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ୧୨ଓଭର ବିଶିଷ୍ଟ ହେବାକୁ ଥିବାବେଳେ ବିଜୟୀଦଳକୁ ୧ଲକ୍ଷ ୧୧ହଜାର ୧ଶହ ୧୧ଟଙ୍କା ଏବଂ ଉପବିଜେତା ଦଳକୁ ୭୭ହଜାର ୭ଶହ ୭୭ଟଙ୍କା ଅର୍ଥରାଶି ପୁରସ୍କାରରେ ପୁରସ୍କୃତ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ସୁମନ ଦାସଙ୍କ ସହିତ ଜିତେନ୍ଦ୍ର ରାଉତ, ବିବେକ ସାହୁ, ଅଶ୍ୱିନୀ ପାତ୍ର, ଆଦର୍ଶ ଗୌରବ ଦାସ, ଗୟାଧର ବେହେରା, ନିଗମ ମହାପାତ୍ର, ସନ୍ତୋଷ ସାହୁ, ସୁଧାରଞ୍ଜନ ମହାପାତ୍ର, ଆନନ୍ଦ ମିଶ୍ରପ୍ରମୁଖ ସଦସ୍ୟଙ୍କ ସହିତ ସୁନୀଲ ମଢ଼େଇ, ଉମାଶଙ୍କର ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ୧୪ରେ ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ମହୋତ୍ସବ

ଜଳେଶ୍ୱର, ୭।୧୨(ସମିସ): ବର୍ଦ୍ଧନାସ୍ଥିତ ଶ୍ରୀଅରବିନ୍ଦ ଭବନ ପରିସରରେ ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ମହା ମହୋତ୍ସବ ଆସନ୍ତା ୧୪ତାରିଖରେ ହେବ ବୋଲି ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ (ଦେହାଂଶ) ପଣ୍ଡିଚେରୀ ଆଶ୍ରମରୁ ଅଣାଯାଇ ମାଣିତ୍ରୀ ଆଶ୍ରମ ପରେ ଭେଲୋରାସ୍ଥିତ ଯୋଗ ମନ୍ଦିରରେ ରଖାଯାଇ ଉକ୍ତ ଦିନ ବନ୍ଦେ ମାତରମ ଗାନ କରି ଏକ ବାଇକ୍ ଶୋଭାଯାତ୍ରାରେ ବର୍ଦ୍ଧନା ପର୍ଯ୍ୟନ୍ତ ଅଣାଯିବ । ସାମ୍ବାଦିକ ସମ୍ମିଳନୀରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସନ୍ଦିପ ସାମଲ, ଆନନ୍ଦମୟୀ ପାଠଚକ୍ର ଟ୍ରଷ୍ଟର ସଂପାଦକ ଅର୍ଚ୍ଚନା ସାମଲ, ସଦସ୍ୟ ବୈଦ୍ୟନାଥ ବେହେରା, ନରେନ୍ଦ୍ର ବାରିକ ଉପସ୍ଥିତ ଥିଲେ ।

# ୩ ପ୍ରମୁଖ ରାସ୍ତାର ଶିଳାନ୍ୟାସ

ଖଇରା, ୭ ।୧୨ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ମୁଖ୍ୟମନ୍ତ୍ରୀ ସଡକ ଯୋଜାନରେ ଅନ୍ତର୍ଭୁକ୍ତ ହୋଇଥିବା ୩ ପ୍ରମୁଖ ସଡକ ପଥର ଶିଳାନ୍ୟାସ ରବିବାର ଦିନ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ କରକମଳରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ୨କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଧୋବାଗଡିଆ ତାରିଣୀ ଛକ ଠାରୁ ଭାୟା କୁମ୍ଭକା ଦେଇ ନହଙ୍ଗଛକ ପର୍ଯ୍ୟନ୍ତ ସାଢେ ୩କିମି ରାସ୍ତାର ଭୂମି ପୂଜନ କରାଯାଇଥିଲା । ବ୍ରଜ ଦାସଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ରବିନ୍ଦ୍ର ନାୟକ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର,ସମିତି ସଭ୍ୟ ଅଜିତ ଦାସ,ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ସାହୁ, କନିଷ୍ଠ ଯନ୍ତ୍ରୀ ମନୋଜ ସାମନ୍ତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ୨କୋଟି ୪୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ନଟାପଡା ଆରଡି ରାସ୍ତାରୁ ଜିଆଣିପଦା କଣ୍ଟିଗଡିଆ ଦେଇ ଫତେପୁର ପର୍ଯ୍ୟନ୍ତ ଲମ୍ବିଥିବା ୩କିମି ରାସ୍ତାର ଶିଳାନ୍ୟାସ କରାଯାଇଥିଲା । ବିଧାୟକ, ଅଧ୍ୟକ୍ଷାଙ୍କ ସମେତ ଜିଆଣିପଦା ଗ୍ରାମର କ୍ୟାପଟେନ ରଘୁନାଥ ପାତ୍ର, ପ୍ରହଲ୍ଲାଦ ଗାହଣ ପ୍ରମୁଖ ଆୟୋଜିତ ସଭାରେ ଉପସ୍ଥିତ ଥିଲେ । ସେହିଭଳି ୪କୋଟି ୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଔପଦା ପୂର୍ତ୍ତ ବିଭାଗ ରାସ୍ତାରୁ ଭାୟା ଜୟୀପୁର ଦେଇ ଶ୍ରୀରାମପୁର ପର୍ଯ୍ୟନ୍ତ ୪କିମି ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯିବା ପରେ ଆଇନଜୀବୀ ଉପେନ୍ଦ୍ର ଭୂୟାଁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସୁଦର୍ଶନ ମହାରଥା,ମନୋଜ ପାତ୍ର,ସୌମ୍ୟରଞ୍ଜନ ନାୟକ,ଶିତିକଣ୍ଠ ପଣ୍ଡା ପ୍ରମୁଖ ଉକ୍ତ ଶିଳାନ୍ୟାସ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

**ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅଣଦେଖା:** ଜିଆଣିପଦା ଓ ଶ୍ରୀରାମପୁର ରାସ୍ତା ପାଇଁ ଲଗାଯାଇଥିବା ଫଳକରେ ସରପଞ୍ଚ ଓ ସମିତି ସଭ୍ୟାଙ୍କ ନାମ ରଖାନଯିବା କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ବିଜେଡି ସରକାର ସମୟରେ ରାସ୍ତା ଚିଠା ଯାଇଥିବା ବେଳେ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଅଣଦେଖା କରାଯିବା ଦୁର୍ଭାଗ୍ୟର ବିଷୟ ବୋଲି ଖଇରା ସରପଞ୍ଚ ମାଳତୀ ଲତା ସେଠୀ ପ୍ରତିକ୍ରିୟାରେ କହିଛନ୍ତି ।

# ରାଇବଣିଆ ମଣ୍ଡଳସ୍ତରୀୟ ବିଜେପିର ସାଂଗଠନିକ ବୈଠକ

ଜଳେଶ୍ୱର ବ୍ଲକ୍, ୭।୧୨ (ସମିସ): ରବିବାର ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ସୁବର୍ଣ୍ଣରେଖା ମଣ୍ଡଳ ସ୍ତରୀୟ ବିଜେପିର ସାଙ୍ଗଠନିକ ବୈଠକ ରାଇବଣିଆ ସ୍ଥିତ ଗହିରାଖାଲ ଡାକ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଯୁବନେତା କାଳିଚରଣ ଦାସଙ୍କ ପରିଚାଳନାରେ ଜିଲ୍ଲା ସାଙ୍ଗଠନିକ ସଭାପତି ପ୍ରଦୀପ କୁମାର ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ଜିଲ୍ଲା ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ସୁମତି ଦେ, ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ନେତା ବ୍ରଜ ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଫାଲଗୁନୀ ପାଣିଗ୍ରାହୀ, ବରିଷ୍ଠ ନେତା ଭୂପତି ଚରଣ ମିର୍ଦ୍ଧା, ରାସ ବିହାରୀ ରଣା, ଶିବ ନାରାୟଣ ମହାପାତ୍ର, ଉଦୟ ନାଥ ମୁର୍ମୁ, ଗଣେଶ ସୋରେନ, ଶ୍ରୀକଣ୍ଠ ମହାନ୍ତି, ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ସିଙ୍ଗଲା ସରପଞ୍ଚ ବିପିନ ବିଶ୍ୱାଳ, ତ୍ରିଲୋଚନ ଦାସପ୍ରମୁଖଙ୍କ ସହ ରାଇବଣିଆ ଅଞ୍ଚଳର ବହୁ କର୍ମୀ ଉପସ୍ଥିତ ଥିଲେ ।

# ବାଗୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଆରୋଗ୍ୟ ସମିତି ବୈଠକ



ସୋର, ୭।୧୨(ସମିସ): ବାଗୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. କାଶୀନାଥ ପଣ୍ଡା, ବାଗୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀପ୍ରସାଦ ରାଉତ ଚଳିତ ମାସରୁ ବାଗୁଡ଼ି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୂତି ମାନଙ୍କର ପ୍ରସବ ଆରମ୍ଭ ହେବାକୁ ଯାଉଥିବା ବେଳେ ଆବଶ୍ୟକିୟ ଷ୍ଟାଫ, ହାଉସକିପର, ସିକ୍ୟୁରିଟି, ନର୍ସିଂ ଅଫିସର ଆଦି ଆବଶ୍ୟକତା ବାବଦରେ ବୈଠକରେ ଆଲୋଚନା କରାଯାଇଥିଲା । ଲେବର ରୁମ, ଡ୍ରେନେଜ ସିଷ୍ଟମ ସମସ୍ୟା, ଡାକ୍ତରଖାନାର ମୁଖ୍ୟ ଗେଟ, ଡାକ୍ତର ଏବଂ ଫାର୍ମାସିଷ୍ଟମାନଙ୍କ ପାଇଁ କ୍ୱାଟରର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । ଏହି ସମିତି ବୈଠକରେ ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ନାୟକ, ମହୁମୁହାଣ ସରପଞ୍ଚ ଗଦାଧର ମହାପାତ୍ର, ସିଙ୍ଗାଖୁଣ୍ଟା ସରପଞ୍ଚ ଅନାଦିଚରଣ ସାମଲ, ଏନ. ଏଚ. ଏମ ଜେଏଇ ଭାନୁମତି ମହାଳିକ, ବିଶ୍ୱନାଥ ପାତ୍ର, ସ୍ନେହପ୍ରଭା ପାତ୍ର, ଅନୁପ କୁମାର ନାୟକ, ଶକୁନ୍ତଳା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜପଥରେ ବସ୍ତା ପୁଲିସର କଡ଼ାକଡ଼ି ଯାଞ୍ଚ

ରାଜଘାଟ, ୭।୧୨ (ସମିସ): ଗତକାଲି ବିଳମ୍ବିତ ରାତିରେ ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶ କ୍ରମେ ବସ୍ତା ଥାନାଧିକାରୀ ରଂଜିତ କୁମାର ସାହୁଙ୍କ ତତ୍ୱାବଧାନରେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନଂ ଜାତୀୟ ରାଜପଥର ଭେଲୋରା ଠାରେ ବସ୍ତା ପୋଲିସ ପକ୍ଷରୁ ଦୁଇ ଚକିଆ, ଚାରି ଚକିଆ ଯାନ ସହିତ ବିଭିନ୍ନ ଗାଡ଼ି ମଟର କଡାକଡି ଚେକିଂ କରା ଯାଇଛି । ୬୦ ନଂ ଜାତୀୟ ରାଜପଥର ପଶ୍ଚିମବଙ୍ଗ ସୀମାନ୍ତ ଲକ୍ଷ୍ମଣନାଥ ଠାରୁ ହଳଦୀ ପଦା ପର୍ଯ୍ୟନ୍ତ ଲୁଟେରା ମାନେ ଲୁଟତରାଜ ଚଳାଇଛନ୍ତି, କେତେବେଳେ ନିଜକୁ ଏମଭିଆଇ ପରିଚୟ ଦେଇ ଗାଡ଼ି ମଟର ଅଟକାଇ ଲୁଟ କରୁଛନ୍ତି ତ କେତେବେଳେ ପୁଲିସ ଆରଟିଓ କହି ଚାନ୍ଦା ଆଦାୟ କରୁଛନ୍ତି । ପୁଣି କେତେବେଳେ ବନ୍ଧୁକ, ଭୁଜାଲିରେ ମରଣାନ୍ତକ ଆକ୍ରମଣ କରି ଲୁଟ୍ କରୁଛନ୍ତି ।ସ୍ଥାନୀୟ ଲୋକଙ୍କ ପକ୍ଷରୁ ପୁଲିସ ପାଟ୍ରୋଲିଂ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା । ଗତକାଲି ବିଳମ୍ବିତ ରାତିରେ ପୋଲିସ ପେଟ୍ରୋଲିଂ କଡାକଡି କରିଛି, ଏଭଳି ପ୍ରତ୍ୟେକ ଦିନ କରିବା ପାଇଁ ଅଞ୍ଚଳ ବାସି ଦାବୀ କରିଛନ୍ତି ।ଏହି ଅବସରରେ ଏସଆଇ ସନ୍ଦୀପ କୁମାର କୁଜୁରଙ୍କ ସମେତ ଥାନା ର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ମହାବୀର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନୀଳଗିରି, ୭।୧୨ (ସମିସ): ନୀଳଗିରି ମହାବୀର କ୍ଲବ ପକ୍ଷରୁ ଆୟୋଜିତ ୨୦୨୫/୨୬ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡା ଏବଂ ମୁଖ୍ୟବକ୍ତା ଭାବେ ନୀଳଗିରି ତହସିଲଦାର ସୋନମ୍ ଦାସ ଉପସ୍ଥିତ ଥିଲେ । କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ ନିଜ ନିଜର ଅଭିଭାଷଣ ରଖିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଖେଳାଳି ଆସୁଛନ୍ତି ବୋଲି ସଭାପତି ପ୍ରକାଶ କରିଛନ୍ତି । ଏହି ଅବସରରେ ସ୍ୱର୍ଗତ କୌଶିକ ରାୟଙ୍କ ସ୍ମୃତିରେ ଏକ ନୀରବ ପ୍ରାର୍ଥନା କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ଭାସ୍କର ବିଶ୍ୱାଳ । ଏହି ଟୁର୍ଣ୍ଣାମେଣ୍ଟ ଆଠ ଦିନ ଧରି ଚାଲିବ ବୋଲି ସମ୍ପାଦକ ପ୍ରକାଶ କରିଥିବା ବେଳେ ଏହି ଅବସରରେ ନୀଳଗିରି ଅଞ୍ଚଳର ବିଭିନ୍ନକ୍ରୀଡା କ୍ଷେତ୍ରରେ ଜିଲ୍ଲା ଏବଂ ରାଜ୍ୟସ୍ତରରେ ଉନ୍ନତଖେଳ ପ୍ରଦର୍ଶନ କରିଥିବା ଖେଳାଳୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉତ୍ତରୀୟଦେଇ ପୁରସ୍କୃତ କରାଯାଇଥିଲା ।

# ସମାଜସେବୀଙ୍କ ଦେହାନ୍ତ

ବାଲିଆପାଳ, ୭।୧୨ (ସମିସ): ବିଶିଷ୍ଟ ସମାଜସେବୀ ମୂରଲୀ ମୋହନ ଜେନାଙ୍କ ଶନିବାର ବିଳମ୍ବିତ ରାତିରେ ୮୮ ବର୍ଷ ବୟସରେ ଦେହାନ୍ତ ହୋଇଛି । ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ବାଲେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ଶ୍ରୀ ଜେନା ଏକାଧାରରେ ଜଣେ ଉତ୍ତମ ବ୍ୟବସାୟୀ, ରାଜନୈତିକ, ସାମାଜିକ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିବା ସହିତ ପୁରାତନ ବାଲିଆପାଳ ବଣିକ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ । ତାଙ୍କ ବିୟୋଗରେ ବାଲିଆପାଳରେ ଶୋକର ଛାୟା ଖେଳିଯାଇଛି । ରବିବାର ପୂର୍ବାହ୍ନରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରାଯାଇଛି । ବହୁ ସମାଜସେବୀ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲେ । ବଡ଼ ପୁତ୍ର ମନୋଜ କୁମାର ଜେନା ମୁଖାଗ୍ନି ଦେଇଥିଲେ । ସାନପୁଅ ଦିନୋଜ, ଝିଅ ମମତା, ଜ୍ୱାଇଁ ଯୋଗେଶ୍ୱର, ନାତି ସୈମ୍ୟ ସିଦ୍ଧାର୍ଥ, ସୌମ୍ୟସ୍ୱରୂପ, ଅଙ୍କିତ ଅମନ ଉପସ୍ଥିତ ଥିଲେ ।

# ସିମୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ, ୭।୧୨ (ସମିସ): ଏହି ବ୍ଲକ୍ ଅନ୍ତର୍ଗତ ସିମୁଳିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମୀ ବାଡ଼ିଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ମୁଖ୍ୟ ବକ୍ତା ଭାବେ ଇଞ୍ଜିନିୟର ସୁଧୀର କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ଏବିଇଓ ନମିତାପ୍ରଭା ସାମଲ, ପୂର୍ବତନ ସିଆରସିସି ଅଶୋକ କୁମାର ଗିରି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ତ୍ରିପାଠୀ, ଲମ୍ବୋଦର ମାହାନା, ସିଆରସିସି ଯଶୋବନ୍ତ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମକୃଷ୍ଣ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକ ସୁଶାନ୍ତ କୁମାର କର ଏବଂ ବିଦ୍ୟାଳୟ ପାଇଁ ଗୌରବ ଆଣି ଥିବା ଛାତ୍ର ଅଂଶୁମାନ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ନିତାଇ ଚରଣ ରାଉଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଭରତ ଚନ୍ଦ୍ର ଜେନା , ମଞ୍ଜୁବାଳା ମହାନ୍ତି, ସନ୍ଦୀପା ଜେନା, ପୂଜାରାଣୀ ଦେ, ସୁଶୀଲ କୁମାର ଜେନା ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# କାଳିମାତା ଯୁବକ ସଂଘ ତରଫରୁ ହରିନାମ ସଂକୀର୍ତ୍ତନ

ଚନ୍ଦନେଶ୍ୱର, ୭।୧୨ (ସମିସ): ଭୋଗରାଇର ସାହାବାଜିପୁର ପଞ୍ଚାୟତ ଅଧୀନ ଗମ୍ଭାରିଆ କାଳିମାତା ଯୁବକ ସଂଘ ତରଫରୁ ଅଷ୍ଟମପ୍ରହରବ୍ୟାପୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହଜାର ହଜାର ଲୋକେ ପ୍ରସାଦ ସେବନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ଦାସ, ବଂକିମ ଚନ୍ଦ୍ର ଜେନା, ସୁକୁମାର ଜେନା, ସୁବାସ ବାରିକ, ସପନ ଜେନା, ବିଜୟ ଜେନା, ତପନ ଜେନା, ସୁବାସ ଜେନା, ଝାଡେଶ୍ୱରୀ ଦାସ, ବିଜୟ ଦାସ, ରାଜେନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଜଳିଗଲା ଘର

ଭୋଗରାଇ, ୭।୧୨ (ସମିସ) : ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତର ପଳାସିଆ ଗ୍ରାମର ନାରାୟଣ ଜେନାଙ୍କ ନଡ଼ା ଛପର ଘରେ ନିଆଁ ଲାଗିଯାଇଥିଲା । ସଂଗେ ସଂଗେ ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚିଲା ବେଳେକୁ ଘରଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା । ଏଥିରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଜଣାପଡିଛି ।

# ଆମ୍ବେଦକରଙ୍କ ତିରୋଧାନ ଦିବସ



ଭୋଗରାଇ, ୭।୧୨ (ସମିସ) : ସମ୍ବିଧାନ ପ୍ରଣେତା ତଥା ଭାରତରତ୍ନ ଡ. ଭି ଆର ଆମ୍ବେଦକରଙ୍କ ମହା ପରିନିର୍ବାଣ ଦିବସ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କୀର୍ତ୍ତନିଆ ଗ୍ରାମ ବାତ୍ୟାଶ୍ରୟସ୍ଥଳୀରେ ଆମ୍ବେଦକର ବିକାଶ ପରିଷଦ, ତଫସିଲ ଭୁକ୍ତ ଯୁବକ ସଂଘ ଓ ଟେଙ୍ଗରାମାରୀ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ହୋଇଛି । ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାସଙ୍କ ସଭାପତିରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ ଆନ୍ଦୋଳନର ନେତା ସୁଦର୍ଶନ ଜେନା, ସମ୍ମାନିତ ଅତିଥି ଶିକ୍ଷକ ଗୌତମ କୁମାର ପାତ୍ର, ରାଧାମୋହନ ବର୍ମନ, ରାମଚନ୍ଦ୍ର ଆଧେକ, ଛାତ୍ରୀ ପୂର୍ଣ୍ଣିମା ବେହେରା, ଛାତ୍ର ସାହେବ ଜେନା ପ୍ରମୁଖ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ନିମନ୍ତେ ଶୁଭବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଅନ୍ୟ ଏକ ସ୍ୱାଧୀନତା ପାଇଁ ଗଣ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ । ଧନ୍ୟବାଦ ଦେଇଥିଲେ ବନମାଳୀ ଘଡ଼ାଇ । ପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନାଟକ ଓ ସଙ୍ଗୀତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ।

# ୟୁଏନ୍ କଲେଜ ପଦାର୍ଥ ବିଜ୍ଞାନ ବିଭାଗରେ ଜାତୀୟ କର୍ମଶାଳା

ସୋର, ୭।୧୨(ସମିସ)




ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ 'ଆଡଭାନ୍ସ ନାନୋ ମେଟେରିଆଲ ଆଣ୍ଡ ନାନୋଟେକ୍ନୋଲୋଜି ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ ଏହି ଉତ୍ସବକୁ କଲେଜ ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ଉଦ୍‌ଘାଟନ କରି ସଭାପତିତ୍ୱ କରିଥିବା ବେଳେ ପାଟନା ଆଇଆଇଟିର ପ୍ରଫେସର ଡ. ମନୋରଂଜନ କର ଏବଂ ମୁଖ୍ୟବକ୍ତା ଭାବେ ଆନନ୍ଦପୁର କଲେଜ ପ୍ରାଧ୍ୟାପକ ଡ. ଉତ୍ତମ କୁମାର ପାଣିଗ୍ରାହୀ ଯୋଗଦେଇ ବିଷୟ ଶୀର୍ଷକ ଆଲୋଚନା କରିଥିଲେ । ଏହି ଅବସରରେ "ଫ୍ୟୁଚର ଲେନ୍ସ' ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଦ୍ୱିତୀୟ ଦିନରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଆଇଆଇଟି ଗବେଷକ ମାନଙ୍କ ଦ୍ୱାରା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହାକୁ ଅଧ୍ୟାପକ ବିଶ୍ୱନାଥ ମାସନ୍ତ ପରିଚାଳନା କରିଥିଲେ । ବିଭାଗୀୟ ମୁଖ୍ୟ ଡ. ସୁବ୍ରତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୂର୍ଣ୍ଣଚନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ କୃଷ୍ଣଚନ୍ଦ୍ର ରଣା, ମାନସ କୁମାର ଖଟୁଆ, ଏବଂ ସୁଦୀପ୍ତା ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଭାଗୀୟ କର୍ମଚାରୀ ମଣ୍ଟୁ ଚରଣ ବେହେରା ଏବଂ ନରେନ୍ଦ୍ର କୁମାର ମହାଳିକ ସହଯୋଗ କରିଥିଲେ ।

# ଶିଶୁଙ୍କ ଭବିଷ୍ୟତକୁ ନେଇ ଚିନ୍ତା ▶ ଶ୍ରମିକ ଭାବେ ଖଟାଉଛନ୍ତି ପରିବାର ଓ ସମ୍ପର୍କୀୟ

କବାଟବନ୍ଧ, ୭।୧୨(ସମିସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଜିରା ପଞ୍ଚାୟତର ଆଦିବାସୀ ଗାଁ ବୁରୁସାହିରେ ଶିଶୁଙ୍କ ଭବିଷ୍ୟତକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁଁ ଏହି ଆଦିବାସୀ ଗାଁର କଅଁଳ ଶିଶୁଙ୍କ ଭବିଷ୍ୟତ ଅଭାବୀ ଜୀବନ ଭିତରେ ଶିଶୁ ଶ୍ରମିକ ହେବାକୁ ବାଧ କରୁଛି। ଏପରିକି ପରିବାର ଓ ସମ୍ପର୍କୀୟ ଲୋକ ସେମାନଙ୍କୁ ଶ୍ରମିକଭାବେ ଖଟାଉଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଏହି ଗାଁର ଦୁଇ ଅସହାୟ ନାବାଳକ ବିରଞ୍ଚି ପୂର୍ତ୍ତି ଏବଂ ସୀତା ଦିଗମୁଣ୍ଡାଙ୍କୁ ଅନ୍ୟତ୍ର କାମ କରାଯାଉଥିବା ଖବର ପାଇ ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ ବେହେରା ଗତ ନଭେମ୍ବର ୨୫ ତାରିଖରେ ହେଲ୍ପ ଲାଇନ ନମ୍ବର ୧୦୯୮ରେ ଏହି ଦୁଇ ଶିଶୁଙ୍କ ସମ୍ବନ୍ଧରେ ସୂଚନା ଦିଆଯିବା ସହିତ ସେମାନଙ୍କ ଉଦ୍ଧାର ପାଇଁ ଜଣାଇଥିଲେ। ମାତ୍ର ଏହାର ୧୦ ଦିନ ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀଙ୍କ ନିଦ ଭାଙ୍ଗିଥିଲା। ପ୍ରଶାସନ ପକ୍ଷରୁ ଏକ ଟିମ୍ ବୁରୁସାହିରେ ପହଞ୍ଚି ଉକ୍ତ ନାବାଳକ ଦୁଇଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ମାତ୍ର ବିରଞ୍ଚିଙ୍କୁ ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ମାନେ ଉଦ୍ଧାର କରିଥିବା ବେଳେ ସୀତା ଦିଗମୁଣ୍ଡାର କୌଣସି ଖବର ମିଳି ନ ଥିଲା। ସୀତା ବାପା ମା' ଛେଉଣ୍ଡ ହୋଇଥିବା ବେଳେ ତା' ମାମୁଙ୍କ ପାଖରେ ରହୁଥିଲା। ଜିଲ୍ଲା ପ୍ରଶାସନର ୧୦ ଦିନର ବିଳମ୍ବ ଯୋଗୁଁ ସୀତାର ଠିକଣା ବଦଳି ଯାଇଥିଲା। ଅଭାବୀ ଜୀବନର ଆବଶ୍ୟକତା ମେଣ୍ଟାଇବା ପାଇଁ ସୀତାର ମାମୁ ଚଣ୍ଡିଖୋଲ ଅଞ୍ଚଳରେ ତାଙ୍କୁ କାମରେ ଲଗାଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। କିନ୍ତୁ ସୀତାର ମାମୁ ବନ୍ଧୁ ଘରେ ସୀତାକୁ ଛାଡ଼ିଥିବା କହିଥିଲେ। ଯାହା ସମ୍ପୂର୍ଣ୍ଣ ଭାବେ ମିଛ କଥା। ସତ ଜାଣିବାକୁ ସୀତାର ଅଜାଙ୍କୁ ସାଥିରେ ନେଇ ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଏବଂ ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ ବେହେରା ମଧ ମାମୁ କହୁଥିବା ସ୍ଥାନକୁ ଯାଇ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ମିଳି ନଥିଲା। ଏହା ପରେ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜେନାପୁର ଥାନାରେ ଜଣାଇବା ସହିତ ସୀତାକୁ କେଉଁଠାରେ ଛାଡ଼ିଛ ତୁରନ୍ତ ଫେରାଇ ଆଣିବା ପାଇଁ କହିଥିଲେ। ପରଦିନ ଅର୍ଥାତ ରବିବାର ସୀତା ନିଜ ଗାଁ ବୁରୁସାହିକୁ ଫେରିଥିବା ଜଣାପଡ଼ିଛି। ଏହିଭଳି ଭାବେ ଅନେକ ଅସହାୟ ସୀତାଙ୍କ ସୁନେଲି ଭବିଷ୍ୟତ ଶିଥିଳ ହୋଇଯାଉଛି। ଏମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାଜପୁର ଜିଲ୍ଲାରେ ଅନେକ ଶିଶୁ ହୋଟେଲରେ ବାସନା ମାଜିବା, ଗ୍ୟାରେଜରେ କାମ କରିବା, ଗାଈ ଚରାଇବା ଆଦି କାର୍ଯ୍ୟରେ ନିୟୋଜିତ ଥିବା ଦେଖିବାକୁ ମିଳୁଛି। କୌଣସି ବ୍ୟକ୍ତି ବିଶେଷ କିମ୍ବା ସାମାଜିକ ସଂଗଠନ ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ କଲେ ସେମାନେ କାମ କରୁଛନ୍ତି। ଶିଶୁ ସୁରକ୍ଷା ୟୁନିଟ ନିଜ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଏବଂ ସଚେତନ କଲେ ଶିଶୁ ଶ୍ରମିକ ତଥା ଶିଶୁଙ୍କ ଭବିଷ୍ୟତ ଉଜ୍ୱଳ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି। ସୀତାକୁ ଆସନ୍ତା କାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସୂଚନା ମିଳିଛି।



# ବଢ଼ିଚାଲିଛି ଶିଶୁ ଶ୍ରମିକ ସଂଖ୍ୟା ▶ ଘୁଷୁରୀ ଚରାଉଛନ୍ତି ନାବାଳକ



ବରୀ, ୬।୧୨(ସମିସ): ଯାଜପୁର ଜିଲ୍ଲାସ୍ତରରେ ଶିଶୁ ଅଧିକାର ଯୋଜନା ବାଟବଣା। ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ଜିଲ୍ଲାର ନିରୀହ ଶିଶୁ। ଦିଗହରା ହୋଇଛି ଶିଶୁ ଅଧିକାର ଆଇନ। କୌଣସି ଦେଶରେ ଅଭିବୃଦ୍ଧି ଶିଶୁମାନଙ୍କର ଗୁଣାତ୍ମକ ବିକାଶରୁ ହିଁ ଜଣା ଯାଇଥାଏ। ଆଜିର ବ୍ୟବସାୟିକ ସମାଜରେ ଶିଶୁ ଯେଉଁଭଳି ଏବେ ମାନସିକ ଓ ଶାରୀରିକ ଶୋଷଣର ଶିକାର ହେଉଛନ୍ତି ତାହା ଅତ୍ୟନ୍ତ ଦୁଃଖ ଦାୟକ। ଯାଜପୁର ଜିଲ୍ଲାରେ ଥିବା ବିଭିନ୍ନ ବ୍ଲକମାନଙ୍କରେ ଶିଶୁ ଶ୍ରମିକ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଛି। ଜିଲ୍ଲାରେ ଥିବା ଘୁଷୁରି ପାଳନ, ବିଭିନ୍ନ ହୋଟେଲ, କବାଡ଼ି ଦୋକାନ, ଚା' ଦୋକାନ ମାନଙ୍କରେ ଗୋଡି ସାଜିବା ସହିତ ଶିଶୁ ମାନେ ଭିକ ମାଗୁଥିବା ଦେଖିବାକୁ ମିଳୁଛି। ଲୋକପ୍ରିୟତା ବୃଦ୍ଧି କରିବା ଆଳରେ କେନ୍ଦ୍ର ଓ ରାଜ୍ୟ ସରକାର ଶିଶୁ ଶ୍ରମିକ ଆଇନ ପ୍ରଣୟନ କରିଛନ୍ତି। ଯାହା ଯାଜପୁର ଜିଲ୍ଲାରେ ଫେଲ୍ ମାରିଛି। ବିଭିନ୍ନ କର୍ମରେ ନିୟୋଜିତ ହେଉଛନ୍ତି ଶିଶୁ। ଏମାନଙ୍କୁ କମ୍ ଟଙ୍କା ଦେଇ ବିଭିନ୍ନ କାମରେ ନିୟୋଜିତ କରିବା ଶୁଣିବାକୁ ମିଳେ। ଏପରି କି ସହରରେ ଥିବା ମନ୍ଦିର, ବସଷ୍ଟାଣ୍ଡ ପରିସରରେ ବୁଲି ବୁଲି ଭିକ୍ଷା ମାଗୁଥିବା ଦେଖିବାକୁ ମିଳୁଛି। ଦାରିଦ୍ର୍ୟ କାରଣରୁ ଏହି ଶିଶୁ ମାନେ ଖାଦ୍ୟ ଅଭାବ, ସ୍ୱାସ୍ଥ୍ୟ ଅବସ୍ଥା ଅବନୀତି ସହ ଗୁଣାତ୍ମକର ଶିକ୍ଷା ସୁଯୋଗ ମଧ ହରାଉଛନ୍ତି। ରାଜ୍ୟସରକାର ପ୍ରାଥମିକ ଶିକ୍ଷ୍ୟା ପ୍ରତି ଗୁରୁତ୍ୱ ପ୍ରଦାନ କରି ବିଦ୍ୟାଳୟ ପ୍ରତି ଶିଶୁ ମାନଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ତଥାପି ଶିଶୁ ଶ୍ରମିକ ହ୍ରାସ ପାଇପାରୁନାହିଁ। ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଜିଲ୍ଲା ଶ୍ରମ ବିଭାଗ ଦାୟିତ୍ୱରେ ଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ସ୍ଥାଣୁତା ହେତୁ ଯାଜପୁର ଜିଲ୍ଲାରେ ଶିଶୁ ଶ୍ରମିକ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ଦିଗରେ ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗ, ଶିଶୁ କଲ୍ୟାଣ ବିଭାଗ ଦେଖି ନ ଦେଖିଲା ପରି ଅଭିନୟ କରୁଥିବା ମନେ ହେଉଛି। ଜିଲ୍ଲା ପ୍ରଶାସନ ଅନ୍ଧ ପୁଟୁଳି ବାନ୍ଧି ନୀରବରେ ବସିଛି। ତେଣୁ ଏବେ ଠାରୁ ପ୍ରଶାସନିକ ତଥା ରାଜନୈତିକ କ୍ଷେତ୍ରରେ ଏହାର ପ୍ରତିବାଦ ସ୍ୱରୂପ ପ୍ରଚାର ପ୍ରସାର ନ କଲେ ଆଗକୁ ଆହୁରି ଶିଶୁ ଶ୍ରମିକ ବଢ଼ିବାରେ ଆଶଙ୍କା ରହିଛି।

## ପିହୁ ନିଖୋଜ ଘଟଣା
# ମା'କୁ ଫୋନ୍‌ରେ ହତ୍ୟା ଧମକ

ବିଞ୍ଝାରପୁର, ୭।୧୨(ସମିସ): ବିଞ୍ଝାରପୁର ଥାନା ଅଞ୍ଚଳର ବହୁ ଚର୍ଚ୍ଚିତ ପିହୁ ନିଖୋଜ ଘଟଣା ମନରୁ ଲିଭି ନଥିଲା ବେଳେ ବର୍ତ୍ତମାନ ପିହୁର ମା'କୁ ଫୋନ୍‌ରେ ମିଳୁଛି ହତ୍ୟା ଧମକ। ନିଜ ଜୀବନ ପ୍ରତି ବିପଦ ଥିବା ନେଇ ପିହୁର ମା' ମୋନାଲିସା ନାୟକ ଗତ ଶୁକ୍ରବାର ବିଞ୍ଝାରପୁରଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର କୁନି ଝିଅ ପିହୁ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲା। ଯାହାକୁ ନେଇ ମା' ମୋନାଲିସା ନାୟକ ଆଜି ପର୍ଯ୍ୟନ୍ତ ଝିଅର ସନ୍ଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରିଆସୁଛନ୍ତି। କିନ୍ତୁ ଗତ ଦୁଇ ମାସ ହେବ ତାଙ୍କ ମୋବାଇଲକୁ ଦୁଇ ତିନୋଟି ଭିନ୍ନ ଭିନ୍ନ ନମ୍ବରରୁ କେହି ଅସଭ୍ୟ ଭାଷାରେ ଗଳିଗୁଲଜ କରିବା ସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଯାହାକୁ ନେଇ ମୋନାଲିସା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବିଞ୍ଝାରପୁର ପୁଲିସ ଅଭିଯୋଗ ଆଧାରରେ ଏକ ମାମଲା ୫୭୭/୨୫ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# କଳା ବିକାଶ କେନ୍ଦ୍ରର ସଭାପତିଙ୍କ ପରଲୋକ

ଯାଜପୁର, ୭।୧୨(ସମିସ): ଯାଜପୁରସ୍ଥିତ ପ୍ରାଚୀନତମ ସଙ୍ଗୀତ ଅନୁଷ୍ଠାନ ଶ୍ରୀଜଗନ୍ନାଥ କଳାବିକାଶ କେନ୍ଦ୍ରର ସଭାପତି ତଥା ଯାଜପୁର ବାର୍ ଆସୋସିଏସନ୍‌ର ବରିଷ୍ଠ ଓକିଲ, ବିଶ୍ୱହିନ୍ଦୁ ପରିଷଦର ପୂର୍ବତନ ଜିଲ୍ଲା ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ପରଲୋକ ହୋଇଯାଇଛି। ଏ ନେଇ ଆଜି କଳା ବିକାଶ କେନ୍ଦ୍ରର ପରିସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା ସଭା କରାଯିବା ସହିତ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଏଥିରେ ବରିଷ୍ଠ ନାଟ୍ୟକାର ସଙ୍ଗୀତଜ୍ଞ ପ୍ରଫେସର ରାଧାରମଣ ଦାସ, ଅନୁଷ୍ଠାନର ସମ୍ପାଦକ ତପନ କୁମାର ସାହୁ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଇଂ.ଶ୍ରୀଧର ରାଉତରାୟ, ବିଶିଷ୍ଟ କଣ୍ଠଶିଳ୍ପୀ ପୃଥ୍ୱୀରାଜ ପଣ୍ଡା, ଲଳିତ କିଶୋର ନାୟକ, କୈଳାସ ଗୋଛାୟତ, ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ କେନ୍ଦ୍ରର ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ହିନ୍ଦୀ ଶିକ୍ଷକ ସଂଘର ସାଂଗଠନିକ ବୈଠକ

ବିଞ୍ଝାରପୁର, ୭।୧୨(ସମିସ): ଯାଜପୁର ଜିଲ୍ଲା ହିନ୍ଦୀ ଶିକ୍ଷକ ସଙ୍ଘ ଆନୁକୂଲ୍ୟରେ ତାଉଁତରାସ୍ଥିତ ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବିଧାନିକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଭାକର ସ୍ୱାଇଁଙ୍କ ପୌରୋହିତରେ ଅନୁଷ୍ଠିତ ହୋଇଥିବା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ଶରତ ପରିଡ଼ା, ଉପସଭାପତି ସନ୍ତୋଷ ମିଶ୍ର, କାଦମ୍ବିନୀ ମିଶ୍ର, ଶରତ ସାମଲ, ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ଜେନା ପ୍ରମୁଖ ଅତିଥି ଭାବେ ଯୋଗା ଦେଇଥିଲେ। ଏହି ବୈଠକରେ ବିଞ୍ଝାରପୁର ବ୍ଲକର ହିନ୍ଦୀ ଶିକ୍ଷକ ସଂଘର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ସେକ୍ ମହମ୍ମଦ ସୋଫିଆନ, ସମ୍ପାଦକ ଭାବେ ହିମାଂଶୁ ଧଳ, ଉପସଭାପତି ଅଜୟ ସାହୁ, ଗୀତାଞ୍ଜଳି ମାଲିକ, ସହସମ୍ପାଦକ ହନାନ ଖାଁ, ଲକ୍ଷ୍ମୀଧର ଧଳ, ଅନିତା ଦାସ, ସୁବାସ ରାଉତ, ପ୍ରହ୍ଲାଦ ଦାସ, ପ୍ରଦୀପ ସେଠୀ, ସନ୍ତୋଷ ନାୟକ, ଦେବାଶିଷ ରଣା ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

# ଚଣ୍ଡିଖୋଲ କୋର୍ଟର ପ୍ରତିଷ୍ଠା ଦିବସ



ବଡ଼ଚଣା, ୭।୧୨(ସମିସ): ଚଣ୍ଡିଖୋଲ କୋର୍ଟର ୧୯ତମ ପ୍ରତିଷ୍ଠା ଦିବସ ଚଣ୍ଡିଖୋଲ କୋର୍ଟ ପରିସରରେବାର ଆସୋସିଏସନ ପକ୍ଷରୁ ପାଳିତ ହୋଇଯାଇଛି। ବାର୍ ଆସୋସିଏସନ ସଭାପତି ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜେଏମ୍ଏଫ୍‌ସି ଶ୍ରୀମୟୀ ନନ୍ଦ ଯୋଗଦେଇଥିଲେ। ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଧାନ କରିଥିଲେ। ଏହି ଅବସରରେ ବାର୍ ଆସୋସିଏସନର ସମସ୍ତ ପୂର୍ବତନ ଓ ବର୍ତ୍ତମାନ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସଭାପତି ପ୍ରତାପ କୁମାର ଦାସ, ଶରତ କୁମାର ଷଡ଼ଙ୍ଗୀ, ଜନ ବେହେରା, ଦେବରାଜ ବେହେରା, ପୂର୍ବତନ ଉପସଭାପତି ନଳିନୀକାନ୍ତ ମିଶ୍ର, ପ୍ରେମାନନ୍ଦ ବେହେରା, ନିରଞ୍ଜନ ସାମଲ, ଶ୍ରୀକାନ୍ତ ବଳ, ପୂର୍ବତନ ଯୁଗ୍ମସମ୍ପାଦକ ପବିତ୍ର କୁମାର କର, ସୁଦର୍ଶନ ଘଡେଇ, କିଶୋର କୁମାର ନାୟକ, ପୂର୍ବତନ ସହ ସମ୍ପାଦକ କ୍ରୀଡା ଜ୍ୟୋତି ମହାପାତ୍ର ଓ ପାଠାଗାର ବିଜୟ ରାଉଳ, ପୂର୍ବତନ କୋଷାଧ୍ୟକ୍ଷ ସୁବ୍ରତ ସ୍ୱାଇଁ, କୈଳାସ ଚନ୍ଦ୍ର ସାମଲଙ୍କୁ ସମ୍ମାନିତ କରାଯାଇଥିଲା। ସହ ସମ୍ପାଦକ ସାଂସ୍କୃତିକ ବୀରେନ୍ କୁମାର ବିଶ୍ୱାଳ, କ୍ରୀଡା ସମ୍ପାଦକ ତରୁଣ କୁମାର ବିଶ୍ୱାଳ, କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବେହେରା, ପ୍ରିୟଗୋବିନ୍ଦ ଦାସ, ବେବିନା ଓଝା, ଲକ୍ଷ୍ମୀପ୍ରିୟା କର, ସମ୍ବିତ ମହାପାତ୍ର, ଯତୀନ୍ଦ୍ର ସାମଲ, ମନୋଜ ଦାଶ, ରମେଶ ନାୟକ, ମନିର ମହମ୍ମଦ୍, ହେମନ୍ତ ମାହାଲା, ପ୍ରତିମାରାଣୀ ସାହୁ, ଶୁଦ୍ଧଳ କବି, ଲୋମାରାଣୀ ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ଶାରଦା ଯୋଗମାୟା ନାୟକ, ସଞ୍ଜୟ ରଣା, ସୁଜାତା ଦାଶ ପ୍ରମୁଖ ସହଯୋଗ କରିଥିଲେ। ଯୁଗ୍ମ ସମ୍ପାଦକ ଶିରିଷ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କର୍ମଚାରୀଙ୍କ ବୈଠକ

କବାଟବନ୍ଧ, ୭।୧୨(ସମିସ): ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ ଚଣ୍ଡିଖୋଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଥିବା ଜେନାପୁର ଶାଖାର ସମସ୍ତ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଦରଗୁଡ଼ିଶିଳାସ୍ଥିତ ବୈତରଣୀ ନଦୀ କୂଳରେ ଶାଖା ପରିଚାଳକ ବିଶ୍ୱଜିତ୍ ନାୟକଙ୍କ ଦ୍ୱାରା ଆୟୋଜିତ ଏହି ବୈଠକରେ ବହୁ କର୍ମଚାରୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜେନାପୁର ଶାଖାର ଅତିରିକ୍ତ ଶାଖା ପରିଚାଳକ ସାଗର ମହାରଣା, କୋଷାଧ୍ୟକ୍ଷ ସୌରଭ ମଣ୍ଡଳ, ବିସି ବିଚିତ୍ର କୁମାର ଭଦ୍ର, ନିଷ୍କାନ୍ତ ଖଟୁଆ, ମାନସ ରଞ୍ଜନ ପ୍ରଧାନ ସାମିଲ୍ ଥିଲେ।

## ମା' କୁଆଁସ ମଙ୍ଗଳା ପୀଠର ଉନ୍ନତି ପାଇଁ ୭୫ ଲକ୍ଷ ଟଙ୍କା ମଞ୍ଜୁର
# ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦେବାକୁ ଦାବି

ଦଶରଥପୁର, ୭।୧୨(ସମିସ): ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଦଶରଥପୁରସ୍ଥ ମା' କୁଆଁସ ମଙ୍ଗଳା ପୀଠକୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୭୫ ଲକ୍ଷ ଟଙ୍କା ସରକାର ମଞ୍ଜୁର କରିଛନ୍ତି। ପୂର୍ବରୁ ଚାପି ହୋଇ ରହିଥିବା ଦାବି ପୁଣି ଜୋର ଧରିଛି। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକବାସୀ ପୂର୍ବ ଯାଜପୁରର ସର୍ବପୁରାତନ ମା' ମଙ୍ଗଳାଙ୍କ ପୀଠକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ଦାବି କରିଆସୁଥିଲେ। ଏ ନେଇ ତତ୍କାଳୀନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମରେ ତତ୍କାଳୀନ ଓଡ଼ିଶା ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ମା'ଙ୍କ ପୀଠ ଦର୍ଶନ କରିବା ସହିତ ତୁରନ୍ତ ମାନ୍ୟତା ପାଇଁ ଘୋଷଣା କରିଥିଲେ। ସରକାର ବଦଳିବା ପରେ ଦାବି ଚାପି ହୋଇ ରହିଯାଇଥିଲା। ଗତକାଲି ନୂତନ ସରକାର ପୂର୍ବ ପ୍ରକଳ୍ପକୁ ମଞ୍ଜୁରି ଦେଇଥିବାବେଳେ ପୁଣି ପର୍ଯ୍ୟଟନ ମାନ୍ୟତା ଦାବି ଜୋର ଧରିଛି। ଆଜି ବ୍ଲକ ବିଜେଡି ପକ୍ଷରୁ କୁଆଁସସ୍ଥ ମା' ମଙ୍ଗଳା ପୀଠରେ ଶତାଧିକ ବିଜେଡି ନେତା ଓ କର୍ମୀ ଏକାଠି ହୋଇଥିଲେ। ରାଜ୍ୟ ସରକାର ଏହି ପୀଠକୁ ସରକାର ତୁରନ୍ତ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପ୍ରଦାନ କରନ୍ତୁ ବୋଲି ଦାବି କରାଯାଇଛି। ବର୍ତ୍ତମାନ ମଞ୍ଜୁର କରାଯାଇଥିବା ଟଙ୍କା ଅତ୍ୟାଧୁନିକ ପାର୍କ ନିର୍ମାଣ କରାଯିବାକୁ ରହିଛି। ଏହାଛଡା ମଙ୍ଗଳାଡିହରୁ ଛତ୍ରପଡ଼ା ପର୍ଯ୍ୟନ୍ତ ନୂତନ ରାସ୍ତା, ଦହିଖାଇଠାରୁ ମଙ୍ଗଳା ପୀଠ ରାସ୍ତା ମରାମତି, ଯାତ୍ରୀ ବିଶ୍ରାମାଗାର, ଆଲୋକୀକରଣ, ଶୌଚାଳୟ, ପାନୀୟଜଳ, ପୋଖରୀ ସୌନ୍ଦର୍ଯ୍ୟକରଣ ଭଳି କାର୍ଯ୍ୟ ଏକାଧିକ କାର୍ଯ୍ୟ ବାକି ରହିଛି। ତୁରନ୍ତ ରାଜ୍ୟ ସରକାର ଏହି ପୀଠକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ କରନ୍ତୁ ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲିକ, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ଡାହାଣହତା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନୋସ୍ୱିନୀ ଦାସ, ବରିଷ୍ଠ ବିଜେଡି ନେତା ମନୋଜ ରାଉତ, ପୂର୍ବତନ ସରପଞ୍ଚ ଶିଶିର ଦାସ, ଗୋପାଳପୁର ସରପଞ୍ଚ ସେକ ନାଦିର, ଦଶରଥପୁର ପଞ୍ଚାୟତ ସମିତି ସଭ୍ୟ ପ୍ରଶାନ୍ତ ମଲ୍ଲିକ, ଅଜିତ ସାମଲ, ନାରାୟଣ ସାହୁ, ଟୁକୁନା ସାହୁ, ଗୋବିନ୍ଦ ଜେନାଙ୍କ ସମେତ ବ୍ଲକର ବହୁ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ।

# ସିଦ୍ଧ ମହାପୁରୁଷ ପାଠାଗାର ତରଫରୁ ଗୀତା ବଣ୍ଟନ



ବାଲିଚନ୍ଦ୍ରପୁର, ୭।୧୨(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ଗ୍ରାମର ପଥରନାସୀଠାରେ ଶ୍ରୀଶ୍ରୀ ସିଦ୍ଧ ମହାପୁରୁଷ ପାଠାଗାର ଆନୁକୂଲ୍ୟରେ ସପ୍ତମ ବାର୍ଷିକ ଗୀତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ତ୍ରିଲୋଚନ ସେନାପତି ଏହାକୁ ଉଦ୍‌ଘାଟନ କରିଥିଲେ। ପାଠାଗାରର ମୁଖ୍ୟ ସଂଯୋଜକ ଭୂପେଶ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହନ୍ତ ପଣ୍ଡିତ ଉପେନ୍ଦ୍ର ନାଥ ଦାସ, ମୁଖ୍ୟବକ୍ତା ଭାବେ ବିରୂପା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ମୁଖ୍ୟ ଡ. ଅଟଳ ବିହାରୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ପଣ୍ଡିତ ରଞ୍ଜନ କୁମାର ନନ୍ଦ, ବିଶିଷ୍ଟ ଅତିଥି ଭାବେ ବ୍ରାଇଟ୍ ଫ୍ୟୁଚର ଏକାଡେମୀର ପ୍ରତିଷ୍ଠାତା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାଇଧର ଜେନା ଓ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ରଞ୍ଜନ କୁମାର ପରିଡ଼ା ଯୋଗଦେଇଥିଲେ। ପାଠାଗାର ସମ୍ପାଦକ ହିମାଂଶୁ ଭୂଷଣ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୀତା ଆବୃତ୍ତି ପ୍ରତିଯୋଗିତାରେ ଉଲ୍ଲେଖନୀୟ ପାରଦର୍ଶିତା ପ୍ରଦର୍ଶନ କରିଥିବା ୧୭ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ସୁଧୀର କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଜୟ କୁମାର ଜେନା, ଲୋକନାଥ ସେନାପତି, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଭଞ୍ଜ, ପଣ୍ଡିତ ବାଇଧର ସେନାପତି, ପଣ୍ଡିତ ରଙ୍ଗାଧର ସେନାପତି, ସମାଜସେବୀ କ୍ଷେତ୍ରବାସୀ ପଣ୍ଡା, ଅକ୍ଷୟ ଦାସ, ସମାଜସେବୀ ଜୟଶ୍ରୀ ଦାସ, ଶିକ୍ଷୟିତ୍ରୀ ଚନ୍ଦ୍ରକଳା ପଣ୍ଡା ସମେତ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।






## ଟମକା ଫରେଷ୍ଟରଙ୍କୁ ହତ୍ୟା ଧମକ ଘଟଣା
# ଦୁଇ ନୀଳପଥର ମାଫିଆ ଗିରଫ; ୨ଟି କାର୍ ଜବତ

ଦାନଗଦି, ୭।୧୨(ସମିସ)

ଟମକା ବନାଞ୍ଚଳ ଫରେଷ୍ଟରଙ୍କୁ ହତ୍ୟା ଧମକ ଦେବା ଘଟଣାରେ ଆଜି କଳିଙ୍ଗନଗର ପୁଲିସ ଦୁଇଜଣ ପଥର ମାଫିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ଟମକା ଥାନା ଚିତ୍ରୀ ଗାଁର ଜଗବନ୍ଧୁ ଜେନାଙ୍କ ପୁଅ ରଙ୍ଗବଲ୍ଲଭ ଜେନା ଓରଫ ବାଦଲ (୪୨) ଓ ସେହି ଗାଁର ଚିତ୍ତରଞ୍ଜନ ନାୟକଙ୍କ ପୁଅ ଚିନ୍ମୟ କୁମାର ନାୟକ (୨୬)। ଜବତ ଦୁଇଟି କାର୍ ନମ୍ବର ହେଲା ଓଆର୦୭ଏମ ୨୭୯୭ ଅଲ୍ଟୋ ଓ ଅନ୍ୟଟି ହେଲା ମହିନ୍ଦ୍ରା ଏକ୍ସୟୁଭି ଓଡ଼ି ୦୪ଟି ୦୧୯୦। ପୁଲିସ କେସ ନମ୍ବର ୪୪୯/୨୦୨୫ରେ ଉଭୟଙ୍କୁ ଆଜି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ ନୀଳପଥର ଚୋରା କାରବାରକୁ ନେଇ ଟମକା ଫରେଷ୍ଟର ମାଣିକ ମୁଣ୍ଡାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଫରେଷ୍ଟରଙ୍କ ମଟର ସାଇକଲକୁ ମାଫିଆ ଏକ ଅଲଟୋ କାର୍‌ରେ ଧକ୍କା ଦେଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମାଫିଆ ବାଦଲକୁ ଧରି ଆଣି ଥାନାରେ ଅଟକ ରଖିଥିବା ବେଳେ ଘଟଣାରେ ବ୍ୟବହୃତ କାର୍‌କୁ ଜବତ୍ କରିଥିଲେ। ପରେ ଘଟଣାରେ ଆଉ ଜଣେ ସହଯୋଗୀ ଚିନ୍ମୟକୁ ଗିରଫ କରିଥିଲେ। ଆଜି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।


















ଗୁଡାରୀରେ ମା' ଧନଲକ୍ଷ୍ମୀଙ୍କ ପୂଜା

## ସମସ୍ୟା ସମାଧାନ ନହେଲେ ରାସ୍ତାରୋକ କରିବେ ଗୋରଖପୁରବାସୀ

ଟିକିରି, ୭।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଗୋରଖପୁର ପଞ୍ଚାୟତ ଗୋରଖପୁର ଗ୍ରାମରେ ବହୁ ସମସ୍ୟା ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପିଇବା ପାଣି, ରାସ୍ତା, ମୋବାଇଲ୍ ଟାୱାର ସହ ସ୍ଥାନୀୟ ମେଡିକାଲରେ ଡାକ୍ତର ପଦବୀ ଖାଲି ରହିଛି। ଗୋରଖପୁର ଗ୍ରାମବାସୀଙ୍କ କହିବା ଅନୁଯାୟୀ ଯେଉଁ ସବୁ ସମସ୍ୟା ରହିଛି, ତାହାର ସମାଧାନ ପାଇଁ ବହୁତ ଥର ବ୍ଲକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନଙ୍କୁ ମଧ୍ୟ ଅବଗତ କରାଯାଇଛି। କିନ୍ତୁ ଆଜି ଯାଏ କୌଣସି ସମସ୍ୟା ସମାଧାନ ହେଇ ପାରୁନାହିଁ। ଫଳରେ ଗୋରଖପୁର ଗ୍ରାମର କେତେକ ଲୋକ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କାଶିପୁର ତହସିଲ ଅଫିସରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଏହି ସମସ୍ୟାର ସମାଧାନ ନ ହୁଏ, ତାହେଲେ ଚଳିତ ମାସ ୮ ତାରିଖରୁ ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି ଗୋରଖପୁର ଗ୍ରାମବାସୀ।

# ଘନ କୁହୁଡ଼ି ଓ ଶୀତରେ ଥରୁଛି କୋରାପୁଟ

କୋରାପୁଟ,୭।୧୨(ସମିସ):

ପ୍ରବଳ ଥଣ୍ଡା ସହ ଘନ କୁହୁଡିର ଆସ୍ତରଣରେ ଥରୁଛି କୋରାପୁଟ। ମାଳଭୂମୀକୁ ଶୀତ କଡ଼ ଲେଉଟାଇଛି। ସକାଳ, ସନ୍ଧ୍ୟା ଓ ରାତିରେ ପ୍ରବଳ ଶୀତ ଅନୁଭୂତ ହେଉଛି।। ସହର ଏବଂ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଛି କୁହୁଡିର ବହଳିଆ ଆସ୍ତରଣ। ସତେ ଯେମିତି ଧଳା ଚାଦର ତଳେ ପୁରା ମାଳଭୂମୀ। ଗାଡି ଚଳାଚଳ ସହ ଜନଜୀବନ ଉପରେ ପ୍ରଭାବ ପଡୁଛି। କୋରାପୁଟ, ସୁନାବେଡା, ସେମିଳିଗୁଡା, ଦାମନଯୋଡି ଭଳି ସହରରେ ପାରଦ ଖସି ଆସୁଥିବା ବେଳେ ଗ୍ରାମାଞ୍ଚଳରେ ପ୍ରବଳ ଥଣ୍ଡା ହେଉଛି। ଶୁଙ୍କି, ପଟ୍ଟାଙ୍ଗୀ ଓ ଜୟପୁର ଭଳି ଘାଟି ଅଞ୍ଚଳରେ ୨୦ ମିଟରରୁ ଅଧିକ ରାସ୍ତା ଦେଖାଯାଇନଥିବାରୁ ଜାତୀୟ ରାଜପଥରେ ଗାଡି ଚଳାଚଳ ବିଳମ୍ବ ହେଉଛି। ଅନ୍ୟପଟେ ଗ୍ରାମାଞ୍ଚଳରେ ଜନଜୀବନ ସ୍ୱାଭାବିକ ହେବା ପାଇଁ ସମୟ ଲାଗୁଛି। କୋରାପୁଟରେ ଶୀତର ପରିମାଣ ବଢ଼ିଲାଣି। ଡିସେମ୍ବର ମାସରେ ପାରଦ କ୍ରମାଗତ ଭାବେ ଖସୁଥିବାବେଳେ ଗତ ୬ ତାରିଖ ଦିନ କୋରାପୁଟ ସହରରେ ୧୦.୮ ଡିଗ୍ରୀକୁ ଖସିଛି ପାରଦ। ଆଜି ସକାଳେ ତାପମାତ୍ରା ୧୦.୩ ରହିଥିବା ବେଳେ ଯାହାକି ଚଳିତ ବର୍ଷର ଦ୍ୱିତୀୟ ସର୍ବନିମ୍ନ ତାପମାତ୍ରା ବୋଲି ଜିଲ୍ଲା ଜରୁରୀ କାଳିନ ବିଭାଗ ତରଫରୁ ଜଣାପଡିଛି। ଚଳିତ ମାସ ୪ ତାରିଖ ଦିନ ୧୧ ଡିଗ୍ରୀ ତାପମାତ୍ରା ଏବଂ ୫ ତାରିଖ ଦିନ ୧୦.୯ଡିଗ୍ରୀ ତାପମାତ୍ରା ରହିଥିବା ଜଣାପଡିଛି। ଆଜି ମଧ୍ୟ ସନ୍ଧ୍ୟାରୁ ପ୍ରବଳ ଶୀତ ଅନୁଭୂତ ହେଉଥିବା ବେଳେ ତାପମାତ୍ରା ଧିରେ ଧିରେ କମୁଥିବା ଜଣାପଡିଛି। ସେହି ଅନୁସାରେ ଜିଲ୍ଲାର ସେମିଳିଗୁଡା, ପଟ୍ଟାଙ୍ଗୀ, ଦାମନଯୋଡି ଆଦି ସ୍ଥାନରେ ୩ଦିନ ହେଲା ତାପମାତ୍ରା ଖସୁଛି। ସଞ୍ଜ ନଇଁବା ପରେ ଦେହ ଥରୁଥିବା ବେଳେ ରାତିରେ ଥଣ୍ଡାର ପ୍ରକୋପ ବଢୁଥିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ



ହୋଇପଡୁଛି। କୋରାପୁଟରେ ହାଡ ଭଙ୍ଗା ଜାଡର ପ୍ରଭାବରେ ଲୋକ ମାନେ ଘରୁ ବାହାରିପାରୁ ନାହାନ୍ତି। ସକାଳେ ଚା ପାଇଁ ଦୋକାନରେ ଭିଡ ଲାଗୁଛି। ସକାଳ ୯ଟା ପୂର୍ବରୁ ଲୋକେ ଘରୁ ପଦାକୁ ବାହାରି ପାରୁ ନାହାନ୍ତି। ସଞ୍ଜ ନଇଁବା କ୍ଷଣି ଏବେ ଥଣ୍ଡା ମାଡି ଆସୁଛି। ଥଣ୍ଡା ବଢିବା ସହ ଘନ କୁହୁଡି କାରଣରୁ ଜନଜୀବନ ମଧ୍ୟ ବେଶ ପ୍ରଭାବିତ ହେଉଛି। ସେପଟେ କିଛି ଦିନ ହେବ ଜିଲ୍ଲାରେ ଥଣ୍ଡା ଅଧିକ ଥିବା ଜଣାପଡୁଛି। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଏଠାରେ ପର୍ଯ୍ୟଟକଙ୍କ ଭିଡ ଲାଗୁଛି। କିନ୍ତୁ ଶୀତ ବଢୁଥିବାରୁ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ଏଠାରେ ବୃଦ୍ଧି ପାଉଛି। ଜିଲ୍ଲାର କୋରାପୁଟ,ଲକ୍ଷ୍ମୀପୁର , ସେମିଳିଗୁଡା, ପଟ୍ଟାଙ୍ଗି ଓ ଲମତାପୁଟ ବ୍ଲକରେ ସର୍ବାଧିକ ଶୀତ ଅନୁଭୂତ ହେଉଥିବାବେଳେ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ଶୀତର ଲହରି ଆରମ୍ଭ ହୋଇଯାଇଛି। ଏନେଇ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁମିତ ଭୂଷଣ କହିଛନ୍ତି ଜିଲ୍ଲାରେ ଶୀତ ବଢି ବଢି ଚାଲିଛି। ନିରାଶ୍ରୟ ମାନଙ୍କ ପାଇଁ ସହରାଞ୍ଚଳରେ ୫ଟି ଓ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ରାତ୍ର ଆଶ୍ରୟ ସ୍ଥଳୀ ଖୋଲା ଯାଇଛି। କୌଣସି ବ୍ୟକ୍ତି ରାତି ଥଣ୍ଡାରେ ଯେପରି ବାହାରେ ନ ଶୁଅନ୍ତି, ସେଥିପାଇଁ ବିଶେଷ ଧ୍ୟାନ ଦିଆଯିବା ସହ ଲୋକ ମାନଙ୍କୁ ରାତ୍ର ଆଶ୍ରୟସ୍ଥଳୀକୁ ନେବା ପାଇଁ ସ୍ୱତନ୍ତ୍ର ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଗକୁ ରେଡକ୍ରସ ତରଫରୁ କମ୍ବଳ ବଣ୍ଟନ ନେଇ ମଧ୍ୟ ଯୋଜନା ଥିବା ସେ କହିଛନ୍ତି।

## ୨୮ ବର୍ଷୀୟା ଯୁବକ ଭତ୍ତା ପାଇବା ଗୁମର ଖୋଲୁଛି



ନନ୍ଦପୁର, ୭।୧୨ (ସମିସ): ୨୮ ବର୍ଷୀୟା ଯୁବକ ଭତ୍ତା ପାଇବା ଗୁମର ଖୋଲିବାରେ ଲାଗିଛି । ବର୍ଷେରୁ ଅଧିକ ସମୟ ହେଲା ମାସିକ ଏକ ହଜାର ଟଙ୍କା ଲେଖାଁଏ ଭତ୍ତା ତାଙ୍କ ବ୍ୟାଙ୍କ୍ ଖାତା ଆସୁଛି। ଭତ୍ତା ପାଇବାକୁ ସୁକାନ୍ତଙ୍କ ଚଞ୍ଚକତା ପର୍ଦାଫାଶ ହେବାରେ ଲାଗିଛି। ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ନିଜକୁ ଅର୍ନ୍ତଭୁକ୍ତ କରି ନିଜ ପିତାଙ୍କ ଆଧାର କାର୍ଡ, ଭୋଟର କାର୍ଡ ସହ ବିକଳାଙ୍ଗ ମେଡିକାଲ ସାର୍ଟିଫିକେଟ ଜାଲିଆତି କରି ନିଜ ବ୍ୟାଙ୍କ୍ ଆକାଉଣ୍ଟରେ ପିତାଙ୍କ ଫୋଟ ଲଗାଇ ପ୍ରତି ମାସିରେ ପାଇ ଚାଲିଛନ୍ତି ଭତ୍ତା। ଏ ସମ୍ପର୍କରେ 'ସକାଳ' ରେ ପ୍ରକାଶିତ ହେବା ପରେ ଚଞ୍ଚକତାର ସବୁ ଗୁମର ଖୋଲି ଯାଇଛି। ଏଭଳି ଘଟଣା ଘଟିଛି କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ, ବନମାଳୀପୁଟ ପଞ୍ଚାୟତ ସଦରରେ। ଯୁବକ ଜଣକ ହେଲେ ସେହି ଗ୍ରାମର ସୁକାନ୍ତ ନାୟକ(୨୮)। କେଉଁ ଆଧାରରେ ପ୍ରତି ମାସରେ ସେ ଭତ୍ତା ହାତଉଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୁକାନ୍ତ ନାୟକଙ୍କ ନିଜର ତେଜରାତି ଦୋକାନ ସହ ସିଏସସି ଜନସେବା କେନ୍ଦ୍ର ମଧ୍ୟ ରହିଛି। ଖାଲି ଏତିକି ନୁହେଁ, ତାଙ୍କ ଆଧାର କାର୍ଡ ରେ ଠିକଣା ବନମାଳୀପୁଟ ଥିବା ବେଳେ ବିମାରିପୁଟ ଠିକଣାରେ ହାତଉଛନ୍ତି ଭତ୍ତା ପଇସା। ଗୋଟେ ପଟେ ବାର୍ଦ୍ଧକ୍ୟ ତଥା ପ୍ରକୃତ ହିତାଧିକାରୀଙ୍କୁ ଭତ୍ତା ମିଳୁ ନଥିବା ବେଳେ ଅନ୍ୟ ପଟେ ଯୁବକ ଭତ୍ତା ପାଉଥିବା ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଏ ସମ୍ପର୍କରେ ଲମତାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତଦନ୍ତ ପରେ ବିହୀତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଉଛି। ସମ୍ପୃକ୍ତ ଭତ୍ତା ଧାରୀ ସୁକାନ୍ତ କହିଛନ୍ତି, ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସୁଛି ବୋଲି ଖବର କାଗଜରେ ପ୍ରକାଶିତ ହେବା ପରେ ସେ ବ୍ୟାଙ୍କ୍ ଖାତାକୁ ଅପ୍ ଡେଟ କଲା ପରେ ଜାଣିଥିଲେ। ସେ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି କହିଛନ୍ତି। ନିଜ ବ୍ୟବସାୟ ଅନୁଷ୍ଠାନ ଟଙ୍କାର ହିସାବ ରଖୁ ଥିବା ବେଳେ ବର୍ଷ ବର୍ଷ ଧରି ବ୍ୟାଙ୍କ୍ ଖାତା ଆସୁଥିବା ଏକ ହଜାର ଟଙ୍କା କେମିତି ତନଖି ରଖି ପରିଲେ ନାହିଁ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ଦାମନଯୋଡ଼ିରେ ଗୀତା ଜୟନ୍ତୀ

ଦାମନଯୋଡ଼ି, ୭।୧୨(ସମିସ):



ନାଲ୍‌କୋ ଟାଉନସିପ ସେକ୍ଟର-୧ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ପବିତ୍ର ଗୀତା ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳେ ସୂର୍ଯ୍ୟ ପୂଜା,ଘଟ ସ୍ଥାପନ,ଗଣପତିଙ୍କ ପୂଜାପରେ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗୀତାର ସମସ୍ତ ଅଷ୍ଟାଦଶ ଅଧ୍ୟାୟ ପାଠ ସହିତ ପ୍ରତି ଶ୍ଳୋକରେ ଆହୂତି ପ୍ରଦାନ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ସମୂହ ଗୀତାପାଠ କରିଥିଲେ। ମନ୍ଦିର ପୁରୋହିତ ରାମକୃଷ୍ଣ ମିଶ୍ର, ପୂଜକ ଅଜୟ କୁମାର ପଣ୍ଡା, ଅମୀୟ କୁମାର ସାମନ୍ତରାୟ ଓ ବିପିନ ବିହାରୀ ପଣ୍ଡା ପୂଜା କାର୍ଯ୍ୟ କରିଥିଲେ। ସଂସ୍କୃତ ଶିକ୍ଷକ ସୁଭାଶିଷ ରଥ ଗୀତାପାଠ କରିଥିଲେ। ସୁଶାନ୍ତ କୁମାର ଦାଶ ଓ ପତ୍ନୀ ସରୋଜିନୀ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନକୁଳ ଚରଣ ପତି, ମୂରଲୀଧର ମହାପାତ୍ର, ଶ୍ରୀକାନ୍ତ ପାଣିଗ୍ରାହୀ, ଜଳେନ୍ଦ୍ର ତ୍ରିପାଠୀ ଓ ସନ୍ତୋଷ କୁମାର ପଣ୍ଡା ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ନାଲ୍‌କୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ, ଉପସଭାପତି ବିଚ୍ଛନ୍ଦ ଚରଣ ଦାଶ, ସମ୍ପାଦକ କୈଳାସ ଚନ୍ଦ୍ର ସେନାପତି, ପୂର୍ବତନ ସମ୍ପାଦକ ରାଜେନ୍ଦ୍ର ମିଶ୍ର, କୋଷାଧକ୍ଷ ପି.କେ.ମହାରଣା ଓ ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀଙ୍କ ସହିତ ଶିଶିର ପରିଡ଼ା, ରଞ୍ଜନ କୁମାର ବେହେରା,ଅନାମ ଚରଣ ନାୟକ, ପ୍ରକାଶ କୁମାର ଦ୍ୱିବେଦୀ, ମଧୁସୂଦନ ପଣ୍ଡା, ଡଃ ଅଶୋକ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରକାଶ ଚନ୍ଦ୍ର ସାହୁ, ଗୌତମ ସାହୁ, ଖଦାଳ ନାୟକ, ରବୀନ୍ଦ୍ର ନାଥ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଜୟପୁର,୭ ।୧୨(ସମିସ): ଜୟପୁର ବିକ୍ରମଦେବ କଳା ଓ ଚାରୁକଳା ବିଦ୍ୟାଳୟ ସୀମାଦ୍ରି ମହାରଣା କଳା ଭବନ ପରିସରରେ ପରବ ମହୋତ୍ସବ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଯଶୋଦା ଗାଦାବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ୬୫ ଜଣ ଚିତ୍ରଶିଳ୍ପୀ ଭାଗ ନେଇଥିଲେ। କନିଷ୍ଠ ବିଭାଗ, ବରିଷ୍ଠ ବିଭାଗ ଓ ସର୍ବକନିଷ୍ଠ ବିଭାଗ ଏହିପରି ୩ଟି ବିଭାଗରେ ଆଜି ଚିତ୍ରକଳା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଲମତାପୁଟ, ବୈପାରିଗୁଡା, ବୋରିଗୁମ୍ମା, ନନ୍ଦପୁର, ସିମିଳିଗୁଡା, ଦଶମନ୍ତପୁର, ଜୟପୁର, କୋଟପାଡ ବ୍ଲକର ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ପି. ଶ୍ରୀନିବାସ, ନରସିଂହ ପ୍ରସାଦ ଷଡଙ୍ଗୀ, ପଦ୍ମଚରଣ ଚୌଧୁରୀ, ଦୀପକ କୁମାର ଦାସ ତଥା କଳା ବିଦ୍ୟାଳୟର ପ୍ରଶିକ୍ଷକ କ୍ରୀଷ୍ଟା ପାଙ୍ଗୀ ଓ ସୌଭାଗ୍ୟ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କର୍ମଚାରୀ କେ. ସୁନିଲ କୁମାର ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଆସନ୍ତା ୮ତାରିଖ କଳା ବିଦ୍ୟାଳୟ ପ୍ରଦର୍ଶନୀରେ ପୁରସ୍କୃତ କରାଯିବ।

## 'ମଣ୍ଡେଇ' ପାଇଁ କାନ୍ଥ ଚିତ୍ରକଳା ପ୍ରତିଯୋଗିତା



ନବରଙ୍ଗପୁର,୭।୧୨(ସମିସ): ମଣ୍ଡେଇ ମହୋତ୍ସବ ୨୦୨୫ର ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଜିଲ୍ଲାସ୍ତରୀୟ କାନ୍ଥ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଶିକ୍ଷା ଅଧିକାରୀ ଜିଲ୍ଲା କଲ୍ୟାଣ ଅଧିକାରୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସଫଳ ସମନ୍ୱୟରେ ପରିଚାଳିତ ହୋଇଥିଲା। ପ୍ରତିଯୋଗିତାକୁ ଛାତ୍ର ସ୍ତର ଓ ବୃତ୍ତିଗତସ୍ତର ନାମରେ ଦୁଇଟି ଭାଗରେ ବିଭକ୍ତ କରାଯାଇଥିଲା। ଉଭୟ ବିଭାଗରେ ସମଗ୍ର ନବରଙ୍ଗପୁର ଜିଲ୍ଲାରୁ ୧୦ ଜଣ ଲେଖାଏଁ ଉତ୍ସାହୀ ପ୍ରତିଯୋଗୀ ଛାତ୍ର ଏବଂ ବୃତ୍ତିଗତ ମୋଟ ୨୦ ଜଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଚାରକ ଭାବରେ ପଦ୍ମଲୋଚନ ବାରିକ, ବିଶ୍ୱଜିତ୍ ଗିରି ଓ ବସନ୍ତ ବେନିଆ ଚିତ୍ରକଳା ଶିକ୍ଷକ ପ୍ରମୁଖ ଉଭୟ ବିଭାଗର ଶ୍ରେଷ୍ଠ ତିନିଜଣ ଲେଖାଏଁ ବିଜେତା ଚୟନ କରିଥିଲେ।

## କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କଲେ ଗଣଶିକ୍ଷା ମନ୍ତ୍ରୀ



ଉମରକୋଟ/ଝରିଗାଁ, ୭।୧୨ (ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ଅଞ୍ଚଳର ଦକ୍ଷ କ୍ରୀଡାବିତଙ୍କୁ ଗଣଶିକ୍ଷା ମନ୍ତ୍ରୀ ଭୁବନେଶ୍ୱର ସ୍ଥିତ ନିଜ ବାସ ଭବନକୁ ଡାକି ସମ୍ବର୍ଦ୍ଧନା ଜଣାଇଛନ୍ତି। ତାକୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବେଲଗାଁ ପଞ୍ଚାୟତ ଅନ୍ତର୍ଗତ ଗବାଗୁଡା ଗ୍ରାମର ଜୟୀ ସାନ୍ତା ଓ ଖିଡା ସାନ୍ତାଙ୍କ ପୁଅ ନବୀ ସାନ୍ତା ଉମରକୋଟ ସ୍ଥିତ ସଂଗ୍ରାମୀ ରବିସିଂ ମାଝୀ ସ୍ପୋର୍ଟ୍ସ କମ୍ପେଲକ୍ସରେ ରହି କୋଚିଂ ନେଉଥିଲେ। ତାଙ୍କର କୋଚ ମାଷ୍ଟର ସପନ ବୈରାଗୀ ତାଙ୍କୁ ସବୁ କ୍ଷେତ୍ରରେ ଦକ୍ଷ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ଛାତ୍ରର ପ୍ରତିଭା ତାଙ୍କୁ ଏକ ନୂତନ ପରିଚୟ ଦେଇଛି। ନବୀ ସାନ୍ତା ଦୌଡ ପ୍ରତିଯୋଗିତାରେ ସ୍କୁଲରୁ ବାହାରି କ୍ଲଷ୍ଟର, ବ୍ଲକ,ଜିଲ୍ଲା ଓ ରାଜ୍ୟ ସ୍ତରରେ ପ୍ରତିଯୋଗିତା ମାନଙ୍କରେ ଭାଗନେଇ ଉତ୍ତମ ପ୍ରଦର୍ଶନ କରି ବର୍ତମାନ ଏବେ ସେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବାର ସୁଯୋଗ ପାଇଛନ୍ତି। ସେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୪୦୦ମିଟର ଦୌଡରେ ଭାଗ ନେଉ ସଫଳତା ହାତେଇବା ସହିତ ନିଜ ଜିଲ୍ଲା ପାଇଁ ସ୍ୱର୍ଣ୍ଣ ପଦକ ଆଣିଦେଇଛନ୍ତି । ନବୀଙ୍କ ଏହି ସଫଳତାରେ ଜିଲ୍ଲାବାସୀ ଗର୍ବିତ । ଝରିଗାଁ ଭଳି ଏକ ଉପାନ୍ତ ଅଞ୍ଚଳର ଛାତ୍ର ଜାତୀୟ ସ୍ତରରେ ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଖେଳିବାର ସୁଯୋଗ ପାଇଛି । ଏହି ସମ୍ବର୍ଦ୍ଧନା ସମୟରେ ଝରିଗାଁ ବିଧାୟକ ନରସିଂହ ଭତରା, କୋଚ ସପନ ବୈରାଗୀ ଉପସ୍ଥିତ ରହି ନବୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ତାର ଉଜ୍ଜଳ ଭବିଷ୍ୟତ ପାଇଁ କାମନା କରିଛନ୍ତି।

## ସାମାଜିକ ସମରତା ଦିବସ ପାଳିତ




ଜୟପୁର,୭ ।୧୨(ସମିସ): ବାବାସାହେବ ଆମ୍ବେଦକରଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ସହ ସାମାଜିକ ସମରତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ଭବନ ପରିସରରେ ଜିଲ୍ଲା ସଭାପତି ରୂପକ ତୁରୁକଙ୍କ ସଭାପତିତ୍ୱରେ ଆମ୍ବେଦକରଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିମାଇ ଚରଣ ସରକାର, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ନେପାକ, ନିହାର ବିଷୋୟୀ, ରାମ ନାୟକ, ମଦନ ମୋହନ ନାୟକ, କାନ୍ତ ପାଢି, ବ୍ରଜ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପରବେଢ଼ା ସ୍ଥିତ ଆମ୍ବେଦକର ଛକ ପ୍ରତିମୂର୍ତ୍ତି ନିକଟରେ ମହାଦଳିତ ପରିସଂଘ ପକ୍ଷରୁ ପୁଷ୍ପମାଲ୍ୟ ଦିଆଯାଇଥିଲା। ରାଜ୍ୟ ସଭାପତି ବୃନ୍ଦାବନ ଖରାଙ୍କ ନେତୃତ୍ୱରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦର ସଦସ୍ୟ ମାନେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ସୁରେନ୍ଦ୍ର ଖରା ଯୋଗ ଦେଇ ଆମ୍ବେଦକରଙ୍କ ଜିବନୀ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ସନ୍ତୋଷ ସୁନା, ଜି. ମହେଶ, ନାରାୟଣ ସାଗର, ଗଜେନ୍ଦ୍ର ନାଗ, ସଞ୍ଜିତ ପାଲ, ସୁରେନ୍ଦ୍ର କୁଳଦୀପ, ମନସ୍ୱିନୀ ଟାକ୍ରି, ବାସୁ ନାୟକ, ମଧୁହିଆଲ, ମଙ୍ଗଳଦାନ ଖିଲ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ୍ବେଦକରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ନବରଙ୍ଗପୁର, ୭।୧୨(ସମିସ): ଜିଲ୍ଲା କଂଗ୍ରେସ କମିଟି ତରଫରୁ ବାବା ସାହେବ୍ ଭୀମ ରାଓ ଜି ଆମ୍ବେଦକରଙ୍କ ୬୯ ତମ ଶ୍ରାଦ୍ଧ ବାର୍ଷିକୀ ତଥା ମହା ପରିନିର୍ବାଣ ଦିବସ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁଶ୍ରୀ ଲିପିକା ମାଝୀଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଛି। ଜିଲ୍ଲା କାର୍ଯ୍ୟାଳୟ ଠାରେ ଦଳୀୟ ନେତୃମଣ୍ଡଳୀଙ୍କ ଆମ୍ବେଦକର ଛକସ୍ଥିତ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ସ୍ତୁତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଭୁଜବଳ ମାଝୀ, ବରିଷ୍ଠ ନେତା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମେଘନାଦ ବିଶୋଇ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ତୁଫାନ ଷଡଙ୍ଗୀ, ଆଇନଜୀବୀ ତ୍ରିନାଥ ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସମ୍ପାଦିକା ହୁଶୁନା ବାନ, ଗଣେଷ ପଟ୍ଟନାୟକଙ୍କ ସହ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



### ସପ୍ତାହେ ହେଲା ଡଙ୍ଗା ଅଚଳ

# କନ୍ଧାଯୋଡ଼ି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

କୁନ୍ଦୁରା,୭।୧୨(ସମିସ):



କୁନ୍ଦୁରା ବ୍ଲକ ଅନ୍ତର୍ଗତ କେରିମିଟି ପଞ୍ଚାୟତ କନ୍ଧାଯୋଡ଼ି ଗାଁକୁ ସପ୍ତାହେ ହେଲା ଯୋଗାଯୋଗ ବିଚ୍ଛିନ୍ନ ରହିଛି । କୋଲାବ ନଦୀରେ ଥିବା ଡଙ୍ଗା ଚାରିଆଡ଼େ ଫାଟି ପାଣି ପଶୁଛି । ରାତିରେ ପାଣି ଭର୍ତ୍ତି ହୋଇ ସକାଳ ବେଳକୁ ନଦୀରେ ବୁଡ଼ି ରହୁଛି । ୧୦/ ୧୨ ଜଣ ଲୋକ ପ୍ରାୟ ଦୁଇ ଘଣ୍ଟା ଧରି ଡଙ୍ଗା କାଢ଼ି ସବୁ ପାଣି ବାହାର କରିବା ପରେ ୪,୬ ଜଣ ଲୋକ ନଦୀ ପାର ହୋଇ ପାରୁଛନ୍ତି । ଏଭଳି ଦୁଇ ତିନି ମାସ ଚଳାଇ ଆସୁଥିଲେ । ପ୍ରତି ଦିନ ଏ ଭଳି କରିବା ସମ୍ଭବପର ହେଲା ନାହିଁ । ଯାହାଦ୍ୱାରା କି ସପ୍ତାହେ ହେଲା ଅତି ଜରୁରୀ ନ ହେଲେ ଡଙ୍ଗା ଚଳାଉ ନାହାନ୍ତି । ଏଥିରେ ଗାଁରେ ଥିବା ସ୍କୁଲ ପ୍ରଭାବିତ ହେଉଛି । ଶିକ୍ଷକ ମାନେ ନଦୀ ଘାଟ ପର୍ଯ୍ୟନ୍ତ ଯାଉଛନ୍ତି କେହି ଡଙ୍ଗା ଆଣିଲେ ପାର ହୋଇ ଯାଉଛନ୍ତି । ନ ହେଲେ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରି ଫେରି ଆସୁଛନ୍ତି । ଏ ସପ୍ତାହରେ ଦୁଇ ତିନି ଦିନ ଏ ଭଳି ହେଲାଣି। ରୋଷେଇଆ ସ୍କୁଲ ଖୋଲି ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ଦେଉଛନ୍ତି । ବ୍ଲକର ଏହି ଦୁଇଟି ଗାଁ ରହିଛି କୋଲାବ ନଦୀ ଆର ପାରିରେ ଓ ଛତିଶଗଡ଼ ସୀମାରେ । ଗାଁ ଠାରୁ ମାତ୍ର ୧ କି ମି ପରେ ରହିଛି ଛତିଶଗଡ଼ ସୀମା। ଗାଁ ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତଥା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟରେ ପଞ୍ଚାୟତ ଓ ବ୍ଲକ ସଦରକୁ ନ ଆସିଲେ ନ ଚଳେ। ଏଭଳି ସ୍ଥିତିରେ ଗାଁ ଠାରୁ ଅଧିକ ୧୦ କିମି ରାସ୍ତା ବୁଲିକି ଆସୁଛନ୍ତି ଗାଁ ଲୋକେ। ବୈପାରୀଗୁଡ଼ା ବ୍ଲକ ଘୋଡ଼ାଘାଟ ଘାଟରେ କୋଲାବ ନଦୀ ପାର ହୋଇ ଗୟଳକୁଣ୍ଡ ଦେଇ ଫୁଲଭଟ୍ଟା ପଞ୍ଚାୟତର ବିଷଭଟ୍ଟା ଦେଇ ପଞ୍ଚାୟତ,ବ୍ଲକ ସଦର ଓ ହାଟ ବଜାରକୁ ଯାତାୟତ କରୁଛନ୍ତି। ସୂଚନା ଥାଉକି ଗତ ନଭେମ୍ବର ୧୪ ତାରିଖରେ ଜିଲ୍ଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଏକ ନୂଆ ଡଙ୍ଗା ଯୋଗାଇ ଦିଆଯାଇଥିଲା। ବିଧାୟକ ରୂପୂ ଭତରା ଲୋକାର୍ପଣ କରିଥିଲେ । ବର୍ଷେ ପରେ ଅଚଳ ଏହା ଅଚଳ ହୋଇଗଲା। ଏ ନେଇ ପିଇଓ ରବିନ୍ଦ୍ର ପୂଜାରୀଙ୍କୁ ପଚାରିବାରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି । ଆସନ୍ତା ସୋମବାର ଦିନ ଜିଲ୍ଲାରୁ ଏକ ଟିମ ଆସି ସ୍ଥିତି ଅନୁଧ୍ୟାନ କରିବେ। ମରାମତି କରାଯିବ କି ନୂତନ ଡଙ୍ଗା ଯୋଗାଇ ଦିଆଯିବ ତାହା ସେମାନେ ସ୍ଥିର କରିବେ ବୋଲି କହିଛନ୍ତି।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ରାୟଗଡା, ୭।୧୨(ସମିସ): ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବିଲେଷୁରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀନିବାସ ରାଓ ଲାଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବଡ଼ଇରକୁବାଡି କ୍ଲଷ୍ଟର ସିଆରସିସି ବଳଭଦ୍ର ହିମିରିକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର କ୍ରୀଡ଼ା ପତାକାକୁ ଉତ୍ତୋଳନ କରିଥିଲେ। ଶିକ୍ଷା ପ୍ରତ୍ୟେକ ଶିଶୁଙ୍କ ଅଧିକାର। ପିଲାମାନେ ସୁସ୍ଥ ସ୍ୱାସ୍ଥ୍ୟର ଅଧିକାରୀ ହେଲେ ଶିକ୍ଷାରେ ଉନ୍ନତି କରିପାରିବେ ଏବଂ ଏଥିପାଇଁ କ୍ରୀଡା ଅପରିହାର୍ଯ୍ୟ। କ୍ରୀଡ଼ା ଶିଶୁକୁ ସଦାସର୍ବଦା ଶାରୀରିକ ଓ ମାନସିକ ଭାବେ ଫୁର୍ତ୍ତି ରଖିଥାଏ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ। ଏଥି ପୂର୍ବରୁ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରି ମଶାଲ ଶୋଭା ପରିକ୍ରମା ସହ ଖେଳ ପଡିଆରେ ମଶାଲକୁ ସ୍ଥାପନ କରାଯାଇଥିଲା। ବିଦ୍ୟାଳୟର ସ୍କାଉଟ୍ ଏଣ୍ଡ ଗାଇଡ୍ ଦଳ ଦ୍ୱାରା ପ୍ରସ୍ତୁତ ପ୍ୟାରେଡରେ ଅତିଥିମାନେ ଅଭିବାଦନ ଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଏହି ଅବସରରେ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ଚାରୋଟି ହାଉସର କାନ୍ଥ ପୋଷ୍ଟର ଉନ୍ମୋଚନ ହୋଇଥିଲା। ବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ସ୍ମୃତି ରଂଜନ ମହାରଣା ଓ ସହଯୋଗୀ କ୍ରୀଡ଼ା ଦାୟିତ୍ୱରେ ଥିବା ଶିକ୍ଷକ ବ୍ରହ୍ମପଦ ସାହୁ ସମଗ୍ର ବାର୍ଷିକ କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିଲେ। ଶିକ୍ଷକ ଡ. ଦ୍ୱିତିଚନ୍ଦ୍ର ସାହୁ, ବିରାଟ ହିଆଲ, ରାଜାରାଓ ସାରକା, ବିକ୍ରାନ୍ତ ରଣା, ଘନ ଶବର, ଦାମିନୀ ନାୟକ, ଦେବାଶିଷ ବେହେରା ଓ ରମେଶ ବେହେରା ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ନାବାଳିକାଙ୍କ ଆତ୍ମାହୁତି ଉଦ୍ୟମ ଘଟଣା

# ପୀଡ଼ିତା ଛାତ୍ରୀଙ୍କୁ ଆଇଜିଏଚ୍‌ରେ ଭେଟିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ





**ରାଉରକେଲା, ୭।୧୨(ସମିସ)**

ଗତକାଲି ଆତ୍ମାହୁତି ଉଦ୍ୟମ କରିଥିବା ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଅଞ୍ଚଳର ନାବାଳିକା ଛାତ୍ରୀ ଅତି ସଙ୍କଟାପନ୍ନ ଅବସ୍ଥାରେ ରାଉରକେଲାର ଆଇଜିଏଚର ବର୍ଣ୍ଣ ୟୁନିଟରେ ଚିକିତ୍ସିତ ହେଉଛନ୍ତି। ଆଜି ଦିନିକିଆ ଗସ୍ତରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପୀଡିତା ଛାତ୍ରୀଙ୍କୁ ଆଇଜିଏଚରେ ଭେଟି ତାର ସ୍ୱାସ୍ଥ୍ୟବସ୍ଥା ଡାକ୍ତରମାନଙ୍କଠାରୁ ପଚାରି ବୁଝିଥିଲେ। ଛାତ୍ରୀଙ୍କ ଶରୀରର ୯୦ ପ୍ରତିଶତ ପୋଡି ଯାଇଥିବାରୁ ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଥିବା ଡାକ୍ତରମାନେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗଙ୍କୁ କହିଥିଲେ। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପୀଡିତାଙ୍କର ଚିକିତ୍ସା କରୁଛନ୍ତି। ମନ୍ତ୍ରୀ ଏମ୍ସ ନିର୍ଦ୍ଦେଶକଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ପୀଡିତାର ଶରୀରର ଅବସ୍ଥାକୁ ଦେଖି ଆବଶ୍ୟକ ପଡ଼ିଲେ ତାକୁ ଏୟାର ଲିଫ୍ଟ କରି ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର କିମ୍ବା ନୂଆଦିଲ୍ଲୀ ଏମ୍ସକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ଅନ୍ୟପଟରେ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଅଞ୍ଚଳର ନାବାଳିକା ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ପଛର କାରଣ ପ୍ରେମ ବ୍ୟାପର ରହିଥିବା କୁହାଯାଉଛି। କୁତ୍ରା ଅଞ୍ଚଳର ନିଲେଶ ସାହୁ ନାମକ ଜଣେ ଯୁବକ ନାବାଳିକା ଛାତ୍ରୀଙ୍କୁ ନାନା ପ୍ରକାରର ନିର୍ଯାତନା ଦେବା ଯୋଗୁଁ ପୀଡିତା ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିବା ସୂଚନା ମିଳିଛି। ପୀଡିତାଙ୍କ ପରିବାର ବର୍ଗ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ପୁଲିସ ଏବଂ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେପଟେ ରାଜଗାଙ୍ଗପୁର ଥାନା ପୁଲିସ ଏହି ଘଟଣାରେ ସମ୍ପୃକ୍ତ ଯୁବକ ନିଲେଶ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଏନେଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର କହିଛନ୍ତି, ଅଭିଯୁକ୍ତ ଯୁବକ ବାରମ୍ବାର ପୀଡିତା ଛାତ୍ରୀଙ୍କୁ ଫୋନ ଯୋଗେ ହଇରାଣ କରିବା ସହ ଧମକଚମକ ଦେଉଥିଲା। ଯାହା ଫଳରେ ଛାତ୍ରୀ ଜଣଙ୍କ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ଘଟଣାକୁ ପୁଲିସ ଅତି ସମ୍ବେଦନଶୀଳ ଭାବେ ଗ୍ରହଣ କରିଛି ବୋଲି ଏସ୍‌ପି ଶ୍ରୀମତୀ କୌର କହିଛନ୍ତି। ଆଜି ବିଧାୟକ ଦୁର୍ଗାଚରଣ ତନ୍ତୀ, ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଆଇଜିଏଚରେ ପହଞ୍ଚି ପୀଡିତାର ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି।

**ଆବଶ୍ୟକ ପଡ଼ିଲେ ଚିକିତ୍ସା ପାଇଁ ଏୟାର ଲିଫ୍ଟ କରାଯିବ: ସ୍ୱାସ୍ଥ୍ୟ ମନ୍ତ୍ରୀ**

## ୪ ଏସ୍‌ଆଇଙ୍କ ବଦଳି

**ରାଉରକେଲା, ୭।୧୨(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅଧୀନରେ କାର୍ଯ୍ୟରତ ୪ ଜଣ ଏସ୍‌ଆଇଙ୍କ ବଦଳି ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ବ୍ରାହ୍ମଣୀ ତରଙ୍ଗ ଥାନାର ଆଦିତ୍ୟ କୁମାର ବେହେରାଙ୍କୁ ବଣାଇ ଥାନା, ରଘୁନାଥପାଲି ଥାନାର ହୃଷୀକେଶ ପ୍ରଧାନଙ୍କୁ କୋଇଡା, ପୁଲିସ ଜିଲ୍ଲା ମୁଖ୍ୟାଳୟର ରୁଶଭ କୁମାର ପଣ୍ଡାଙ୍କୁ କେ ବଲାଙ୍ଗ ଓ ସେକ୍ଟର -୭ ଥାନାର ସୌମ୍ୟ ରଞ୍ଜନ ଗିରିଙ୍କୁ ରଘୁନାଥପାଲି ଥାନାକୁ ବଦଳି ହୋଇଛି।

## ସୃଜନୀ ସାହିତ୍ୟ ସଂସଦର ଶୀତ ଆସର

**ରାଉରକେଲା, ୭।୧୨(ସମିସ):** ସୃଜନୀ ସାହିତ୍ୟ ସଂସଦର ଶୀତ ଆସର ସଭାପତି ଶଚିନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ବିଗତ ବାର୍ଷିକ ଉତ୍ସବକୁ ନେଇ ଆଲୋଚନା କରାଯାଇ ଆଗମୀ ବାର୍ଷିକ ପତ୍ରିକା ପାଇଁ ଲେଖାମାନ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ଆଜୀବନ ସଦସ୍ୟ ଭାବେ ବସନ୍ତ କୁମାର ଜେନା ଓ ରାମଚନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସାହିତ୍ୟ ସେବା କ୍ଷେତ୍ରରେ ଅନୁଗୁଳର ବିଶିଷ୍ଟ ସାହିତ୍ୟିକ ସଦାନନ୍ଦ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଶେଷ ଭାବେ ଶୀତର ଉଦାମତା ଓ ଉପକାରିତା ନେଇ କବିତା ପାଠ କରାଯାଇଥିଲା। ଏଥିରେ କବି ହରିହର ବେହେରା ସଭାପତିତ୍ୱ କରିଥିବାବେଳେ ହରପ୍ରିୟା ସାମଲ ସଂଯୋଜନା କରିଥିଲେ। ଶଚିନ୍ଦ୍ର କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ବେହୁରିଆ, ଆଦିତ୍ୟ କୁମାର ଷଡଙ୍ଗୀ, ହରିହର ବେହେରା, ହରପ୍ରିୟା ସାମଲ, ବସନ୍ତ କୁମାର ଜେନା, ରାଜକିଶୋର ଜେନା, ଲକ୍ଷ୍ମୀ ପଣ୍ଡା, ମୀରା ମଲ୍ଲିକ, ନମିତା ବେହେରା ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ ଧନ୍ୟବାଦ୍ ଦେଇଥିଲେ।

## ସିଆଇଟିୟୁର ସାଂଗଠନିକ ସମ୍ମିଳନୀ



**ରାଉରକେଲା, ୭।୧୨(ସମିସ):** ଭାରତୀୟ ଟ୍ରେଡ ୟୁନିୟନ କେନ୍ଦ୍ର (ସିଆଇଟିୟୁ)ର ୭ମ ସୁନ୍ଦରଗଡ଼ ଜିଲ୍ଲା ସାଂଗଠନିକ ସମ୍ମିଳନୀ ଆଜି ସ୍ଥାନୀୟ ଶ୍ରମିକ ଭବନ ସେକ୍ଟର -୧୭ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ପ୍ରାରମ୍ଭରେ ସିଆଇଟିୟୁ ଜିଲ୍ଲା ସଭାପତି ବିଧାୟକ ଲକ୍ଷ୍ମଣ ମୁଣ୍ଡା ସଂଗଠନର ଲାଲ୍ ପତାକା ଉତ୍ତୋଳନ କରିଥିଲେ। ଏହି ସମ୍ମିଳନୀକୁ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ଉଦ୍‌ଘାଟନ କରିଥିଲେ। ଗତ ନଭେମ୍ବର ୨୧ ତାରିଖରେ କେନ୍ଦ୍ର ସରକାର ଲାଗୁ କରିଥିବା ୪ଟି ଶ୍ରମ କୋର୍ଡ ବିରୁଦ୍ଧରେ ଆଗାମୀ ଦିନରେ ବ୍ୟାପକ ଶ୍ରମିକ ଆନ୍ଦୋଳନ ପାଇଁ ଶ୍ରମିକ ଶ୍ରେଣୀ ଏକ ହେବାକୁ ସେ ଆହ୍ୱାନ କରିଥିଲେ। ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଜିଲ୍ଲା ଉପସଭାପତିମାନଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି ସମ୍ମିଳନୀରେ ରାଜନୈତିକ ଓ ସାଂଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଜିଲ୍ଲାର ବିଭିନ୍ନ ଉଦ୍ୟୋଗ ଇସ୍ପାତ, ଠିକା, ଖଣି, ନିର୍ମାଣ, ପରିବହନ, ଆଶା, ଅଙ୍ଗନବାଡି, କୋଇଲା, ଶିଳ୍ପ ଶ୍ରମିକ ନେତୃତ୍ୱମାନେ ସାଧାରଣ ସମ୍ପାଦକଙ୍କ ଦ୍ୱାରା ଆଗତ ଚିଠା ରିପୋର୍ଟ ଉପରେ ମତାମତ ରଖି ଆଗାମୀ ଦିନରେ ସଂଗଠନକୁ ମଜବୁତ କରିବା ସହିତ ସରକାରଙ୍କ ଜନ ବିରୋଧି ଓ ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ଜୋରଦାର ଆନ୍ଦୋଳନ ପାଇଁ ପ୍ରସ୍ତାବ ରଖିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜାହାଙ୍ଗୀର ଅଲ୍ଲୀ, ହୃଦୟାନନ୍ଦ ଯାଦବ, ରାଜ କିଶୋର ପ୍ରଧାନ, ଅଜୟ ଶର୍ମା, ତାଜମୁନ ନେହାର, ଶକୁନ୍ତଳା ମହାକୁଡ଼, ଶ୍ରୀମନ୍ତ ବେହେରା, ବିପି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମତ ରଖିଥିଲେ। ଆଗାମୀ ୩ ବର୍ଷ ପାଇଁ ଏକ ୪୬ ଜଣିଆ ଜିଲ୍ଲା କର୍ମକର୍ତ୍ତା ଓ ୫୧ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ କରାଯାଇଥିଲା। ସଭାପତି ଭାବେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସାଧାରଣ ସମ୍ପାଦକ ବିମାନ ମାଇତି, କୋଷାଧ୍ୟକ୍ଷ ଜାହାଙ୍ଗୀର ଅଲ୍ଲୀ ରହିଥିବା ବେଳେ ଉପସଭାପତି ଭାବେ ଶ୍ରୀମନ୍ତ ବେହେରା, ବସନ୍ତ ନାୟକ, ସୁରେନ୍ଦ୍ର ଦାଶ, ପ୍ରଭାତ ପଣ୍ଡା, ବିପି ମହାପାତ୍ର, ଅଜୟ ଶର୍ମା, ସୁଶିଳା ମୁଣ୍ଡା, ହୃଦୟାନନ୍ଦ ଯାଦବ, ଯଯାତି କେଶରୀ ସାହୁ ନିର୍ବାଚିତ ହୋଇଥିବାବେଳେ ସମ୍ପାଦକ ଭାବେ ଆନନ୍ଦ ମାସି ହରୋ, ରାଜ କିଶୋର ପ୍ରଧାନ, ସୁରେଶ ମୁଦାଲି, ସାରାନି ସୁରିନ୍ଦର, ତାଜମୁନ ନେହାର, ଅକ୍ଷୟ ମହାନ୍ତ, ଅରୁ ଦାସ, ଅଟଳ ସ୍ୱାଇଁ, ଶକୁନ୍ତଳା ମହାକୁଡ଼, ଦିବାକର ମହାରଣା, ରତ୍ନାକର ନାୟକ, ସହଦେବ ନାଏକ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିନୟ ବେହୁରିଆ, ବିଶ୍ୱଜିତ ମାଝୀ, ବଛିରାମ ବେହେରା, ସୁରେନ୍ଦ୍ର ମହାନ୍ତି, ଅଜିତ ଏକ୍କା, ଅଶୋକ ସାମଲ, ଏନ୍‌ଏନ୍ ପାଣିଗ୍ରାହୀ ନିର୍ବାଚିତ ହୋଇଥିବାବେଳେ ଯୁଗ୍ମ ସମ୍ପାଦକ ଭାବେ କ୍ଷିରୋଦ ବେହେରା, ରଞ୍ଜନ ବେହେରା, ସମ୍ବିତ ସ୍ୱାଇଁ, ଗୋପୀ ମହାନ୍ତ, ସୁଦର୍ଶନ ପାତ୍ର, ଅଜିତ ଦାସ, ଉପେନ୍ଦ୍ର ତ୍ରିପାଠୀ, ଆଶୁତୋଷ ସିହ୍ନା, ପ୍ରଦୀପ ସେଠୀ, ଯଜ୍ଞେଶ୍ୱର ସାହୁ, ରମିଲା ସଏ, ବିଶ୍ୱନାଥ ଲେଙ୍କା ନିର୍ବାଚିତ ହୋଇଥିଲେ। ଆଗାମୀ ୧୨ ରୁ ୧୪ ତାରିଖ ତିନିଦିନ ଧରି ସିଆଇଟିୟୁ ରାଜ୍ୟ ସମ୍ମିଳନୀ ପାରାଦୀପଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ସିପିଆଇର ଶତବାର୍ଷିକ ସମାରୋହ ପାଇଁ ବୈଠକ



**ରାଉରକେଲା, ୭।୧୨(ସମିସ):** ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଉରକେଲା ଜୋନ୍ ପରିଷଦ ବୈଠକ ପାର୍ଟି କାର୍ଯ୍ୟାଳୟ ହରିବନ୍ଧୁ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ କୁମାର ଦାସ ଅତିଥି ଭାବେ ଯୋଗଦେଇ ସିପିଆଇ ପାର୍ଟିର ୨୫ ତମ ପାର୍ଟି କଂଗ୍ରେସରେ ଗୃହୀତ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ପାର୍ଟି ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ରାଉରକେଲା ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ୟ କ୍ଷେତ୍ରରେ ଅବହେଳା କରୁଛନ୍ତି ବୋଲି ଅଭିଯୋଗ କରିବା ସହ ପ୍ରଶାସନର ଦୁର୍ନୀତି ଓ ସହରରେ ବିକାଶ ପାଇଁ ସିପିଆଇ ଆନ୍ଦୋଳନ କରିବ ବୋଲି ଆହ୍ୱାନ କରିଥିଲେ। ଜୋନ୍ ସମ୍ପାଦକ ସଦାନନ୍ଦ ସାହୁ ସିପିଆଇର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିବା ସହ ପାର୍ଟିର ତ୍ୟାଗ ଓ ସଂଘର୍ଷର ଶତବାର୍ଷିକ ଉତ୍ସବ ସମ୍ବଲପୁରଠାରେ ଅନୁଷ୍ଠିତ ହେଉଛି, ଏଥିରେ ପାର୍ଟିର ଶତାଧିକ କର୍ମୀ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ। ରାଉରକେଲା ସହର ଓ ଏହାର ଆଖପାଖ ଅଞ୍ଚଳରେ ବନ୍ଦ ପଡ଼ିଥିବା କଳକାରଖାନାର ପୁନରୁଦ୍ଧାର, ବିଭିନ୍ନ ଖାଲି ପଡ଼ିଥିବା ସରକାରୀ ପଦବୀ ଗୁଡ଼ିକ ତୁରନ୍ତ ପୂରଣ, ଶିକ୍ଷାନୁଷ୍ଠାନରେ ଶିକ୍ଷକ ନିଯୁକ୍ତି, ଜିଲ୍ଲାରେ ଗଢ଼ିଉଠିଥିବା ବିଭିନ୍ନ କଳକାରଖାନାରେ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି, ଡିଏମଏଫ୍ ପାଣ୍ଠିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବ୍ୟବସ୍ଥା ଉପରେ ଅଧିକ ଭାଗ ବିନିଯୋଗ କରିବା, ଆରଜିଏଚ୍‌ରେ ଡାକ୍ତର ପଦବୀ ପୂରଣ ସହ ଅନ୍ୟାନ୍ୟ ଦାବି ଉପରେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମ୍ବଲପୁରଠାରେ ଅନୁଷ୍ଠିତ ହେବାକୁ ଥିବା ସିପିଆଇର ଶତବାର୍ଷିକୀ ସମାରୋହରେ ସୁନ୍ଦରଗଡ଼ ଜିଲ୍ଲାରୁ ୨୦୦ ପ୍ରତିନିଧି ଯୋଗ ଦେବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଚାଷ ଜମିକୁ ଜଳସେଚନ, ସାଂସଦ ଓ ବିଧାୟକ ପାଣ୍ଠିରୁ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ଏବଂ ଜିଲ୍ଲାର ସାମୁହିକ ବିକାଶ ଓ ପର୍ଯ୍ୟଟନସ୍ଥଳୀର ବିକାଶ ନେଇ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ସାଥୀ ଦଶରୁ କିଶନ ସଭାପତିତ୍ୱ କରିଥିଲେ। ସବ୍ୟସାଚୀ ନାୟକ, ସୁଶାନ୍ତ ଲେଙ୍କା, ଅଜୟ ବାର, ପଞ୍ଚାନନ ସୁନା, ଅପର୍ଣ୍ଣା ରାଉତରାୟ, ମହେଶ୍ୱର ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

## ଇସ୍ପାତ ନାଟ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ଆମେ ନାଟୁଆ ପକ୍ଷରୁ 'କିଛି ସତ କିଛି ମିଛ' ମଞ୍ଚସ୍ଥ

**ରାଉରକେଲା, ୭।୧୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷାକତା ଏବଂ ଆରଏସପି ଆନୁକୂଲ୍ୟରେ ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ ଷଷ୍ଠ ସନ୍ଧ୍ୟାରେ ସ୍ଥାନୀୟ ସିଭିକ ସେଣ୍ଟରଠାରେ ଆମେ ନାଟୁଆ ନାଟ୍ୟାନୁଷ୍ଠାନ ତରଫରୁ 'କିଛି ସତ କିଛି ମିଛ' ନାଟକ ମଞ୍ଚସ୍ଥ ହୋଇଥିଲା। ଯାହା ସମାଜକୁ ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲା। ଭଲ ପୋଷ୍ଟରେ ଚାକିରି କରୁଥିବା ସମୟରେ ମୋହନ, ରାଧାକୁ ପ୍ରେମ ବିବାହ କରେ ଦୁଇ ଘରର ସହମତିରେ। ମୋହନର ଇଚ୍ଛା ମୁତାବକ ରାଧା ଉଚ୍ଚ ଶିକ୍ଷିତା ହୋଇ ଉଚ୍ଚ ପଦବୀରେ ସରକାରୀ ଚାକିରି ପାଏ। ଏହା ଭିତରେ ମୋହନର ଚାକିରି ଛଟେଇ କାରଣରୁ ଚାଲିଯିବା ପରେ ନିଜେ ସ୍ୱାବଲମ୍ବୀ ହେବାକୁ ଯାଇ ଚା' ଦୋକାନଟିଏ କରେ। ଯାହା ରାଧାର ଆତ୍ମସମ୍ମାନ ଉପରେ ଆଞ୍ଚ ଆସେ। ବାରମ୍ବାର ରାଧାର ତାଗିତ ପରେ ମଧ ମୋହନ ଦୋକାନ ବନ୍ଦ କରି ଚାକିରି କରିବାକୁ ମନା କରିଦିଏ। ଯାହାଦ୍ୱାରା ଆରମ୍ଭ ହୁଏ ତାଙ୍କ ଜୀବନରେ ଝଡ଼। ବିବାହ ବିଚ୍ଛେଦ ପାଇଁ ଛାଡପତ୍ର ଦେବାକୁ ରାଧା କୋର୍ଟରେ ଆବେଦନ କରେ। କୋର୍ଟ ତରଫରୁ ବିବାହ ସମୟରେ ଯେପରି ଦୁଇ ପରିବାର ମିଶି ବିବାହ ଭୋଜି ଦେଇଥିଲେ, ଠିକ ସେହିପରି ଉଭୟ ସ୍ୱାମୀ ସ୍ତ୍ରୀ ନିଜ ଖର୍ଚ୍ଚରେ ବିବାହ ବିଚ୍ଛେଦର ଭୋଜି ଦେବାକୁ କୋର୍ଟ ନିର୍ଦ୍ଦେଶ ଦିଏ। ଭୋଜି ସମୟର ଭିଡିଓ କରି କୋର୍ଟରେ ପ୍ରମାଣ ସରୂପ ଦାଖଲ କରିବା ପରେ କୋର୍ଟ ନିଜ ନିଷ୍ପତ୍ତି ଶୁଣାଇବେ ବୋଲି କୋର୍ଟ ପ୍ରକାଶ କରନ୍ତି। ବିବାହ ବିଚ୍ଛେଦ ଭୋଜି ଚାଲିଥିବା ସମୟରେ ରାଧାର ବାପା ବିଦେଶରୁ ଆସି ପହଞ୍ଚନ୍ତି। ସବୁ ପ୍ରମାଣ କୋର୍ଟକୁ ଯିବା ପୂର୍ବରୁ ସେମାନେ ପୁଣି ମିଶି ଯାଆନ୍ତି। ଏଭଳି ଏକ ସାମାଜିକ କାହାଣୀକୁ ନେଇ ଗତିଶୀଳ ହୋଇଥିଲା ସୁକାନ୍ତ ମହାପାତ୍ରଙ୍କ ରଚିତ ଏବଂ ଗଙ୍ଗାଧର ଜେନାଙ୍କ ନିର୍ଦ୍ଦେଶିତ ନାଟକ 'କିଛି ସତ କିଛି ମିଛ'। ସଙ୍ଗୀତ ନିର୍ଦ୍ଦେଶନାରେ ଡାକ୍ତର ସୁଶାନ୍ତ କୁମାର ପାଣି ରହିଥିବା ବେଳେ ନାଟ୍ୟ ପରିଚାଳନା କରିଥିଲେ ସୁରେନ୍ଦ୍ର କୁମାର ପାଢ଼ୀ। ଆଲୋକ ଓ ଶବ୍ଦରେ ଥିଲେ ସାନୁ। ନାଟକର ବିଭିନ୍ନ ଭୂମିକାରେ ପ୍ରଶାନ୍ତ ରାଉତ, ମାନସ ସାହୁ, ସ୍ନେହାଶିଷ ଜେନା, ଗୌତମ ଉପାଧ୍ୟାୟ, ଗଙ୍ଗାଧର ଜେନା, ପ୍ରତାପ ଜେନା, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଅଭିନୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଦୀପିକା ମହିଳା ସଂଘତିର ସଭାପତି ନମ୍ରତା ବର୍ମା ଯୋଗ ଦେଇ ସମାଜର ସମସ୍ତ ପ୍ରକାର ଖରାପ କାର୍ଯ୍ୟକୁ କଳା ଓ ସଂସ୍କୃତି ଦୂର କରିପାରିବ ବୋଲି କହିଥିଲେ। ଉଦ୍‌ଘାଟକ ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାସ ଯୋଗଦେଇଥିଲେ। ମୁଖ୍ୟ ଦର୍ଶକ ଭାବେ ଆରଏସପିର ସଞ୍ଚାର ବିଭାଗ ମୁଖ୍ୟ ଅର୍ଚ୍ଚନା ଶତପଥି ଯୋଗଦେଇଥିଲେ। ବିରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ, ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସୁମନ ଦତ୍ତ ସଭାପତିତ୍ୱ ସହ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ପ୍ରଜ୍ଞାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକ ଗଙ୍ଗାଧର ଜେନାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୁଭଶ୍ରୀ ଦାଶ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏକତ୍ର ପକ୍ଷରୁ ବିଜୟ ପାତ୍ର, ପ୍ରଦୀପ କୁମାର ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, ଶରତ ଚନଦ୍ର ଦାସ, ଅକ୍ଷୟ ଧଳ, ପ୍ରସନ୍ନ କୁମାର ମହାନ୍ତି, କଲ୍ୟାଣୀ ଦାସ, ଶାନ୍ତିଲତା ଦାସ, ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।





## କଳାକାର ମଞ୍ଚ ପକ୍ଷରୁ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା, ୭।୧୨(ସମିସ):** ପ୍ରତିଷ୍ଠିତ ଓଡ଼ିଆ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଏନ୍‌କେକେ ପରିସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଥିଲା। ଦିବଂଗତ ହ୍ୟୁମାନ ସାଗରଙ୍କୁ ସ୍ଥାନୀୟ ଗଣମାନ୍ୟ ବ୍ୟକ୍ତି ଓ କଳାକାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ବିଧାୟିକା କୁସୁମ ଟେଟେ, ଜିଲ୍ଲା କାରାଗାର ଅଧୀକ୍ଷକ ଜୀବନ ସିଂ ମୁଣ୍ଡା, ସିନେ ତାରକା ପ୍ରଦୀପ ଦତ୍ତ ଓ ଶୁଭମ ନାଏକ, ଗୀତିକାର ଦୁର୍ଗା ମାଧବ ପଣ୍ଡା, ଶୋଭନ ହୋତା, ସ୍ୱରୂପ ପାତ୍ର, ସାମ୍ବାଦିକ ମହମ୍ମଦ ଶବିର ଓ ଡମ୍ବରୁଧର ନାୟକ, ସୋମନାଥ ନାଏକ, ସୋସିଆଲ ଟକ ଇନ୍‌ଫ୍ଲୁଏନ୍ସର ପ୍ରକାଶ ନାଏକ ପ୍ରମୁଖ ଏହି ସଭାରେ ସାମିଲ ହୋଇଥିଲେ। ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇ ବ୍ୟାସ ଦେବ, ମଧୁସ୍ମିତା ନାଏକ ତାଙ୍କ ଗୀତ ପରିବେଷଣ କରିଥିଲେ। ସୁଭାଷ ମାଝୀ ଓ ମନୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମଞ୍ଚ ସମ୍ପାଦକ ରୋଶନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସାରିକା ପାଣ୍ଡେ, ସସ୍ମିତା ହୋତା, ଉଦ୍ଧବ ଭିତ୍ରିଆ, ସୋମ ବେହେରା ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।



## ଉତ୍କୃଷ୍ଟ ସରକାରୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

# 'ଆଇଟି କ୍ଷେତ୍ରରେ ବିକାଶର ଶୀର୍ଷକୁ ଛୁଇଁବ ରାଉରକେଲା'

**ରାଉରକେଲା, ୭।୧୨(ସମିସ)**

ସ୍ମାର୍ଟ ସିଟି ରାଉରକେଲାକୁ ପୁନଃ ବିକଶିତ କରିବା ପାଇଁ ଡବଲ ଇଂଜିନ ସରକାର ଚିନ୍ତା କରୁଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ତଥା ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଆଇଟି କ୍ଷେତ୍ରରେ ରାଉରକେଲାକୁ ବିକଶିତ କରିବାର ଯୋଜନା ରହିଛି ବୋଲି ସେକ୍ଟର - ୬ ସରକାରୀ ଉତ୍କୃଷ୍ଟ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଅହୁରି କହିଛନ୍ତି, ଆଜି ଗୌରବମୟ ଇତିହାସକୁ ସ୍ମୃତିଚାରଣ କରିବାର ସୁଯୋଗ ଆସିଛି। ଏବେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହୋଇଛି। ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ ହୋଇସାରିଛି। ଏବେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସମୟ। ଯେଉଁଠି ବ୍ୟବସ୍ଥା ଏବଂ ଯୋଗାଯୋଗ ଖୁବ୍‌କ୍ଷୀପ୍ର ଗତିରେ ଆଗେଇ ଚାଲିଛି। ଏବେ ମୋବାଇଲ ଫୋନ, ଇଣ୍ଟରନେଟ ଛାତ୍ରଛାତ୍ରୀଙ୍କ ପ୍ରଥମ ଗୁରୁ ଭାବେ ସ୍ଥାନ ପାଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଥିବା ବେଳେ ଆଇଟି କ୍ଷେତ୍ରରେ ରାଉରକେଲାକୁ ବିକଶିତ କରିବାର ଯୋଜନା ରହିଛି। ସବୁ ପଞ୍ଚାୟତରେ ପିଏମ୍‌ଶ୍ରୀ ସ୍କୁଲ, ଗୋଦାବରୀଶ ମିଶ୍ର ମଡେଲ ସ୍କୁଲ ଉଚ୍ଚ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ ହେଉଛି। ସରକାରୀ ଡାକ୍ତରଖାନାକୁ ସ୍ୱାସ୍ଥ୍ୟ ହବ୍ କରିବା ପାଇଁ ଯୋଜନା ରହିଛି। ରାଉରକେଲାର ସାମଗ୍ରିକ ବିକାଶ ପାଇଁ ଏୟାରପୋର୍ଟର ବିକାଶ କରିବା ପାଇଁ ସରକାର ଏବେ ସକ୍ରିୟ ହୋଇଉଠିଛନ୍ତି ବୋଲି ସେ କହିଛନ୍ତି। ରଘୁନାଥପାଲୀ ବିଧାୟକ ତଥା ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ସଭାପତି ଦୁର୍ଗା ଚରଣ ତନ୍ତୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ରାଉରକେଲା ହେଉଛି ପବିତ୍ର ବ୍ୟାସ କ୍ଷେତ୍ର। ଲକ୍ଷ୍ମୀ ଓ ସରସ୍ୱତୀଙ୍କ ମାଟିରେ ଆଜି ଏହି ଉତ୍ସବ ପାଳନ ହେଉଛି। ସମ୍ବିଧାନର ୪ଟି ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟରୁ ଶିକ୍ଷା ଓ ସ୍ୱାସ୍ଥ୍ୟ। ଯାହାକୁ ସରକାର ଏବେ ଅଗ୍ରାଧିକାର ଦେଉଛନ୍ତି। ପ୍ରାକ୍ତନ ବିଧାୟକ ସୁବ୍ରତ ତରାଇ ମାନସିକତାର ଅଭାବ ଯୋଗୁଁ ଏବେ ଓଡିଆ ଭାଷାର ଅଧୋଗତି ହେବାରେ ଲାଗିଛି ବୋଲି କହିଥିଲେ। ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇ ଏହା ହେଉଛି ସେହି ମହାର୍ଘ ମୁହୂର୍ତ୍ତ, ଯେଉଁଠି ଆମେ ଆମର ପୁରୁଣା ସ୍ମୃତିକୁ ସାଉଁଟିବାର ସୁଯୋଗ ଦେଇଛି ବୋଲି କହିଥିଲେ। ଏହି ଅବସରରେ ପ୍ରକାଶିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମୂରଲୀଧର ବେହେରା, ସିଜିଏମ ହୀରାଲାଲ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କବି ସୁସ୍ମିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ସହଦେବ ମହାକୁଡ ବାର୍ଷିକ ବିବରଣୀ ପାଠ କରି ସ୍କୁଲକୁ ପିଏମଶ୍ରୀ ମାନ୍ୟତା, ସ୍କୁଲରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ, ଅଡିଟୋରିୟମ ନିର୍ମାଣ ଆଦି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ସମସ୍ତ ପୁରାତନ ଶିକ୍ଷକ, କିଛିଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସାଧାରଣ ସମ୍ପାଦକ ଜିତେନ୍ଦ୍ର ସାହୁ ମଞ୍ଚାସୀନ ଥିବାବେଳେ ଜାତୀୟ ଫୁଟବଲ ରେଫେରୀ ତଥା ପ୍ରାକ୍ତନ ଛାତ୍ର କମିଟିର ସାଂଗଠନିକ ସମ୍ପାଦକ ଭାସ୍କର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



**▶▶ ରାଉରକେଲା ଏୟାରପୋର୍ଟର ବିକାଶ**
**▶▶ ସ୍ୱାସ୍ଥ୍ୟ ହବ୍ ହେବ ରାଉରକେଲା ସରକାରୀ ଡାକ୍ତରଖାନା**

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଝାରସୁଗୁଡ଼ା, ୭।୧୨(ସମିସ)



ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ରବିବାର ଠାରୁ ଆରମ୍ଭ ହୋଇଯାଇଛି। ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ମନମୋହନ ସ୍କୁଲ ଖେଳ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲ୍ଲାରେ ଜଳସେଚନର ସୁବିଧା କରାଯାଇ ସମନ୍ୱିତ କୃଷି ଅନ୍ତର୍ଭୁକ୍ତ ପଶୁପାଳନ ମତ୍ସ୍ୟ ଚାଷ ଓ କୃଷି ମାଧ୍ୟମରେ ଚାଷୀଙ୍କ ଆୟକୁ ବହୁଗୁଣିତ କରାଯାଇ ପାରିବ ବୋଲି ରାଜସ୍ୱ ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। କେବଳ ପାରମ୍ପରିକ ଚାଷ ନୁହେଁ ବରଂ ଜିଲ୍ଲାରେ ଜଳସେଚନ ସୁବିଧାକୁ ସୁଦୃଢ଼ କରିବା ସହ ସମନ୍ୱିତ କୃଷି ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି। ଚାଷୀଙ୍କ ପାଖରେ ସମସ୍ତ ପ୍ରକାରର ସରକାରୀ ସୁବିଧା ପହଞ୍ଚିବା ପାଇଁ ରାଜସ୍ୱ ମନ୍ତ୍ରୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୃଷି କ୍ଷେତ୍ରରେ ସଫଳ ହୋଇଥିବା ୫ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜଣେ ଚାଷୀଙ୍କୁ ଟ୍ରାକ୍ଟର, ଜଣକୁ ତଳିରୁଆ ଯନ୍ତ୍ର ଓ ଆଉ ଜଣେ ଚାଷୀଙ୍କୁ ପାୱାର ଟିଲର ଆଦି ରିହାତି ମୂଲ୍ୟରେ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶ୍ରୀ ଅନ୍ନ ଅଭିଯାନ ଅଧୀନରେ, କୃଷି ବିଭାଗ ତରଫରୁ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀକୁ ଜୈବ କେନ୍ଦ୍ର ପାଇଁ ୩୦ ହଜାର ଟଙ୍କା ଏବଂ ଅନ୍ୟ ଏକ ଗୋଷ୍ଠୀକୁ ମିଲେଟ ଟିଫିନ କେନ୍ଦ୍ର ପାଇଁ ୫୦ ହଜାର ଟଙ୍କାର ଅନୁଦାନରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁଷ୍ଟି ଶସ୍ୟ ଖାଦ୍ୟ ମେଳା ମଧ୍ୟ ଆୟୋଜନ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ମେଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସେ ଚାଷୀଙ୍କୁ ଆସନ୍ତା ୧୧

**ଚାଷୀଙ୍କୁ ରିହାତିରେ କୃଷି ଯନ୍ତ୍ରପାତି**

ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରୁ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି କ୍ରୟ କରି ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ସାଂସଦଙ୍କ ପ୍ରତିନିଧି, ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି, ସମ୍ବଲପୁର କୃଷି ଅଧିକ୍ଷଣ ଯନ୍ତ୍ରୀ ନରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସମୀର ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତ୍ୟୋଦୟ ଓ ପ୍ରଧାନମନ୍ତ୍ରୀ ଆବାସ ତଦାରଖ କଲେ ବିଡିଓ



ପଦ୍ମପୁର, ୭।୧୨(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ନିଜ ଅଧିକାରୀ ବିପିସି ବିକ୍ରମ ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଘନଶ୍ୟାମ ଟଟଙ୍ଗ, ଏସିପି ରମେଶ ନାଏକ, ଗାଁ ରୋଜଗାର ସେବକ ରାଜ ଦୀପଙ୍କୁ ସାଙ୍ଗରେ ନେଇ ରବିବାର ଜ୍ଞାନ ଗାଁ ପଞ୍ଚାୟତରେ ପହଞ୍ଚି ଅନ୍ତ୍ୟୋଦୟ ଗୃହ ଓ ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ହିତାଧିକାରୀଙ୍କ ଘର ଘର ଯାଇ ଯାଞ୍ଚ କରିଛନ୍ତି। ତେବେ ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀ କାମ ଆରମ୍ଭ କରୁ ନଥିବାରୁ ତାଙ୍କୁ ତାଗିଦ କରିଥିଲେ। ଯେଉଁମାନେ ଅଧା ପନ୍ତରିଆ କାମ କରିଛନ୍ତି ଖୁବଶୀଘ୍ର କାମ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗାଁରେ ବୁଲୁଥିବା ସମୟରେ ବିଡିଓ ମହାଶୟ ଯେଉଁ ବ୍ୟକ୍ତିମାନେ ଆବାସ ଯୋଜନା ପାଇ ନାହାନ୍ତି ଓ ସେମାନେ ଭଙ୍ଗା ଦଦରା ଘରେ ରହୁଛନ୍ତି ସେମାନଙ୍କ ପାଖରେ ପହଞ୍ଚି ତାଙ୍କ ଦୁଃଖସୁଖ ବୁଝିବା ସହ ଯଥାଶୀଘ୍ର ତାଙ୍କୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହିତାଧିକାରୀ ମାନେ କିଭଳି ଭାବେ ଶୀଘ୍ର ଘର କାମ ସମ୍ପୂର୍ଣ୍ଣ କରିବେ ସେଥିପ୍ରତି ଧ୍ୟାନ ଦେବା ପାଇଁ ନିଜ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସାହିତ୍ୟିକ କୀର୍ତ୍ତି ବହିଦାରଙ୍କୁ ନୀଳଚକ୍ର ଦିବ୍ୟଜ୍ୟୋତି ସମ୍ମାନ

କୋଲାବିରା, ୭।୧୨(ସମିସ): କୋଲାବିରା ଗାଁର ସମାଜସେବୀ ତଥା ସାହିତ୍ୟିକ ଡ.କୀର୍ତି ଚନ୍ଦ୍ର ବହିଦାରଙ୍କୁ ନୀଳଚକ୍ର ସାହିତ୍ୟ ସଂସଦ ବୌଦ୍ଧ, ବୌଦ୍ଧଚକ୍ର ଓ ଭାବ ସମ୍ରାଟ ପକ୍ଷରୁ ନୀଳଚକ୍ର ଦିବ୍ୟଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଛି। ସାହିତ୍ୟ ସଙ୍ଗଠନ ଓ ସାମ୍ବାଦିକ କ୍ଷେତ୍ରରେ ସାଙ୍ଗଠନିକ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।



ବୌଦ୍ଧର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ନୀଳଚକ୍ର ସାହିତ୍ୟ ସଂସଦର ସପ୍ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହ ଅବସରରେ ପ୍ରତିଷ୍ଠାତା ସଭାପତି ଡ.(ଇଞ୍ଜିନିୟର) ସଞ୍ଜୟପଣ୍ଡା ଡ.ବହିଦାରଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସମ୍ପାଦକ ରମାକାନ୍ତ ଜେନା, ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପକ ଡ.ରମେଶ ଚନ୍ଦ୍ର ପ୍ରଧାନ, ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ମହେଶ୍ୱର ପାଢ଼ୀ, ବିଶିଷ୍ଟ ସମାଲୋଚକ, ପ୍ରବନ୍ଧକ ତଥା ବାଗ୍ମୀ ପ୍ରଫେସର ଡ.କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରାବନ୍ଧିକ, ସମ୍ପାଦକ ତ୍ରିଧାରା ସାହିତ୍ୟ ସଂସଦର ଡ.ଲକ୍ଷ୍ମୀନାରାୟଣ ଦାସ, ପ୍ରାକ୍ତନ ଆସୋସିଏଟ ପ୍ରଫେସର, ୟୁଏନ ମହାବିଦ୍ୟାଳୟ, ସୋରର ଡ.ରବୀନ୍ଦ୍ର ବିହାରୀ, ଭୈରବୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଡ.ପ୍ରମୋଦ ମହାପାତ୍ର, ଅଧ୍ୟକ୍ଷ କାମିନୀ ନାୟକ, ଶିଶୁ ସାହିତ୍ୟିକ ସୁଶାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## କୋଲାବିରା ଗାୟତ୍ରୀ ମନ୍ଦିରରେ ଗୀତା ଜୟନ୍ତୀ

କୋଲାବିରା, ୭।୧୨(ସମିସ): କୋଲାବିରା ସ୍ଥିତ ଗାୟତ୍ରୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଗାୟତ୍ରୀ ପରିବାର କୋଲାବିରା ପକ୍ଷରୁ ଆୟୋଜିଜ ହୋଇଥିବା ଗୀତାଯଜ୍ଞ କାର୍ଯ୍ୟକ୍ରମରେ ସାଧ୍ୱୀ ପଦ୍ମିନୀ ହୋତା ଏବଂ ସାଧ୍ୱୀ ମିନୀ ଟଣକାର ଯଜ୍ଞହୋତ୍ରୀ ଦାୟିତ୍ୱ ତୁଲାଇଥିଲେ। ପୂଜକ ଗୋକୁଲ ଚନ୍ଦ୍ର ମିଶ୍ର ଓ ଅଟଲ ମିଶ୍ର ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଗୀତାପାଠ ଗୀତା



ପରିବାର ଝାରସୁଗୁଡ଼ାର ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ରଘୁନାଥପାଲି ଗାୟତ୍ରୀ ପରିବାର, ମହିଳା ମଣ୍ଡଳର କର୍ମକର୍ତ୍ତା ଯୋଗ ଦେଇଥିଲେ। ରାଜେଶ ଦାସ, ଡୋଲାମଣି ପଧାନ, ସୁକାନ୍ତ ଶେଖର ବହିଦାର, ମେମ ନାନୀ ପ୍ରମୁଖଙ୍କ ସମେତ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ଗୀତାର ସମସ୍ତ ଶ୍ଳୋକ ଆବୃତି ସହିତ ଜ୍ଞାନ ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ପରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଲାୟନ୍ସ କ୍ଲବ୍ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ଦହିତା, ୭।୧୨(ସମିସ): ଲାୟନ୍ସ କ୍ଲବ୍ ପଦ୍ମପୁର ଆନୁକୂଲ୍ୟରେ ଜମରତଲାରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡ.ସୁମିତ ମିଶ୍ର, ଡ.ଇପି ପାଣିଗ୍ରାହୀ, ଡ.ଡବୁ ସେଟ ଫାର୍ମାସିଷ୍ଟ ଦିଲୀପ ବେହେରା, ସତ୍ୟବ୍ରତ ସାହୁ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ବ୍ୟବସାୟୀ ମୋହନ ଚାନ୍ଦ ଅଗ୍ରୱାଲଙ୍କ ସ୍ମୃତିରେ ତାଙ୍କ ପୌତ୍ର ପବନ ଅଗ୍ରୱାଲ ଔଷଧ ଯୋଗାଇ ଦେଇଥିଲେ। କ୍ଲବ୍ ସଭାପତି ପ୍ରୀତମ ମେହେରଙ୍କ ନେତୃତ୍ୱରେ ବେଣୁମାଧବ ଦୋରା, ଚିତ୍ତରଞ୍ଜନ ଦାସ, ସନ୍ତୋଷିନୀ



ରଥ, ମିନାକ୍ଷୀ ମେହେର, ସୌମ୍ୟଜିତ ପାଢ଼ୀ, ସଦାନନ୍ଦ ପୁରୋହିତ, ବିନୋଦ ବିହାରୀ ମିଶ୍ର, ରାଧାମାଧବ ଦୋରା, ରବିନାରାୟଣ ଦୋରା, ବିଷ୍ଣୁ ନାରାୟଣ ଦୋରା, ରାଜକିଶୋର ଯୋଶୀ, ପ୍ରକାଶ ସାହୁ, ହିମାଂଶୁ ଶେଖର ଯୋଶୀ, ଶିବିର ପରିଚାଳନା କରିଥିବା ବେଳେ ପୂର୍ବତନ ସରପଞ୍ଚ ସୁରେଶ ଚାନ୍ଦ, ସୁଦାମ ଦାସ, ଅକ୍ଷୟ ସାହୁ, ଦଶରଥ ବରିହା, ପ୍ରଦୀପ ପଣ୍ଡା, ବିନୋଦ ସାହୁ, ପ୍ରଦୀପ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘ ବୈଠକ

ଇବଥର୍ମାଲ, ୭।୧୨(ସମିସ): ପଶ୍ଚିମଓଡ଼ିଶା ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ସଂଘ ଝାରସୁଗୁଡ଼ା ଶାଖାର ୧୭ତମ ବାର୍ଷିକ ଅଧିବେଶନ ଟିପିଡବ୍ଲ୍ୟୁଓଡିଏଲ୍ ଡିଭିଜନ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଡିଭିଜନର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ମାନେ ଯୋଗଦେଇ ବିଭିନ୍ନ ପ୍ରକାର ସମସ୍ୟା ଉପରେ ଆଲୋଚନା କରିଥିଲେ। ସଂଘ ସଭାପତି ବବ୍ରୁବାହନ ସୁନା, ଉପସଭାପତି ବିଭୂତି ମିଶ୍ର, ସମ୍ପାଦକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ସଂଗଠନ ସମ୍ପାଦକ ଦେବ ଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ମାନଙ୍କ ସମସ୍ୟା ସମାଧାନ କରିବାକୁ କହିଥିଲେ। ଝାରସୁଗୁଡ଼ା ଡିଭିଜନର ସାଖା ସମ୍ପାଦକ ଦିଲୀପ ମହାନ୍ତି ପରମେଶ୍ୱର ଜେନା, ତ୍ରିନାଥ ଦାସ, କ୍ଷେତ୍ର ସା, ସଚିବ ରଥ, ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଦିଲୀପ ପଟେଲ, ରମେଶ ଚନ୍ଦ୍ର ନାଏକ ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ବ୍ରଜରାଜନଗର ଡିଭିଜନର ଅବସରପ୍ରାପ୍ତ କର୍ମଚାରୀ ବିରଞ୍ଚି ସାହୁ ମୁଖ୍ୟ ବକ୍ତା ଭାବେ ମଞ୍ଚାସୀନ ଥିଲେ। ସଂଗଠନର କେନ୍ଦ୍ର ନେତୃତ୍ୱଙ୍କୁ ସମସ୍ତ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ନିବେଦନ କରିଥିଲେ। ଶେଷରେ ସଭାରେ ଅଧ୍ୟକ୍ଷତା କରୁଥିବା ଶ୍ରୀକ୍ଷେତ୍ର ସା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ପକ୍ଷରୁ ଫୁଟ୍ ପାଟ୍ରୋଲିଂ

ବ୍ରଜରାଜନଗର, ୭।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଏବଂ ଓରିଏଣ୍ଟ ଥାନା ଅଞ୍ଚଳରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଫୁଟ ପାଟ୍ରୋଲିଂ କରାଯାଇଛି। ଅସାମାଜିକ କାର୍ଯ୍ୟକଳାପ, ସମାବେଶ ଆଦି ଉପରେ ନଜର ରଖିବା ପାଇଁ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ବ୍ରଜରାଜନଗର ଥାନାରୁ ଫୁଟ ପାଟ୍ରୋଲିଂ ବାହାରି ମୁଖ୍ୟ ସହର, ୨ ନମ୍ବର ଠାକୁର ପଡ଼ା, ଗଙ୍ଗା ନଗର, ଇବ ପିଟ, ଟନେଲ ରୋଡ ପର୍ଯ୍ୟନ୍ତ ଯାଇଥିଲା। ସେହିପରି ଓରିଏଣ୍ଟ ଥାନା ଅଞ୍ଚଳରେ ଫୁଟ ପାଟ୍ରୋଲିଂ ଜିଏମ ଅଫିସ ନିକଟରୁ ଆରମ୍ଭ ହୋଇ ମଣ୍ଡଳିଆ, କାଳୀ ନଗରରେ ଶେଷ ହୋଇଥିଲା। ଝାରସୁଗୁଡ଼ା ଏସପି ଶ୍ରୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ, ଓରିଏଣ୍ଟ ଆଇଆଇସି। ପାଟ୍ରୋଲିଂ କ୍ଷମା ସାଗର ନାୟକଙ୍କ ସମେତ ଅନେକ ପୁଲିସ କର୍ମଚାରୀ ମାନେ ପାଟ୍ରୋଲିଂରେ ସାମିଲ ଥିଲେ।

## ଶ୍ମଶାନ ଓ କଲ୍ୟାଣ ମଣ୍ଡପ ନିର୍ମାଣ ଦାବି

ଝାରସୁଗୁଡ଼ା, ୭।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ହିର୍ମା ପଞ୍ଚାୟତ ଅଧୀନରେ ହରେକୃଷ୍ଣପୁର ଗାଁର ଜନସାଧାରଣ ଏକ ଶ୍ମଶାନ ଓ କଲ୍ୟାଣ ମଣ୍ଡପ ପାଇଁ ଦାବି କରିଛନ୍ତି। ହରେକୃଷ୍ଣପୁର ଏକ ରାଜସ୍ୱ ଗାଁ ହୋଇଥିବା ବେଳେ ଏଠାକାର ଲୋକ ସଂଖ୍ୟା ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ରହିଛି। ଗାଁର କିଏ ମୃତ୍ୟୁବରଣ କଲେ, ଏକ କମ୍ପାନୀର ନଳା ପାର୍ଶ୍ୱରେ ଶବଦାହ କରିବାକୁ ପଡ଼ିଥାଏ। ଉକ୍ତ ସ୍ଥାନଟି ଏକ ଜନଗହଳି ପୁଣି ଅପରିଷ୍କାର ସ୍ଥାନ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରିଆସୁଛନ୍ତି। ଏହା ସହିତ ହରେକୃଷ୍ଣପୁରରେ କୌଣସି ବିବାହ, ବ୍ରତୋପନୟନ ତଥା ସାମାଜିକ, ଧାର୍ମିକ କାର୍ଯ୍ୟକଳାପରେ ଭୋଜି ତଥା ବୈଠକ ଆଦି କରିବା ପାଇଁ ଏକ କମ୍ୟୁନିଟି ହଲ କିମ୍ବା କଲ୍ୟାଣ ମଣ୍ଡପ ନାହିଁ। ଏକ ଜନବହୁଳ ଗାଁ ହୋଇଥିବାରୁ ଗାଁରେ ଶ୍ମଶାନ ଓ କଲ୍ୟାଣ ମଣ୍ଡପ କିମ୍ବା କମ୍ୟୁନିଟି ସେଣ୍ଟର ନିର୍ମାଣ କରିବା ପାଇଁ ଝସକେତନ ସାହୁ, ବନମାଳୀ ସାହୁ, ମହେଶ୍ୱର ଭୋଇ, ଈଶ୍ୱର ଭୋଇ ତଥା ହରେକୃଷ୍ଣପୁରର ଗ୍ରାମବାସୀ ଦାବି କରିଛନ୍ତି। ଏହି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବା ନେଇ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା ପାଇଁ 'ମାନକ କାର୍ଯ୍ୟାନ୍ୱୟନ ନିୟମାବଳୀ'

● ଜଳ ଓ ପରିମଳ ମିଶନ ବୈଠକରେ ନିଷ୍ପତ୍ତି

ଝାରସୁଗୁଡ଼ା, ୭।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲାକୁ ସ୍ୱଚ୍ଛ ଏବଂ ପରିଷ୍କାର ପରିଚ୍ଛନ୍ନ ରଖିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ଲାଷ୍ଟିକ୍ ଓ ଶୁଖିଲା ଆବର୍ଜନାର ପରିଚାଳନା ପାଇଁ 'ମାନକ କାର୍ଯ୍ୟାନ୍ୱୟନ ନିୟମାବଳୀ'କୁ ଚୂଡାନ୍ତ କରାଯାଇଛି। ଜିଲ୍ଲା ଜଳ ଏବଂ ପରିମଳ ମିଶନର ଜିଲ୍ଲାସ୍ତରୀୟ ପରିଚାଳନା କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆବର୍ଜନା ପରିଚାଳନା ମାନକ କାର୍ଯ୍ୟଧାରା ବା ଏସ୍‌ଓପି ଉପରେ ଆଲୋଚନା ଏବଂ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏସ୍‌ଓପି, ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମିଳିତ ସହଯୋଗରେ ପ୍ରସ୍ତୁତ କରାଯାଇଛି। ଆବର୍ଜନା ସଂଗ୍ରହ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଯାନବାହାନ ମାର୍ଗ ଯୋଜନାକୁ ମଧ୍ୟ ଚୂଡାନ୍ତ ରୂପ ଦିଆଯାଇଥିବା ନେଇ ସୂଚନା ଦିଆଯାଇଛି। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଓଶୁରୂତ୍, ଜିଲ୍ଲା ପୌର ପରିଷଦର ଅଧିକାରୀ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାର ସମସ୍ତ ବିଡିଓ, ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ପରିଚାଳିକା ପୁଷ୍ପଶ୍ରୀ ନାୟକ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଜିଲ୍ଲା ପରିଚାଳନା କମିଟିର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେବାପା ଜେଜେମା' ସମ୍ମିଳନୀ

ପଦ୍ମପୁର, ୭।୧୨(ସମିସ): ପଦ୍ମପୁର ଅଧୀନ ସର୍ଗିବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେବାପା ଜେଜେମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ପ୍ରେମାନନ୍ଦ ବାରିକଙ୍କ ପତ୍ନୀ ସଂଯୁକ୍ତା ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରେମାନନ୍ଦ ବାରିକ ଶିଶୁର ସର୍ବାଙ୍ଗୀନ ଉନ୍ନତି ତଥା ଶିଶୁ ମାନଙ୍କୁ ଠିକ୍ ଭାବେ ଗଢ଼ି ତୋଳିବା ପାଇଁ ପିଲାଦିନର ଖେଳ, କଥାନି ଓ ଢଗଢ଼ମାଳି ମାଧ୍ୟମରେ କିପରି ଜେଜେବାପା ଜେଜେମା'ଙ୍କ ଭୂମିକା ରହିବ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରମୋଦ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସ୍ନେହଲତା ସାହୁ, ଅମୃତା କେଶରାଲ ଓ ସହଯୋଗୀ ଯୋଗଦେଇ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ କରିଥିଲେ। ସମ୍ପାଦକ ପ୍ରହଲ୍ଲାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କିଶୋର ସାହୁ ଓ ବିଷ୍ଣୁପ୍ରିୟା ମହାପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୭୦ ଜଣ ଜେଜେବାପା ଜେଜେମା' ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଚଷା ମହାସମାବେଶ ପାଇଁ ପ୍ରସ୍ତୁତି

ରିଆମାଳ, ୭।୧୨(ସମିସ): ଆଗାମୀ ଦିନରେ ରାଜ୍ୟରେ ଚଷା ସମାଜର ସଙ୍ଗଠନ ଓ ଉନ୍ନତି ପାଇଁ ଚଷା ସମାଜ ଅଣ୍ଟା ଭିଡୁଛନ୍ତି। ଏନେଇ ରାଜ୍ୟ ଚଷା ସମାଜର ମହାସମାବେଶର ଆବାହକ ସୁରେନ୍ଦ୍ର ନାରାୟଣ ପ୍ରଧାନଙ୍କ ଆବାହକତ୍ୱରେ ରବିବାର ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀ ନେତା ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ରାଜ୍ୟ ସଂଯୋଜକ ଜୟକୃଷ୍ଣ ପ୍ରଧାନ, ସମାଜସେବୀ ଇଂ.ଚିତ୍ତରଞ୍ଜନ ପ୍ରଧାନ, କୃଷକ ନେତା ପବିତ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ଡିସେମ୍ବର ୨୮ ରେ ଅନୁଗୁଳ ଜିଲ୍ଲା ବାମୁରରେ ରାଜ୍ୟ ଚାଷୀ ମହାସମାବେଶ ହେବ ବୋଲି ଜଣାଇଥିଲେ। ଅଧ୍ୟାପକ ଗୋଲବଦନ ବିଶ୍ୱାଳ, ହେମନ୍ତ ପ୍ରଧାନ, ଜନାର୍ଦ୍ଦନ ପ୍ରଧାନ, ପବିତ୍ର ନାୟକ ସମେତ ଉପସ୍ଥିତ ସଦସ୍ୟ ଚଷା ଜାତିର ଉନ୍ନତି ପାଇଁ ମହାସମାବେଶ ସଫଳ କରିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକର ଆୟୋଜକ ତରଣୀସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ କଲେଜ ପୁରାତନ ଛାତ୍ରଙ୍କ ବାର୍ଷିକ ଉତ୍ସବ

ବରଗଡ଼, ୭।୧୨(ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ୧୯୭୯ ସ୍ନାତକ କଳା ବ୍ୟାଚର ବାର୍ଷିକ ଉତ୍ସବ ସ୍ଥାନୀୟ ବୈଷ୍ଣୋ ଦେବୀ ମନ୍ଦିର, ତୁରୁଙ୍ଗା ଠାରେ ପ୍ରାକୃତିକ ଓ ମନୋରମ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ବର୍ଗଙ୍କ ସହ ଯୋଗ ଦେଇଥିଲେ। ସନାତନ ଭୋଇ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ତରଣୀ ସେନ ବୁଧିଆ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଂସ୍କୃତ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ



ଅନ୍ତର୍ଯ୍ୟାମୀ ସାହୁଙ୍କୁ ଛାତ୍ର ମାନେ ସମ୍ମାନିତ କରିଥିଲେ। କବି ରୋହିତ ଦାଶଙ୍କୁ ବହନି ପୁସ୍ତକ ପାଇଁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ତରଫରୁ ମିଳିଥିବା ଡ.ନୀଳମାଧବ ପାଣିଗ୍ରାହୀ ପୁରସ୍କାର ୨୦୨୪ ପାଇଁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ସଭାରେ ପ୍ରଫୁଲ୍ଲ ହୋତା, କାହ୍ନୁ ଚରଣ ପୃଷ୍ଟି, ପ୍ରଦୀପ ସାହୁ, ପ୍ରଦୀପ ପଣ୍ଡା, କିଶୋର ଦାଶ, ଦୁଃଖିଶ୍ୟାମ ଦୁଆନ, ସରୋଜ ଦାଶ, ରମେଶ ପଧାନ, ବିନୋଦ ପଣ୍ଡା, ସୁଲୋଚନା ଗୁରୁ ଆଦି ଛାତ୍ରଛାତ୍ରୀ ଗଣ ଉଦ୍‌ବୋଧନ ଦେଇଥିଲେ। ବୈଷ୍ଣୋଦେବୀକୁ ଏକ ଉନ୍ନତ ପର୍ଯ୍ୟଟନ ସ୍ଥଳୀ କରିବା ଦିଗରେ ସରକାର ଚେଷ୍ଟା କରିବା କଥା ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଛାତ୍ରମାନେ ବରଗଡ଼ର ସ୍ୱଚ୍ଛତା ଦିଗରେ କାମ କରିବେ ବୋଲି ସଙ୍କଳ୍ପ ନେଇଥିଲେ। ସୂର୍ଯ୍ୟ ମହାପାତ୍ରଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜକିଶୋର ହତ୍ୟା ଘଟଣାରେ ୨ ବନ୍ଧୁ ଗିରଫ

**ସାମାନ୍ୟ ବଚସାରୁ ଯୋଜନାବଦ୍ଧ ହତ୍ୟା**

ଦେବଗଡ଼, ୭।୧୨(ସମିସ)



ବାରକୋଟ ଥାନା ରେଙ୍ଗାଲି ସ୍ଥିତ ଯୌତୁକ ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାର ବାରକୋଟ ଥାନା ପୁଲିସ ରହସ୍ୟ ଉନ୍ମୋଚନ କରିଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତଦନ୍ତରୁ ସ୍ପଷ୍ଟହେବା ପରେ ଥାନାରେ ଅଟକ ରଖିଥିବା ମୃତ ରାଜକିଶୋରଙ୍କ ବନ୍ଧୁ ଟାଇଁସିରା ଗାଁର ଗଣନାଥ ନାୟକ(୨୫) ଓ ସୁନ୍ଦରଗଡ଼ ଜିଲା ମହୁଲପଦା (କୁମୁଡି) ଅଞ୍ଚଳର ତପନ ନାୟକ(୩୪)କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଦରଗଡ଼ି ଜଳପ୍ରପାତରେ ଭୋଜି କରିବା ସମୟରେ ନିଶାସକ୍ତ ଅବସ୍ଥାରେ ରାଜକିଶୋରଙ୍କ ସହିତ ହୋଇଥିବା ସାମାନ୍ୟ ଝଗଡ଼ା ହିଁ ହତ୍ୟାକାଣ୍ଡର କାରଣ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

ଗତ ନଭମ୍ବର ୩୦ ତାରିଖ ଟାଇଁସିରା ଗାଁର ଗଣ ନାୟକ ଓ ସୁନ୍ଦରଗଡ଼ ଜିଲା ମହୁଲପଦା(କୁମୁଡି)ର ତପନ ନାୟକ ଟାଇଁସିରା ସ୍ଥିତ ରାଜକିଶୋର ମହାକୁଳଙ୍କ ଘରକୁ ଆସି ଭୋଜି କିରବାକୁ ନିକଟସ୍ଥ ଦରଗଡ଼ି ଜଳପ୍ରପାତକୁ ଡାକି ନେଇଥିଲେ। ସେଠାରେ ଭୋଜି ଭାତ ସହିତ ମଦ୍ୟପାନ କରିଥିଲେ। ନିଶାସକ୍ତ ଅବସ୍ଥାରେ ରାଜକିଶୋରଙ୍କ ସହିତ ଗଣନାଥ ଓ ତପନଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ଏହାପରେ ତିନିହେଁ ନିଜ ନିଜ ବାଟରେ ଚାଲି ଯାଇଥିଲେ। ତେବେ ଗଣନାଥ ଓ ତପନ ପ୍ରତିଶୋଧ ପରାୟଣ ହୋଇ ରାଜକିଶୋରଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ରାଜକିଶୋର ଘରକୁ ଫେରି ବିଶ୍ରାମ ନେଉଥିବା ବେଳେ ସଂଧ୍ୟାରେ ପୂର୍ବ ପ୍ରସ୍ତୁତ ଯୋଜନା ଅନୁଯାୟୀ ଗଣନାଥ ଓ ତପନ ପୁଡିଆ ଖାଇଯିବା ବାହାନାରେ ତାଙ୍କୁ ପୁଣିଥରେ ଡାକି ନେଇଥିଲେ। ରାତିରେ ନିକଟସ୍ଥ ଯୌତୁକ ନାଳ ଉପରେ ଥିବା ରେଙ୍ଗାଲି ପୋଲରେ ରାଜକିଶୋରଙ୍କୁ ମାତ୍ରାଧିକ ମଦ ପିଆଇବା ସହ ତାଙ୍କୁ ପୋଲର ବାଡ ଉପରୁ ନାଳ ପାଣିକୁ ମଝିକୁ ଠେଲି ଦେଇଥିଲେ। ମାତ୍ରାଧିକ ନିଶା କାରଣରୁ ପାଣିରୁ ଉଠି ନ ପାରି ରାଜକିଶୋରଙ୍କ ମୃତ୍ୟୁ ଘଟିଥିଲା। ରାଜକିଶୋର ଘରକୁ ନଫେରିବାରୁ ପରିଦିନ ଅର୍ଥାତ ଡିସେମ୍ବର ୧ ତାରିଖ ସକାଳେ ତାଙ୍କ ମାଁ ବୋଇତ ମହାକୁଳ ଗଣନାଥ ଓ ତପନଙ୍କୁ ପଚାରିଥିଲେ। ତେବେ ସେମାନେ କିଛି ଜାଣି ନଥିବା କହିଥିଲେ। ରାଜକିଶୋରଙ୍କ କୌଣସି ସନ୍ଧାନ ନ ମିଳିବାରୁ ମା' ବୋଇତ ମହାକୁଳ ୨ ତାରିଖ ବାରକୋଟ ଥାନାରେ ଲିଖିତ ସୂଚନା ଦେଇଥିଲେ। ଡିସେମ୍ବର ୪ ରେ ରେଙ୍ଗାଲି ସ୍ଥିତ ଯୌତୁକ ନାଳରେ ରାଜକିଶୋରଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଥାନା ଅଧିକାରୀ ସୁଶାନ୍ତ ବଡ଼ାଇ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଗଣନାଥ ଓ ତପନଙ୍କ ଭୂମିକା ସନ୍ଦେହଜନକ ଥିବା ନେଇ ରାଜକିଶୋରଙ୍କ ସ୍ତ୍ରୀ ସାଗରିକା ପୁଲିସକୁ କହିଥିଲେ। ପୁଲିସ ଗଣନାଥ ଓ ତପନଙ୍କୁ ଥାନାରେ ଅଟକରଖି ପଚରା ଉଚରା ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ପରିସ୍ଥିତି ଓ ସଂଗୃହିତ ପ୍ରମାଣ ସହିତ ସାମାନ୍ୟ ବଚସାରୁ ପ୍ରତିଶୋଧ ପରାୟଣ ହୋଇ ପୋଲ ଉପରୁ ଠେଲି ରାଜକିଶୋରଙ୍କୁ ହତ୍ୟା କରିଥିବା ଗଣନାଥ ଓ ତପନ ପୁଲିସ ସମ୍ମୁଖରେ ସ୍ୱୀକାର କରିବାରୁ ପୁଲିସ ଆଜି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଧାନ କିଣା ଅବ୍ୟବସ୍ଥା ନେଇ କୃଷକ ସଂଗଠନର ବୈଠକ

ବରଗଡ଼, ୭।୧୨(ସମିସ): ରବିବାର ରାଜବୋଡ଼ାସମ୍ବର କୃଷକ ସଂଗଠନର ବୈଠକ ଗୋରୁବଜାର ଠାରେ ଅଜିତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। କେଉଁ କେଉଁ ଚାଷୀଙ୍କର ଟୋକନ ଆସିଛି ସେହି ତଥ୍ୟ କାହାରି ପାଖରେ ନାହିଁ। ପୌଷ ମାସରେ ଚାଷ ସାରି ଅମଳ ଶସ୍ୟକୁ ବିକ୍ରି କରି ଚାଷୀ ଆରାମରେ ବସିବା କଥା। ମାତ୍ର ଦୁର୍ଭାଗ୍ୟ ଯେ ପଦ୍ମପୁର ଅଣ ଜଳସେଚିତ ଉପଖଣ୍ଡରେ ୭୦% ଚାଷୀଙ୍କ ଟୋକନ ଆସିନାହିଁ। ଉପଖଣ୍ଡର ୯୨ଟି ମଣ୍ଡିରେ ଶହ ଶହ କ୍ୱିଣ୍ଟାଲ ଧାନ ପଡ଼ିଥିଲେ ମଧ୍ୟ ଗୋଟିଏ କ୍ୱିଣ୍ଟାଲ ମଧ୍ୟ ଧାନ ଉଠି ନାହିଁ। ଚାଷୀ କେବେ ଧାନ ବିକ୍ରି କରିବ କେବେ ପାଉଣା ପାଇବ ତାହାକୁ ନେଇ ପ୍ରଶାସନ ପାଖରେ କୌଣସି ଉତ୍ତର ନାହିଁ। ଚାଷୀଙ୍କ ଧୈର୍ଯ୍ୟର ସୀମା ଭାଙ୍ଗି ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଏହି ପ୍ରସଙ୍ଗରେ ଆସନ୍ତାକାଲି ଅପରାହ୍ଣ ୪ଟା ରେ ରାଜବୋଡ଼ାସମ୍ବର କୃଷକ ସଂଗଠନର ବୈଠକ ଉପଜିଲ୍ଲାପାଳଙ୍କ ସହିତ ଅନୁଷ୍ଠିତ ହେବ। ଆଲୋଚନାରେ ଯଦି ତୁରନ୍ତ ଟୋକନ ଜାରି ଓ ଧାନ କିଣା ଉପରେ ନିଷ୍ପତ୍ତି ନ ହୁଏ ତା ହେଲେ ମଙ୍ଗଳବାରରୁ ଚାଷୀ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇବା ସହିତ ନିଜର ଅମଳ ଧାନକୁ ସରକାରୀ କାର୍ଯ୍ୟାଳୟ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ଘର ଆଗରେ ଜମା କରି ବିକ୍ରିର ଦାୟିତ୍ୱ ତାଙ୍କୁ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଆଜିର ବୈଠକରେ ସୁବାସ ସାମନ୍ତରାୟ, ଗୋଲକ ମେହେର, ଦେବରାଜ ସାହୁ, ପ୍ରକାଶ ଦାଶ, ପ୍ରକାଶ ମିଶ୍ରଙ୍କ ସମେତ ସମସ୍ତ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମଣ୍ଡିରେ ତାଲା ପକାଇଲେ ଚାଷୀ, ଧାନ କିଣାବିକା ଅଚଳାବସ୍ଥା

ବରଗଡ଼, ୭।୧୨(ସମିସ)

ବରଗଡ଼ ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ଦେଖା ଦେଇଥିବା ଅଚଳାବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। କେଉଁଠି ଟ୍ୟାଗ ନାହିଁତ କେଉଁଠି ଟୋକନ୍ ସମସ୍ୟା, ଯାହାକୁ ନେଇ ଚାଷୀ ଅସନ୍ତୋଷ ବଢୁଥିବା ଦେଖିବାକୁ ମିଳିଛି। ଆଜି ବରଗଡ଼ କଳାପାଣି ମଣ୍ଡିରେ ତାଲା ପକାଇ ଚାଷୀ ଏହାର ପ୍ରତିବାଦ କରିଛନ୍ତି। ତେବେ ଜିଲ୍ଲାର କଳାପାଣି ମଣ୍ଡିରେ ଏବେ ମଧ୍ୟ ୩୦ ହଜାରରୁ ଊର୍ଦ୍ଧ୍ୱ ଧାନବସ୍ତା ପଡ଼ିରହିଛି। ଧାନ ବିକିବା ପାଇଁ ଦିନ ଦିନ ଧରି ଚାଷୀ ମଣ୍ଡିରେ ଜଗି ବସିଛନ୍ତି। ଚଳିତ ବର୍ଷ ଖରିଫ ଋତୁ ପାଇଁ ୨୩୦ଟି ପେଡ଼ି ପ୍ରକ୍ୟୁରମେଣ୍ଟ ରହିଥିବା ବେଳେ ୧ ଲକ୍ଷ ୭୩ ହଜାର ୭୨୭ ଜଣ ଚାଷୀ ପଞ୍ଜୀକରଣ ହୋଇଛନ୍ତି। ଜିଲ୍ଲାର ୧୧୯ ଜଣ ମିଲର୍ସ ଚଳିତ ବର୍ଷ ଧାନ କିଣାବିକା ସାମିଲ ଅଛନ୍ତି। କିନ୍ତୁ ଠିକ ଭାବରେ ମଣ୍ଡିକୁ ଟ୍ୟାଗ ନ ମିଳିବାରୁ କିଣା ବିକାରେ ଅଚଳା ଅବସ୍ଥା ଲାଗି ରହିଛି। ଏହାକୁ ନେଇ ଜିଲ୍ଲାର କଳାପାଣି ମଣ୍ଡି ସହିତ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଏମିତି ସମାନ ଅବସ୍ଥା ଦେଖିବାକୁ ମିଳିଛି। ତେବେ ଯେ ପର୍ଯ୍ୟନ୍ତ ଠିକ ଭାବେ ଧାନ କିଣା ବିକା ସୁଧାର ନ ହୋଇଛି ସେ ପର୍ଯ୍ୟନ୍ତ ଏମିତି ତାଲା ଝୁଲି ରହିବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ତାଲା ପକାଇବାରୁ ମଣ୍ଡିରେ କିଣା ବିକା ସମ୍ପୂର୍ଣ୍ଣ ବନ୍ଦ ହୋଇଛି ବୋଲି ମାର୍କେଟ ଇନଚାର୍ଜ କହିଛନ୍ତି।



# ହନୁମାନ ପଡ଼ାରେ ରାମାୟଣ ନବାହ୍ନ ପାରାୟଣ ଆରମ୍ଭ

ପଦ୍ମପୁର, ୭।୧୨(ସମିସ): ହନୁମାନ ପଡ଼ା ମହିଳା କମିଟି ପଦ୍ମପୁର ଆନୁକୂଲ୍ୟରେ ରାମାୟଣ ନବାହ୍ନ ପାରାୟଣ ଆରମ୍ଭ ହୋଇଛି। ଧାର୍ମିକ ପରମ୍ପରା ଏବଂ ଭକ୍ତି ସଂସ୍କୃତିକୁ ପ୍ରସାର କରିବା ପାଇଁ ଏହି ପାରାୟଣକୁ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଅନେକ ଭକ୍ତ ଉପସ୍ଥିତ ହୋଇ ଶ୍ରୀରାମଚନ୍ଦ୍ରଙ୍କ ମହିମା ସ୍ମରଣ କରି ଶ୍ଳୋକ, କୀର୍ତ୍ତନ ଓ ବ୍ୟାଖ୍ୟାନ ଶୁଣିଛନ୍ତି। ଆଗାମୀ ୧୬ ତାରିଖ ପର୍ଯ୍ୟନ୍ତ ପ୍ରଭୁ ଶ୍ରୀରାମଙ୍କ ଜନ୍ମଠୁ ରାଜ୍ୟାଭିଷେକ ଯାଏଁ ପରାୟଣ କାର୍ଯ୍ୟକ୍ରମ ଚାଲିବ। ସ୍ଥାନୀୟ ଭକ୍ତମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ଭବ ହୋଇପାରିଛି।

# ଲଖମରା ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତଶକ୍ତି ସଂଗମ କାର୍ଯ୍ୟକ୍ରମ

ପଦ୍ମପୁର, ୭।୧୨(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ ଲଖମରା ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତଶକ୍ତି ସଂଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଲଖମରାର ସହକାରୀ ଶିକ୍ଷୟିତ୍ରୀ କଳ୍ପନା ସାହୁ ମୁଖ୍ୟ ଅତିଥି, ଶିଶୁମନ୍ଦିର ସଦସ୍ୟା ନଳିନୀ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅଞ୍ଜଳି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଙ୍କି ବେହେରା ଅତିଥି ପରିଚୟ ଓ ସ୍ୱାଗତ ଅଭିବାଦନ ଜଣାଇଥିଲେ। ମୁଖ୍ୟ ଅତିଥି ଭାରତ ବିକାଶରେ ନାରୀର ଭୂମିକା ବିଷୟରେ ମତ ରଖିଥିଲେ। ମୁଖ୍ୟବକ୍ତା କୁଟୁମ୍ବ ପ୍ରବୋଧନ ତଥା ପରିବେଶ ବିଷୟରେ ଅଭିଭାଷଣ ରଖିଥିଲେ। ମା' ମାନଙ୍କ ସଚେତନତା ସମ୍ପର୍କରେ ପିଲାଙ୍କ ବୃଦ୍ଧି ଓ ସଂସ୍କୃତି ଜ୍ଞାନ ବୋଧ ପାଇଁ ମତାମତ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଦିଲ୍ଲୀପ ଜାଲଙ୍କ ଆହ୍ୱାନରେ ୧୫ ଜଣିଆ ମାତୃ ଭାରତୀ ଗଠନ କରାଗଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମାତୃ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ସସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପଦ୍ମପୁର ବ୍ୟାଡମିଣ୍ଟନ ପ୍ରିମିୟର ଲିଗ୍

ପଦ୍ମପୁର, ୭।୧୨(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ଠାରେ ଶେଖ ହାଇଦରଙ୍କ ସ୍ମୃତିରେ ପଦ୍ମପୁର ବ୍ୟାଡମିଣ୍ଟନ ଅନୁଷ୍ଠାନ ଦ୍ୱାରା ଦୁଇ ଦିବସୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଜିର ଆଉଟଡୋର ଟୁର୍ଣ୍ଣାମେଣ୍ଟରେ ୪୪ଟି ଦଳ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଏବଂ ସମ୍ମାନିତ ଅତିଥି ଭାବେ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ଶିରିଶ ବହିଦାର, ପ୍ରତାପ ମିଶ୍ର, ସଚିଦାନନ୍ଦ ବହିଦାର, ବିଷ୍ଣୁ ଦୋରା, ମିଲୁ ସାହୁ, କପିଳ ଅଗ୍ରୱାଲ, ବାବୁଲୁ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ମାନେଶ୍ୱରର ମନଜିତ ମେହେର, ହେପି ମହାପାତ୍ର ବିଜେତା ହୋଇଥିଲା ବେଳେ ପଦ୍ମପୁରର ବୋଧିଦିତ୍ୟ ସାହୁ ଓ ଫିରୋଜ ଖାନ ଉପବିଜେତା ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପଦ୍ମପୁର ବ୍ୟାଡମିଣ୍ଟନର ସଦସ୍ୟ ହରିଶଙ୍କର ସିଂହ, ବଂଶୀ ଅଗ୍ରୱାଲ, ସୁନୀଲ ସାହୁ, ସୁଧିର ସାହୁ, ଅଶୋକ ମିଶ୍ର, ସଲ୍ଲୁ ଖାନ, ଅପ୍ପୁ ଖାନ, ଦୀପକ ଅଗ୍ରୱାଲ, ସଲମାନ ଖାନ, ଅରୂପାନନ୍ଦ ନାଏକ, କମଳ ଅଗ୍ରୱାଲ, ସୋମୁ ଅଗ୍ରୱାଲ, ଅବିକ ସିଦ୍ଧିକ, ନିପୁନ ସାହୁ, ରିତେଶ ସାହୁ, ଶିଭମ ଶେଖର ସାହୁ, ଟିନୁ ମଲ୍ଲିକ, ଅଂଶୁମାନ ତ୍ରିପାଠୀ, କିଶୋର ବାଗ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ହରିଶଙ୍କର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ହୋମଗାର୍ଡ ଦିବସ ଅବସରରେ ରକ୍ତଦାନ ଶିବିର




ବରଗଡ଼, ୭।୧୨(ସମିସ): ଆଜି ରିଜର୍ଭ ପୁଲିସ୍ ବରଗଡ଼ ଠାରେ ଅନୁଷ୍ଠିତ ୬୩ ତମ ହୋମଗାର୍ଡ ଦିବସ ଅବସରରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସାହାୟ ମୀନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଆରକ୍ଷୀ ଅଧୀକ୍ଷକ ଅଶୋକ ବିଶ୍ୱାଳ, ଅତିଥି ଭାବେ ଟାଉନ ଆଇଆଇସି ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ। ବରଗଡ଼ ରିଜର୍ଭ ଇନ୍ସପେକ୍ଟର ସାନ୍ନାନୁ ପଧାନୀଙ୍କ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ପୁଲିସ ସଂଘର ସଭାପତି ସନତ ହୋତା, ସମ୍ପାଦକ ଉମାକାନ୍ତ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ପଧାନଙ୍କ ମିଳିତ ଆନୁକୂଲ୍ୟରେ ପ୍ରାୟ ଶହେ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ରିଜର୍ଭର ହାବିଲଦାର ମେଜର କପିଳ ଦେବ ଛୁରା ପରିଚାଳନା କରିଥିଲେ।

# ଉପଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ

ପାଇକମାଳ, ୭।୧୨(ସମିସ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ କେଛୋଦାଦର ପଞ୍ଚାୟତର ଫ୍ରେଜରପୁର ଗାଁର ଲାଇ ଡ୍ୟାମର ଉନ୍ନତି କରଣ ପାଇଁ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଡ୍ୟାମ ପରିଦର୍ଶନ କରିଛନ୍ତି। ଜଳସେଚନ ଓ ଜୀବିକା ବୃଦ୍ଧି ପାଇଁ କିଭଳି ଭାବେ ଏହାର ବିକାଶ ହୋଇ ପାରିବ ତାହା ନିରୀକ୍ଷଣ କରିବା ସହିତ ଅଧିକାରୀ ଓ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ପରେ ଉକ୍ତ ଗାଁରେ ମନରେଗା ସଚେତନତା ସଭାରେ ଯୋଗ ଦେଇଥିଲେ। ଦାଦନ ପ୍ରବଣ ବ୍ଲକ ପାଇଁ ମନରେଗା ଯୋଜନାରେ ରାଜ୍ୟ ସରକାର ୧୦୦ ଦିନରୁ ୩୦୦ ଦିନକୁ ବୃଦ୍ଧି କରିବା ସହ ୯୮ ଟଙ୍କା ବର୍ଦ୍ଧିତ ମଜୁରୀ ଦେବା ପାଇଁ ଘୋଷଣା କରିଛନ୍ତି। ଏହାଦ୍ୱାରା ଲୋକେ ନିଜ ଭିଟାମାଟିରେ ରହି ବର୍ଷକୁ ୩୦୦ ଦିନ କାମ ପାଇ ପାରିବେ। ଶ୍ରମିକ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ତେଣୁ ନିଜ ଭିଟାମାଟିରେ ରହି କାମ କରିବାକୁ ସବ୍ କଲେକ୍ଟର ଅନୁରୋଧ କରିଥିଲେ। ଜିଲ୍ଲା ପ୍ରାକୃତିକ ସମ୍ପଦ ବିଶେଷଜ୍ଞ ଦେବେନ୍ଦ୍ର ନେଗୀ ମନରେଗା କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ବ୍ୟକ୍ତିଗତ ସ୍ତରରେ ଲୋକ ମାନଙ୍କୁ ଖୁବ୍‌ଶୀଘ୍ର ଗାଈ ଗୁହାଳ, ଛେଳି ଗୁହାଳ, ଫାର୍ମ ପଣ୍ଡ, ଜମି ମରାମତି ଆଦି କାମ ଆବଶ୍ୟକ ଅନୁଯାୟୀ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଡିଓ ପ୍ରଫୁଲ୍ଲ ଓଡ଼ୁ ମନରେଗା ଯୋଜନାରେ ପ୍ରତି ଶ୍ରମିକ ପରିବାରଙ୍କୁ ୩୦୦ ଦିନ ଘର ପାଖରେ ବିଭିନ୍ନ ଶ୍ରମ ଭିତ୍ତିକ କାମ ତଥା ଅନ୍ୟାନ୍ୟ ସରକାରୀ ଯୋଜନା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଓଡ଼ିଶା ଜୀବିକା ମିଶନ ବିଷୟରେ ଏମବିକେ, ସିଆରପି, କୃଷି ମିତ୍ର ଓ ପ୍ରାଣୀ ମିତ୍ରଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଞ୍ଜନ ନାୟକ, କନିଷ୍ଠ ଯନ୍ତ୍ରୀ ବିଶୋକ ପଟେଲ, ଏପିଓ ଅନୁପମା ସାହୁ, ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ପିଇଓ ହେମରାଜ ସାହୁ, ଏଡିଇଓ ସତ୍ୟାନନ୍ଦ ହାତୀ, ମେଟ୍ ଏବଂ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ।



# ମନରେଗା ଯୋଜନା ନେଇ ସଚେତନତା

ପାଇକମାଳ, ୭।୧୨(ସମିସ): ରାଜ୍ୟ ସରକାର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ ଦିବସ ଓ ମଜୁରି ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ଯୋଜନାରେ ଶ୍ରମିକ ମାନଙ୍କୁ ବର୍ଷକୁ ୧୦୦ ଦିନ କାର୍ଯ୍ୟ ଦିବସ ଓ ୨୭୩ ଟଙ୍କା ଦୈନିକ ମଜୁରି ଦିଆଯାଉଥିଲା। ବର୍ତ୍ତମାନ ରାଜ୍ୟ ସରକାର ଏହି ଯୋଜନା କାର୍ଯ୍ୟ ଦିବସକୁ ବୃଦ୍ଧି କରି ବର୍ଷକୁ ୩୦୦ ଦିନ କାର୍ଯ୍ୟ ଦିବସ ଓ ଦୈନିକ ମଜୁରି ୩୭୧ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି ଯୋଜନାର ପ୍ରଚାର



ପ୍ରସାର ପାଇଁ ପାଇକମାଳ ବ୍ଲକରେ ମନରେଗା ଯୋଜନାର ସଚେତନତା ଶିବିର ଆୟୋଜନ ହୋଇଯାଇଛି। ବ୍ଲକ ଅଫିସ ପରିସରରୁ ଆଜି ସଚେତନତା ରଥ ବିଭିନ୍ନ ପଞ୍ଚାୟତକୁ ଯାଇଛି। ଏହି ରଥକୁ ପାଇକମାଳ ବ୍ଲକ ବିଡିଓ ପ୍ରଫୁଲ୍ଲ ଓଡ଼ୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ ଏପିଓ ଅନୁପମା ସାହୁ, ବିଜେପି ଜିଲ୍ଲା ସଭାପତି ସରୋଜ ସାମଲ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ସିଂ ବରିହା ଆଉ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ପାଇକମାଳ ବ୍ଲକ ବାଦିକଟା ପଞ୍ଚାୟତର ସାପଲହର, ବୁକୁରାମୁଣ୍ଡା ପଞ୍ଚାୟତର ମହୁଲପାଲି, ଟେମେରି ପଞ୍ଚାୟତର ଟେମେରି, କେଛୋଦାଦର ପଞ୍ଚାୟତର କେଛୋଦାଦର ଗାଁ, ଭେଙ୍ଗରାଜପୁର ପଞ୍ଚାୟତର ଭେଙ୍ଗରାଜପୁର ଗାଁରେ ପାଲା ମାଧ୍ୟମରେ ମନରେଗା ହିତାଧିକାରୀ ମାନଙ୍କୁ ସଚେତନ କରାଯାଇଥିଲା। ଏହି ପଞ୍ଚାୟତ ମାନଙ୍କରେ ସରପଞ୍ଚ, ଗାଁ ସାଥି, ପିଇଓ, ଏଡିଇଓ ତଥା ଜିଆରଏସ ମାନେ ରହି ହିତାଧିକାରୀ ମାନଙ୍କୁ ସଚେତନ କରିଥିଲେ। ପାଇକମାଳ ବ୍ଲକର ମନରେଗା ସହାୟକ ସୁନିଶ ଦୋରାଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା।

# ଲରମ୍ଭା କଲେଜରେ ମୌଳିକ ବିପର୍ଯ୍ୟୟ ପରିଚାଳନା ତାଲିମ

ଅତାବିରା, ୭।୧୨(ସମିସ): ଲରମ୍ଭା କଲେଜରେ ଦୁଇ ଦିବସୀୟ ମୌଳିକ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଅଧକ୍ଷ ଅଶୋକ ମହାନ୍ତି ଶିବିରର



ଶୁଭାରମ୍ଭ କରିଥିଲେ। ତାଲିମଦାତା ଭାବେ ଚତୁର୍ଥ ବାଟାଲିୟନ ଦେବଗଡ଼ ଓଡ୍ରାଫ ୟୁନିଟର ଉପାସୁ ମାହାର, ଶୁଭେନ୍ଦୁ ପ୍ରଧାନ, ସୁଧୀର ବିଲୁଙ୍ଗ, ଦୁର୍ଗା ମୁଣ୍ଡା, ମୁକ୍ତେଶ୍ୱର ମହାକୁର, ସୁଜିତ ମହାନ୍ତି, ଗିରିଧାରୀ ବୁଦ୍ଧିଆ ପ୍ରମୁଖ ଯୋଗ ଦେଇଥିଲେ। ବନ୍ୟା, ବାତ୍ୟାର ମୁକାବିଲା, ଆକସ୍ମିକ ଅଗ୍ନିକାଣ୍ଡ, ରାସ୍ତା ଦୁର୍ଘଟଣାରେ ରକ୍ତସ୍ରାବ ବନ୍ଦ କରିବା, ହୃଦ୍‌ଘାତ ଇତ୍ୟାଦି ସମୟରେ କି କି ପଦକ୍ଷେପ ନେବେ ସେ ଉପରେ ତାଲିମ୍ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ସମସ୍ତ ପ୍ରକାରର ତାଲିମକୁ ଦୃଶ୍ୟାକୃତିରେ ପ୍ରଦର୍ଶୀତ କରାଯାଇଥିଲା। କଲେଜ ସ୍ଥିତ ଏନସିସି ଆର୍ମି ଗ୍ରୁପର ଅଧିକାରୀ ଲେପନେଣ୍ଟ ପାଟମଞ୍ଜରୀ ସାହୁ, ଯୁବରେଡକ୍ରସର ଅଧିକାରୀ କାଦମ୍ବିନୀ ଗୁରୁ, ବୀଣା ମେହେର, ସୁନୀଲ ପ୍ରଧାନ, ଜାତୀୟ ସେବା ଯୋଜନା ଅଧିକାରୀ ଡ.ଅଜିତ ନାଥ, ଗଣେଶ ସିଂ, ସଂଘମିତ୍ରା ମହାକୁର ସମେତ ଅଧାପକ ମନରଞ୍ଜନ ତ୍ରିପାଠୀ, ପବିତ୍ର ମାହାଣା ଓ ଡ.ରଞ୍ଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ତାଲିମ୍ ଶିବିରରେ ଆର୍ମି ୟୁନିଟ, ନାଭାଲ ୟୁନିଟ, ଯୁବରେଡକ୍ରସ ଓ ଏନଏସଏସର ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ଶେଷରେ ଅଧାପିକା ପାଟମଞ୍ଜରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା



ଅତାବିରା, ୭।୧୨(ସମିସ): ଅତାବିରା ବ୍ଲକ ଅଧୀନ କାଠଡେରା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଅନୁଷ୍ଠିତ କ୍ରୀଡ଼ା ଉତ୍ସବକୁ ଶିକ୍ଷାକେନ୍ଦ୍ରର ପୂର୍ବତନ ଅଧକ୍ଷା ରିଲି ପଧାନ କ୍ରୀଡ଼ା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସମ୍ପାଦକ ଚାପଧାରୀ ସିଂଙ୍କ ଦ୍ୱାରା ମାତୃପୀଠରେ ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧକ୍ଷା କ୍ରୀଡ଼ା ପତାକା ଅବତରଣ କରିଥିଲେ। କ୍ରୀଡ଼ା ଉତ୍ସବରେ ନର୍ସରୀରୁ ଅଷ୍ଟମ ଶ୍ରେଣୀର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ବର୍ଗରେ ଭାଗ ନେଇ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ବିଭାଗ ମୁଖ୍ୟ ରାଜେଶ ସେଟ ଓ ଜିତେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷକ ଭୀଷ୍ମଦେବ ରଣା, ଭରତ କୁମ୍ଭାର, ଲିଲି ବେହେରା, ସତ୍ୟବତୀ ନାଗ, ଜୟନ୍ତୀ ପ୍ରଧାନ, କନକ ପ୍ରଧାନ, ନିବେଦିତା ସାହୁ, ରେଣୁକା ବାଗ, ଶଶୀଭୂଷଣ ଦାଶ, ସାରଥୀ ବିଶ୍ୱାଳ, ନୀଳାବତୀ ମାଝୀଙ୍କ ସମେତ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

# ୧୯ ୯୨ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ପାଇକମାଳ, ୭।୧୨(ସମିସ): ଟେମେରି ହାଇସ୍କୁଲର ୧୯୯୨ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ତ୍ରିପାଠୀ ଓ ଗୋବିନ୍ଦ ପାଣିଗ୍ରାହୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ବ୍ୟାଚର ଛାତ୍ର ରବି ପ୍ରଧାନ ଉତ୍ସବକୁ ସଂଯୋଜନା କରିଥିଲେ। ଏଥିରେ ଘନଶ୍ୟାମ ସାହୁ ପରମାନନ୍ଦ ଭୋଇ, କୃପାସିନ୍ଧୁ ପ୍ରଧାନ, କେଶବ ଭୋଇ, ରମେଶ ଯୋଶୀ, ଜୟପ୍ରକାଶ ଭୋଇ ଦାଶରଥି ଚାନ୍ଦ, ସୁରେଶ ପ୍ରଧାନ, ପାର୍ବତୀ ସିଂ, ଲୁଭାବତି ମହାନନ୍ଦ, ବିଷୟା ଜାଲ, ସାବିତ୍ରୀ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୃପାସିନ୍ଧୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।



# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ୧୮୨ ପ୍ରକଳ୍ପ ପ୍ରଦର୍ଶିତ

ବରଗଡ଼, ୭।୧୨(ସମିସ)

ଏକ ସମୃଦ୍ଧ ଓ ବିକଶିତ ଭାରତ ଗଠନ ପାଇଁ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର କୁନିକୁନି ବୈଜ୍ଞାନିକ ଆସନ୍ତା କାଲି ଦେଶର ଭବିଷ୍ୟତ। ବିଜ୍ଞାନ ମେଳା ଶିଶୁ ମାନଙ୍କ ମନରେ ବୈଜ୍ଞାନିକ ମନୋବୃତ୍ତି ଜାଗ୍ରତ କରିବା ସହ ତାଙ୍କ ଭିତରେ ଥିବା ପ୍ରତିଭା ଆବିଷ୍କୃତ ହୋଇଥାଏ ବୋଲି ବରଗଡ଼ ରାଣା ପ୍ରତାପ ସ୍କୁଲ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାର ଦ୍ୱିତୀୟ ଦିବସରେ ଅତିଥି ଗଣ ମତ ପ୍ରକାଶ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧକ୍ଷତା ଓ ବିଜ୍ଞାନ ନିରୀକ୍ଷକ ଧିରୋଜ୍ ପଟ୍ଟନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଓ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ଦ୍ୱିତୀୟ ଦିବସର ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ଏଡିଇଓ ସରୋଜ ଭୁଏ, ଏଡିଇଓ ବିନୟ ସୟ ପ୍ରଧାନଶିକ୍ଷକ ସୁଦୀପ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରୁ ୭୨ ସିଇଏସ ୫୦ ଏସଡିଜି ୬୦ ପ୍ରକଳ୍ପ ସର୍ବ ମୋଟ ୧୮୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଜେପୁର ବ୍ଲକ ଶ୍ରିବନ୍ତ ସାହୁ, ଭଟଲି ବ୍ଲକ ଲିପ୍ସା ପଣ୍ଡା, ଝାରବନ୍ଧ ବ୍ଲକ ନମିତା ସାହୁ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରୁ ବରପାଲି ବ୍ଲକ ଅଂଶୁମାନ ଦିଶ୍ରୀ, ଅତାବିରା ବ୍ଲକର ବର୍ଷା ମେହେର, ଗାଇସିଲେଟ ବ୍ଲକ ବବିତା ସୁନା, ରାଜବୋଡାସମ୍ବରରୁ ସର୍ଜନା ବରିହା, ଝାରବନ୍ଧ ବ୍ଲକରୁ ଅଞ୍ଜୁଲତା ସାହୁ, ବିଜେପୁର ବ୍ଲକ ସମ୍ଭାବି ସାହୁ, ଏସଏଡିଜି, ରାଜବୋଡାସମ୍ବରର ବିନି ପ୍ରଧାନ, ଆମ୍ଭଭୋନା ରାହୁଲ ପଟେଲ ଓ ଝାରବନ୍ଧ ବ୍ଲକ ଦମୟନ୍ତୀ ମହାପାତ୍ର ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ବିରେନ୍ଦ୍ର ଦାଶ, ଅନୁପମା ଚାନ୍ଦ, ଲିପ୍ସା ମିଶ୍ର, ନମିତା ବିଶି, ଡ.ଗିରିଶ ପ୍ରଧାନ, ଶାନ୍ତନୁ ସାହୁ, ଡ.ଚିନ୍ମୟ ଦେହେରି, ଡ.ନିରଞ୍ଜନ ପଣ୍ଡା, ଆର୍‌ଜେ ଆଶିଷ ମହାନ୍ତି, ବିଶ୍ୱଜିତ୍ ସାହୁ ପ୍ରମୁଖ ଯୋଗ ଦେଇ ପ୍ରକଳ୍ପ ଗୁଡିକ ମୂଲ୍ୟାୟନ କରିଥିଲେ। ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନ ଗୋବିନ୍ଦ ସେଟ୍ ସଂଯୋଜନା କରିଥିଲେ। ଏହି ଅବସରରେ ନିଷ୍ଠା ପରିବାର ଓ ଶିକ୍ଷା ବିଭାଗ ଆନୁକୂଲ୍ୟରେ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାର ସମସ୍ତ ବିଇଓ, ପ୍ରଧାନଶିକ୍ଷକ ଯୁଧିଷ୍ଠିର ଦାସ, ସୂର୍ଯ୍ୟ ପଣ୍ଡା, ଯାଦବ ସାହୁଙ୍କ ସମେତ ବିଜ୍ଞାନ ମେଳା ପରିଚାଳନା କମିଟି ସହଯୋଗ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।




## ● ୱିନର୍ ବ୍ରାଇଟ୍ ଫ୍ୟୁଚର୍ ସ୍କୁଲ୍‌ରେ ବିଜ୍ଞାନ ଓ କଳା ପ୍ରଦର୍ଶନୀ

ପଦ୍ମପୁର: ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଏବଂ କଳା ବିଷୟରେ ଜ୍ଞାନ ଏବଂ ରୁଚିକୁ ଅଭିବୃଦ୍ଧି କରିବା ପାଇଁ ରବିବାର ପଦ୍ମପୁରର ୱିନର୍ ବ୍ରାଇଟ୍ ଫ୍ୟୁଚର୍ ସ୍କୁଲ୍‌ରେ ବାର୍ଷିକ ବିଜ୍ଞାନ ଓ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ୍‌ର ଅଧକ୍ଷା ଅପାଲି ଅପରାଜିତା ଦାଶ ସର୍ବପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ ବିଚାରପତି ମାନଙ୍କୁ ଉପଢ଼ୌକନ ଏବଂ ଫୁଲ ଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରସିଦ୍ଧ ଏକ ଟଙ୍କିଆ କ୍ଲିନିକ୍‌ର ପ୍ରତିଷ୍ଠାତା ଡାକ୍ତର ଶଙ୍କର ରାମଚନ୍ଦାନୀ ମୁଖ୍ୟ ଅତିଥି ଭାବେ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରିଥିଲେ ଏବଂ ଭବିଷ୍ୟତରେ ବୈଜ୍ଞାନିକ ହୋଇ ଦେଶ ତଥା ରାଜ୍ୟ ପାଇଁ ସୁନାମ ଅର୍ଜନ କରିବା ପାଇଁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁରର ସମାଜସେବୀ ନିରୋଜ ଦୋରା ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ମୋଟ ୨୩୮ ଟି ବିଜ୍ଞାନ ପ୍ରକଳ୍ପ ଏବଂ ୧୧୮ ଟି କଳା ପ୍ରକଳ୍ପ ପ୍ରଦର୍ଶୀତ ହୋଇଥିଲା। ଏହି ପ୍ରକଳ୍ପ ମାନଙ୍କୁ ୧୦ ଜଣ ଅଭିଜ୍ଞ ବିଚାରପତି ମୂଲ୍ୟାୟନ କରିଥିଲେ। ପ୍ରଦର୍ଶନୀରେ ସ୍କୁଲର ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ମିଶ୍ର, ଉପାଧକ୍ଷ ପଦ୍ମନାଭ ପଣ୍ଡା, ସଞ୍ଚୋଳିକା ନିବେଦିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ ମହୋତ୍ସବର ସପ୍ତମ ସନ୍ଧ୍ୟା

# ଆସାମର ବିହୁ ନୃତ୍ୟ ମନମୋହିଲା





**ବାରିପଦା, ୭।୧୨(ସମିସ):** ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ସପ୍ତମ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ତଥା ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧକ୍ଷ ଭାଦବ ହାଁସଦା, ମହୋତ୍ସବ କମିଟି ସଭାପତି କୃଷ୍ଣାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡେଇ,

- ଇରା ମହାନ୍ତି, କୁମାର ବାପି ଝୁମାଇଲେ
- ପପୁପମପମ୍ ଓ ସ୍ୱରାଜ କଲେ ବିଭୋର

ତରୁଣ ମହାନ୍ତି ଓ ଅମିତାଭ ସାହୁ ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହି ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ କହିବା ସହିତ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ। ପ୍ରାରମ୍ଭରେ ଜିଲ୍ଲାର ସଙ୍ଗୀତ ଓ ନୃତ୍ୟ ପ୍ରତିଷ୍ଠାନ କଳାକାର କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ତତସହିତ ଆସାମର ବିହୁ ନୃତ୍ୟ ସମସ୍ତଙ୍କୁ ମନମୁଗ୍ଧ କରିଥିଲା। ସେହିପରି ମୁଖ୍ୟ ଆକର୍ଷଣ ଇରା ମହାନ୍ତି ଓ କୁମାର ବାପିଙ୍କ ଗୀତରେ ସମସ୍ତେ ଝୁମିଥିବାବେଳେ ମାଟିର ପୁଅ ପପୁ ପମପମ୍ ଓ ସ୍ୱରାଜ ବାରିକଙ୍କ ଯଥାକ୍ରମେ କମେଡି ଓ ଅଭିନୟ ସହିତ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଅନ୍ୟ ଦିନ ଅପେକ୍ଷା ରବିବାର ଭରପୂର ଦର୍ଶକଙ୍କ ସମାଗମ ହୋଇଥିଲା। ଉପସ୍ଥାପିକା ସ୍ନେହାଶ୍ରୀ, ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ୮ମ ସନ୍ଧ୍ୟାରେ ସ୍ୱନାମଧନ୍ୟ କୁଡମାଲୀ କଳାକାର ଗୌତମ ଓ ପମି ଝୁମର ପରିବେଷଣ କରିବେ।

## ବୈଶିଙ୍ଗା ଅଞ୍ଚଳରେ ସଜାଗ ରହିବାକୁ ପୁଲିସ ପ୍ରଶାସନକୁ ଜିଲ୍ଲାପାଳଙ୍କ ପରାମର୍ଶ

**ବୈଶିଙ୍ଗା, ୭।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାୟ ବୈଶିଙ୍ଗା ଥାନା ପରିଦର୍ଶନରେ ଆସି ଥାନା ପରିସରରେ ଥିବା ମାଲଖାନା ସହିତ ମହିଳା, ଶିଶୁ ଡେସ୍କ ଓ ଅନ୍ୟାନ୍ୟ କୋଠରୀ ବୁଲି ଦେଖିଥିଲେ। ଥାନା ଅଧିକାରୀ ବାରିଣୀ ଦାସଙ୍କ ଅନୁପସ୍ଥିତିରେ ଥାନାର ବିଭିନ୍ନ ମାମଲା ତଥା ଥାନାର ଥିବା ସୁବିଧା ଅସୁବିଧା ସମ୍ପର୍କରେ ସବଇନ୍ସପେକ୍ଟର ସରୋଜ ଜେନାଙ୍କୁ ପଚାରି ବୁଝିଥିଲେ। ସେହିପରି ସମଗ୍ର ଥାନା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତ ସଂକ୍ରାନ୍ତରେ ମଧ୍ୟ ସମୀକ୍ଷା କରିଥିଲେ। ରାଜନୈତିକ ଦୃଷ୍ଟିକୋଣରୁ



ବଡ଼ସାହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୈଶିଙ୍ଗା ଅଞ୍ଚଳ ଏକ ସ୍ପର୍ଶକାତର ଓ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ପୁଲିସ ଏଠାରେ ସଜାଗ ରହିବା ସହିତ ନିରପେକ୍ଷତା ଅବଲମ୍ବନ କରିବା ଓ ଆଇନଶୃଙ୍ଖଳା ରକ୍ଷା କରିବା ଦିଗରେ ଯତ୍ନବାନ ହେବା ପାଇଁ ଜିଲ୍ଲାପାଳ ଶ୍ରୀ ସାୟ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ବୈଶିଙ୍ଗା ଥାନାର ଏସଆଇ ଶୁଭ୍ରାଂଶୁ ରାଉଳ, ସୁକାନ୍ତ ନାୟକ, ପ୍ରଦୀପ ଦେଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟରେ ଏବିସି ଆଇଡି ସମ୍ପର୍କିତ କର୍ମଶାଳା



**ବାରିପଦା, ୭।୧୨(ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନଏଡି ସେଲ୍ ଦ୍ୱାରା 'ଏବିସି ଆଇଡିର ବ୍ୟବହାର ଓ ଉପଯୋଗିତା' ସମ୍ପର୍କିତ ତିନିଦିନିଆ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ପି.ଏମ୍ ଉଷା ପ୍ରାୟୋଜିତ ଏହି କର୍ମଶାଳାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଶତପଥୀ ଏଭଳି କାର୍ଯ୍ୟକ୍ରମରୁ ଛାତ୍ରଛାତ୍ରୀ ଏକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟ୍‌ର ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରି ସେମାନଙ୍କ ସମସ୍ତ ସୂଚନା ସହ ଆବଶ୍ୟକ ସହାୟତାକୁ କିପରି ଉଚ୍ଚଶିକ୍ଷାରେ ବିନିଯୋଗ କରିପାରିବେ, ସେ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଡିଜିଟାଲ ଇଣ୍ଡିଆ କର୍ପୋରେସନର ଆଞ୍ଚଳିକ ସଂଯୋଜକ ରବି ପାଣ୍ଡେ ଏହି ଆଇଡି ବ୍ୟବହାରର ଗୁଣବତ୍ତା ଓ ଡିଜିଟାଲ ସୁବିଧା ସୁଯୋଗ ସଂପର୍କରେ ତାଙ୍କର ବକ୍ତବ୍ୟ ରଖିଥିବାବେଳେ ସମ୍ମାନିତ ଅତିଥି ଭାବେ ଡିଜିଟାଲ ଇଣ୍ଡିଆ କର୍ପୋରେସନର ଓଡ଼ିଶା ରାଜ୍ୟ ସଂଯୋଜକ ଲୋପାମୁଦ୍ରା ନାୟକ ଉଚ୍ଚଶିକ୍ଷାରେ ବିଶେଷକରି ଛାତ୍ରଛାତ୍ରୀ ନିଜର ଶିକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂପର୍କରେ ଅବହିତ ହୋଇ ଉକ୍ତ ପ୍ଲାଟଫର୍ମରୁ ସମସ୍ତ ସୁବିଧା ସୁଯୋଗ ପାଇପାରିବେ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର କମଲଲୋଚନ ବାରିକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଏବିସି ଆଇଡିର ବାସ୍ତବ ରୂପାୟନ ପାଇଁ ଆହ୍ୱାନ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ପି.ଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ କାର୍ଯ୍ୟକ୍ରମର ସଫଳତା ସଂପର୍କରେ ଅଭିମତ ରଖିଥିବାବେଳେ ଏନ୍‌ଏଡି ସେଲ୍‌ର ନୋଡାଲ ଅଧିକାରୀ ଡକ୍ଟର ଜନ୍ମେଞ୍ଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମ୍ପାଦକ ତଥା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ସୁବ୍ରତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ତିନିଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଆଲୋଚକମାନେ ଯୋଗଦାନ କରିବା ସହିତ ବିଶ୍ୱବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବେ ବୋଲି ନୋଡାଲ ଅଧିକାରୀ ଡକ୍ଟର ନାୟକ ସୂଚନା ପ୍ରଦାନ କରିଛନ୍ତି।

## 'ବାଲ୍ୟ ବିବାହକୁ ନାଁ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା

**କପ୍ତିପଦା, ୭।୧୨(ସମିସ):** ଦେବଳା ପଞ୍ଚାୟତ ଅନ୍ତର୍ଗତ ବଡ଼ଝାଡ଼ ଉନ୍ନୀତ ଉଚ୍ଚବିଦ୍ୟାଳୟରେ "ବାଲ୍ୟ ବିବହକୁ ନାଁ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବାଲ୍ୟ ବିବାହ ଆମ ସମାଜର ଏକ ରୋଗ। ଏହାଦ୍ୱାରା ସମାଜରେ ଅନେକ କ୍ଷତି ହୋଇଥାଏ। ସୁସ୍ଥ ସମାଜ ପାଇଁ ସୁସ୍ଥ ମାଆଙ୍କ ଆବଶ୍ୟକତା ରହିଛି। ତେଣୁ କୈଶୋର ବୟସରେ ଏକଥା ପିଲାଙ୍କ ମନରେ ରହିଲେ ବାଲ୍ୟ ବିବାହକୁ ରୋକାଯାଇପାରିବ। ମାନସିକ, ଶାରୀରିକ ପରିପକ୍ୱତା ପାଇଁ ପୁଅକୁ ଏକୋଇଶି ଝିଅକୁ ୧୮ ବର୍ଷ ପରେ ବାହାଘର କରିବା ଆବଶ୍ୟକ ବୋଲି ବାଲ୍ୟ ବିବାହକୁ ନାଁ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାର ପୁରସ୍କୃତ କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ ସାହୁ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏଥିରେ ଦୀପ୍ତି ନାଏକ, ଗୋବିନ୍ଦ ସିଂ, ଶ୍ୟାମସୁନ୍ଦର ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଆଲୋଚକ ଭାବେ ଶିକ୍ଷୟିତ୍ରୀ ସରସ୍ୱତୀ ହାଁସଦା, ନମିତା ସେଠୀ, ଦେବକୀ ପରିଡ଼ା, ଶିଖାସ୍ୱରୁପା ଗିରି, ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ, କମଳଲୋଚନ ବେହେରା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରମେଶ ହେମ୍ବ୍ରମ ସହଯୋଗ କରିଥିଲେ।

## ■ ଶିଶୁ ସେବିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗ
## ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କଲେ ଅସନ୍ତୁଷ୍ଟ ପ୍ରାର୍ଥୀ

**ବେତନଟୀ, ୭।୧୨(ସମିସ):** ଶିଶୁ ସେବିକା ପଦବୀରେ ମନମୁଖୀ ଚୟନରେ ଅସନ୍ତୁଷ୍ଟ ହୋଇ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ପୁନଃଚୟନ ପାଇଁ ଲିଖିତ ଅଭିଯୋଗ କଲେ ଅସନ୍ତୁଷ୍ଟ ପ୍ରାର୍ଥୀ। ବେତନଟୀ ବ୍ଲକ ଅଧିନ ଗଡଦେଉଳିଆ ପଞ୍ଚାୟତର ପୋଖରିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସେବିକା ପଦବୀରେ ଅସ୍ଥାୟୀ ନିଯୁକ୍ତି ନିମନ୍ତେ ଏକ ବିଜ୍ଞାପନ ବାହାରିଥିଲା। ଏହି ବିଜ୍ଞାପନ ଦେଖି ଏକାଧିକ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିଲେ। ମାତ୍ର ଏହି ପଦବୀ ପାଇଁ ଶିଶୁ ସେବିକା ଶୁକ୍ରବାର ଦିନ ଚୟନ କରାଯାଇଥିବାବେଳେ ଆବେଦନକାରୀଙ୍କୁ ଏ ବିଷୟରେ ଜଣାଯାଇ ନ ଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଯଦି ମନମୁଖୀ ଚୟନ କରିବେ, ତେବେ ବିଜ୍ଞାପନ କାହିଁକି ଛପାଯାଇଥିଲା। ଏପଟେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ପଚାରିବାରୁ ନିୟମ ଅନୁସାରେ ଚୟନ କରିଦେଇଥିବା ପ୍ରକାଶ କରିଛନ୍ତି। ତେବେ ଚୟନକୁ ବିରୋଧ କରି ଅସନ୍ତୁଷ୍ଟ ଆଶାୟୀ ଶନିବାର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପୁନଃ ଚୟନ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି।

## ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଘୁଞ୍ଚିଲା

**ବାରିପଦା, ୭।୧୨(ସମିସ):** ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମରେ ଆଗାମୀ ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହେବା ନେଇ ପୂର୍ବରୁ ଘୋଷଣା କରାଯାଇଥିଲା। ତେବେ ଏହି ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଆସନ୍ତା ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ହେବ ବୋଲି ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି। ଯେଉଁ ଖେଳାଳିମାନେ ପୂର୍ବରୁ ଅନଲାଇନରେ ନାମ ପଞ୍ଜୀକରଣ କରିନାହାନ୍ତି, ଏବେ ସେମାନେ ନାମ ପଞ୍ଜୀକରଣ କରିବାକୁ ଶ୍ରୀ ଦାସ ଅନୁରୋଧ କରିଛନ୍ତି।

## ଓଲଟିଲା ବ୍ୟାଟେରୀ ବୋଝେଇ ଟ୍ରକ୍, ଚାଳକ ଆହତ

**କୁଳିଅଣା, ୭।୧୨ (ସମିସ):** ୧୮ ନମ୍ବର ଜାତୀୟ ରାଜପଥର ସୌରି ନିକଟରେ ବ୍ୟାଟେରୀ ବୋଝେଇ ଟ୍ରକ୍ ଓଲଟି ଚାଳକ ଆହତ ହୋଇଛନ୍ତି। ରବିବାର ଭୋର ସମୟରେ ଦୁର୍ଘଟଣା ଘଟିଛି। ବ୍ୟାଟେରୀ ବୋଝେଇ ଟ୍ରକ୍ କୁଳିଅଣା ଥାନା ଅନ୍ତର୍ଗତ ସୌରି ନିକଟରେ ଭାରସ୍ୟାମ ହରାଇ ଡିଭାଇଡ଼ରକୁ ଧକ୍କା ଦେଇ ଓଲଟିପଡିଥିବା ସୂଚନା ମିଳିଛି। ଏଥିରେ ଟ୍ରକ୍ ଡ୍ରାଇଭର ଆହତ ହୋଇଥିବାବେଳେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।



## ଦେଶୀମଦ ଓ ବାଇକ୍ ଜବତ, ୨ ଗିରଫ

**ବାରିପଦା, ୭।୧୨(ସମିସ):** ଅବକାରୀ ବିଭାଗ ପକ୍ଷରୁ ଦେଶୀମଦ ଓ ବାଇକ ଜବତ କରାଯାଇଥିବାବେଳେ ଦୁଇଜଣକୁ ଗିରଫ କରାଯାଇଛି। ସେମାନେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସିରିଷବଣି ଅଞ୍ଚଳର ରାମ ବେଶ୍ରା (୫୯) ଓ ଜଗନ୍ନାଥପୁର ଅଞ୍ଚଳର ବନସୟ ସିଂ(୫୫)। ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ସଦର ଅବକାରୀ ଥାନା ଟିମ୍ ବାରିପଦା ସଦର ଅନ୍ତର୍ଗତ ଧନପୁର ଅଞ୍ଚଳରେ ଚଢ଼ଉ କରିଥିଲେ। ୭୫ ଲିଟର ଦେଶୀମଦ ଓ ୨ଟି ବାଇକ ଜବତ କରାଯାଇଛି। ଉକ୍ତ ଚଢ଼ଉରେ ସଦର ଅବକାରୀ ଥାନା ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁ, ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ବିଶ୍ୱାଳ, ହେମନ୍ତ ପାତ୍ର, ଦେବରାଜ ସାହୁ, ସବିତା ମହାନ୍ତ ସାମିଲ ଥିଲେ। ଏ ନେଇ ବାରିପଦା ସଦର ଅବକାରୀ ଥାନାରେ ପୃଥକ ଭାବେ ମାମଲା ରୁଜୁ କରାଯାଇଛି।

## ଅତ୍ୟାଧୁନିକ କିମ୍ସ-ଶୁଭ୍ରା ରୁରାଲ୍ ହସ୍ପିଟାଲ ଉଦ୍‌ଘାଟିତ

**ବାରିପଦା/ବେତନଟୀ, ୭।୧୨(ସମିସ):** ରାଜ୍ୟର ପ୍ରଥମ ଅତ୍ୟାଧୁନିକ କିମ୍ସ-ଶୁଭ୍ରା ରୁରାଲ୍ ହସ୍ପିଟାଲ ଉଦ୍‌ଘାଟନ କରାଯାଇଛି। ପ୍ରଥମ କରି ରାଜ୍ୟର ଏକ ନିପଟ ମଫସଲ ଅଞ୍ଚଳରେ ୨୫ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ କୁଞ୍ଚିଶୋଳ ଗ୍ରାମରେ ଉଦଘାଟିତ ହୋଇଛି ଭୁବନେଶ୍ୱରର କିମ୍ସ ଓ ଗୁଜରାଟର ଶୁଭ୍ରା ଫାଉଣ୍ଡେସନ୍ ପକ୍ଷରୁ କିମ୍-ଶୁଭ୍ରା ରୁରାଲ୍ ହସ୍‌ପିଟାଲ୍। ପୂର୍ବଚନ ସିଏଜି ଡ. ଗିରୀଶ ଚନ୍ଦ୍ର ମୁର୍ମୁ ଓ କିସ୍, କିଟ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଡ. ଗିରିଶ ମୁର୍ମୁଙ୍କ ମାଆ ପାର୍ବତୀ ମୁର୍ମୁ ଏହି ଚିକିତ୍ସାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ କିମ୍ସ ମେଡିକାଲର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ଏହି ରୁରାଲ ହସ୍‌ପିଟାଲ୍ ପାଇଁ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ ପକ୍ଷରୁ ସମସ୍ତ ଭିତ୍ତିଭୂମି ଯୋଗାଇ ଦିଆଯାଇଥିବାବେଳେ କିମ୍ସ ହସ୍ପିଟାଲ୍‌ର କ୍ଲିନିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ, ଅପରେସନ୍ ଓ ସମସ୍ତ ପ୍ରଶାସନିକ ଦାୟିତ୍ୱ ବହନ କରୁଛି। ସମସ୍ତ ଅତ୍ୟାଧୁନିକ ମେସିନ ସହ ପରୀକ୍ଷା ବ୍ୟବସ୍ଥା କିମ୍ସ ପକ୍ଷରୁ ଏହି ଚିକିତ୍ସାଳୟରେ ଯୋଗାଇ ଦିଆଯାଉଛି। ଆମ୍ବୁଲାନ୍ସ ସେବା ମଧ୍ୟ ଏହି ଚିକିତ୍ସାଳୟରେ ଉପଲବ୍ଧ। କିମ୍ ଓ ଶୁଭ୍ରା ହସ୍ପିଟାଲ୍ ଦ୍ୱାରା ବେତନଟୀ ତଥା ସ୍ଥାନୀୟ ଅଞ୍ଚଳର ଜନଜାତି ଓ ବହୁ ଜନସାଧାରଣ ଉପକୃତ ହୋଇପାରିବେ ବୋଲି କହିଛନ୍ତି ପୂର୍ବତନ ସିଏଜି ଡ. ଗିରିଶ ଚନ୍ଦ୍ର ମୁର୍ମୁ।

ଏଭଳି ଏକ ଚିକିତ୍ସାଳୟ ପାଇଁ ବହୁ ସମସ୍ୟା ମଧ୍ୟ ଦେଇ ଗତି କରିଥିବାବେଳେ ଡ. ସାମନ୍ତଙ୍କ ପାଇଁ ଆଜି ତାଙ୍କ ସ୍ୱପ୍ନ ସାକାର ହୋଇପାରିଛି ବୋଲି କହିଛନ୍ତି ଡ. ଗିରିଶ ମୁର୍ମୁ। ନିଜ ଜୀବନ ସମାଜସେବାରେ ଉତ୍ସର୍ଗ କରିଥିବା ଡ. ସାମନ୍ତ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ପାଇଁ ଆଗକୁ ଆହୁରି ଅନେକ ସେବା ଯୋଗାଇ ଦେବେ ବୋଲି କହିଛନ୍ତି ଡ. ଗିରିଶ ମୁର୍ମୁ। ବେତନଟୀର କୁଞ୍ଚିଶୋଳ ଗ୍ରାମ ହେଉଛି ଓଡ଼ିଶା ତଥା ଭାରତର ଗର୍ବ ଓ ଗୌରବ ଜମ୍ମୁ କାଶ୍ମୀରର ପ୍ରଥମ ଏଲ୍‌ଜି ତଥା ଭାରତର ପୂର୍ବତନ ସିଏଜି ଡ. ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଜନ୍ମିତ ଗ୍ରାମ। ଆଜିର ସ୍ୱାସ୍ଥ୍ୟ ଶିବିରରେ ପ୍ରଥମ ରୋଗୀ ଭାବେ ଡ. ଗିରିଶ ମୁର୍ମୁଙ୍କ ମାଆ ପାର୍ବତୀ ମୁର୍ମୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଶିବିରରେ ଗ୍ରାମର ବିଭିନ୍ନ ଲୋକଙ୍କ ଚିକିତ୍ସା କରାଯାଇଛି। କିମ୍ସ ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ହରିଶ ଚୌଧୁରୀ ମଞ୍ଚ ପରିଚାଳନା କରିଥିବାବେଳେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, କିମ୍ସ ସୁପରିଣ୍ଟେଣ୍ଡେଣ୍ଟ ଡ଼ା ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ରାଜ୍ୟ ପୁସ୍ତକ ମେଳାରେ ସାନ୍ତାଳୀ ଷ୍ଟଲ୍ ଉଦ୍‌ଘାଟିତ



**ବାରିପଦା,୭।୧୨(ସମିସ):** ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟ ସରକାରଙ୍କ ଆୟୋଜନାରେ ଆରମ୍ଭ ହୋଇଥିବା ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳାରେ ଏ ବର୍ଷ ସାନ୍ତାଳୀ ଭାଷାର ଏକମାତ୍ର ଷ୍ଟଲକୁ "ସାନ୍ତାଳୀ ସାଓଁହେଦ ଆଖଡ଼ା' ପକ୍ଷରୁ ଉଦଘାଟନ କରାଯାଇଛି। ଏହି ଷ୍ଟଲର ଉଦଘାଟନ ବରିଷ୍ଠ ସାନ୍ତାଳୀ ସାହିତ୍ୟିକ ରାମ୍ବାଇ ହେମ୍ବ୍ରମ କରିଥିଲେ। ଉଦ୍‌ଘାଟନୀ ଅବସରରେ ଆଖଡ଼ାର ସମ୍ପାଦକ କୈଳାସ ଚନ୍ଦ୍ର ବାସ୍କେ, ସୁରୁକୁନୀ ମୁର୍ମୁ, ମିନତୀ ହାଁସଦା, ସୁନାରାମ ମୁର୍ମୁ, ମାଙ୍ଗାତ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ୧୨ ଦିନ ଧରି ଚାଲିବାକୁ ଥିବା ଏହି ପୁସ୍ତକ ମହୋତ୍ସବରେ "ସାନ୍ତାଳୀ ସାଓଁହେଦ ଆଖଡ଼ା' ଷ୍ଟଲରେ ସାନ୍ତାଳୀ ଭାଷାର ପତ୍ରପତ୍ରିକା, ପାଠ୍ୟପୁସ୍ତକ, ଆଧାର ପୁସ୍ତକ, ଅଲଚିକି ଶିକ୍ଷା ସମ୍ବନ୍ଧୀୟ ବହି ଓ ବିଭିନ୍ନ ପ୍ରକାଶନ ରଖାଯାଇଛି। ପ୍ରଯୋଜକ ଜନସାଧାରଣଙ୍କୁ ଷ୍ଟଲକୁ ପରିଦର୍ଶନ କରି ସାନ୍ତାଳୀ ପୁସ୍ତକ ଓ ପତ୍ରିକା କ୍ରୟ କରିବାକୁ ଆହ୍ୱାନ କରିଛନ୍ତି।

## ପାଞ୍ଚପୀର ଜିଲ୍ଲା ଗଠନ ଦାବିରେ ବିରାଟ ସମାବେଶ



**କରଞ୍ଜିଆ, ୭।୧୨(ସମିସ):** ଆଜି କରଞ୍ଜିଆ କଚେରୀ ପରିସରରେ ଉପଖଣ୍ଡର ବିକାଶ ସକାଶେ ପାଞ୍ଚପୀରକୁ ଜିଲ୍ଲା ମାନ୍ୟତା ଦେବା ଉଦ୍ଦେଶ୍ୟରେ ବିରାଟ ସମାବେଶ ଆୟୋଜିତ ହୋଇଛି। ପ୍ରସ୍ତାବିତ ଜିଲ୍ଲା ଗଠନ କ୍ରିୟାନୁଷ୍ଠାନ କମିଟି ସଂଯୋଜନାରେ ଆବାହକ ତଥା ଓକିଲ ସଂଘର ପୂର୍ବତନ ସଭାପତି ବାଞ୍ଛାନିଧି ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାବେଶକୁ କରଞ୍ଜିଆ ନଗର ସମେତ ଉପଖଣ୍ଡର ୫ଟି ବ୍ଲକ୍‌ରୁ ଶତାଧିକ ସମର୍ଥକ, ପ୍ରତିନିଧି, ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ। ଉକ୍ତ ସମାବେଶରେ ମେଜର ଡି.ଏନ. ଦାସ, ପଦ୍ମଲୋଚନ ନନ୍ଦ, ଭାସ୍କର ବାଗସିଂ, ଭୁବନ ସାହୁ, ଦିଲ୍ଲୀପ ସାହୁ, ନଗରପାଳିକାର ପପି ପୃଷ୍ଟି, ପୂର୍ବତନ ବିଧାୟକ ବିଜୟ ନାୟକ, ବିଶ୍ୱଜିତ ଚୌଧୁରୀଙ୍କ ସମେତ ବହୁ ଅନୁଷ୍ଠାନର ପ୍ରତିନିଧି, ଓକିଲ, ସାମ୍ବାଦିକ, ବ୍ୟବସାୟୀ, କର୍ମଚାରୀ ଯୋଗଦେଇ ପାଞ୍ଚପୀର ଜିଲ୍ଲା ଗଠନ ଦାବିକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଭୌଗୋଳିକ କାରଣରୁ ପାଞ୍ଚପୀରକୁ ପ୍ରଥମେ ଜିଲ୍ଲା ମାନ୍ୟତା ଦେବାର ଅନେକ ଭିତ୍ତିଭୂମି, କାରଣ ଓ ଯଥାର୍ଥତା ରହିଥିଲେ ମଧ୍ୟ ସରକାର ପାଞ୍ଚପୀରକୁ ବୈମାତୃକ ଭାବ ଦେଖାଇ ସବୁଥିରେ ଅବହେଳା କରୁଥିବାରୁ ସମାବେଶରେ କ୍ଷୋଭ ପ୍ରକାଶ ପାଇଥିଲା। କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା, କ୍ରୀଡ଼ା କ୍ଷେତ୍ରରେ ଏହାର ସ୍ୱତନ୍ତ୍ର ଐତିହ୍ୟ ରହିଥିବାବେଳେ ସରକାର ପାଞ୍ଚପୀରକୁ ଆଦୌ ଗୁରୁତ୍ୱ ନ ଦେବା ଓ ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳକୁ ବିକାଶରେ ସାମିଲ କରା ନ ଯିବାକୁ ନେଇ ଏହି ସମାବେଶରେ ସମୀକ୍ଷା କରାଯାଇ ଜିଲ୍ଲା ଗଠନ ଦାବିକୁ ସମର୍ଥ କରାଯାଇଥିଲା। ସମାବେଶରେ ତ୍ୱରିତ ପ୍ରଶାସନିକ ସେବା ଯୋଗାଇବା ପାଇଁ ଜିଲ୍ଲା ଗଠନର ଆବଶକ୍ୟତା ରହିଥିବାରୁ ଦଳମତ ନିର୍ବିଶେଷରେ ସମସ୍ତେ ଜିଲ୍ଲା ଗଠନ ପାଇଁ ସଂଗ୍ରାମ କରିବା ପାଇଁ ମତ ଦେଇଥିଲେ। ଜିଲ୍ଲା ଗଠନ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିବାକୁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା। ଦିବ୍ୟପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

# ନୂଆବର୍ଷ ଓ ମକର ପୂର୍ବରୁ ଆରମ୍ଭ ହେଲାଣି କୁକୁଡ଼ା ଲଢ଼େଇ

**ରାଇରଙ୍ଗପୁର, ୭।୧୨(ସମିସ):**

ଆଦିବାସି ବହୁଳ ବାମନଘାଟି ଉପଖଣ୍ଡରେ ନବବର୍ଷ ଓ ଗଣପର୍ବ ମକର ସଂକ୍ରାନ୍ତିକୁ ନେଇ କୁକୁଡ଼ା ପାଲା ଚଳଚଞ୍ଚଳ

- ଗ୍ରାମାଞ୍ଚଳ ହାଟରେ ଚାଲିଛି ଲଢ଼େଇ
- ଖେଳରେ ସାମିଲ ହେଉଛନ୍ତି ସମ୍ଭ୍ରାନ୍ତ ଘରର ଲୋକେ
- କୁକୁଡ଼ା ଖେଳ ହାରଜିତକୁ ନେଇ ଭିଆଉଛନ୍ତି ଅପରାଧିକ କାର୍ଯ୍ୟକଳାପ

ହୋଇଉଠିଲାଣି। କୁକୁଡ଼ା ମଧ୍ୟରେ ଲଢେଇ ଖେଳ କ୍ରୂରତା ଓ ଜୀବେଦୟା ନୀତି ପାଇଁ ବେଆଇନ ଘୋଷଣା କରି କଟକଣା ଲଗାଯାଇଛି। କିନ୍ତୁ ପୁଲିସ ନାକତଳେ ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳ ହାଟ ଓ ଅନ୍ୟାନ୍ୟ ସ୍ଥାନରେ ସକ୍ରିୟ ଭାବେ କୁକୁଡ଼ା ଖେଳ ଜାରି ରହିଛି। ବର୍ଷ ତମାମ ଖେଳ ହେଉଥିବାବେଳେ ନବବର୍ଷ ଓ ମକର ସଂକ୍ରାନ୍ତି ଆସିଲେ କୁକୁଡ଼ା ଖେଳ ଅଧିକ ମାତ୍ରାରେ ହୋଇଥାଏ। ଗାଁଠାରୁ ସହରର ବିଭିନ୍ନ ସ୍ଥାନରେ ପୁଲିସର ନାକ ତଳେ ଖେଳ ଜାରି ରହିଛି। ସବୁ ଜାଣି ମଧ୍ୟ ପୁଲିସ ପ୍ରଶାସନ ନିଦାବିଷ୍ଣୁ ସାଜି ଚୁପ ହୋଇରହୁଛି। କୁକୁଡ଼ା ଲଢେଇରେ ଲକ୍ଷ ଲକ୍ଷ ଟଙ୍କାର ବାଜି ଲାଗୁଛି। ଯେଉଁଥିରେ କି ଜିଲ୍ଲା ତଥା ପଡୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅଞ୍ଚଳରୁ ସମ୍ଭ୍ରାନ୍ତ ଘର ଲୋକେ ମଧ୍ୟ ଖେଳରେ ସାମିଲ ହେଉଛନ୍ତି। ଖେଳ ପର ହାରଜିତକୁ ନେଇ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ହେଉଛି।



ଦୁଇ କୁକୁଡା ଗୋଡ଼ରେ ଧାରୁଆ ଛୁରି ବନ୍ଧାଯାଇ ଲଢେଇ କରାଯାଇଥାଏ। ପଡ଼ିଆକୁ ଛଡ଼ା ଯାଇଥାଏ ଦୁଇ କୁକୁଡ଼ା ଆକ୍ରମଣ ଓ ପ୍ରତି ଆକ୍ରମଣରେ ରକ୍ତାକ୍ତ ହୋଇ ମୃତ କିମ୍ବା ଗୁରୁତର ଆହତ ହୋଇଥା'ନ୍ତି। ହାର୍‌ଜିତକୁ ନେଇ ଲକ୍ଷ ଲକ୍ଷ ଟଙ୍କା କିମ୍ବା ସାମଗ୍ରୀ ଜୁଆ ଲାଗିଥାଏ। ହାରିଯାଉଥିବା ବ୍ୟକ୍ତି ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଥିବାବେଳେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ଘଟିଥିବା ନଜିର ରହିଛି। ଆଗରୁ ଏହା ଆଦିବାସୀ ସମ୍ପ୍ରଦାୟର ଖେଳରେ ସୀମିତ ଥିଲା। ବର୍ତ୍ତମାନ ଏହା ଧନୀ ଓ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ବେପାର ସହ ଲୁଟ୍‌ର ମାଧ୍ୟମ ପାଲଟିଛି। ଅତି କ୍ରୁରତାର ସହ ଜୀବହତ୍ୟା ହେଉଥିବାରୁ ପଶୁପକ୍ଷୀ ସୁରକ୍ଷା ଅଭିଯାନରେ କଟକଣା ଲଗାଯାଇଛି। କଟକଣା ପରେ ମଧ୍ୟ ଖୁଲମଖୁଲା ଭାବେ ଖେଳ ଚାଲୁଛି। ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି କଟଣୀ ଗ୍ରାମ ନିକଟସ୍ଥ ପଡିଆ, ବାଦାମପାହାଡ ଭାଲୁପାହାଡି ଓ ଖେରେଣା ଅଞ୍ଚଳରେ କୁକୁଡା ପାଲା ସମେତ ଓ ଜୁଆ ଖେଳ ହେଉଛି। ସେହିପରି ବୁଧବାର ଓ ଗୁରୁବାର ବଳଭଦ୍ରପୁର ଗ୍ରାମ ନିକଟସ୍ଥ ପଡିଆ, ହାଟବାଦଡା ଓ ଗୋପାଳପୁର, ଶୁକ୍ରବାର କୁସୁମୀ ଅଞ୍ଚଳର ସାତପୌଟିଆ, ଶନିବାର ଓ ରବିବାର ଚମ୍ପାଉଦା ଗ୍ରାମ ନିକଟସ୍ଥ ପଡିଆ ଓ ବିଜାତଳା ବ୍ଲକ ଅନ୍ତର୍ଗତ ବାଘିଆ ନିକଟସ୍ଥ ଏକ ସ୍ଥାନରେ କୁକୁଡ଼ା ଲଢ଼େଇ ଓ ଜୁଆ ଖେଳ ହେଉଛି। ବିଶୋଇ, ରାଇରଙ୍ଗପୁର, ତିରିଂ, କରଞ୍ଜିଆ, ଯଶିପୁର ଆଦି ବିଭିନ୍ନ ଥାନା ଅଞ୍ଚଳରେ ଖେଳ ଜାରି ରହିଛି। ଏଥିସହିତ ଗ୍ରାମୀଣ କ୍ରୀଡା ପ୍ରତିଯୋଗିତା ସମୟରେ ମଧ୍ୟ କୁକୁଡ଼ା ଲଢ଼େଇ ଓ ଜୁଆ ଆଡ୍ଡା ସକ୍ରିୟ ଭାବେ ଚାଲୁଥିବା ଅଭିଯୋଗ ରହିଛି। ବର୍ତ୍ତମାନ ଏହା ବୃଦ୍ଧି ପାଉଥିବାରୁ ପୁଲିସ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଡକାୟତି ଯୋଜନା ପଣ୍ଡକଲା ପୁଲିସ

**ସମ୍ବଲପୁର, ୭।୧୨(ସମିସ)**

ବଡ଼ ଡକାୟତ ପାଇଁ ଚାଲିଥିଲା ଯୋଜନା। ରାତି ଅଧରେ ବସି ଯୋଜନାକୁ ସଫଳ କରିବା ପାଇଁ ଲାଗି ପଡ଼ିଥିଲେ ୬ ଜଣ। ଡିଲକୁ ନେଇ ଝଗଡ଼ା ସୃଷ୍ଟି ହୋଇଥିଲା। ଖବର ପାଇ ହୀରାକୁଦ ପୁଲିସ ଠିକ ସମୟରେ ପହଞ୍ଚି ଛାପା ମାରିଥିଲା। ଘଟଣାସ୍ଥଳରୁ ୨ ଫେରାର ମାରିଥିଲେ ମଧ୍ୟ ୪ ଜଣକୁ କାବୁ କରିବାରେ ସଫଳ ହୋଇପାରିଛି। ହୀରାକୁଦ ପୁଲିସ ଘଟଣାସ୍ଥଳରୁ ଜଣେ ନାବାଳକ ସହ ୩ ଜଣକୁ ଗିରଫ କରିଛି। ସେମାନେ ହୀରାକୁଦ ଥାନା ଗୁରୁଦ୍ୱାରା ପଡ଼ାର ପିଣ୍ଟୁ ବାଗ(୨୭), ବିବେକ ସିଦ୍ରୀୟା(୨୫) ଓ ଗାନ୍ଧିନଗରର ବିଶ୍ୱନାଥ ସୁନା ଓରଫ ଗୁଲୁ(୨୪)। ସେମାନଙ୍କ ନିକଟରୁ ବାଇକ(ଓଡି୧୫ଭି୨୧୯୪), ସ୍କୁଟି ନଂ-ଓଡି୧୫ଜେଡ୍-୬୨୬୮, ସ୍କୁଟି ନଂ-ଓଡି୧୫ୱାଇ-୯୨୯୬, ଗୋଟାଏ ଛୁରି, ଟର୍ଚ୍ଚ ଲାଇଟ, ୨ଟି ବେସବଲ ବ୍ୟାଟ ବାଉଁଶ କାଠ ଓ ୫ଟି ମୋବାଇଲ। ପାଖରୁ ମଧ୍ୟ ବ୍ୟବହୃତ କୋରେକ୍ସ ବୋତଲ ଜବତ ହୋଇଛି। ଅନ୍ୟ ଦୁଇଅଭିଯୁକ୍ତ ରିଙ୍କୁ ବାଗ ଓ ସୁମିତ ନାଏକ ଘଟଣାସ୍ଥଳରୁ ଫେରାର ରହିଛନ୍ତି।ସୂଚନା ଅନୁସାରେ ସମସ୍ତ ଅଭିଯୁକ୍ତ ଶନିବାର ବିଳମ୍ବିତ ରାତିରେ ଇଣ୍ଡିଆ ଗେଟ୍ ସମ୍ମୁଖରେ ବସିଥିଲେ।ପାଖରେ ଅସ୍ତ୍ର ଧରି ରାତିରେ ଡକାୟତି କରିବା ଯୋଜନା ମଧ୍ୟ କରିଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ କରିଥିବା ଅଭିଯୁକ୍ତମାନଙ୍କ ନାମରେ ଅନେକ ଗୁଡାଏ ମାମଲା ରହିଛି। ବିବେକ ନାମରେ ୧୫ରୁ ଅଧିକ ମାମଲା ରହିଥିବା ବେଳେ ପିଣ୍ଟୁ ନାମରେ ମଧ୍ୟ ୧୦ରୁ ଅଧିକ ମାମଲା ରହିଛି। କିଛି ମାସ ପୂର୍ବରୁ ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ବିବେକର ମଧ୍ୟ ସମ୍ପୃକ୍ତି ରହିଥିଲା।ପୁଲିସ ଏହି ଘଟଣାରେ ତଦନ୍ତ ଜାରି ରଖିଛି। ଖୁବ ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସନୟ ନାୟକ କହିଛନ୍ତି।



**କାଲୁ ବାହାଦୂରର ଦୁଇ ସହଯୋଗୀ ସମେତ ୪ ଗିରଫ**

## ସମ୍ବଲପୁର ଜେଲରେ ହୋଇପାରେ ଗୋଷ୍ଠୀ ସଂଘର୍ଷ

ଡକାୟତି ଯୋଜନା କରୁଥିବା ବେଳେ ପୁଲିସ କାଲୁ ବାହାଦୂରର ଦୁଇ ସହଯୋଗୀକୁ ରବିବାର ଗିରଫ କରିଛି ସୂଚନା ଅନୁସାରେ ଗତ ନଭେମ୍ବର ୭ ତାରିଖରେ ପୂର୍ବ ଶତ୍ରୁତାକୁ ନେଇ ରାସ୍ତ ଉପରେ ହୀରାଦୁକ ସବଷ୍ଟେସନ ପଡ଼ାରେ ଦୁର୍ଦ୍ଦାନ୍ତ ଅପରାଧୀ କାଲୁ ବାହାଦୂର ହତ୍ୟା କରାଯାଇଥିଲା। ଏହି ଘଟଣାରେ ସନି ବେହେରା, ପ୍ରତାପ ବେହେରା, ସମୀର ବେହେରା, ଜୟନାରାୟଣ ମିଶ୍ର, ରାଜ ବାରିକ ଓରଫ ଗୁଡୁ, ଶ୍ରୀଧର ପ୍ରସାଦ ଓ ସାହିଲ ବେହେରା ଗିରଫ ହୋଇ ଜେଲରେ ରହିଛନ୍ତି। ସନି ବେହେରା ଭାଇର ହତ୍ୟା ପ୍ରତିଶୋଧରେ କାଲୁକୁ ହତ୍ୟା କରାଯାଇଥିଲା। ଆଜିର ଘଟଣାରେ କାଲୁର ସହଯୋଗୀ ପିଣ୍ଟୁ ଓ ବିବେକକୁ ହୀରାକୁଦ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତେଣୁ ସେମାନେ ମଧ୍ୟ ଜେଲରେ ରହିବେ। ତେଣୁ ଜେଲରେ ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇପାରେ ବୋଲି ଆଶଙ୍କା କରାଯାଉଛି।

**ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ**

# କେହି ଶୁଣିଲେନି, ଆଜିଠୁ ଆମରଣ ଅନଶନ



**ସମ୍ବଲପୁର, ୭।୧୨(ସମିସ):** ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ମାସେରୁ ଅଧିକ ଦିନ ବିତିଗଲାଣି। ସ୍ୱାସ୍ଥ୍ୟ ମନ୍ତ୍ରୀ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଆୟୁଷ ସଂଘ ନିଜର ଦାବିକୁ ଜଣାଇଥିଲା। ହେଲେ କୌଣସି ସମାଧାନ ହୋଇପାରିଲା ନାହି। ସମ୍ବଲପୁର ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଆଣ୍ଡ ରିସର୍ଚ୍ଚର ଛାତ୍ରଛାତ୍ରୀ ମଧ୍ୟ କଳାବ୍ୟାଜ୍ ପରିଧାନ କରିବା ଠାରୁ ଦିନ ରାତି ଆନ୍ଦୋଳନ ମଧ୍ୟ କରିଥିଲେ। ଆଜି ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। କଲେଜ ସମ୍ମୁଖରେ ତାଲା ପକାଇ ଦିନରାତି ଧାରଣାରେ ବସିଛନ୍ତି। ନିଜର ଧଳା ୟୁନିଫର୍ମ ବର୍ଜନ କରି ସ୍ଥାନୀୟ ବିଧାୟକଙ୍କୁ ସାକ୍ଷାତ ମଧ୍ୟ କରିଥିଲେ। କିନ୍ତୁ ଏତେ ସବୁ କଲା ପରେ ମଧ୍ୟ ସରକାର କିଛି କର୍ଣ୍ଣପାତ କରିନଥିଲେ। ତେଣୁ ବାଧ୍ୟ ହୋଇ ଛାତ୍ରଛାତ୍ରୀ ସୋମବାର ଠାରୁ ଆମରଣ ଅନଶନରେ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ବୀର ଛବିଳ ସାଏ ସ୍ମୃତି କମିଟିର ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୭।୧୨(ସମିସ):** ଆଗାମୀ ୩୦ ଡିସେମ୍ବରରେ ବୀର ଛବିଳ ସାଏଙ୍କ ଜୟନ୍ତୀ ଅନୁଷ୍ଠିତ ହେବ। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପାଇଁ କୁଦୋପାଲିରେ ସହିଦ ଭବନରେ ବୀର ଛବିଳ ସାଏ ସ୍ମୃତି କମିଟିର ଉପସଭାପତି ଲକ୍ଷ୍ମଣ ଦେହୁରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୭ରେ ପ୍ରଥମ ଯୁଦ୍ଧ ଦିବସରେ ୪ ଜଣ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା, ୩୦ରେ ମଶାଲ ଶୋଭାଯାତ୍ରା, କୁଦୋପାଲି ଗ୍ରାମରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଓ ଘାଟିରେ ୫୭ ମଶାଲ ଜାଳି ଶ୍ରଦ୍ଧାଞ୍ଜଳି ଓ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜନ ହେବ। କାର୍ଯ୍ୟକ୍ରମ ପୂର୍ବରୁ ବିଭିନ୍ନ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ୧୦୦ଫୁଟର ତ୍ରିରଙ୍ଗା ପତାକା ସ୍ଥାପନ ଓ ମା' ସମଲେଶ୍ୱରୀଙ୍କ ମନ୍ଦିର ପାଇଁ ଭୂମିପୂଜା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ସ୍ମରଣିକା ମଧ୍ୟ ପ୍ରକାଶ କରାଯାଉଥିବାରୁ କୁଦୋପାଲି ଘାଟି ଓ ଶହୀଦ ଛବିଳ ସାଏ ଓ ସେହିସମୟର ସଂଗ୍ରାମୀ କାହାଣୀ ବିଷୟରେ ପ୍ରକାଶ ପାଇବ।ବୈଠକରେ ଜୟବ୍ରତ ଦେ, ତରଣୀ ସେଠ, ଭରତ ସାହୁ, କିଶୋର ମହାକୁଡ଼, ରୋଚିଶ ଦେ, ସରିତା ଦେ, ପ୍ରଦୀପ ସୁପକାର, ଚନ୍ଦନ ସାହାଣୀ, ଲକ୍ଷ୍ମଣ ଦେହେରୀ, ଡାକ୍ତର ରାଜାରାମ ଷଡ଼ଙ୍ଗୀ, ବିଜୟ କୁମାର ମିର୍ଦ୍ଧା, କେଦାର ପ୍ରଧାନ, ଶ୍ୟାମଳଳ ବିଶ୍ୱାସ, ଶ୍ରେୟସ ଦେ, ସନୁର୍ଯ୍ୟୟ ଡନସେନା ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



# ଏବିସିଡ଼ି ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

**ସମ୍ବଲପୁର, ୭।୧୨(ସମିସ):** ସମ୍ବଲପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବିସିଡି ଚାରିଟେବୁଲ ଟ୍ରଷ୍ଟ ୯ତମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛି।ଏହି ଅବସରରେ ଟ୍ରଷ୍ଟ ଅଧୀନରେ ଥିବା ଦଳଦଲିପଡ଼ା, ହୀରାକୁଦ, ଗୋଡଭୋଗା, ବରପାଲି ଓ ଖଣ୍ଡୁଆଳ ପାଞ୍ଚଟି ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବି ଜେପି ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମାଜ ଗଠନରେ ଟ୍ରଷ୍ଟର ଭୂମିକାକୁ ପ୍ରଶଂସା କରିଥିଲେ।ସମ୍ମାନିତ ଅତିଥି ଭାବେ ସଚ୍ଚିଦାନନ୍ଦ ମିଶ୍ର ଓ ସୂର୍ଯ୍ୟ ପାଣିଗ୍ରାହୀ, ଅନ୍ୟାନ୍ୟ ଅତିଥି ଭାବେ ଭକ୍ତ ପ୍ରସାଦ ନନ୍ଦ, ଶାଳୁ ଚଣ୍ଡେଲ, ଶୋଭାମୟୀ ମିଶ୍ର, ବିଶ୍ୱରଞ୍ଜନ ଜେନା ଏବଂ ଦିଗନ ମହାପାତ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମାଜସେବୀ କାର୍ତ୍ତିକ କଲେତଙ୍କୁ ନିସ୍ୱାର୍ଥପର ସେବା ପାଇଁ ସଙ୍ଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ରାଜେନ୍ଦ୍ର ସତନାମୀ ସ୍ୱାଗତ ଅଭିଭାଷଣ ରଖି ଟ୍ରଷ୍ଟର ୯ ବର୍ଷର ଯାତ୍ରା ଓ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ତନ୍ମୟ ବାରିକ, ରୋସନ୍ ଗୁପ୍ତା, ଦୀପା ସତନାମୀ, ବର୍ଷା ରାଣୀ ନାୟକ, ପୂଜା ଦାସ, ପ୍ରୀତି ସତନାମୀ, ବିଶ୍ୱନାଥ ନାଗ, ଗୋପରଞ୍ଜନ କୁମ୍ଭାର, ଦିବ୍ୟରଞ୍ଜନ କୁମ୍ଭାର, ନିବେଦିତା ଘୋଷ, ମାସୁଦ ଆଲାମ, ପ୍ରବୀଣ କୁମାର ସୁବକାର ଏବଂ ଅଜୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ଜମନକିରା, ୭।୧୨ (ସମିସ):** ଜମନକିରା ଜଗନ୍ନାଥପଡ଼ାର ନବିନ ଚନ୍ଦ୍ର ପଟ୍ଟନାୟକ (୭୯)ଙ୍କ ଶୁକ୍ରବାର ରାତିରେ ନିଜ ବାସଭବନରେ ପରଲୋକ ଘଟିଛି।



ଶ୍ରୀ ପଟ୍ଟନାୟକ ଅନେକ ବର୍ଷ ଧରି ଟିକିଲିପଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ପଦରେ ଥିଲେ। ପରେ କାଇସିର ହାଇସ୍କୁଲ ପ୍ରଧାନଶିକ୍ଷକରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ଦେହାନ୍ତ ଖବର ଶୁଣି ବନ୍ଧୁବାନ୍ଧବ ସହ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଶନିବାର ମଧୁବନ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ପୁଅ ସ୍ନେହାଶିଷ ମୁଖାଗ୍ନି ଦେଇଥିଲେ।

## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ କ୍ରୀଡ଼ା ଉଦ୍‌ଘାଟିତ

**କୁଚିଣ୍ଡା, ୭।୧୨ (ସମିସ):** କୁଚିଣ୍ଡା ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣାକେନ୍ଦ୍ର ମାତୃ ମୀରା ଧାମର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କଲେଜ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ହରିହର ପଟେଲ ଓ ଉପସଭାପତି ମନୋଜ ସାହୁ ଭାରତର ଆଧ୍ୟାତିକ ପତାକା ଉତ୍ତଳନ କରିଥିଲେ। ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ମନୋଜ କୁମାର ପଣ୍ଡା, ସହଶିକ୍ଷକ ବିଜୟ କୁମାର ଭୋଳଙ୍କ ସହିତ ସମସ୍ତ କର୍ମଚାରୀ, ଭାଇ, ଅପା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବିନ୍ଧାସ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଜଗନ୍ନାଥପ୍ରସାଦ ଚାମ୍ପିଅନ

**ନାକଟିଦେଉଳ, ୭।୧୨(ସମିସ):** ନାକଟିଦେଉଳ କଲେଜ ଖେଳପଡ଼ିଆରେ ୮ଦିନ ଧରି ଚାଲିଥିବା ବିନ୍ଦାସ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବରଗଡ଼ ଓ ମାଟ୍ରିକ ଫେଲ ଜଗନ୍ନାଥ ପ୍ରସାଦ ମଧ୍ୟରେ ହୋଇଥିଲା। ୬ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ମାଟ୍ରିକଫେଲ ଦଳ ପ୍ରଥମେ ବ୍ୟାଟିଂ କରି ୪୧ରନ କରିଥିବା ବେଳେ ବରଗଡ଼ ଦଳ ୨୫ରନ କରିଥିଲେ। ବରଗଡ଼ ଦଳର ସ୍ୱାଧୀନ ସାମଲ ମ୍ୟାନ ଅଫ୍ ଦି ସିରିଜ ହୋଇଥିବା ବେଳେ ମାଟ୍ରିକ ଫେଲ ଦଳର ଚିନ୍ମୟ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ପୁରସ୍କାର ବିତରଣ ସମାରୋହରେ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାନ, ସମ୍ମାନିତ ଅତିଥିଭାବେ ଏକ୍ସିସ ବ୍ୟାଙ୍କ ଡେପୁଟିଡାଇରେକ୍ଟର ଦିବ୍ୟ ଜୋତି ହୋତା, ଜିଲ୍ଲା ହାବିଲଦାର କନେଷ୍ଟବଳ ସଂଘ ପୂର୍ବତନ ସମ୍ପାଦକ ପଙ୍କଜ ନାଏକ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର ସାହୁ, ଯୁବନେତା ଧିରେନ ସାହୁ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସୁମନ୍ତ ଧଳ, ଅଭିଷେକ ସାହୁ, ସୌମ୍ୟରଞ୍ଜନ ସ୍ୱାଇଁ, ଜନ୍ମେଞ୍ଜୟ ଧଳ, ପୁରୁଷୋତ୍ତମ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଗୌଡସମାଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ମୁରାଦିପାଲି ଚାମ୍ପିଅନ





**କୁଚିଣ୍ଡା, ୭।୧୨(ସମିସ):** ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ବାରଗାଡରେ ଝରିଆ ଗଉଡ଼ ସମାଜ ପକ୍ଷରୁ ଚାଲିଥିବା ପଞ୍ଚଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି।ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ଝରିଆ ଗଉଡ଼ ସମାଜର ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଗଉଡ଼ ପାନପାଲି ଦଳକୁ ପରାସ୍ତ କରି ଝାରସୁଗୁଡ଼ା ଜିଲ୍ଲା ମୁରାଦିପାଲି ଦଳ ଚାମ୍ପିଅନ ହୋଇ ଥିଲା। ସନ୍ଧ୍ୟାରେ ଆୟୋଜିତ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲ୍ଲା ଯାଦବ ସମାଜ ସଭାପତି ବିରଞ୍ଚି ନାରାୟଣ ଦର୍କା ଯୋଗଦେଇ ବିଜେତା ଓ ଉପବିଜେତା ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଦେବାନନ୍ଦ ଖର୍ସେଲ, ସୋନୁ ସାହୁ, ସନ୍ଦିପ ମହାପାତ୍ର, ହରିବନ୍ଧୁ ଗୋପାଳ, ଖଗେଶ୍ୱର ମାକର, କିଶୋର ଭଇଁଷା, ଦେବେନ୍ଦ୍ର ଗୋପାଳ ଓ ଜିତୁ ଗୋପାଳ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ୧୩ରୁ ଦିବ୍ୟ ଜୀବନ ସଂଘର ଆଧ୍ୟାତ୍ମିକ ସମ୍ମିଳନୀ



**ସମ୍ବଲପୁର, ୭।୧୨(ସମିସ):** ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘ, ସମନ୍ୱୟ ସମିତି ତରଫରୁ ସମ୍ବଲପୁର ଶାଖାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହେବ। ସମାରୋହରେ ଦିବ୍ୟ ଜୀବନ ସଂଘ ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଋଷିକେଶରୁ ପୂଜ୍ୟ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ, ଉପସଭାପତି ଏବଂ ପୂଜ୍ୟ ସ୍ୱାମୀ ଅଦୈତାନନ୍ଦ ସରସ୍ୱତୀ, ସାଧାରଣ ସମ୍ପାଦକଙ୍କ ସମେତ ବହୁ ବରିଷ୍ଠ ସନ୍ଥ ସାଧକ ଯୋଗଦେବେ। ଗଜପତି ମହାରାଜା ଦିବ୍ୟ ସିଂହ ଦେବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଏବଂ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଉପସ୍ଥିତ ରହିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଏକ ସ୍ମରଣିକା ତଥା ଅନେକ ଆଧ୍ୟାତ୍ମିକ ପୁସ୍ତକ ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ରହିଛି। ତ୍ରିଦିବସୀୟ ସମ୍ମିଳନୀରେ ପ୍ରାୟ ଏକ ହଜାର ପ୍ରତିନିଧି ଓଡ଼ିଶାର ବିଭିନ୍ନ ଦିବ୍ୟ ଜୀବନ ସଂଘ ଶାଖା ତଥା ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେବେ। ସମ୍ମିଳନୀର ଦ୍ୱିତୀୟ ଦିବସର ପୂର୍ବାହ୍ନ ଅଧିବେଶନରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବେ। ଏହା ବାହାରେ ୧୪ ତାରିଖ ଓ ୧୫ ତାରିଖ ସକାଳେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମ୍ମିଳନୀର ଉଦ୍‌ଯାପନୀରେ ଭକ୍ତମାନଙ୍କୁ ମନ୍ତ୍ର ଦୀକ୍ଷା ଦେବାର କାର୍ଯ୍ୟକ୍ରମ ରହିଛି। ମନ୍ତ୍ର ଦୀକ୍ଷା ଦେବାକୁ ପୂଜ୍ୟ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ସ୍ୱୀକୃତି ପ୍ରଦାନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଡ. ମୀନକେତନ ପାଠୀ, ଆବାହକ, ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀ, ଲକ୍ଷ୍ମୀଧର ନାୟକ, ସଭାପତି, ଦିବ୍ୟ ଜୀବନ ସଂଘ, ଡୁଙ୍ଗରିପାଲି ଶାଖା, ରବୀନ୍ଦ୍ରନାଥ ପ୍ରଧାନ, ଦିବ୍ୟ ଜୀବନ ସଂଘ ବରଗଡ଼ ଶାଖା, ଧ୍ୟାନଦେବ ଡନସନା, କୋଷାଧ୍ୟକ୍ଷ, ଆଧ୍ୟାତ୍ମିକ ସମ୍ମିଳନୀ, ରଘୁନାଥ ବାବୁ, ସମ୍ପାଦକ, ଦିବ୍ୟ ଜୀବନ ସଂଘ, ବଲାଙ୍ଗୀର ଶାଖା ପ୍ରମୁଖ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ଭୂୟାଁ
କରୁଣା, ଗୁହାଳି, ଯାଜପୁର
ଆବିର୍ଭାବ - ୦୧.୦୧.୧୯୩୮
ତିରୋଧାନ - ୨୮.୧୧.୨୦୨୫
ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହୋଇଗଲା। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଆମେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ସବୁବେଳେ ମନେପଡୁଛି, ଆପଣଙ୍କ ଅମର ଆତ୍ମା ସଦଗତି ନିମନ୍ତେ ମା' ବିରଜାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପତ୍ନୀ- ରଙ୍ଗଲତା ଭୂୟାଁ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

**ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଲୋକକଳା ମହୋତ୍ସବ**

# ଲୋକକଳା ଆମ ସାଂସ୍କୃତିକ ଅସ୍ମିତାର ପ୍ରତୀକ

**ସମ୍ବଲପୁର, ୭।୧୨(ସମିସ)**

ଲୋକକଳା ଆମ ସାଂସ୍କୃତିକ ଅସ୍ମିତାର ପ୍ରତୀକ। ମାତ୍ର ବିଡମ୍ବନା ଯେ, ଅଧିକାଂଶ ଲୋକକଳା ବର୍ତ୍ତମାନ ଲୁପ୍ତପ୍ରାୟ। ତେଣୁ ଏଗୁଡିକର ସୁରକ୍ଷା ନିମନ୍ତେ ଅଧିକ ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି ବୋଲି ସାପ୍ତାହିକ ସ୍ୱୀକାର ପକ୍ଷରୁ ଆୟୋଜିତ ଲୋକକଳା ମହୋତ୍ସବରେ ମତପ୍ରକାଶ ପାଇଛି। ରବିବାର ସ୍ଥାନୀୟ ଡକ୍ଟର ରାଧାନାଥ ରଥ କମ୍ୟୁନିଟି ସେଣ୍ଟରରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଭାଗବତ ପ୍ରଧାନ ଉଦଘାଟନ କରିଥିଲେ। ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ମାନସ କୁମାର ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି, ପଦ୍ମଶ୍ରୀ କ୍ରିଷ୍ଣା ପଟେଲ, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଓ ବିଶିଷ୍ଟ ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଲୋକକଳାର ବିଭିନ୍ନ ଦିଗରେ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନ, ନୃତ୍ୟ ନିର୍ଦ୍ଦେଶକ ଗାନ୍ଧୀ ବାରିକ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ ମିତ୍ର, କଣ୍ଠଶିଳ୍ପୀ ପଦ୍ମିନୀ ଦୋରା ଓ ସୌମ୍ୟଜିତ ବଡପଣ୍ଡା ଏବଂ ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ ସ୍ୱୀକାରର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ କିସ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସୁନୀଲ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଉଡାନ୍‌ର ଛାତ୍ରଛାତ୍ରୀଙ୍କ ଓଡିଶୀ ଦଶାବତାର ନୃତ୍ୟରୁ ଆରମ୍ଭ ହୋଇଥିଲା। ପରେ ପରେ ବରଗଡ଼ ଜିଲ୍ଲା ଭେଡେନ୍ ବ୍ଲକ କୁସନ୍‌ପୁରୀର ସଂକୀର୍ତ୍ତନ ଭୁଏଙ୍କ ଦଳ କରମସାନୀ, ସମ୍ବଲପୁର ଜିଲ୍ଲା ଚିପିଲିମା ସତୀଯୋର ଗ୍ରାମର ରାଧେଶ୍ୟାମ ପଣ୍ଡାଙ୍କ ଦଳ ପାଲା, ବଲାଙ୍ଗୀର ଜିଲ୍ଲା ଖରାଲି ଗ୍ରାମର ଫକିର ପ୍ରଧାନଙ୍କ ଦଳ ସଞ୍ଚାର, 'ଉଡାନ'ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଢେମସା ନୃତ୍ୟ, ବୁର୍ଲାର ଭାରତୀ କଳା ବିକାଶ କେନ୍ଦ୍ରର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ବଲାଙ୍ଗୀରର ହେମନ୍ତ ଖୁଟୁଲା ଘୁଡକା, ସମ୍ବଲପୁରର ନେପାଳ ପ୍ରଧାନଙ୍କ ଦଳ କୃଷ୍ଣଗୁରୁ, ଝାରସୁଗୁଡା ଜିଲ୍ଲା ବଡଧରାର ରାଧାକୃଷ୍ଣ ମଣ୍ଡଳୀ ଦ୍ୱାରା ସମ୍ପ୍ରଦା, ପଏଦାମାଲର ପୁଷ୍କର ପ୍ରଧାନଙ୍କ ଦଳ କରମସାନୀ ଏବଂ କବରାପାଲିର ଦିଲୀପ ବଢେଇଙ୍କ ଦଳ ସଂକୀର୍ତ୍ତନ ଓ ଭାଗବତ ପରିବେଷଣ କରିଥିଲେ। ଅଧ୍ୟାପକ ତୁଷାର ରଞ୍ଜନ ବାରିକ ଓ ଉମାକାନ୍ତ ପୋଢ଼ ଉଦଘୋଷାକ ଦାୟିତ୍ୱ ତୁଲାଇଥିବାବେଳେ ପ୍ରତ୍ୟେକ ଦଳର ପରିବେଷଣ ପରେ ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର କାମଦେବ ସାହୁ, ଡକ୍ଟର ବିଜୟାନନ୍ଦ ବେହେରା, ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡକ୍ଟର ଶ୍ୟାମ ଭୋଇ ପ୍ରମୁଖ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲୋକନାଥ ରାଉତ, ଅମରନାଥ ମହାପାତ୍ର, ଅଶୋକ ପଟେଲ, ସ୍ୱରୂପ ପାଣ୍ଡେ ସହଯୋଗ କରିଥିଲେ।




# ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

**ରେଢ଼ାଖୋଲ, ୭।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଆମ୍ବେଦକରନଗର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଆମ୍ବେଦକର ୱେଲଫେଆର କୋକର୍ଡିନେସନ କମିଟି ପକ୍ଷରୁ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। କମିଟି ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସ୍ଲୋଗାନ ଦେଇ ଆମ୍ବେଦକରଙ୍କ ଜୟଗାନ କରିଥିଲେ। କମିଟିର ସଭାପତି ପିଣ୍ଟୁ ବେହେରା, ଉପସଭାପତି ସୁଦର୍ଶନ ନାଏକ, ସହସମ୍ପାଦକ ଜିତେନ୍ଦ୍ର କୁମାର ବେହେରା, କୋଷାଧକ୍ଷ ସୁବାସ ବେହେରା, ପୂର୍ବତନ ସଭାପତି ପ୍ରକାଶ ମୁଖୀ, ପୂର୍ବତନ ସମ୍ପାଦକ ରାଜୁ ମୁଖୀ, ସଦସ୍ୟ ଦିଲୀପ ମୁଖୀ, ବିକାଶ ବେହେରା, ଲବଣୀ ନାଏକ, ଲିପୁନ ବେହେରା, ଚନ୍ଦନ ମୁଖୀ, ସିକେନ୍ଦ୍ର ମୁଖୀ, ଶାନ୍ତନୁ ବେହେରା, ସରୋଜ ନାଏକ, ସୁଦର୍ଶନ ବେହେରା ପ୍ରମୁଖ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।





# ଭୁବନେଶ୍ୱର ସିଟି

## ଦେବଦାସ ଛୋଟରାୟଙ୍କ 'ଆମ ସମୟର ମଣିଷ' ପ୍ରକାଶିତ



ଭୁବନେଶ୍ୱର,୭।୧୨(ସମିସ): ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳା ୨୦୨୫ର ଦ୍ୱିତୀୟ ସନ୍ଧ୍ୟାରେ କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟର ଷ୍ଟଲ୍‌ରେ ସାହିତ୍ୟିକ, ଛାତ୍ର ଓ ପୁସ୍ତକପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ଖ୍ୟାତନାମା ଲେଖକ ଦେବଦାସ ଛୋଟରାୟଙ୍କ ପୁସ୍ତକ "ଆମ ସମୟର ମଣିଷ' ଉନ୍ମୋଚିତ ହୋଇଥିଲା। ସେହିପରି କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟ କବିତା, ଉପନ୍ୟାସ, ଇତିହାସ, କଫି ଟେବୁଲ ବୁକ୍, ଭ୍ରମଣ ସାହିତ୍ୟ, ନାଟକ ଏବଂ ଆତ୍ମଜୀବନୀରୁ ଆରମ୍ଭ କରି ଜୀବନୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରକାଶନର ସୁନିର୍ବାଚିତ ସଂଗ୍ରହ ଉପସ୍ଥାପନ କରିଛି। ଏଥିରେ ଗୋଟିଏ ମୁଖ୍ୟ ଆକର୍ଷଣ ହେଉଛି ସଦ୍ୟ ପୁନଃ ପ୍ରକାଶିତ ପତ୍ରିକା ଚନ୍ଦ୍ରଭାଗା-୨୧ ଯାହାକୁ ଖ୍ୟାତନାମା କବି ଜୟନ୍ତ ମହାପାତ୍ର ସମ୍ପାଦନା କରିଛନ୍ତି।

## ବିଶ୍ୱ ଶିଳ୍ପୀ ଦିବସରେ କର୍ମଶାଳା



ଭୁବନେଶ୍ୱର,୭।୧୨(ସମିସ): ବିଶ୍ୱ ଶିଳ୍ପୀ ଦିବସ ଅବସରରେ ରବିବାର ଓଡ଼ିଶା ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ତରଫରୁ ରାଜ୍ୟସ୍ତରୀୟ ଯୁବ ଶିଳ୍ପୀମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ୪୦ ଜଣ ଯୁବ ଚିତ୍ର ଶିଳ୍ପୀ ଭାଗନେଇ ଭିନ୍ନ ଭିନ୍ନ ଛବି ମାଧ୍ୟମରେ ନିଜର ଭାବନାକୁ ପରିପ୍ରକାଶ କରି ଚିତ୍ର ଆଙ୍କିଥିଲେ। ପରେ ସେହି ଚିତ୍ର ଗୁଡିକୁ ନେଇ ଏକ ପ୍ରଦର୍ଶନୀ ଆୟୋଜନ କରାଯିବ। ଏଥିରେ ବରିଷ୍ଠ ସଂସ୍କୃତି ସମୀକ୍ଷକ ଦିଲ୍ଲୀପ ହାଲି, ଗ୍ୟାଲେରୀର ପ୍ରତିଷ୍ଠାତା ତାରକାନ୍ତ ପରିଡ଼ା, କଳିଙ୍ଗ ଚାରୁ କଳା ମହାବିଦ୍ୟାଳୟର ଅଧ୍ୟାପକ ମନୋରଞ୍ଜନ ଦାସ, ଦୁଷ୍ମନ୍ତ କୁମାର ମୁଖୀ ଓ ସୁବ୍ରତ ମହାନ୍ତି ପମୁଖ ଚିତ୍ରଶିଳ୍ପୀ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିଲେ। କଳିଙ୍ଗ ଚାରୁ କଳା ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ କାଯ୍ୟାକ୍ରମରେ ଉପସ୍ଥିତ ଥିଲେ।

## ଅଟିଜିମ୍ ଥେରାପି ସେଣ୍ଟରର ବାର୍ଷିକ ଦିବସ



ଭୁବନେଶ୍ୱର,୭।୧୨(ସମିସ): କଳିଙ୍ଗ ହସ୍ପିଟାଲ୍ ସ୍କୋୟାର ନିକଟସ୍ଥ ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ର ଅଡିଟୋରିୟମରେ ରବିବାର ଅଟିଜିମ୍ ଥେରାପି ସେଣ୍ଟରର ବାର୍ଷିକ ଦିବସ ଏବଂ ଅଟିଜିମ୍ ସଚେତନତା ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ, ଅଟିଷ୍ଟିକ୍ ପିଲାମାନେ ସେମାନଙ୍କ ପିତାମାତା ଏବଂ ପରିବାର ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ମାଇନିଙ୍ଗ କର୍ପୋରେସନ ଲିମିଟେଡ୍‌ର ମୁଖ୍ୟ ସିଏସାର ତଲତ ଆଫ୍ରିନ୍ ଯୋଗ ଦେଇଥିଲେ। ଏମଏଏନ ଟ୍ରଷ୍ଟର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମିଶ୍ରଙ୍କ ଦ୍ୱାରା ଉପସ୍ଥାପିତ ବାର୍ଷିକ ରିପୋର୍ଟରେ ଏଟିସି ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକଳାପର ବର୍ଣ୍ଣନା କରାଯାଇଥିଲା। ସମାଜରେ ଅଟିଜିମ୍ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ "କ୍ରୀଡା ସମ୍ମିଳନୀ' ଏବଂ "ସଚେତନତା' କିମ୍ବା "ଅଟିଷ୍ଟିକ୍ ବ୍ୟକ୍ତିମାନଙ୍କ ପାଇଁ ଗ୍ରହଣୀୟତା ଏବଂ ସଶକ୍ତିକରଣ' ବିଷୟବସ୍ତୁ ଉପରେ ଆୟୋଜିତ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଗୌତମ ପଣ୍ଡାଙ୍କୁ "ଏଟିସି ଚାମ୍ପିଅନ୍-୨୦୨୫' ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଏମଏଏନ ଟ୍ରଷ୍ଟର ଅନ୍ୟତମ ଟ୍ରଷ୍ଟି ମଦନ ମୋହନ ପଣ୍ଡା ସଭାପତିତ୍ୱ କରିଥିଲେ ଏବଂ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ସଂସ୍ଥାର ସଦସ୍ୟ ପ୍ରଫେସର ଡ. ରଞ୍ଜନ କୁମାର ବଳ ଧନ୍ୟବାଦ ଦେଇଥିଲେ। ବୈଠକ ପରେ ଅଟିଷ୍ଟିକ୍ ପିଲାମାନେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରୂପକ ଫାଉଣ୍ଡେସନ ତରଫରୁ ଚକ୍ଷୁ ପରୀକ୍ଷଣ ଶିବିର



ଭୁବନେଶ୍ୱର,୭।୧୨(ସମିସ): ରୂପକ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଇଲାଇଟ୍ ଯୁବକ ସଂଘ, ଇ–କଲୋନୀରେ ରବିବାର ଚକ୍ଷୁ ପରୀକ୍ଷଣ ଶିବିର ଆୟୋଜିତ ହୋଇଛି। ଏହି ଶିବିରକୁ ବିଜୟ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଶିବିରକୁ ଆସିଥିବା ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା, ଚିକିତ୍ସକ ପରାମର୍ଶ ସହିତ ଡାକ୍ତରଙ୍କ ସୁପାରିସ ଅନୁଯାୟୀ ମାଗଣା ଚଷମା ଯୋଗାଇ ଦିଆଯାଇଥିଲା। ୨୦୧୯ଠାରୁ ସମାଜସେବା କ୍ଷେତ୍ରରେ କାର୍ଯ୍ୟରତ ରୂପକ ଫାଉଣ୍ଡେସନ ଆଗାମୀ ଦିନରେ ମଧ୍ୟ ଅନେକ ସେବାମୂଳକ କାର୍ଯ୍ୟରେ ସକ୍ରିୟ ରହିବାକୁ ବିଜ୍ଞପ୍ତି ଜାରି କରିଛି। ଏହି ଶିବିରରେ ବିଶ୍ୱଜିତ ପଟ୍ଟନାୟକ, ଦେବାଶିଷ ନାୟକ, ସ୍ମୃତିକାନ୍ତ ମହାନ୍ତି, ବିକ୍ରମ ମହାପାତ୍ର, ଦିବ୍ୟଜ୍ୟୋତି ଦାଶ ଓ ମାନସ ପରିଡ଼ା ସେବାମୂଳକ ସହଯୋଗ ଯୋଗେଇଥିଲେ। - ସଂପୂର୍ଣ୍ଣା

---

**ରାଜରାସ୍ତାରେ ଶିକ୍ଷକ**

# 'କମିଟି' ରଣନୀତି ଫେଲ୍, ସରକାରଙ୍କ ଶିରପୀଡ଼ା



ଭୁବନେଶ୍ୱର, ୭ ।୧୨(ସମିସ): ବିଧାନସଭା ଅଧିବେଶନ ସମୟରେ ସରକାରଙ୍କ ପାଇଁ ଅଡୁଆ ସାଜିଛି ଶିକ୍ଷକ ଆନ୍ଦୋଳନ। ଶିକ୍ଷାର ବିକାଶ ଓ ଶିକ୍ଷକମାନଙ୍କ ବିଭିନ୍ନ ଦାବିର ଅନୁଶୀଳନ ପାଇଁ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମାତ୍ର ଏହା ଶିକ୍ଷକ ଆନ୍ଦୋଳନକୁ ପ୍ରଶମିତ କରିପାରିନାହିଁ। ଶିକ୍ଷକମାନଙ୍କ ଦାବିକୁ ଏଡ଼ାଇବା ପାଇଁ ସରକାରଙ୍କ କାଳକ୍ଷେପଣ ନୀତି ସ୍ୱରୂପ ଏହି କମିଟି ଗଠନ କରିଥିବା ଅନେକ ଶିକ୍ଷକ ସଂଗଠନ ଅଭିଯୋଗ କରିଛନ୍ତି।

ଗତ ଶୀତ ଅଧିବେଶନ ପୂର୍ବରୁ ଶିକ୍ଷକମାନେ ଯେପରି ଆନ୍ଦୋଳନକୁ ନ ଆସିବେ, ସେଥିପାଇଁ ତତ୍କାଳୀନ ଗଣଶିକ୍ଷା ବିଭାଗ ସଚିବ ତତ୍ପରତା ପ୍ରକାଶ କରି ବିଭିନ୍ନ ଶିକ୍ଷକ ସଂଘ ସହିତ ଆଲୋଚନା ଆରମ୍ଭ କରିଥିଲେ। ସମସ୍ତଙ୍କ ଦାବି ଶୁଣିବା ସହ ବିଭାଗସ୍ତରରେ ତର୍ଜମା କରି ଏ ସଂକ୍ରାନ୍ତ ଏକ ରିପୋର୍ଟ ମୁଖ୍ୟ ସଚିବଙ୍କୁ ପ୍ରଦାନ କରିଥିଲେ। ସରକାର ସେମାନଙ୍କ କଥା ବିଚାର କରୁଥିବା ସଂକ୍ରାନ୍ତରେ ଶିକ୍ଷକଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଥିଲା ଓ ଫଳ ସ୍ୱରୂପ ବିଧାନସଭା ସମୟରେ କୌଣସି ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇନଥିଲେ। ମାତ୍ର ଚଳିତ ଶୀତ ଅଧିବେଶନ ପୂର୍ବରୁ ଗଣଶିକ୍ଷା ବିଭାଗର ସଚିବଙ୍କୁ ପରିବର୍ତ୍ତନ କରାଯାଇଛି ଓ ଡ. ଏନ୍ ଥିରୁବାଲା ନାୟକ ନୂତନ ସଚିବ ଭାବରେ ଅବସ୍ଥାପିତ ହୋଇଛନ୍ତି। ବିଧାନସଭା ପୂର୍ବରୁ ଆନ୍ଦୋଳନ ପାଇଁ ଶିକ୍ଷକମାନେ ସଜବାଜ ହେଉଥିବା ଠଉରାଇ ନ ପାରିବା ଏବେ ସରକାରଙ୍କ ପାଇଁ ଶିରପୀଡ଼ା ପାଲଟିଛି। ଅଚାନକ ଆନ୍ଦୋଳନକୁ ଓହ୍ଲାଇବା ପାଇଁ

- **ପୂର୍ବରୁ ରହିଥିଲା ୩ଟି କମିଟି, ଏବେ ଗଠନ କରାଯାଇଛି ଆଉ ଗୋଟିଏ**
- **ଦାବି ପୂରଣ ପରିବର୍ତ୍ତେ କାଳକ୍ଷେପଣ ନୀତି ଆପଣାଉଛନ୍ତି ସରକାର: ସଂଘ**

ବିଭିନ୍ନ ଶିକ୍ଷକ ସଂଗଠନ ସାମ୍ବାଦିକ ସମ୍ମିଳନୀ କରିବା ସହ ପୂର୍ବରୁ ସରକାର ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ଦାବି କରିବାରୁ ଗଣଶିକ୍ଷା ବିଭାଗ ଓ ସରକାର ଅଠାକାଠିରେ ପଡ଼ିଛନ୍ତି। ଏପରିକି ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ୪ ଜଣିଆ କମିଟି ଗଠନ କରିଛନ୍ତି। ମାତ୍ର ତାହା ଶିକ୍ଷକମାନଙ୍କୁ ସନ୍ତୁଷ୍ଟ କରିପାରିନାହିଁ।

ଶିକ୍ଷକ ସଙ୍ଗଠନଗୁଡ଼ିକ ଅଭିଯୋଗ ଅନୁସାରେ ପୂର୍ବରୁ ଶିକ୍ଷାର ବିକାଶ ଓ ଶିକ୍ଷକଙ୍କ ବିଭିନ୍ନ ଦାବିର ବିଚାର ପାଇଁ ପୂର୍ବରୁ ୩ଟି କମିଟି ଗଠନ କରାଯାଇଛି। ଆଇନ୍‌ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୪ଜଣ ମନ୍ତ୍ରୀ ଓ ୬ ଜଣ ବିଧାୟକଙ୍କୁ ନେଇ ପଲିଟିକାଲ୍ କମିଟି ଗଠନ ହୋଇଛି। ସେହିପରି ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ୧୧ ଜଣିଆ ବିଧାନସଭା ଷ୍ଟାଣ୍ଡିଂ କମିଟି ଓ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ସଚିବସ୍ତରୀୟ କମିଟି ରହିଛି। ଏହା ବ୍ୟତୀତ ପୂର୍ବତନ ସଚିବ ମଧ୍ୟ ଶିକ୍ଷକଙ୍କ ସମସ୍ତ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏତେ ସବୁ କମିଟି ପରେ ମଧ୍ୟ ଆଉ ଏକ କମିଟିର କାହିଁକି ଆବଶ୍ୟକ ପଡ଼ିଲା ବୋଲି ଶିକ୍ଷକମାନେ ପ୍ରଶ୍ନ କରିଛନ୍ତି। ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଅହୋରାତ୍ର ଆନ୍ଦୋଳନ ଜାରି ରହିଥିବାବେଳେ ଓଡ଼ିଶା ବିଦ୍ୟାଳୟ ଓ ମହାବିଦ୍ୟାଳୟ ସମନ୍ୱୟ ସମିତି ଆସନ୍ତା ୧୦ ତାରିଖରେ ଆନ୍ଦୋଳନ ଡାକରା ଦେଇଛି। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ସମେତ ମାଧ୍ୟମିକ ଶିକ୍ଷକମାନେ ମଧ୍ୟ ଆନ୍ଦୋଳନମୁହାଁ ହୋଇଛନ୍ତି। ବିଧାନସଭା ଭିତରେ ଓ ବାହାରେ ବିରୋଧୀ ଶିକ୍ଷକଙ୍କ ପ୍ରସଙ୍ଗକୁ ଉଠାଉଥିବାବେଳେ ସରକାର ଓ ଗଣଶିକ୍ଷା ବିଭାଗ ଆନ୍ଦୋଳନକୁ ପ୍ରଶମିତ କରିବାକୁ ଏବେ କେବଳ ଉପାୟ ଖୋଜୁଥିବା ଚର୍ଚ୍ଚା ହେଉଛି।

---

**■ ବିଜିୟୁର ୮ମ ସମାବର୍ତ୍ତନ ଉତ୍ସବ**

## ଶିକ୍ଷା ଏକ ନିରନ୍ତର ପ୍ରୟାସ: ରାଜ୍ୟପାଳ




ଭୁବନେଶ୍ୱର, ୭ ।୧୨(ସମିସ): ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ)ର ୮ମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ରାଜ୍ୟପାଳ ତଥା କୁଳାଧିପତି ଡ. ହରିବାବୁ କମ୍ଭମପତି ଉତ୍ସବରେ ଅଧ୍ୟକ୍ଷତା କରି ଶିକ୍ଷା କେବଳ ଏକ ଲକ୍ଷ୍ୟସ୍ଥଳ ନୁହେଁ ବରଂ ଏକ ନିରନ୍ତର ପ୍ରୟାସ ବୋଲି କହିଛନ୍ତି। ସେହିପରି ସତ୍ୟନିଷ୍ଠ, କରୁଣା ଏବଂ ଦୃଢତାର ମୂଲ୍ୟବୋଧକୁ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ କେପିଏମ୍‌ଜି ଇଣ୍ଡିଆର ଶିକ୍ଷା ଏବଂ ଦକ୍ଷତା ବିକାଶ ପାର୍ଟନର ନାରାୟଣ ରାମାସ୍ୱାମୀ ଯୋଗଦେଇ କହିଛନ୍ତି ଯେ ବର୍ତ୍ତମାନର ଯୁଗ ଛାତ୍ରଛାତ୍ରୀଙ୍କ ପାଇଁ ଅଭୁଦପୂର୍ବ ସୁଯୋଗ ଆଣିଦେଇଛି। ବିଜିୟୁ ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟ ପିକେ ମିଶ୍ର ସ୍ୱାଗତ ଅଭିଭାଷଣ ରଖିବା ସହ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଛନ୍ତି। କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ସଫଳତା, ଗବେଷଣା ଓ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଛନ୍ତି। ଚଳିତ ବର୍ଷର ମୋଟ୍ ୪୫୬ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ତନ୍ମଧ୍ୟରେ ୨୨୮ ସ୍ନାତକତ୍ତୋର ଡିଗ୍ରୀ, ୨୨୪ ସ୍ନାତକ ଡିଗ୍ରୀ, ୪ ଡକ୍ଟରେଟ୍ ଡିଗ୍ରି ଓ ୧୭ ସ୍ୱର୍ଣ୍ଣପଦକ ରହିଛି। କୁଳସଚିବ ପ୍ରଫେସର ବି.କେ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜିୟୁ ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଏବଂ ବୋର୍ଡ ଅଫ୍ ମ୍ୟାନେଜମେଣ୍ଟର ସଦସ୍ୟ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ପ୍ରତି ପଞ୍ଚାୟତରେ ଆଧୁନିକ ପାଠାଗାର ଗଢ଼ିବାକୁ 'ଓସା'ର ଆହ୍ୱାନ



ଭୁବନେଶ୍ୱର, ୭।୧୨(ସମିସ): ବର୍ତ୍ତମାନ ଡିଜିଟାଲ ଯୁଗରେ ବଦଳିଛି ପାଠଗାରର ପରିଭାଷା। ଏହା କେବଳ ପୁସ୍ତକର ଗ୍ରନ୍ଥାଗାର ଭାବେ ସୀମିତ ନ ରହି କମ୍ପ୍ୟୁଟର ଓ ଇଣ୍ଟରନେଟ୍ ବ୍ୟବସ୍ଥା ସହ ଗୋଷ୍ଠୀ ସାଧନ କେନ୍ଦ୍ର ରୂପେ ଉଭା ହେଉଛି। ଓଡ଼ିଶାର ପ୍ରତି ପଞ୍ଚାୟତରେ ଏହିଭଳି ଆଧୁନିକ ସର୍ବସାଧାରଣ ପାଠାଗାର ପ୍ରତିଷ୍ଠା କରିବା ପାଇଁ ପ୍ରବାସୀ ଓଡ଼ିଆ ସଂଗଠନ "ଦି ଓଡ଼ିଶା ସୋସାଇଟି ଅଫ୍ ଦି ଆମେରିକାସ୍'(ଓସା) ପକ୍ଷରୁ ଆହ୍ୱାନ ଦିଆଯାଇଛି। ରବିବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଏକ ଦିନିକିଆ "ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀ-୨୦୨୫' ଆୟୋଜନ କରି ଓସା ପକ୍ଷରୁ ଏହି ଆହ୍ୱାନ ଦିଆଯାଇଛି। ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା "ଓଡ଼ିଶା ପବ୍ଲିକ୍ ଲାଇବ୍ରେରୀ ଭିଜନ୍'। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଓସାର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। କର୍ଣ୍ଣାଟକର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉମା ମହାଦେବନ ଭିଡିଓ କନଫରେନ୍ସି ଜରିଆରେ ଯୋଗଦେଇଥିଲେ। କର୍ଣ୍ଣାଟକରେ ୫,୮୦୦ରୁ ଅଧିକ ପଞ୍ଚାୟତରେ ଆଧୁନିକ ପାଠାଗାର ଗଢ଼ାଯାଇଥିବା ମଡେଲ୍ ଉପସ୍ଥାପନ କରିଥିଲେ। ଓସା ଅଧ୍ୟକ୍ଷ ଡା. ଅଜୟ ମହାନ୍ତି ଓ ଆବାହକ ନିଶିକାନ୍ତ ସାହୁ ଓଡ଼ିଶାରେ ଆଧୁନିକ ପାଠାଗାର ବ୍ୟବସ୍ଥା କରିବାକୁ ଆହ୍ୱାନ କରିଥିଲେ। ସମ୍ମିଳନୀରେ ଯୁବ ନିଯୁକ୍ତି, ଦକ୍ଷତା ବିକାଶ, ଡିଜିଟାଲ୍ ସାକ୍ଷରତା ଓ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଲକ୍ଷ୍ୟ ପୂରଣରେ ପାଠାଗାରର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶା ସର୍ବସାଧାରଣ ପାଠାଗାର ଆଇନ-୨୦୦୧ ଓ ଏମଜିଏନଆରଇଜିଏସ୍ ୨୦୧୮ ସର୍କୁଲାରର ଦ୍ରୁତ କାର୍ଯ୍ୟକାରିତା ଉପରେ ମଧ୍ୟ ଜୋର ଦିଆଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା, ଓସା ସଭାପତି ନାଗେଶ ରାଜନଲା (ଭିଡିଓ ବାର୍ତ୍ତା), ଶିକ୍ଷାବିତ୍, ପାଠାଗାର କର୍ମୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ୩୮ତମ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ



ଭୁବନେଶ୍ୱର, ୭।୧୨ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ମିଳିତ ସହଯୋଗରେ ବୁଦ୍ଧ ମନ୍ଦିର ଠାରେ ୩୮ତମ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଛି। ସ୍ମୃତି ସଂସଦର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଏବଂ କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଥିଲେ। ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ମୃତି ସଂସଦର ସମ୍ପାଦକ କୃଷ୍ଣ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ କବି ଅମରେନ୍ଦ୍ର ମାଧବ ଦାଶଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ବସନ୍ତ ମୁଦୁଲି କବିତା ପୁରସ୍କାର ପ୍ରଦାନ କରାଯାଇଥିଲା। ଡକ୍ଟର ଶତ୍ରୁଘ୍ନ ପାଣ୍ଡବଙ୍କ ସଭାପତିତ୍ୱରେ 'ଓଡିଆ କବିତାରେ ବୈପ୍ଳବିକ ସ୍ୱର ଓ କବି ବସନ୍ତ ମୁଦୁଲି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## 'କ୍ୟାନସର ଭଲ୍ୟୁଣ୍ଟିୟର୍ସ ଅଫ୍ ଓଡ଼ିଶା'



ଭୁବନେଶ୍ୱର, ୭।୧୨(ସମିସ): ଆର୍‌ସିଏମ୍‌ରେ "କ୍ୟାନସର୍ ଭଲ୍ୟୁଣ୍ଟିୟର୍ସ ଅଫ୍ ଓଡ଼ିଶା' (ସିଭିଓ)ର ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ୨୦୨୪ରେ ଟ୍ରଷ୍ଟ ଭାବେ ପଞ୍ଜୀକୃତ ଏହି ସଂଗଠନ ରାଜ୍ୟରେ କର୍କଟ ରୋଗୀ ଓ ତାଙ୍କ ପରିବାରକୁ ଘରେ ଘରେ ମାନସିକ ବଳ, କାଉନସେଲିଂ, ଆର୍ଥିକ ପରାମର୍ଶ ଓ ସେବା ଯୋଗାଇବାକୁ କାର୍ଯ୍ୟ କରୁଛି। ଏହି ସମ୍ମିଳନୀରେ ଡାକ୍ତର, ନର୍ସ, ସାମାଜିକ କର୍ମୀ ଓ ରାଜ୍ୟର ୧୨ଟି ଏନଜିଓର ପ୍ରତିନିଧି ଯୋଗ ଦେଇଥିଲେ। ପ୍ରଫେସର ଡା. ବିଧୁ କଳ୍ପନା ମହାନ୍ତି, ସୁକାନ୍ତ ନନ୍ଦ ଓ ନିତାଇ ଗୌରାଙ୍ଗ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ସିଭିଓ ଓଡ଼ିଶାରେ ଏକ ସୁସଂଗଠିତ ସହାନୁଭୂତିଶୀଳ ନେଟୱର୍କ ଗଢ଼ି ତୋଳିବାକୁ ଦୃଢ଼ସଙ୍କଳ୍ପ କରିଛି। ଏହି ଐତିହାସିକ ପଦକ୍ଷେପ ରାଜ୍ୟର ହଜାର ହଜାର କର୍କଟ ରୋଗୀଙ୍କ ପାଇଁ ନିଶ୍ଚିତ ଏକ ବଡ଼ ସମ୍ବଳ ହେବ ବୋଲି ସିଭିଓ ଆଶା କରିଛି।

---

**ରକ୍ଷଣାବେକ୍ଷଣ ଅଭାବ; ଅନ୍ଧାରରେ ଧ୍ୱଜାକ୍ଷେତ୍ର**

# ମହାପୁରୁଷଙ୍କ ଦେହରେ କଳଙ୍କି




ଭୁବନେଶ୍ୱର, ୭ ।୧୨(ସମିସ): ଜନତା ମଇଦାନ ନିକଟରେ ରହିଥିବା ମହାତ୍ମା ଗାନ୍ଧୀ ପାର୍କରେ ଥିବା ଧ୍ୱଜା କ୍ଷେତ୍ର ଦେଢ଼ ବର୍ଷକ ଭିତରେ ଛାରଖାର ହୋଇଗଲାଣି। ଧ୍ୱଜାକ୍ଷେତ୍ର ଲେଖା ହୋଇଥିବା ଅକ୍ଷର ଏବେ ଧ୍ୱଜାକ୍ଷତ୍ର ହୋଇପଡ଼ିବା ସହ ଆଲୋକୀକରଣ ଆଉ ନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ବରପୁତ୍ରଙ୍କ ଫଳକରେ କଳଙ୍କି ଲାଗିବା ସହ ଅନେକ ବରପୁତ୍ରଙ୍କ ମୁହଁ ଦେଖାଯାଉନାହିଁ ଏବଂ ଏହିପରି ବରପୁତ୍ରଙ୍କ ନାମ ଲିଭିବା ସହ ଜୟ ହିନ୍ଦ ସହ ଜାତୀୟ ସଙ୍ଗୀତ ଲେଖା ଆଉ ପଢ଼ି ହେଉନାହିଁ।

ବିଶେଷ କରି ଜବାହରଲାଲ ନେହରୁଙ୍କ ପ୍ରତିମୂର୍ତ୍ତିରେ କଳଙ୍କି ଲାଗିବା ସହ ଆମ୍ବେଦକର, ଚନ୍ଦ୍ରଶେଖର ଆଜାଦଙ୍କ ପ୍ରତିମୂର୍ତ୍ତିର ମଧ୍ୟ ସମାନ ଅବସ୍ଥା। ଠିକ୍ ଏହିପରି ପଣ୍ଡିତ ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ଲକ୍ଷ୍ମଣ ନାୟକ, ରମାଦେବୀ, ରେଣ୍ଡୋ ମାଝୀଙ୍କ ପରି ୨୦ରୁ ଅଧିକ ସଂଖ୍ୟାରେ ରହିଥିବା ବରପୁତ୍ରଙ୍କ ଫଳକର ମଧ୍ୟ ସମାନ ଅବସ୍ଥା। ଏହି ବରପୁତ୍ରଙ୍କ ଫଳକ ତଳକୁ ଛୋଟ ଲାଇଟ୍ ଲାଗିଥିଲାବେଳେ ସେଥିରୁ ଗୋଟିଏ କିମ୍ବା ୨ ଟି ଜଳୁଥିବା ବେଳେ ଆଉ କିଛି ଜଳୁନାହିଁ। କିଛି ଲାଇଟ୍ ଭାଙ୍ଗି ପଡ଼ିଥିବା ବେଳେ ଆଉ କେଉଁ ବରପୁତ୍ରଙ୍କ ଆଗରେ ମୂଳରୁ ଲାଇଟ୍ ସହ ତାର ମଧ୍ୟ ନାହିଁ। ଫଳରେ ପାର୍କକୁ ଆସୁଥିବା ଲୋକମାନେ ରାତି ହେଲେ ବରପୁତ୍ରଙ୍କୁ ଦେଖି ପାରୁନାହାନ୍ତି କି ଜାତୀୟ ସଙ୍ଗୀତ ପଢ଼ି ପାରୁନାହାନ୍ତି।

ସ୍ୱାଧୀନତା ପୂର୍ବରୁ ପ୍ରଥମ କରି ୧୯୦୬ ମସିହାରେ ଆମ ଜାତୀୟ ପତାକା ଦେଖିବାକୁ କିପରି ଏବଂ କେଉଁଠି ଉତ୍ତୋଳନ ହୋଇଥିଲା ଏହି ସବୁର ତଥ୍ୟ ରହିଥିବା ଫଳକରେ ମଧ୍ୟ କଳଙ୍କି ଲାଗିଗଲାଣି। ଏଥିସହ ୧୯୦୭,୧୯୧୭, ୧୯୨୧, ୧୯୩୧ ଏବଂ ଦେଶ ସ୍ୱାଧୀନ ହେବା ପରେ ଜାତୀୟ ପତାକାର ଫଟୋ ରହିଛି। ହେଲେ ଅନ୍ୟ ଫଳକ କଥା ନକହିବା ଭଲ। ବିଶେଷ କରି ୧୯୧୭ ଏବଂ ୧୯୨୧ ମସିହା ଥିବା ଜାତୀୟ ପତାକାର ଫଳକ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହେବାକୁ ବସିଲାଣି। ଏହିପରି ଓଡ଼ିଆ ସହ ୨୨ଟି ବିଭିନ୍ନ ଭାଷାରେ ଲେଖାଯାଇଥିବା 'ଜୟ ହିନ୍ଦ୍' ଫଳକ ଆଉ କିଛି ଦେଖାଯାଉନାହିଁ। କେଉଁ ଭାଷା ସହ ଏହା କାହିଁକି ଲେଖାଯାଇଛି ଏହି ସବକୁ ଲୋକମାନେ ପଢ଼ିବାରୁ ବଞ୍ଚିତ ହେଉଛନ୍ତି।

ପୂର୍ବ ସରକାର ସମୟରେ ଭାରତର ଜାତୀୟ ପତାକା ପ୍ରତି ସମ୍ମାନ ଉଦ୍ଦେଶରେ ଗତ ମାର୍ଚ୍ଚ ମାସ ୭ ତାରିଖରେ ଏହି ଧ୍ୱଜା କ୍ଷେତ୍ରକୁ ଉଦ୍‌ଘାଟନ କରାଯାଇଥିଲା ୧୦୦ ଫୁଟ ଉଚ୍ଚରେ ଜାତୀୟ ପତାକାକୁ ଅବସ୍ଥାପିତ କରିଯିବା ବାଲୁକା ପଥରରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟରେ ସଜ୍ଜିତ ବରପୁତ୍ରଙ୍କ ସମେତ ଓଡ଼ିଆ ଓ ହିନ୍ଦୀ ଭାଷାରେ ଜାତୀୟ ସଙ୍ଗୀତ, ଜୟ ହିନ୍ଦ ଆଦି ପ୍ୟାନେଲ ଗୁଡ଼ିକରେ ଲେଖା ଯାଇଥିଲା ଫଳରେ ପାର୍କକୁ ଆସୁଥିବା ଲୋକମାନେ ସ୍ୱାଧୀନତା ପୂର୍ବର ଏବଂ ପରର ଜାତୀୟ ପତାକା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଜାଣିପାରିବେ। ହେଲେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଡିଏ ନେଇଥିବାବେଳେ ଏହି ଧ୍ୱଜାକ୍ଷେତ୍ର ଏବେ ଧ୍ୱଜକ୍ଷତ୍ର ହୋଇ ପଡ଼ିଛି। ଫଳରେ ପାର୍କକୁ ଆସୁଥିବା ଲୋକାମାନେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ଓଡ଼ିଆ ଅସ୍ମିତା କଥା କହୁଥିବା ବେଳେ ଏଠାରେ ଓଡ଼ିଆ ଅସ୍ମିତା ଗୁମୁରୀ କାନ୍ଦୁଛି। ରାସ୍ତାଠାରୁ ଅରମ୍ଭ କରି ହୋଡ଼ିଙ୍ଗ୍ ପର୍ଯ୍ୟନ୍ତ ସବୁ ସ୍ଥାନରେ ରଙ୍ଗ ମରାଯାଉଥିବା ବେଳେ ଧ୍ୱଜାକ୍ଷେତ୍ର ଉପରେ କେବେ ସରକାର ଅବା ଅଧିକାରୀଙ୍କ ନଜର ପଡ଼ିବ ବୋଲି ପାର୍କକୁ ବୁଲି ଆସିଥିବା ଲୋକେ କହିଛନ୍ତି।







# ଅନ୍ତର୍ଜାତୀୟ ଟି-୨୦କୁ ଗୋଟିଏ ଦିନ ବାକି

# ବିଶ୍ୱ ନଜରରେ ବାରବାଟୀ

▸ ଟ୍ରାଫିକ୍ ପରାମର୍ଶ ଜାରି ▸ ଆଜି ଅଭ୍ୟାସ: ଦିନରେ ଭାରତ, ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକା ▸ ଖୋଲା ରହିବ ଗ୍ୟାଲେରୀ ନଂ ୬ ଓ ୭ ▸ ପୁଲିସ କମିସନର ଓ ଡିସିପିଙ୍କ ଯାଞ୍ଚ: ଅଫିସରଙ୍କୁ ତାଗିଦ












କଟକ, ୭ ।୧୨(ସମିସ)

ବିଶ୍ୱ ନଜରରେ ଏବେ ରୌପ୍ୟନଗରୀର ବାରବାଟୀ କ୍ରିକେଟ୍ ଷ୍ଟାଡିୟମ୍। ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଲାଣି। ଆସନ୍ତାକାଲି ୨ଟି ଟମ୍‌ର ଖେଳାଳି ଅଭ୍ୟାସ କରିବେ। ଦିନରେ ଭାରତ ଅଭ୍ୟାସ କରିବାକୁ ସମୟ ନିର୍ଘଣ୍ଟ ହୋଇଥିବା ବେଳେ ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ଅଭ୍ୟାସ କରିବେ। ଏଥି ନିମନ୍ତେ ଷ୍ଟାଡିୟମ କର୍ତ୍ତୃପକ୍ଷ ଗ୍ୟାଲେରୀ ନମ୍ବର ୬ଓ ୭କୁ ଖୋଲା ରଖିଛନ୍ତି। ଆସନ୍ତା ମଙ୍ଗଳବାର ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ଏଥିପାଇଁ ଉଭୟ ଦଳର ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଆସନ୍ତାକାଲି ଅଭ୍ୟାସ ମ୍ୟାଚ୍ ନିମନ୍ତେ ୨ଟି ଦେଶର ଖେଳାଳିଙ୍କୁ କଟକ ଅଣାଯିବ। ଏଥିନିମନ୍ତେ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି। ଆଜି ପୂର୍ବାହ୍ଣରେ ପୁଲିସ କମିଶନର ଏସ୍.ଦେବଦତ୍ତ ସିଂ ଓ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଷ୍ଟାଡିୟମ ଭିତର ଓ ବାହାରର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିଛନ୍ତି। ନିୟୋଜିତ ହେବାକୁ ଥିବା ପୁଲିସ ଅଫିସରଙ୍କୁ ଡିସିପି ଶ୍ରୀ ଦ୍ୟାନେଦେଓ ଡ୍ୟୁଟି ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ।

ଅନ୍ୟପଟେ କମିସନରେଟ ପୁଲିସ ଆଜି ସ୍ୱତନ୍ତ୍ର ପରାମର୍ଶ ସୂଚନା ଜାରି କରିଛି। ସେହିଭଳି ମ୍ୟାଚ୍ ଦିନ ସ୍ୱତନ୍ତ୍ର ପାର୍କିଂ କଟକଣା ମଧ୍ୟ ଜାରି କରାଯାଇଛି। ଏହି କଟକଣା ଆସନ୍ତାକାଲି ଦିନ ୧୨ଟାରୁ ରାତି ୯ଟା ଏବଂ ମଙ୍ଗଳବାର ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଲାଗୁ କରାଯିବ। ମାତାମଠ ପଟୁ ମହାନଦୀ ରିଂ ରୋଡରେ ଆସଥିବା ସମସ୍ତ ଯାନବାହନଗୁଡ଼ିକ ତଳ ବାଲିଯାତ୍ରା ପଡ଼ିଆରେ ନିଜ ଗାଡ଼ିଗୁଡ଼ିକୁ ପାର୍କିଂ କରିପାରିବେ। କେବଳ ପାସ୍ ଥିବା ଯାନବାହନଗୁଡ଼ିକ ବାମ୍ବୋ ଡିପୋ ଗଡ଼ାର ବାମକୁ ଯାଇ ଉପର ବାଲିଯାତ୍ରା ପଡ଼ିଆରେ ଗାଡ଼ି ପାର୍କିଂ କରିପାରିବେ। ହାୱାଡା ମୋଟର ଛକ ଏବଂ ମଣିସାହୁ ଛକ ଆଡୁ ଆସୁଥିବା ଯାନବାହନ ଗୁଡ଼ିକ ଗ୍ରୀନାର ହୋଟେଲ ଛକରୁ ସିଧା ମଧୁସୂଦନ ଛକ ଆଡ଼କୁ ଯାଇପାରିବେ ନାହିଁ। ସେମାନେ ପୁରୁଣା 'ଲ' ହଷ୍ଟେଲ ଛକ ଦେଇ ମହାନଦୀ ରିଂ ରୋଡରେ ଯାଇ ତଳ ବାଲିଯାତ୍ରା ପଡ଼ିଆରେ ନିଜ ଗାଡ଼ିଗୁଡ଼ିକୁ ପାର୍କିଂ କରିପାରିବେ। କେବଳ ପାସ୍ ଥିବା ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଯାନବାହନ ବିଜୁ ପଟ୍ଟନାୟକ ଛକ କିମ୍ବା ଚଣ୍ଡି ଛକ ଆଡୁ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ। ସେମାନେ ତଳ ବାଲିଯାତ୍ରା ପଡ଼ିଆ।ରେ ଗାଡ଼ି ପାର୍କିଂ କରିପାରିବେ। କୌଣସି ଯାନବାହନ ଆନନ୍ଦ ଭବନ ଛକରୁ ଭାୟା ଜିଲ୍ଲା ଫୋର୍ଟ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବେ ନାହିଁ। ସେମାନେ କ୍ୟାଣ୍ଟନ୍‌ମେଣ୍ଟ ଥାନା ଛକ ଦେଇ ତଳ ବାଲିଯାତ୍ରା ପଡ଼ିଆରେ ଗାଡ଼ି ରଖିପାରିବେ। ସମାଜ ଅଫିସ ଛକ ଆଡୁ ଆସୁଥିବା ଯାନବାହନ ଗୁଡ଼ିକ ମଧ୍ୟରୁ ପାସ୍ ଥିବା ଯାନବାହନ ବ୍ୟତୀତ ଅନ୍ୟ କୌଣସି ଯାନବାହନ ହନୁମାନ ମନ୍ଦିର ଛକରୁ ସିଧା ମଧୁସୂଦନ ଷ୍ଟାଚ୍ୟୁ ଆଡ଼କୁ ଯାଇପାରିବେ ନାହିଁ। ସେହିଭଳି ଓଡ଼ିଶା କ୍ରିକେଟ ଏକାଡେମୀ ପଡ଼ିଆରେ ଗାଡ଼ି ପାର୍କିଂ କରିବା ନିମନ୍ତେ ପାସ୍ ଥିଲେ ସେମାନେ ୱାଇଏମ୍‌ସିଏ ରାସ୍ତା ଓ ଲାୟନ୍ସ ଆଇ ହସ୍ପିଟାଲ ଦେଇ ନିଜ ଗାଡ଼ିକୁ ପାର୍କିଂ କରିପାରିବେ। ରିଜର୍ଭ ପୁଲିସ ଲାଇନ ଆଡୁ ଆସୁଥିବା ଯାନବାହନ ଗୁଡ଼ିକ ଓଡ଼ିଶା ପୋଲିସ ସଂଘ (ଓପା)ଠାରୁ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ। ପାସ୍ ଥିବା ଯାନ ବ୍ୟତୀତ ମଧୁସୂଦନ ଷ୍ଟାଚ୍ୟୁ ଛକରୁ କୌଣସି ଗାଡ଼ି ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ। କେବଳ ପାସ୍ ଥିବା ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଗାଡ଼ି ଲାୟନ୍ସ ଆଇ ହସ୍ପିଟାଲ ଛକରୁ କିଲ୍ ଖାନା ରାସ୍ତା ଦେଇ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ। ସେମାନେ ମହାନଦୀ ରିଂ ରୋଡରେ ଯାଇ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିପାରିବେ। କୌଣସି ଭାରୀଯାନ ମହାନଦୀ ଓ କାଠଯୋଡ଼ି ରିଂ ରୋଡ ଏବଂ ସହର ମଧ୍ୟରେ ଚଳପ୍ରଚଳ ନିଷେଧ କରାଯାଇଛି। ସକାଳ ୮ରୁ ରାତ୍ର ୨ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ବାରବାଟୀ ଷ୍ଟାଡିୟମରେ ଖେଳାଳିଙ୍କ ଅଭ୍ୟାସ ମ୍ୟାଚ୍ ନିମନ୍ତେ ମହାନଦୀ ରିଂ ରୋଡ ଯଥା ଚହଟା ଛକ ଓ ଶିଖରପୁର ଛକରୁ ବାମ୍ବୋ ଡିପୋ ପର୍ଯ୍ୟନ୍ତ ଦିବା ୧୨ ଘଟିକାରୁ ରାତ୍ରି ୧୦ ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି ବୋଲି ସୂଚନା ଦିଆଯାଇଛି।

### କେଉଁଠି କରିବେ ପାର୍କିଂ

| ପାର୍କିଂସ୍ଥଳ | ପ୍ରବେଶ ରାସ୍ତା | କାହାପାଇଁ |
|---|---|---|
| ବାଲିଯାତ୍ରା ଉପର ପଡ଼ିଆ | ରିଂ ବନ୍ଧ | ଭିଆଇପି |
| ବାଲିଯାତ୍ରା ତଳ ପଡ଼ିଆ | ରିଂ ବନ୍ଧ | ସାଧାରଣ ଦର୍ଶକ |
| କ୍ରିକେଟ୍ ଏକାଡେମୀ ପଡ଼ିଆ | ୱାଇଏମ୍‌ସିଏ ରାସ୍ତା | ଓସିଏ/ମାନ୍ୟଗଣ୍ୟ ବ୍ୟକ୍ତି |
| ଅଶ୍ୱଦ୍ୱାର ସାମ୍ନା ତିନି କୋଣିଆସ୍ଥାନ | କିଲ୍ଲାଫୋର୍ଟ ରାସ୍ତା | ପାସ୍‌ଧାରୀ/ ଭିଆଇପି |
| ଓସିଏ କ୍ଲବ୍ ଜାଭିୟର୍ସ ସ୍କୁଲ ପାର୍କିଂ | ମଧୁସୂଦନ ସେତୁ ରାସ୍ତା | ଭିଆଇପି/ପାସ୍‌ଧାରୀ |
| ଜାଭିୟର ସ୍କୁଲ | ଗେଟ୍-୧୪ | ଭିଆଇପି/ ପାସ୍‌ଧାରୀ |



## ପୁଲିସର ଶୃଙ୍ଖଳା ପାଠ

## ଖେଳାଳି ଓ ଦର୍ଶକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ

**କଟକ, ୭ ।୧୨(ସମିସ):** ବାରବାଟୀରେ ମ୍ୟାଚ୍‌ରେ ଆଇନ୍‌ଶୃଙ୍ଖଳା ରକ୍ଷା ନିମନ୍ତେ ନିୟୋଜିତ ପୁଲିସ କର୍ମଚାରୀଙ୍କୁ ଆଜି ଦାୟିତ୍ୱ ପ୍ରଦାନ କରାଯାଇଛି। ଷ୍ଟାଡିୟମକୁ ପ୍ରବେଶ ସମୟରେ ଦର୍ଶକ ଯେପରି ବିଶୃଙ୍ଖଳିତ ନହେବେ, ସେମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ନିମନ୍ତେ ପୁଲିସ କମିସନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଷ୍ଟାଡିୟମ ଭିତର ଓ ବାହାର ସୁରକ୍ଷା ଲାଗି ୫୦ ପ୍ଲାଟୁନ୍ ଫୋର୍ସ ଓ ୩୦୦ ଅଧିକାରୀ ମୁତୟନ ରହିବେ। ଏଥିସହ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ପାୟ ୨୫ ପ୍ଲାଟୁନ୍ ଫୋର୍ସ ଖେଳାଳିଙ୍କ ସୁରକ୍ଷାରେ ମୁତୟନ ରହିବେ। ହେଟେଲରୁ ଷ୍ଟାଡିୟମକୁ ଉଭୟ ଦଳର ଖେଳାଳି ଆସି ପହଞ୍ଚିବା ଲଗି ସ୍ୱତନ୍ତ୍ର ଭାବେ ରୁଟ୍ ପ୍ଲାନିଂ କରାଯାଇଛି। ଖେଳାଳି ଆସିବା ସମୟରେ ଜନସାଧାରଣ ଯେପରି ଅସୁବିଧାର ସମ୍ମୁଖିନ ନହୁଅନ୍ତି ଏହା ଉପରେ ମଧ ଗୁରୁତ୍ୱ ଦିଆଯିବ। ଅଭ୍ୟାସ ସମୟରେ ମଧ କ୍ରାଉଡ୍ କଣ୍ଟ୍ରୋଲ ଉପରେ ଗୁରୁତ୍ୱ ଦିଆଯିବ। ମ୍ୟାଚ୍ ସମୟ ସନ୍ଧ୍ୟା ୭ଟା ରହିଥିବା ବେଳେ ଦର୍ଶକମାନେ ଏହାର ୩ରୁ ୪ ଘଣ୍ଟା ପୂର୍ବରୁ ଆସିବା ଲାଗି ପୁଲିସ କମିସନର ନିବେଦନ କରିଛନ୍ତି।



## ନୂତନ ପ୍ରାଣୀ ଆମ୍ବୁଲାନ୍ସ ଉଦ୍‌ଘାଟିତ



**କଟକ, ୭।୧୨(ସମିସ):** ବିକାଶ ଭବନରେ ମେୟର ସୁବାସ ସିଂହ ପତାକା ଦେଖାଇ ଦୁଇଟି ପ୍ରାଣୀ ଆମ୍ବୁଲାନ୍ସର ଉଦଘାଟନ କରିଥିଲେ। କଟକ ମହାନଗର ନିଗମ ଅଞ୍ଚଳରେ ନିରୀହ ଜୀବ ଓ ପଶୁ ପକ୍ଷୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଜିଏସ ହେଲପିଙ୍ଗ ଫାଉଣ୍ଡେସନ ପକ୍ଷରୁ ଦୁଇଟି ଆନିମଲ ଆମ୍ବୁଲାନ୍ସ କଟକ ମହାନଗର ନିଗମକୁ ହସ୍ତାନ୍ତର କରିଥିଲେ। ଏହି ଉନ୍ମୋଚନ ଉତ୍ସବରେ କଟକ ମେୟର ସୁବାସ ସିଂହଙ୍କୁ ସହିତ ସିଏମସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ପ୍ରଳୟା ବେଉରା, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ଦିପ୍ତିମୟୀ ମୁଳିଆ, କର୍ପୋରେଟର ବନଲତା ପ୍ରଧାନ, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, କର୍ପୋରେଟର ଦୀପକ ଦାସ, ଜିଏସ ହେଲପିଙ୍ଗ ଫାଉଣ୍ଡେସନର ସଭ୍ୟସଭ୍ୟା, ସିଏମସି ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନକୁ ଓଷ୍ଟାର ସମର୍ଥନ

**କଟକ, ୭।୧୨(ସମିସ):** ଭୁବନେଶ୍ୱରର ଗାନ୍ଧିମାର୍ଗରେ ଚାଲିଥିବା ପ୍ରାଥମିକ ଶିକ୍ଷକଙ୍କ ଧାରଣାକୁ ଓଡ଼ିଶାର ସର୍ବବୃହତ ଗଣ ସଙ୍ଗଠନ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ନୈତିକ ସମର୍ଥନ ଜଣାଇଛି। ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଦୁଇଦଫା ଦାବିରେ ଶୀତ କାକରରେ ରାଜଧାନୀର ରାଜରାସ୍ତାରେ ପଡ଼ି ରହିଛନ୍ତି। ୨୦୦୧ରୁ ଏପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ (ଏନ୍‌ପିଏସ୍ ବର୍ଗ)ଙ୍କ ଠିକା ଅବଧିକୁ ନିୟମିତ ମାନ୍ୟତା ସହ ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ, ପଦ ଅପଗ୍ରେଡ କରି ଲେବୁଲ ୨ ଏବଂ ୩୫, ୪୦୦ ଟଙ୍କା ହାରରେ ୪୨୦୦ ଟଙ୍କା ଗ୍ରେଡ୍‌ପେ ଅନୁଯାୟୀ ଦରମା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି। ପୂର୍ବ ଘୋଷଣା ଅନୁଯାୟୀ ପ୍ରାଥମିକ ଶିକ୍ଷକ ମହାସଂଘ (ଏନ୍‌ପିଏସ୍) ଆହ୍ୱାନରେ ହଜାର ହଜାର ଶିକ୍ଷକ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲ ଫେରିବେ ନାହିଁ ବୋଲି ଯେଉଁ ଚେତାବନୀ ଦେଇଛନ୍ତି ତାହାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପୂର୍ଣ୍ଣଭାବରେ ସମର୍ଥନ କରୁଛି। ଦେଶର ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ ୩୫, ୪୦୦ ଟଙ୍କା ଓ ତା'ଠାରୁ ଅଧିକ ଏବଂ ୪୨୦୦ ଟଙ୍କା ଗ୍ରେଡ ପେ ହାରରେ ଦରମା ମିଳୁଛି। ମାତ୍ର ଓଡ଼ିଶା ସରକାର ସର୍ବନିମ୍ନ ଦରମା ୫୨୦୦ ଟଙ୍କା ଓ ୨୨୦୦ ଟଙ୍କା ଗ୍ରେଡ ପେ ଅନୁଯାୟୀ ଦରମା ଦେଉଛନ୍ତି। ୨୦୧୭ରୁ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ସିଟିରୁ ଯୁକ୍ତ ୨ ସିଟିକୁ ଉନ୍ନୀତ କରାଯାଇଥିଲେ ମଧ୍ୟ ପଦ ଅପଗ୍ରେଡ କରି ଯୁକ୍ତ ୨ ସିଟି ହାରରେ ଦରମା ପ୍ରଦାନ କରାଯାଉ ନାହିଁ। ରାଜ୍ୟ ସରକାରଙ୍କ ଅଧୀନରେ ଅନ୍ୟ ବିଭାଗରେ ଯୁକ୍ତ ୨ ସିଟି ଯୋଗ୍ୟତାଧାରୀଙ୍କ ଦରମା ୨୯, ୪୦୦ ଓ ୨୮୦୦ ଗ୍ରେଡ ପେ ହାରରେ ଦରମା ପ୍ରଦାନ ସହିତ ୧୦ ବର୍ଷ କାର୍ଯ୍ୟକାଳ ସମାପ୍ତି ପରେ ୪୨୦୦ ଗ୍ରେଡ ପେ ଅନୁଯାୟୀ ଦରମା ଦିଆଯାଉଛି। ପ୍ରାଥମିକ ଶିକ୍ଷକଙ୍କ କ୍ଷେତ୍ରରେ ସମାନ କାମକୁ ସମାନ ଦରମା ନୀତି ଉଲ୍ଲଙ୍ଘନ ହେଉଛି। ଏହି ଦାବି ଯଥାର୍ଥ ଓ ଯୁକ୍ତିଯୁକ୍ତ। ତୃଣମୂଳସ୍ତରରେ ଯେଉଁମାନେ ଅଗଣିତ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଗଢ଼ିବାରେ ପ୍ରତ୍ୟକ୍ଷ ସହାୟତା ପ୍ରଦାନ କରନ୍ତି ସେମାନଙ୍କର ଏହି ଯଥାର୍ଥ ଦାବି ପ୍ରତି ସରକାର ଅଣଦେଖା କରିବା ସେମାନଙ୍କ ପ୍ରତି ଚରମ ଅନ୍ୟାୟ। ଏହାକୁ ଦୃଷ୍ଟିରେ ରଖି ସରକାର ସକରାତ୍ମକ ଦୃଷ୍ଟି ଭଙ୍ଗୀ ନେଇ ସେମାନଙ୍କ ସହିତ ତୁରନ୍ତ ଆଲୋଚନା କରନ୍ତୁ ଏବଂ ସେମାନଙ୍କର ଦାବୀଗୁଡିକୁ ପୂରଣ କରନ୍ତୁ ବୋଲି ଏକ ପ୍ରେସ୍ ବିବୃତି ଜରିଆରେ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି।

## ବୋମାମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଜଗତପୁର, ୭।୧୨(ସମିସ):** ଜଗତପୁର ଘଟଣାରେ ମୁଖ୍ୟ ଥାନା ଅନ୍ତର୍ଗତ ଆତୋଡା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହୋଇଥିବା ବୋମାମାଡ ଘଟଣାରେ ମୁଖ୍ୟଅଭିଯୁକ୍ତ ଗିରଫ। ଗିରଫ ଅଭିଯୁକ୍ତ ଜଣକ ହେଲେ ମୁତାରିଫା ପଞ୍ଚାୟତ ପୂର୍ବତନ ସରପଞ୍ଚ ପଦ୍ମପୁର ଅନନ୍ତପୁର ଗ୍ରାମର ପ୍ରିୟରଞ୍ଜନ ମହାପାତ୍ର(୪୭)। ପୁଲିସ ସୂଚନା ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ଶୁକ୍ରବାର ସନ୍ଧ୍ୟାରେ ସାଲେପୁର ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷା ମମତା ରାଉତଙ୍କ ଆତୋଡା ସ୍ଥିତ ଘର ଉପରକୁ ୬ ଜଣରୁ ଉର୍ଦ୍ଧ୍ୱ ଯୁବକ ଦୁଇଟି ବାଇକ୍‌ରେ ଆସି ବୋମାମାଡ କରିଥିଲେ। ଏଥିରେ ଗ୍ରାମର ଦୁଇଜଣ ମହିଳା ଆହତ ହୋଇଥିଲେ। ଏନେଇ ପୂର୍ବତନ ଅଧକ୍ଷା ଏବଂ ଆହତ ମହିଳାଙ୍କ ପକ୍ଷରୁ ଜଗତପୁର ଥାନାରେ ଏକାଧିକ ଅଭିଯୋଗ କରାଯାଇଥିଲା।

## ଶୈଳବାଳା ମହିଳା କଲେଜକୁ ମିଳୁ ବିଶ୍ୱବିଦ୍ୟାଳୟ ମାନ୍ୟତା



**କଟକ, ୭।୧୨(ସମିସ):** ଆଜି ସନ୍ଧ୍ୟାରେ କଟକ ବିଜୁ ପଟ୍ଟନାୟକ ଛକ ସ୍ଥିତ 'ସାରଳା ଭବନ' ଠାରେ ଶୈଳବାଳା ମହିଳା ମହାବିଦ୍ୟାଳୟ ପରିଚାଳନା ବୋର୍ଡର ସଦସ୍ୟବୃନ୍ଦ ଓ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ 'ଶୈଳବାଳା କଲେଜ'କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରାପ୍ତି ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। କଲେଜ ପରିଚାଳାନା ବୋର୍ଡର ସଭାପତି ଡକ୍ଟର (ଇଂ.) ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୋର୍ଡର ସଦସ୍ୟ ପ୍ରଫେସର ଜୟନ୍ତ ପରିଡ଼ା, ପ୍ରଫେସର ରଞ୍ଜନ ବଳ, ଶିଳ୍ପପତି ସୁଶାନ୍ତ ପଣ୍ଡା, ପ୍ରଫେସର ମଳୟ ମହାନ୍ତି, ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ପ୍ରଫେସର ପ୍ରଭାତୀ ମିଶ୍ର, ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ, ଶିକ୍ଷାବିତ୍ ପ୍ରଫେସର ସତ୍ୟକାମ ମିଶ୍ର, ପ୍ରଫେସର ଖାରବେଳ ମହାନ୍ତି, ଡକ୍ଟର ମଞ୍ଜୁଶ୍ରୀ ପଟ୍ଟନାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଏହି ଐତିହାସିକ ପ୍ରାଚୀନ ମହିଳା ମହାବିଦ୍ୟାଳୟ ଏ ଯାବତ୍ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନେ ନିଜର ବକ୍ତବ୍ୟରେ ୧୯୧୩ ମସିହାରେ କଟକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବାସଭବନରେ ତାଙ୍କ କନ୍ୟାଙ୍କ ନାମରେ ପ୍ରତିଷ୍ଠିତ ଏହି ମହିଳା ମହାବିଦ୍ୟାଳୟ ଅବହେଳିତ ଅବସ୍ଥାରେ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଆଜିର କର୍ମ ଚଞ୍ଚଳ ସରକାର ଏହି କଲେଜକୁ ଖୁବ୍ ଶୀଘ୍ର ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ ଆଶୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପସ୍ଥିତ ସମସ୍ତ ବିଦ୍ୱାନବୃନ୍ଦ

**ପରିଚାଳନା ବୋର୍ଡ ଓ ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ପକ୍ଷରୁ ଦୃଢ଼ ଦାବି**

ସେମାନଙ୍କ ନିକଟରେ ନିବେଦନ ଓ ଦାବି କରିଛନ୍ତି। ଏତଦ୍ ଭିନ୍ନ ଏହି ପ୍ରାଚୀନ ଅନୁଷ୍ଠାନର ଦ୍ୱିତୀୟ କ୍ୟାମ୍ପସ୍‌ର ଜରୁରୀ ଆବଶ୍ୟକତା ଓ ଅନ୍ୟାନ୍ୟ ଅସୁବିଧା ପୂରଣ କରିବା ପାଇଁ ସମସ୍ତେ ସମସ୍ୱରରେ ଅନୁରୋଧ କରିଛନ୍ତି।

## ନଗର ସମସ୍ୟା ନେଇ ସିପିଆଇର ଆନ୍ଦୋଳନ ଚେତାବନୀ



**କଟକ, ୭।୧୨(ସମିସ):** ସିପିଆଇ କଟକ ନଗର କମିଟିର ସାଧାରଣ ପରିଷଦର ଏକ ସଭା ଗତ ଶନିବାର ଦିନ ବିଜୟ କୁମାର ପଢ଼ିହାରୀଙ୍କ ସହ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସିପିଆଇର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର ଯୋଗଦେଇ ସିପିଆଇର ଚଣ୍ଡୀଗଡ଼ଠାରେ ଅନୁଷ୍ଠିତ ଗତପାର୍ଟୀ କଂଗ୍ରେସ ବିବରଣୀ ଓ ନିର୍ଦ୍ଧାରଣ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିରୂପେ ସିପିଆଇର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣୀ ରଞ୍ଜନ ରାଉତରାୟ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଆଡଭୋକେଟ୍ ଅମରେନ୍ଦୁ ମହାନ୍ତି, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ସୁଶାନ୍ତ ମହାପାତ୍ର, ଭ୍ରମରବର ସାହୁ, କିଶୋର ଜେନା, ସୁକାନ୍ତ ବାରିକ, କ୍ଷୀରୋଦ ବିଶ୍ୱାଳ, କିଶୋର ଜେନା, ମିହିର ବିଶ୍ୱାଳ, ଭାବଗ୍ରାହୀ ଦାସ, ପ୍ରଶାନ୍ତ ଦାସ, ସୁବାସ ବୋଷ, ବିପିନ ବିହାରୀ ପାଢ଼ୀ, ସଞ୍ଜୟ ପରିଜା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରୟାତ ସାଥୀ ସାନନ୍ଦ ସେଠୀଙ୍କ ସ୍ଥାନରେ ସଞ୍ଜୟ ପରିଜାଙ୍କୁ ସହ ସମ୍ପାଦକ ରୂପେ ନିର୍ବାଚିତ କରାଯାଇଛି। କଟକ ନଗରର ବିଭିନ୍ନ ଜନ ସମସ୍ୟା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ଭୂୟାଁ
କରୁଣା, ଗୁହାଳି, ଯାଜପୁର
ଆବିର୍ଭାବ - ୦୧.୦୧.୧୯୩୮
ତିରୋଧାନ - ୨୮.୧୧.୨୦୨୫
ଆପଣଙ୍କ ଅନ୍ତର୍ଦ୍ଧାନରେ ଆଜିକୁ ଏଗାର ଦିନ ହୋଇଗଲା। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ସବୁବେଳେ ମନେପଡ଼ୁଛି, ଆପଣଙ୍କ ଅମର ଆତ୍ମା ସଦଗତି ନିମନ୍ତେ ମା' ବିରଜାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପତ୍ନୀ- ରଙ୍ଗଲତା ଭୂୟାଁ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

# ଫୁଲନଖରା-ନିଆଳି ରାଜ୍ୟ ରାଜପଥ ବିପର୍ଯ୍ୟସ୍ତ

କଣ୍ଟାପଡ଼ା,୭।୧୨(ସମିସ):




ଜାତୀୟରାଜପଥ ନଂ ୧୬ର ଫୁଲନଖରା ଠାରୁ ଅଡଶପୁର, ନିଆଳୀ, ପୁରୀ ଜିଲ୍ଲାର ଚାରିଛକ, ଗୋପ, କୋଣାର୍କ, କାକଟପୁର ଓ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରୁଥିବା ଫୁଲନଖରା-ନିଆଳୀ ରାଜ୍ୟ ରାଜପଥ ନଂ ୬୦ ଗତ ୮ ମାସ ହେଲା ଖାଲଖମାରେ ଭର୍ତ୍ତି ହୋଇପଡିଛି। ଫଳରେ ଏହି ରାସ୍ତା ଦେଇ ଉପରୋକ୍ତ ସ୍ଥାନକୁ ଯାଉଥିବା ବସ୍, କାର, ଅଟୋ ଖାଲଖମାରେ ଭର୍ତ୍ତି ଏହି ରାସ୍ତାରେ ପଡି ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ସବୁଠାରୁ ବେଶି ଦୁର୍ଦ୍ଦଶା ଭୋଗୁଛନ୍ତି ଦୁଇଚକିଆ ଯାନରେ ଯାଉଥିବା ଆରୋହୀମାନେ। ରାସ୍ତାରେ ଏମିତି ଖାଲ ହୋଇଛି ଯେ' ସାଧାରଣ ବାଇକ ଆରୋହୀ ରାତି କଥା ଛାଡନ୍ତୁ ଦିନରେ ଖାଲରେ ପଡି ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହେବା ସହ ଗାଡ଼ି କ୍ଷତିଗସ୍ତ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ପୂର୍ତ୍ତ ବିଭାଗ ସ୍ଥାନୀୟ ପୁଲିସ ସବୁ ଜାଣିଥିଲେ ମଧ୍ୟ ସମସ୍ତେ ଚୁପ୍। ତେବେ, ଏହି ରାସ୍ତାକୁ ୪ ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରିବା ପାଇଁ ୨୪୫ କୋଟି ୧୪ ଲକ୍ଷର ଟଙ୍କାର ଟେଣ୍ଡର ସରକାର ଡାକିବା ପରେ ଠିକାଦାର ମାନେ ଟେଣ୍ଡର ପକାଇବା ଓ ଏହି ୪ ଲେନ୍ ରାସ୍ତା ପାଇଁ ବାଧକ ସାଜିଥିବା ଗଛ ଓ ବିଦ୍ୟୁତ ଖୁଣ୍ଟକୁ ନମ୍ବର କରି ପରେ ୨୪୫ କୋଟି ୧୪ ଲକ୍ଷ ଟଙ୍କାର ଟେଣ୍ଡରକୁ ବାତିଲ କରିବା ପଛର ରହସ୍ୟ କଣ ତାହା ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ଯନ୍ତ୍ରୀଙ୍କୁ ପଚାରିଲେ କେହି ସଠିକ ଉତ୍ତର ଦେଇପାରୁ ନାହାଁନ୍ତି। ଫଳରେ ରାସ୍ତା ବ୍ୟବହାର କରୁଥିବା ପଥଚାରୀମାନେ ରାସ୍ତାର ଖାଲଖମାରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାରେ ଯେଉଁ ପ୍ୟାଚ ପକା କାମ ଚାଲିଛି ତାହା ୫ ଦିନ ମଧ୍ୟରେ ଉଠି ଯାଉଛି।

## ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର



ବଡମ୍ବା/ନରସିଂହପୁର,୭।୧୨(ସମିସ): ନରସିଂହପୁର ବ୍ଲକ ବେଲନାଥ ମନ୍ଦିର ପରିସରରୁ ରବିବାର ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। କିଛିଦିନ ହୋଇଯିବ ଏହି ଅପରିଚିତ ମହିଳା ଏଣେତେଣେ ବୁଲିବୁଲି କରୁଥିଲା ବେଳେ କୌଣସି କାରଣରୁ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ବେଲନାଥ ମନ୍ଦିର ନିକଟରେ କ୍ଷତାକ୍ତ ଅବସ୍ଥାରେ ପଡ଼ିରହିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଥିଲା ବେଳେ ଖବର ପାଇ ସରଧାପୁର ସମିତିସଭ୍ୟ ଶକ୍ତିପ୍ରସାଦ ମିଶ୍ର ନରସିଂହପୁର ପୁଲିସ ସହଯୋଗରେ ତାନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ନରସିଂହପୁର ମୁକ୍ତି ସଂଗଠନର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବ୍ଲକ ବିଏସ୍ଓ ଜ୍ୟୋତିରଞ୍ଜନ ସାହୁ, ନରସିଂହପୁର ପୁଲିସ ପ୍ରଶାସନର ଶ୍ରୀକାନ୍ତ ଦାସ, ଡଲି ମହାରଣା ଏବଂ ମମତା ପ୍ରଧାନ ମହିଳାଙ୍କୁ ବଡ଼ ମେଡ଼ିକାଲକୁ ପଠାଇବାର ସମସ୍ତ ବନ୍ଦୋବସ୍ତ କରିଛନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର

ବଡମ୍ବା,୭।୧୨(ସମିସ): ବଡମ୍ବା ବ୍ଲକ ଗଡ଼ାପୋଖରୀ ପଞ୍ଚାୟତ ଖମାରସାହିସ୍ଥିତ ମୁଖ୍ୟରାସ୍ତା ଉପରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। କଟକ-ନରସିଂହପୁର ମୁଖ୍ୟରାସ୍ତା ଦେଇ କଟକରୁ ନରସିଂହପୁର ଜିଲିଣ୍ଡା ଥାନା ମର୍ଦ୍ଦମୁଖ ଗ୍ରାମକୁ ଫେରୁଥିବା ବେଳେ ରାସ୍ତାର ବାମପାଶ୍ୱର୍ରେ ଜଣେ ଅଜଣା ବ୍ୟକ୍ତି ନାଳ ଭିତରକୁ ଗଳି ପଡ଼ିଥିଲେ। ଗଡାପୋଖରୀ ଗ୍ରାମର ନିଗମ ନାୟକଙ୍କ ସହ ଆଖପାଖର କିଛି ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ବଡମ୍ବା ଡାକ୍ତରଖାନାକୁ ପଠାଇଛନ୍ତି। ବଡମ୍ବା ଥାନା କର୍ମଚାରୀ ଯୁବକଙ୍କ ବାଇକ ଓ ଫୋନକୁ ଜବତ କରି ଥାନାକୁ ଆଣିଛନ୍ତି।

## ମାଙ୍କଡ଼ ଆକ୍ରମଣରେ ଶିକ୍ଷକ ଗୁରୁତର

ମାହାଙ୍ଗା,୭।୧୨(ସମିସ): ପଶୁଲୁଣ୍ଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଜିତେଶ କୁମାର ମହାନ୍ତି ମାଙ୍କଡ଼ ଉତ୍ପାତରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସେ କୁଆଁପାଳ ସାଲେପୁର ପୂର୍ତ୍ତ ସଡକରେ ସାଲେପୁର ଅଞ୍ଚଳକୁ ଯାଉଥିଲା ବେଳେ ଗୌଡପଡା ବଜାର ନିକଟରେ ହଠାତ ମାଙ୍କଡ ଆକ୍ରମଣ କରିବାରୁ ତାଙ୍କ ବାଇକ ସହ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣା ଯୋଗୁ ତାଙ୍କ ହାତଗୋଡରେ ଗଭୀର ଆଘାତ ଲାଗିଥିବାରୁ ସେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଏ ଅଞ୍ଚଳରେ ମାଙ୍କଡ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ବ୍ୟାପକ ଫଳ ପନିପରିବା ଚାଷ ନଷ୍ଟ କରିବା ସହିତ୍ୟ ମୁଖ୍ୟ ରାସ୍ତାରେ ପଥଚାରୀଙ୍କ ପାଇଁ ବପଦ କାରଣ ହୋଇଛି। ଏହି ମାଙ୍କଡ ଦଳକୁ ଅନ୍ୟତ୍ର ଘଉଡ଼ାଇବା ପାଇଁ ସାଧାରଣରେ ଦାବି ହୋଇଛି।

## ଯୁବକଙ୍କ ବିୟୋଗରେ ସ୍ମୃତିସଭା



ତ୍ରିଶୂଳିଆ,୭।୧୨(ସମିସ): ବାରଙ୍ଗ ଥାନା ମଧୁପୁର ପଞ୍ଚାୟତର ମଧୁବନ ଗ୍ରାମର ପୂର୍ବତନ ସରପଞ୍ଚ ସୁମିନା ପ୍ରଧାନଙ୍କ ବଡ଼ପୁଅ ରାହୁଲ ପ୍ରଧାନଙ୍କ ଏକାଦଶରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ଉକ୍ତ ସଭାରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବାଙ୍କୀ ଡମପଡା ଜିଲ୍ଲା ପରିଷଦ ଆଶିଷ ସାହୁ, ବିଜୟ କୁମାର ପଣ୍ଡା, ସୁରେଶ ମହାନ୍ତି, ରଞ୍ଜନ ଭଟ୍ଟ, ଟୁଲୁ ପ୍ରଧାନ, ବାଙ୍କ ବିହାରୀ ମାଝୀ, ପବିତ୍ର ପ୍ରଧାନ, ସନ୍ତୋଷ ନାୟକ ରାହୁଲଙ୍କ ଆତ୍ମାର ସଦଗତି କାମନାରେ ପାଇଁ ନିରବ ପ୍ରାର୍ଥନା କରିଥିଲେ।

## ନହଙ୍ଗ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସଫଳତା



ଭଦ୍ରେଶ୍ୱର,୭।୧୨(ସମିସ): ମାହାଙ୍ଗା ବ୍ଲକ ଭଉଁରିଆ ପଞ୍ଚାୟତସ୍ଥିତ ନହଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟର କୁନି ବୈଜ୍ଞାନିକମାନେ ବିଜ୍ଞାନମେଳାରେ କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ୬ଟି ପ୍ରକଳ୍ପ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନୀତ ହୋଇଥିଲା। ସେଥିରୁ ୪ଟି ପକଳ୍ପ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ବିଜ୍ଞାନମେଳାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଜିଲ୍ଲା ସ୍ତରରେ ଆୟୋଜିତ ବିଜ୍ଞାନ ମେଳାରେ ୨ଟି ପ୍ରକଳ୍ପ ୧ମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛି। ୧୦ମ ଶ୍ରେଣୀର ଛାତ୍ର ନକିବୁର ରହେମାନ ବିଜ୍ଞାନ ପ୍ରକଳ୍ପ "ସବୁଜ ଶକ୍ତିର ଉତ୍ପାଦନ ଓ ସଂରକ୍ଷଣ" ତଥା ୧୦ମ ଶ୍ରେଣୀର ଛାତ୍ରୀ ତନ୍ମୟୀ ଓଝାଙ୍କର ବିଜ୍ଞାନ ପ୍ରକଳ୍ପ "ଜଳ ସଂରକ୍ଷଣର ୭ଟି ଉପାୟ" ୧ମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ ହୋଇଛି। ୧୦ମ ଶ୍ରେଣୀର ଛାତ୍ରୀ ଅଭିଲିପ୍ସା ବେହେରାଙ୍କ ଦ୍ୱାରା ପ୍ରସ୍ତୁତ "ଗଣିତର ଯାଦୁକାରୀ ରହସ୍ୟ" ୨ୟ ସ୍ଥାନ ଓ ୭ମ ଶ୍ରେଣୀର ଛାତ୍ରୀ ମୋନାଲିସା ସାହୁଙ୍କ ବିଜ୍ଞାନ ପ୍ରକଳ୍ପ "୫ଜ ସୂତ୍ର ମାଧ୍ୟମରେ ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁର ପରିଚାଳନା" ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ୩ୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ମାହାଙ୍ଗା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏମାନଙ୍କୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଦନ ମୋହନ ସ୍ୱାଇଁ, ଆଲୁମନି କମିଟିର ସଭାପତି ଅନୀଲ ଜେନା, ପରିଚାଳନା କମିଟି ଓ ଆଲୁମନି କମିଟିର ସଭ୍ୟସଭ୍ୟାବୃନ୍ଦ ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ମିଶ୍ର ଓ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାପାତ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ କର୍ମଚାରୀ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ରତାପାଟ ବ୍ରିଗେଡ୍ ସୈନିକ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା




ବଡମ୍ବା,୭।୧୨(ସମିସ): ବଡମ୍ବା ବ୍ଲକ ରତାପାଟସ୍ଥିତ ଓଡିଶା ବ୍ରିଗେଡ ସ୍କୁଲ ଛାତ୍ରଛାତ୍ରୀ ଜିଲ୍ଲା ପାଇଁ ସମ୍ମାନ ସାଉଁଟି ଭୁବନେଶ୍ୱରରୁ ଫେରିଛନ୍ତି। ଓଡିଶା ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ଦ୍ୱାରା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ବୁଲବୁଲ ଉତ୍ସବ-୨୦୨୫ରେ ଓଡିଶା ବ୍ରିଗେଡ ସ୍କୁଲ ରତାପାଟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଗ୍ରୁପ ଲିଡର ଅଭିମନ୍ୟୁ ବେହେରା ଏବଂ ଫ୍ଲୋକ ଲିଡର ଶ୍ରଦ୍ଧାଞ୍ଜଳି ରାଉତଙ୍କ ତତ୍ତ୍ୱାବଧାନରେ କୋଟରୁ ୬ ଜଣ ଛାତ୍ର ଏବଂ ବୁଲବୁଲରୁ ୭ ଜଣ ଛାତ୍ରୀ ଶିବିରରେ ଯୋଗଦେଇଥିଲେ। ଶିବିରରେ ଫ୍ଲକ ଲିଡର ମିତାଲି ମହାପାତ୍ର ସମସ୍ତ ପିଲାଙ୍କ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିଥିଲେ ସମଗ୍ର ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରୁ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରତାପାଟ ଓଡିଶା ବ୍ରିଗେଡ ସ୍କୁଲ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗ୍ରୁପ ପ୍ରତିଯୋଗିତାରେ ଆୟୋଜିତ ହୋଇଥିବା ରେଡ୍ ଫ୍ଲାଗ କ୍ଲବରେ ୩ୟ ଏବଂ ଯୋଗ ପ୍ରତିଯୋଗିତାରେ ୩ୟ ସ୍ଥାନ ଗ୍ରହଣ କରି କଟକ ଜିଲ୍ଲାର ସମ୍ମାନ ବୃଦ୍ଧି କରିଛନ୍ତି। ସେହିପରି ବ୍ୟକ୍ତିଗତ ପ୍ରତିଯୋଗିତାରେ ଅଙ୍କିତା ନାୟକ, ରାମ୍ପୱାକ୍ (ସ୍ୱର୍ଣ୍ଣ), ନୃତ୍ୟରେ (୨ଟି ସ୍ୱର୍ଣ୍ଣ) ଓ ମାସ୍କ ମେକିଙ୍ଗ (ସ୍ୱର୍ଣ୍ଣ) ମେଡାଲ ପାଇଛନ୍ତି। ସେହିପରି ସ୍ମିତି ପ୍ରଧାନ ରଙ୍ଗୋଲିରେ (ସ୍ୱର୍ଣ୍ଣ) ନୃତ୍ୟ (ରୌପ୍ୟ), ରାମ୍ପୱାକ (ରୌପ୍ୟ) ପାଇଛନ୍ତି। ରାଜସ୍ମିତା ଦାସ ନୃତ୍ୟରେ (ରୌପ୍ୟ) ପାଇଛନ୍ତି। ରଞ୍ଜନ ସିଠ ଚିତ୍ରାଙ୍କନ (ସ୍ୱର୍ଣ୍ଣ) ମାସ୍କ ମେକିଂ (ରୌପ୍ୟ) ମେଡାଲ ପାଇଛନ୍ତି ଈଶ୍ୱର ନାୟକ, ଦେବାଂଶୀ ପ୍ରିୟଦର୍ଶିନୀ ପ୍ରଧାନ ମୀନାବଜାର ୩ୟ ସ୍ଥାନ ଆଜି କୃତକାର୍ଯ୍ୟ ହୋଇ ସ୍କୁଲ ଫେରିଥିବା କ୍ଲବ ବୁଲବୁଲ ଟିମର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ଭବ୍ୟ ସ୍ୱାଗତ କରାଯାଇଛି। ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଉପଦେଷ୍ଟାମଣ୍ଡଳୀ ଓ ସ୍ଥାନୀୟ ସରପଞ୍ଚ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

## ମାହାଙ୍ଗା ବ୍ଲକ୍ ଯାତ୍ରା କମିଟି ସଂଘର ବୈଠକ



ମାହାଙ୍ଗା,୭।୧୨(ସମିସ): ମାହାଙ୍ଗା ବ୍ଲକ ଯାତ୍ରାକମିଟି ସଂଘ ପକ୍ଷରୁ ବଣ୍ଡୁଆ ମହାପୁରୁଷ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ଯାତ୍ରା କମିଟି ସଭପତି ଚିତ୍ତରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୬ଟି ଯାତ୍ରା କମିଟି ବିଶେଶ୍ୱର ଯାତ୍ରାକମିଟି (ମାହାଙ୍ଗା), କାର୍ତ୍ତିକେଶ୍ୱର ପୂଜାକମିଟି (କୁଆଁପାଳ), ହରଗୌରୀ ପୂଜାକମିଟି (ଗୌଡ଼ପଡା), ଶିବାନୀ ଯାତ୍ରା କମିଟି (ଓଳାଶୁଣି), ଇଛାବଟ ଯାତ୍ରାକମିଟି (ଖର୍ଡାଙ୍ଗ), ମା ତାରିଣୀ ଯାତ୍ରାକମିଟି (ଆଲୁନଟା) ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସଂଘର ସଭାପତି ମିହିର ସାମଲ, କଟକ ଜିଲ୍ଲାର ସଂଘର ସମ୍ପାଦକ ମହେଶ୍ୱର ବେହେରା ମାଲିକଙ୍କ ଅହେତୁକ ଦର ବୃଦ୍ଧି ପାଇଁ ଯାତ୍ରା କମିଟି କ୍ଷତି ସହୁଥିବାରୁ କମିଟିକୁ ସୁହାଇଲା ଭଳି ଯାତ୍ରାପାର୍ଟି ବୁକିଂ କରିବା ଏବଂ ମାହାଙ୍ଗା କଳା ସଂସ୍କୃତିର ମାଟି ଓ ଗଣକବି ବୈଷ୍ଣବ ପାଣିଙ୍କ ମାଟିରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଯିବ ନାହିଁ ବୋଲି ସହମତି ପ୍ରକାଶ କରିଥିଲେ।

## ରାମକୃଷ୍ଣ ଆଦର୍ଶ ବିଦ୍ୟାଳୟରେ ମୀନାବଜାର



ଫୁଲନଖରା,୭।୧୨(ସମିସ): ବାରଙ୍ଗ ବ୍ଲକ ଜିଗିନିପୁରସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୀନାବଜାର ଅନୁଷ୍ଠିତ ହୋଇଯାଇଛି। ମୀନାବଜାରରେ ୨୫ରୁ ଉର୍ଦ୍ଧ୍ୱ ସୁଷମ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସଭାପତି ଆଇନଜୀବୀ ଦିଲ୍ଲୀପ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଭୁବନେଶ୍ୱର ହୋଟେଲ ମ୍ୟାନେଜମେଣ୍ଟର ଅଧ୍ୟାପକ ଅରୁଣ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ଉପଦେଷ୍ଟା କାନନ ବିହାରୀ ନାୟକ, ସାମ୍ବାଦିକ ରମେଶଚନ୍ଦ୍ର ପ୍ରଧାନ, ଜୟସୂର୍ଯ୍ୟ ପତି ଓ ସଂପାଦକ ରଣଜିତ ପାତ୍ର ଜଙ୍କ୍ ଫୁଡ୍ ଠାରୁ ଛାତ୍ରଛାତ୍ରୀଙ୍କୁ ଦୂରେଇ ରଖିବାକୁ ଅଭିଭାବିକାଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ମାଣ୍ଡିଆ ଓ ପାଳଙ୍ଗ ଶାଗ ପ୍ରସ୍ତୁତ ଖାଦ୍ୟଗୁଡିକ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ବିଦ୍ୟାଳୟର ଅଧ୍ୟକ୍ଷା କୁଦରତୁନ୍ ନିଶା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିନୋଦ ପାତ୍ର, ସଂଧ୍ୟାରାଣୀ ବେହେରା, ନର୍ଗିସ ଖାନମ୍, ରୂପାଲି ସାମଲ, ବୈଜୟନ୍ତୀ ନାୟକ, ସ୍ୱାଗତିକା ମୂଳିଆ, ପ୍ରିୟଙ୍କା ଦାଶ ଓ ମିତାଲି ମଧୁସ୍ମିତା ଜେନା ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

● ଶଙ୍ଖାମେରୀ ପ୍ରିମିୟର୍ ଲିଗ୍

## ସିଆରେନ୍ ଇଲେଭେନ୍ ତାଳଚେର ଚାମ୍ପିଅନ




ବଡମ୍ବା,୭।୧୨(ସମିସ): ବଡ଼ମ୍ବା ବ୍ଲକ୍ ଶଙ୍ଖାମେରୀ ହାଇସ୍କୁଲ ପଡ଼ିଆରେ ବାପୁଜୀ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ଶଙ୍ଖାମେରୀ ପ୍ରିମିୟର୍ ଲିଗ୍ ଫାଇନାଲ୍ ମ୍ୟାଚ୍‌ରେ ଇମେଜ ଇଲେଭେନ୍, ଭଦ୍ରକକୁ ହରାଇ ସିଆରେନ୍ ଇଲେଭେନ୍, ତାଳଚେର ଚାମ୍ପିଅନ ହୋଇଛି। ବିଙ୍କପ୍ରସାଦ ମ୍ୟାନ୍ ଅଫ ଦ ମ୍ୟାଚ୍ ହୋଇଥିବା ବେଳେ ଇମେଜ ଇଲେଭନ ଦଳର ହିମାଂଶୁ ଶେଖର ଧଳ ମ୍ୟାନ୍ ଅଫ ଦ ସିରିଜ୍ ଓ ହୀରାଲାଲ ମେଣ୍ଡିସ ବେଷ୍ଟ୍ ବୋଲର ପୁରସ୍କାର ଅର୍ଜନ କରିଛନ୍ତି। ବିଧାୟକ ବିଜୟ ଦଳବେହେରା ମୁଖ୍ୟଅତିଥି, ବଡ଼ମ୍ବା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, କଟକ ସେବା ସଂଗଠନର ମୁଖ୍ୟ ପପୁ ପାତ୍ର, ଇଚ୍ଛାପୁର ସରପଞ୍ଚ ଚିନ୍ତାମଣି ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଖେଳକୁ ଜ୍ଞାନ ରଞ୍ଜନ ଏବଂ ସତ୍ୟନାରାୟଣ ସାବତ ପରିଚାଳନା କରିଥିବା ବେଳେ କମିଟିର ସନ୍ତୋଷ ବିଶ୍ୱାଳ, ନିଲୁଆ ନନ୍ଦ, ଜ୍ଞାନ ସ୍ୱାଇଁ, ତାପସ ପରିଚାଳନା କରିଥିଲେ।

## ସେତୁରେ ଦୁଇ ଗାଡ଼ି ମୁହାଁମୁହିଁ; ଦୁଇ ଗୁରୁତର

ତ୍ରିଶୂଳିଆ,୭।୧୨(ସମିସ): ସୁଭାଷ ସେତୁ ଉପରେ ସ୍କୁଟି-ପଲସର ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ରବିବାର ଅପରାହ୍ନ ୪ଟା ସମୟରେ କଟକରୁ ତ୍ରିଶୂଳିଆ ଅଭିମୁଖେ ଆସୁଥିବା ପଲସର ଓଡି ୦୫ଡି ୨୬୩୪ ଗାଡ଼ି ସହ ବିପରୀତ ଦିଗରୁ ଆସୁଥିବା ଓଡି ୦୫ଏଏଲ ୦୧୯୫ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଉଭୟ ଗାଡ଼ି ଭାଙ୍ଗିରୁଜିଯିବା ସହ ଉଭୟ ଚାଳକ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ବାରଙ୍ଗ ଥାନା ପୁଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ମନ ମୋହିଲା ଘୋଡ଼ା ନାଚ ଓ ମେଲୋଡି



ବଡ଼ମ୍ବା,୭।୧୨(ସମିସ): ରତାପାଟ ଆଞ୍ଚଳିକ ମହାଲକ୍ଷ୍ମୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଘୋଡ଼ା ନାଚ ଓ ଗୀତ ଅଞ୍ଚଳ ମେଲୋଡିରେ ଦର୍ଶକ ମତୁଆଲା। ମହୋତ୍ସବ କମିଟିର ସଭାପତି ରଜନୀକାନ୍ତ ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ମାଳତୀ ସରପଞ୍ଚ ରତ୍ନାକର ବେହେରା, ରତାପାଟ ସରପଞ୍ଚ ମଗିରାମ ବେହେରା, ଶିକ୍ଷାବିତ କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଚତୁର୍ଥ ଦିବସରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ଘୋଡା ନାଚ ଓ ଗୀତ ମେଲୋଡିରେ ମୋହିତ ହୋଇଥିଲେ। ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟପେୟ ସହ ରାମଦୋଳିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଖେଳିବା ଷ୍ଟଲରେ ଭିଡ଼ ଜମିଛି। କମିଟିର ରବୀନ୍ଦ୍ର ଦାସ, ରବୀନ୍ଦ୍ର ସେଠୀ, ଦୁଃଶାସନ ପଲେଇ, ରାମଚନ୍ଦ୍ର ମହାପାତ୍ର, ପ୍ରଦୀପ୍ତ ପଣ୍ଡା, ସୋମନାଥ ଖୁଣ୍ଟିଆ, ପ୍ରସନ୍ନ ପ୍ରଧାନ ମଞ୍ଚ କାର୍ଯ୍ୟକ୍ରମ କରିଥିଲେ। ଶିକ୍ଷକ ସମୀର ରାଉତ ସଂଯୋଜନାରେ ରତାପାଟ ଗ୍ରାମପଞ୍ଚାୟତ ହାଇସ୍କୁଲ ଛାତ୍ରୀମାନେ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ନେତା କଳିଙ୍ଗ କେଶରୀ ପ୍ରଧାନ ପରିଚାଳନା କରିଥିଲେ।

## ସଦର ଥାନାଞ୍ଚଳ ଶାନ୍ତି କମିଟି ପକ୍ଷରୁ ବନ୍ଧୁମିଳନ



ଫୁଲନଖରା,୭।୧୨(ସମିସ): କଟକ ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ବିଶାଳ ବନ୍ଧୁମିଳନ କାର୍ଯ୍ୟକ୍ରମ ଦାରୁଠେଙ୍ଗ ନିକଟବର୍ତ୍ତୀ ମା' ବନଦୁର୍ଗା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ ଚଳିତ ବର୍ଷ ବିଭିନ୍ନ ପୂଜାପାର୍ବଣରେ ଆଞ୍ଚଳିକ ଶାନ୍ତି କମିଟିର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ୪ଟି ୱାର୍ଡର ବିଭିନ୍ନ ସମସ୍ୟାକୁ ସମାଧାନ ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବରେ ୪୮ ଭାଗ ମହନ୍ତ ବନମାଳି ଦାସ, ବରିଷ୍ଠ ଉପଦେଷ୍ଟା ପୀତବାସ ମହାପାତ୍ର, ଡ. ଶରତ ରଥ ଓ ଶ୍ରୀସନ୍ନ୍ୟାସୀଜୀ, ସଭାପତି ନିମାଇଁ ଚରଣ ଲେଙ୍କା, କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, ସଂପାଦକ ସୁରେନ୍ଦ୍ର ମହାପାତ୍ର, ଯୁଗ୍ମ ସଂପାଦକ ନଳିନୀ ସେନାପତି, କୋଷାଧ୍ୟକ୍ଷ ସୁଶାନ୍ତ ମହାନ୍ତି ପ୍ରମୁଖ ଶାନ୍ତି କମିଟିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କର୍ପୋରେଟର ମମତା ମହାନ୍ତି, ଜନାର୍ଦ୍ଦନ ପରିଡା, ପୂର୍ଣ୍ଣିମା ସ୍ୱାଇଁ ଓ ୪ନଂ ଜୋନ୍ ଜିଲ୍ଲା ପରିଷଦ ଆଶାଲତା ବେହେରା, ବାଦଲ ଜେନା, ଅନୀଲ ବେଉରା, ଦିଲ୍ଲୀପ ମହାରଣା, କବି ନାରାୟଣ ଜେନା, କୌଶିକ ଜେନା, କଳ୍ପତରୁ ଖୁଣ୍ଟିଆ, ସମରେନ୍ଦ୍ର ହାତୀ ଉପସ୍ଥିତ ଥିଲେ। ସଦର ଥାନାଞ୍ଚଳର ମହାଦେବ ପୂଜା କମିଟି, ଦୁର୍ଗାପୂଜା କମିଟି ଓ ଲକ୍ଷ୍ମୀପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ଶାନ୍ତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଦିଲ୍ଲୀପ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିଷମରା ଦନ୍ତା ଆତଙ୍କ: ବନ ବିଭାଗ ଚୁପ

ଟାଙ୍ଗୀ,୭।୧୨(ସମିସ):



ଟାଙ୍ଗୀ ଚୌଦ୍ୱାର ଅଞ୍ଚଳରେ ହାତୀପଲଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ହାତୀ ଆକ୍ରମଣରେ ଗୋଟିଏ ମାସରେ ଦୁଇ ଜଣଙ୍କ ଜୀବନ ଗଲାଣି। ବନ ବିଭାଗ ତତ୍ପରତା ଶିଥିଳ ଥିବା ଭଳି ମନେ ହେଉଛି। ନଭେମ୍ବର ଆଠ ତାରିଖରେ ହାତୀ ଆକ୍ରମଣରେ ଅଭୟପୁର ଗ୍ରାମର ଜଣେ ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଏହା ବିରୁଦ୍ଧରେ ସ୍ଥାନୀୟ ଅଞ୍ଚଳବାସୀ ଟାଙ୍ଗୀ ହରିପୁର ରାସ୍ତା ଅବରୋଧ କରିଥିଲେ। ବୈରୀ ଡାଳିଯୋଡା ବନଖଣ୍ଡ ଅଧିକାରୀ ପହଞ୍ଚି ଟ୍ରାଙ୍କୁଲାଇଜ କରି ମଣିଷ ମରା ଦନ୍ତାକୁ ଏଠାରୁ ନେଇଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଦନ୍ତାକୁ ସେମାନେ ନ ନେବା ଫଳରେ ଗହଣ୍ଡା ଗ୍ରାମର ଜଣେ ଆଦିବାସୀ ଲୋକକୁ ଆକ୍ରମଣ କରି ମାରିଦେଇଥିବା ଦେଖିବାକୁ ମିଳିଥିଲା। ତେବେ ବର୍ତ୍ତମାନ ଧାନ ଫସଲ ଅମଳ ସମୟ। ଏହି ସମୟରେ ହାତୀଙ୍କ ଉତ୍ପାତରେ ଧାନ ଫସଲ ନଷ୍ଟ ହେବାରେ ଲାଗିଛି। ହାତୀ ଭୟରେ ଚାଷୀ ଆତଙ୍କିତ ହେଉଥିବା ଦେଖିବାକୁ ମିଳିଛି। ଦିନ ସମୟରେ ହାତୀପଲ ରାସ୍ତାରେ ଯାଉଥିବାରୁ ବାଟୋଇ ଯିବାକୁ ଭୟ କରୁଛନ୍ତି। ଏପରିକି ଅଞ୍ଚଳର ବିଭିନ୍ନ ବଜାରରେ ହାତୀ ଉତ୍ପାତ କରୁଥିବା ଜଣାପଡିଛି। ବିଶେଷକରି ସଫା, କରଞ୍ଜି, ଗରୁଡ଼ଗାଁ, ଶାଳଗାଁ, ବ୍ରହ୍ମପୁର, ଶଙ୍କରପୁର, ମହିଷାଲଣ୍ଡା, ମଙ୍ଗରାଜପୁର, କନ୍ହେଇପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ହାତୀ ଫସଲ ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ଯଥାଶୀଘ୍ର ଉକ୍ତ ମଣିଷ ମରା ହାତୀକୁ ଟାଙ୍କୁଲାଇଜ କରି ନେଇଯିବାକୁ ସାମାଜିକ କର୍ମୀ ରକ୍ଷ୍ୟାନନ୍ଦ ସ୍ୱାଇଁ ଦାବି କରିଛନ୍ତି।

## ଭୁବନେଶ୍ୱର ସିଟି



# ଯୁବକଙ୍କୁ ଛୁରାମାଡ଼ କଲା ସ୍ତ୍ରୀର ପ୍ରେମିକ

ଭୁବନେଶ୍ୱର, ୭।୧୨ (ସମିସ):



**ଲୁଟିନେଲା ସୁନା ଚେନ ଓ ୫୦ ହଜାର ଟଙ୍କା**

**ବେକ, ହାତ ଓ ଗାଲରେ ଗଭୀର କ୍ଷତ**

ପତ୍ନୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବା କାଳ ହୋଇଛି। ସ୍ୱାମୀକୁ ଅପହରଣ କରି ଛୁରାମାଡ଼ କରିଛି ସ୍ତ୍ରୀର ପ୍ରେମିକ। ଲିଙ୍ଗିପୁର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ସିଡିଏ ଫେଜ୍ ୨ ଅଞ୍ଚଳର ଏସକେ ଅବଦୁଲ ହମିଦ୍ ଗୁରୁତର ହୋଇଛନ୍ତି। ଏନେଇ ଧଉଳି ଥାନାରେ ଅଭିଯୋଗ ହୋଇଥିବା ବେଳେ ପତ୍ନୀଙ୍କ ପ୍ରେମିକ ତଥା ଅଭିଯୁକ୍ତ ରାଜା ଖାଁ ଫେରାର ହୋଇ ଯାଇଛି।

ଅଭିଯୋଗ ଅନୁଯାୟୀ, ସିଡିଏ ଫେଜ୍ ୨ ରେ ରହୁଥିବା ଯାଜପୁର ଜିଲ୍ଲା ବରୀ ଥାନା ଅରୁଆଳ ଗାଁର ଏସକେ ଅବଦୁଲ ବିବାହ କରିଥିବା ବେଳେ ୮ ବର୍ଷର ପୁଅ ମଧ ରହିଛି। ଗତ ଜାନୁୟାରୀ ମାସରେ ତାଙ୍କ ପତ୍ନୀ ଓ ପୁଅ ହଠାତ୍ କେଉଁଆଡ଼େ ପଳାଇଥିଲେ। ଏନେଇ ସେ ସ୍ଥାନୀୟ ଥାନାରେ ଅଭିଯୋଗ ମଧ କରିଥିଲେ। ପତ୍ନୀ ତାଙ୍କ ପ୍ରେମିକ ରାଜା ସହ ପଳାଇଥିବା ପରେ ଜାଣିବାକୁ ପାଇଥିଲେ। ବିଭିନ୍ନ ସମୟରେ ରାଜା ସହ ଫୋନରେ ମଧ ଯୁକ୍ତିତର୍କ ମଧ ହେଉଥିଲା।

ଅବଦୁଲ ଗତକାଲି ସନ୍ଧ୍ୟାରେ କୌଣସି କାମରେ ପିପିଲି ଯାଇ ରାତି ପ୍ରାୟ ୧୦ଟା ବେଳକୁ ଘରକୁ ଫେରୁଥିଲେ। ସେହି ସମୟରେ ରାଜା ତାଙ୍କୁ ଫୋନ୍ କରି ଧଉଳି ଛକକୁ ଡକାଇ ସ୍ତ୍ରୀ ଓ ପୁଅକୁ ସାଙ୍ଗରେ ନେଇଯିବାକୁ କହିଥିଲା। ଅବଦୁଲ ଖୁସି ହୋଇ ଧଉଳି ଛକରେ ପହଞ୍ଚିବା ପରେ ରାଜା ତାଙ୍କ କାରର ପଛ ସିଟରେ ବସି ପଡ଼ିଥିଲା। ଅବଦୁଲ ପତ୍ନୀ ଓ ପୁଅ କଥା ପଚାରିବାରୁ ରାଜା ଗାଡ଼ି ଆଗକୁ ନେବା ପାଇଁ କହିଥିଲା। ରାଜା କହିବା ମୁତାବକ ଅବଦୁଲ ଟଙ୍କପାଣି ରୋଡ ସାଇ ମନ୍ଦିର ବାଙ୍କୁଆଳ ଆଡ଼କୁ ଗାଡ଼ି ଚଳାଇଥିଲେ। ଏହାପରେ ବାଙ୍କୁଆଳରୁ ଲିଙ୍ଗିପୁର ରାସ୍ତାରେ ଗାଡ଼ି ଯିବାକୁ କହିଥିଲା। ଅନ୍ଧାରିଆ ସ୍ଥାନ ଦେଖି ରାଜା ହଠାତ୍ ଛୁରିରେ ଅବଦୁଲଙ୍କୁ ଆକ୍ରମଣ କରିଥିଲା। ଅବଦୁଲ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ବେଳେ ରାଜା ତାଙ୍କ ବେକ, ଗାଲ, ହାତ ଓ ଗୋଡ଼କୁ ଛୁରା ମାଡ଼ କରି ଚାଲିଥିଲା। ଅବଦୁଲ ଗାଡ଼ି ରଖିବା ପରେ ଉଭୟଙ୍କ ମଧରେ ଧସ୍ତାଧସ୍ତି ହୋଇଥିଲା। ସୁଯୋଗ ନେଇ ରାଜା ତାଙ୍କ ଠାରୁ ୫୨ ହଜାର ଟଙ୍କା, ସୁନା ଚେନ ଓ ମୋବାଇଲ ଫୋନ୍ ଛଡ଼ାଇ ନେଇ ଫେରାର ହୋଇ ଯାଇଥିଲା।

ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଅବଦୁଲ ଗାଡ଼ି ଚଳାଇ କିଛି ବାଟ ଆସିବା ପରେ ଲୋକମାନଙ୍କୁ ସାହାଯ୍ୟ ମାଗିଥିଲେ। ଲୋକମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବଦୁଲଙ୍କ ଶରୀରର କ୍ଷତ ହୋଇଥିବା ସ୍ଥାନରେ ପ୍ରାୟ ୫୦ଟି ଷ୍ଟିଚ୍ ପଡ଼ିଛି। ଖବରପାଇ ଧଉଳି ଥାନା ପିସିଆର ଘଟଣାସ୍ଥଳରେ ପହଞ୍ଚିଥିଲା। ଏ ନେଇ ଅବଦୁଲ ଆଜି ଧଉଳି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପତ୍ନୀ ଓ ତାଙ୍କ ପ୍ରେମିକ ରାଜା ମିଶି ତାଙ୍କୁ ମାରିଦେବାକୁ ଚକ୍ରାନ୍ତ କରିଥିବା ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ସିସିଟିଭି ଅଣ୍ଡାଳୁଥିଲେ ମଧ ଏପର୍ଯ୍ୟନ୍ତ ରାଜା ପାଖରେ ପହଞ୍ଚି ପାରିନାହିଁ।

# ସିଭିଲ ଇଞ୍ଜିନିୟରଙ୍କୁ ଛୁରାମାଡ଼

## ଦୁର୍ବୃତ୍ତଙ୍କୁ ଧରିବାକୁ କମିସନରେଟ୍ ପୁଲିସର ଛାନ୍‌ଭିନ୍

ଭୁବନେଶ୍ୱର, ୭।୧୨ (ସମିସ): ଶିଶୁପାଳଗଡ଼ର ଇଲା ସାହିରେ ଜଣେ ସିଭିଲ ଇଞ୍ଜିନିୟରଙ୍କୁ ଛୁରାମାଡ ହୋଇଛି। ସେ ହେଲେ ବିଜୟ ସାହୁ ନାମକ। ତାଙ୍କ ଘର ସାମ୍ନାରେ ଚାରି ଜଣ ଦୁର୍ବୃତ୍ତ ଆସି ଛୁରାମାଡ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ମୁତାବକ, ଇଞ୍ଜିନିୟର ଶ୍ରୀ ସାହୁ ମୁମ୍ବାଇରେ କାମ କରନ୍ତି। ସେ ଭୁବନେଶ୍ୱର ଆସିଥିବା ବେଳେ ତାଙ୍କ ଘର ସାମ୍ନାରେ ଦୁର୍ବୃତ୍ତ ଛୁରାମାଡ଼ କରିଥିଲେ। ଦାଦାବଟିକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଏଭଳି ଛୁରାମାଡ଼ କରିଛନ୍ତି ବୋଲି ଅନୁମାନ କରାଯାଉଛି। ଆହାତ ଇଞ୍ଜିନିୟର ଶ୍ରୀ ସାହୁଙ୍କୁ ରକ୍ତାକ୍ତ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଖବର ପାଇ କମିଶନରେଟ୍ ପୁଲିସ ଟିମ୍ ତଦନ୍ତ ଆରମ୍ଭ କରିଛି। ଛୁରାମାଡ ପରେ ଇଞ୍ଜିନିୟର ଶ୍ରୀ ସାହୁ ରକ୍ତାକ୍ତ ଅବସ୍ଥାରେ ଥାନା ଆଡକୁ ଦୌଡ଼ିଥିଲେ। ପରେ ପିସିଆର ୧୨ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିବାରୁ ତାଙ୍କ ଜୀବନ ବର୍ତ୍ତି ଯାଇଥିବା ଶ୍ରୀ ସାହୁ କହିଛନ୍ତି। ଏ ସମ୍ପର୍କରେ ତାଙ୍କ ପତ୍ନୀ କହିଛନ୍ତି ଶିଶୁପାଳ ଗଡ଼ର କିଛି ଦୁର୍ବୃତ୍ତ ନିଶା ଖାଇ ଉତ୍ପାତ କରନ୍ତି। ଶନିବାର ତାଙ୍କ ଘରକୁ ଆସୁଥିବା ଲୋକଙ୍କୁ ଟଙ୍କା ମାଗିଥିଲେ। ଏ ନେଇ ବିରୋଧ କରିବାରୁ ତାଙ୍କୁ ଟାର୍ଗେଟ କରିଥିଲେ। ଗତକାଲି ଏନେଇ ଥାନାରେ ସେ ଏତଲା ଦେଇଥିଲେ। ଥାନାରେ କାହିଁକି ରିପୋର୍ଟ ଦେଲ ବୋଲି କହିବା ସହ ଏଭଳି ସଙ୍ଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ଆଣିଛନ୍ତି। ପୁଲିସ ଦୁର୍ବୃତ୍ତଙ୍କୁ ଧରିବାକୁ ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରୁଥିବାବେଳେ ପୁଲିସ ଏକାଧିକ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି।

# ବିଧାନସଭାରେ ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନ ବିରୋଧରେ ସତ୍ୟାଗ୍ରହ

ଭୁବନେଶ୍ୱର, ୭।୧୨ (ସମିସ): ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ବିରୋଧରେ ରାଜ୍ୟ ବିଧାନସଭାର ଚଳିତ ଅଧିବେଶନରେ ନୀଳଗିରି ବିଧାୟକ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ରବିବାର ମହାତ୍ମା ଗାନ୍ଧୀ ପାର୍କ ଜନତା ମୈଦାନ ଭୁବନେଶ୍ୱର



ଠାରେ ଗାନ୍ଧୀ ବିଚାର ଅଭିଯାନ ତଥା ଅନ୍ୟାନ୍ୟ ନାଗରିକ ସଂଗଠନଗୁଡ଼ିକର ମିଳିତ ଆୟୋଜନରେ ସତ୍ୟାଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗାନ୍ଧିଜୀ ଆଉ ଓଡ଼ିଶାର ସମ୍ପର୍କ ବିଷୟରେ ଆଲୋଚନା ହୋଇଥିଲା। କାହାକୁ ସନ୍ତୁଷ୍ଟ କରିବା ପାଇଁ ଗାନ୍ଧୀଙ୍କୁ ଗାଳି ଦେବା ଉତ୍କଳ ମାଟିର ଏକ ଅକୃତଜ୍ଞ ସନ୍ତାନ ହିଁ କରିପାରେ ବୋଲି ମତପ୍ରକାଶ ପାଇଥିଲା। ଗାନ୍ଧୀଙ୍କର ସଶକ୍ତ ଅସ୍ତ୍ର ଅହିଂସକ ସତ୍ୟାଗ୍ରହ ଜରିଆରେ ଆଜି ରାଜ୍ୟର ପ୍ରଖ୍ୟାତ ଗାନ୍ଧିବାଦୀ ଓ ନାଗରିକ ସମାଜ ନେତୃତ୍ୱ ଦାବି କରିଛନ୍ତି ଯେ ସମ୍ପୃକ୍ତ ବିଧାୟକ ତୁରନ୍ତ ସର୍ବସାଧାରଣରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ। ବାଚସ୍ପତି ତାଙ୍କୁ ଚଳିତ ବିଧାନସଭାରୁ ନିଲମ୍ବିତ କରି ତାଙ୍କୁ ନିଜର ତଥା ରାଜ୍ୟବାସୀଙ୍କ ଅକୃତଜ୍ଞତା କଳଙ୍କ ଲିଭେଇବାରେ ସାହାଯ୍ୟ କରନ୍ତୁ। ନଚେତ ଆଗାମୀ ଉତ୍ତର ପିଢ଼ି ତାଙ୍କୁ କେବେ ବି କ୍ଷମା କରିବେ ନାହିଁ। ଏହି ସତ୍ୟାଗ୍ରହରେ ଗାନ୍ଧୀ ବିଚାର ଅଭିଯାନର ଆବାହକ ମଣ୍ଡଳ ତରଫରୁ ସର୍ବସେବା ସଂଘର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ମହାପାତ୍ର, ମାନବାଧିକାର ପ୍ରବକ୍ତା ମନୋଜ ଜେନା, ଲେଖକ ଓ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ, ଉତ୍କଳ ସର୍ବୋଦୟମଣ୍ଡଳ ଅଧ୍ୟକ୍ଷ ମିହିର ପ୍ରତାପ ଦାସ, ଗାନ୍ଧୀ ସ୍ମାରକ ନିଧିର କେନ୍ଦ୍ରୀୟ ଟ୍ରଷ୍ଟି ବିଶ୍ୱଜିତ ରାୟ, ବିଜେଡି ବିଧାନସଭାର ଉପମୁଖ୍ୟ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ସିପିଆଇ ଏମ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଓ ବରିଷ୍ଠ ନେତା ସନ୍ତୋଷ ଦାସ, ଜନେଶ୍ୱର ସାମନ୍ତରାୟ, ସିପିଆଇ ଏମଲର ନେତା ମହେନ୍ଦ୍ର ପରିଡ଼ା, ମହାନଦୀ ବଞ୍ଚାଓ ଅନ୍ଦୋଳନର ଆବାହକ ସୁଦର୍ଶନ ଦାସ, ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଙ୍ଘର ସମ୍ପାଦକ ବିଜୟ ତ୍ରିପାଠୀ, ଓଡ଼ିଶା ନାଗରିକ ସମାଜର ଉପ ସଭାପତି ଇଂ ଲଳିତ ମୋହନ ପଟ୍ଟନାୟକ, ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଏକତା ପରିଷଦର ଆବାହକ ବିଜୟ ପ୍ରଧାନ, ବରିଷ୍ଠ ଅଧିବକ୍ତା ଜୟନ୍ତ ଦାସ, ଓଡ଼ିଆ ଅସ୍ମିତା ଅଭିଯାନର ଆବାହକ ରବି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟାଗ୍ରହରେ ସୂତ୍ର ଯଜ୍ଞ ଆଉ ସର୍ବ ଧର୍ମ ପ୍ରାର୍ଥନା ସହ ରାମଧୁନ ଗାନ କରାଯାଇ ଥିଲା।

# ଭେଣ୍ଡିଂ ଜୋନ୍‌କୁ ନେଇ ବିବାଦ: ମହିଳାଙ୍କୁ ସଙ୍ଘବଦ୍ଧ ଆକ୍ରମଣ

ଭୁବନେଶ୍ୱର, ୭।୧୨ (ସମିସ): ଭେଣ୍ଡିଂ ଜୋନ୍ ନ ଛାଡ଼ିବାରୁ ସଙ୍ଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି ହୋଟେଲ କରିଥିବା ଜଣେ ମହିଳା। ମହିଳାମାନେ ଦୋକାନର ସାମଗ୍ରୀ ଫୋପଡ଼ା ଫିଙ୍ଗା କରିବା ସହ ସଙ୍ଘବଦ୍ଧ ଆକ୍ରମଣ

**ଖାଦ୍ୟ ସାମଗ୍ରୀ ଫିଙ୍ଗି ତାଲା ପକାଇଲେ**

**ଅସହାୟ ପାଲଟିଗଲା ପୁଲିସ**



କରିଛନ୍ତି। ଏଥିସହିତ ଜୋରଜବରଦସ୍ତ ତାଙ୍କ ଦୋକାନରେ ତାଲା ପକାଇ ଦେଇଛନ୍ତି। ଡୁମୁଡୁମା ଅଞ୍ଚଳରେ ଆଜି ଏଭଳି ଘଟଣା ଦେଖିବାକୁ ମିଳିଛି।

ଅଭିଯୋଗ ଅନୁଯାୟୀ, ଡୁମୁଡୁମା ସ୍ଥିତ ଆଦର୍ଶ ଭେଣ୍ଡିଂ ଜୋନ୍ ପାଇବା ପରେ ଅନ୍ୟ ଜଣେ ମହିଳାଙ୍କୁ ଭଡ଼ାରେ ଦେଇ ଦେଇଥିଲେ। ଭଡ଼ା ନେଇଥିବା ମହିଳା ଜଣକ ସେଠାରେ ଏକ ହୋଟେଲ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ କିଛି ଦିନ ପରେ ମାଲିକ ଓ ଭଡ଼ା ନେଇଥିବା ମହିଳାଙ୍କ ମଧରେ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ମାଲିକ ତାଙ୍କୁ ଭେଣ୍ଡିଂ ଜୋନ୍ ଛାଡ଼ିବାକୁ କହିଥିଲେ। ଘର ଛାଡ଼ିବାକୁ ନେଇ ବିବାଦ ତୀବ୍ର ହେବାରୁ କଥା ଯାଇ ଖଣ୍ଡଗିରି ଥାନାରେ ପହଞ୍ଚିଥିଲା। ସେଠାରେ ଉଭୟଙ୍କ ମଧରେ ଆପୋସ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ ହେବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଘର ଛାଡ଼ିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଉକ୍ତ ସମୟସୀମା ଏଯାଏଁ ପୂର୍ଣ୍ଣ ହୋଇନାହିଁ।

ସବୁଦିନ ଭଳି ରବିବାର ମଧ ମହିଳା ଜଣକ ଭାତ, ଡାଲି, ତରକାରୀ ଆଦି ରୋଷେଇ କରି ହୋଟେଲ ଖୋଲିଥିଲେ। ଦ୍ୱିପ୍ରହର ସମୟରେ ୧୫ରୁ ଅଧିକ ମହିଳା ହଠାତ୍ ମାଡ଼ି ଆସିଥିଲେ। ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଟେବୁଲ୍ ଉପରେ ରଖା ଯାଇଥିବା ଖାଦ୍ୟ ସାମଗ୍ରୀକୁ ଫୋପାଡ଼ି ଦେବା ସହ ହୋଟେଲ କରିଥିବା ମହିଳାଙ୍କୁ ଆକ୍ରମଣ କରିଥିଲେ। ପ୍ରାୟ ଏକ ଘଣ୍ଟା ଧରି ଉଭୟ ପକ୍ଷଙ୍କ ମଧରେ ଧସ୍ତାଧସ୍ତି ହୋଇଥିଲା। ଖବରପାଇ ଖଣ୍ଡଗିରି ଥାନା ପିସିଆର ଘଟଣାସ୍ଥଳରେ ପହଞ୍ଚିଥିଲା। ଉତ୍ୟକ୍ତ ମହିଳାମାନଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ, ପୁଲିସ ଉପସ୍ଥିତିରେ ମଧ ମହିଳାମାନେ ମାରପିଟ୍ ହେବା ସହ ଗାଳିଗୁଲଜ କରିଥିଲେ। ମହିଳା ପୁଲିସ କର୍ମଚାରୀ ନଥିବାରୁ ପିସିଆର କର୍ମଚାରୀ ଅସହାୟ ପାଲଟି ଯାଇଥିଲେ। ମହିଳାମାନେ ଜୋରଜବରଦସ୍ତି ଉକ୍ତ ଭେଣ୍ଡିଂ ଜୋନରେ ତାଲା ପକାଇ ଦେଇଥିଲେ।

# ଦାଦାବଟି ନ ଦେବାରୁ ପଥର ମାଡ଼





ଭୁବନେଶ୍ୱର, ୭।୧୨ (ସମିସ): ଦାଦାବଟି ନଦେବାରୁ ଘର ଉପରକୁ ପଥର ମାଡ଼ ହୋଇଛି। ଫୁଲେଶ୍ୱରୀ ବସ୍ତିରେ ଏଭଳି ଘଟଣା ଘଟିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଫୁଲେଶ୍ୱରୀ ବସ୍ତିର ବିକାଶ କୁମାର ପ୍ରଧାନ (୨୧) ଓ ଚିନ୍ମୟ ମହାରଣା (୧୯)। ପୁଲିସ ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟାରେ ବିକାଶ, ଚିନ୍ମୟ, ବାପୁନି ଓ ସୁଦର୍ଶନ ମିଶି କାଳୁଚରଣ ରାଉତଙ୍କ ଘରକୁ ଯାଇ ଦାଦାବଟି ମାଗିବା ସହ ଧମକଚମକ ଦେଇଥିଲେ। କାଳୁଚରଣ କୌଣସି ପ୍ରକାରେ ବଟି ଦେବାକୁ ମନା କରି ଦେଇଥିଲେ। ସେହି ଦିନ ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ଅଭିଯୁକ୍ତମାନେ ଆସି କାଳୁଚରଙ୍କ ଘର ଉପରକୁ ପଥର ମାଡ଼ କରିଥିଲେ। ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏ ନେଇ କାଳୁଚରଣ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବିକାଶ ଓ ଚିନ୍ମୟକୁ ଗିରଫ କରିବା ସହ ୫ଟି କ୍ଷତିଗ୍ରସ୍ତ ଗାଡ଼ି ଜବତ କରିଥିଲା।

# ଆୟୁଷ ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ

ଭୁବନେଶ୍ୱର, ୭।୧୨ (ସମିସ): ଆମରଣ ଅନଶନକୁ ଓହ୍ଲାଇଛନ୍ତି ରାଜ୍ୟର ୭ଟି ଆୟୁଷ ମହାବିଦ୍ୟାଳୟର ୧୮୦୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ। ନଭେମ୍ବର ୬ ତାରିଖରୁ ରାଜ୍ୟରେ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇ ଛାତ୍ରଛାତ୍ରୀ କଳା ବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଆସୁଥିଲେ। ଏହାସହିତ ଗତ ୨୪ ତାରିଖଠାରୁ ରାଜ୍ୟବ୍ୟାପୀ ମହାବିଦ୍ୟାଳୟ ବନ୍ଦ ଡାକରା ଦେବା ସହିତ ଗତ ୩୦ ତାରିଖଠାରୁ ଦିବାରାତ୍ର ଧାରଣା ଆନ୍ଦୋଳନ ଜାରି ରହିଆସୁଥିଲା। ଏଭଳି ପରିସ୍ଥିତିରେ ଗୋଟାଏ ଦାବି ପୂରଣ ହୋଇନାହିଁ। ପ୍ରକାଶ ଥାଉକି ସମସ୍ତ ଆୟୁଷ ଡାକ୍ତର ଛାତ୍ରଛାତ୍ରୀ ରାଜ୍ୟବ୍ୟାପୀ ଧଳା କୋର୍ଟ ବର୍ଜନ କରିଥିଲେ। ଏଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ଆୟୁର୍ବେଦ ମହାବିଦ୍ୟାଳୟରେ ଜନୈକ ଛାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। କେନ୍ଦ୍ରରେ ମୋଦୀ ସରକାର ଆୟୁଷ ବିଭାଗର ଉନ୍ନତି ପାଇଁ ବହୁମୁଖୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ଦୀର୍ଘ ଦିନରୁ ସରକାରଙ୍କୁ ଜଣାଇ ଆସୁଥିବା ଆୟୁଷ ଡାକ୍ତର ଛାତ୍ରଛାତ୍ରୀ ସଂଘର ଏହି ନ୍ୟାୟସଙ୍ଗତ ଦାବିର କୌଣସି ଗୋଟିଏ ବି ଦାବି ପୂରଣ ଦିଗରେ ପଦକ୍ଷେପମାନ ଗ୍ରହଣ ନକରିବା ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଆମରଣ ଅନଶନକୁ ଓହ୍ଲାଇବାକୁ ବାଧ କରିଛି ବୋଲି ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ସବୁବେଳେ ଆଶ୍ୱସନା ଦେଇ ସୁଖର ସ୍ୱପ୍ନ ଦେଖାଇ ସ୍ୱାସ୍ଥ୍ୟମନ୍ତ୍ରୀ ବର୍ତ୍ତମାନ ନୀରବ କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଛାତ୍ରଛାତ୍ରୀମାନେ ଅନୁରୋଧ କରିଛନ୍ତି।

# ଆଦିତ୍ୟ ଅଦିତି ଲେଡିଜ୍ କ୍ଲବ୍‌ର କମ୍ବଳ ବଣ୍ଟନ

ଭୁବନେଶ୍ୱର, ୭।୧୨ (ସମିସ): ମାନବ ସେବା ହିଁ ପରମାତ୍ମାଙ୍କ ସେବା ବୋଲି କୁହାଯାଏ। ଏହାକୁ ପ୍ରତିପାଦନ କରିବାକୁ ପ୍ରୟାସ କରିଛନ୍ତି ଆଦିତ୍ୟ ଅଦିତି ଲେଡିଜ୍ କ୍ଲବ୍ କର୍ମକର୍ତ୍ତା। କ୍ଲବ୍‌ର ସଭାନେତ୍ରୀ ନମ୍ରତା ନାୟକଙ୍କ ତତ୍ତ୍ୱାବଧାନରେ ଆଦିତ୍ୟ ଟାଉନସିପ୍‌ରେ କାମକରୁଥିବା ପ୍ରାୟ ୧୫୦ ଜଣ ପୁରୁଷ ଏବଂ ମହିଳା କର୍ମଜୀବୀଙ୍କୁ କମ୍ବଳ ବଣ୍ଟନ କରିଥିଲେ। ପ୍ରତ୍ୟେକ ବର୍ଷ ଏହି ଅଦିତି କ୍ଲବ୍ ଜନହିତକର କାର୍ଯ୍ୟ କରିଆସୁଅଛି। ଏହି କ୍ରମରେ ନିକଟସ୍ଥ ଅନାଥାଶ୍ରମକୁ ପରିଦର୍ଶନ କରି ସେଠାରେ ଥିବା ପିଲାମାନଙ୍କୁ କପଡ଼ା ଏବଂ ସୁଷମ ଖାଦ୍ୟ ବଣ୍ଟନ କରିଛନ୍ତି। କମ୍ପାନୀର ସିଏସଆର୍ କାର୍ଯ୍ୟକ୍ରମରେ ଭାଗ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟଙ୍କୁ ସ୍ୱାବଲମ୍ବୀ କରିବାରେ ସେମାନଙ୍କୁ ସହଯୋଗ ମଧ କରୁଛନ୍ତି। ଆଦିତ୍ୟ ଅଦିତି ଲେଡିଜ୍ କ୍ଲବ୍‌ର ଏଭଳି ଜନହିତକର କାର୍ଯ୍ୟ ସ୍ଥାନୀୟଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିବା ସହିତ ଉଚ୍ଚ ପ୍ରଶଂସା ସାଉଁଟିପାରିଛି।

# ନାଫେଡ୍ ପକ୍ଷରୁ ଆନ୍ତର୍ଜାତିକ ସମବାୟ ବର୍ଷ ଅବସରରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଭୁବନେଶ୍ୱର, ୭।୧୨ (ସମିସ): ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ଅବସରରେ ନାଫେଡ୍ ପକ୍ଷରୁ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସମବାୟ ସଂସ୍ଥା, ସମବାୟ ବିଭାଗ, ଓଡ଼ିଶା ସରକାର, ମାର୍କଫେଡ ଓଡ଼ିଶା, ନାଫେଡ କୃଷକ ଉତ୍ପାଦକ କମ୍ପାନୀ ଆଦି ଅଂଶଗ୍ରହଣ କରିଥିଲେ। ଉକ୍ତ ମ୍ୟାଚ ଭୁବନେଶ୍ୱରସ୍ଥିତ ଆର୍‌ଆଇଇ କ୍ୟାମ୍ପସ୍ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା ମାର୍କଫେଡ ପ୍ରେସିଡେଣ୍ଟ କବିତା ମଞ୍ଜରୀ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏମ୍‌ଡ଼ି ମାର୍କପେଡ ସନ୍ତୋଷ କୁମାର ନାୟକ, ଏନ୍‌ସିସିଏଫ ବ୍ରାଞ୍ଚ ମ୍ୟାନେଜର ରାଜେଶ କୁମାର ସିଂ, ଲାଇଭଲିହୁଡ୍ ଅଲ୍ଟରନେଟିଭସ୍ ସିଏମ୍‌ଡି ସମ୍ବିତ ତ୍ରିପାଠୀ ଅନ୍ୟ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇଥିଲେ। ନାଫେଡ୍‌ର ଷ୍ଟେଟ ହେଡ ସୁଶ୍ରୀ ଅନିନ୍ଦିତା ଗୁହା ଅତିଥିମାନଙ୍କୁ ସ୍ୱାଗତ କରି ସମବାୟ ପ୍ରୟାସଗୁଡିକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏହିଭଳି କ୍ରୀଡା କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ନବମ ଶ୍ରେଣୀ ଛାତ୍ର ମାଷ୍ଟର ନିଲେଶ ନବନୀତ ଦାଶ ଏହି କ୍ରୀଡା କାର୍ଯ୍ୟକ୍ରମର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଅଲ୍ ଓଡ଼ିଶା ଓପନ ଯୋଗାସନ ଚାମ୍ପିଅନସିପ୍

ଭୁବନେଶ୍ୱର, ୭।୧୨ (ସମିସ): ଯୋଗ ସଂସ୍ଥାନ ବ୍ଲିସଫୁଲ ଯୋଗ ସେଣ୍ଟର, ନ୍ୟୁ ଫରେଷ୍ଟପାର୍କ ପକ୍ଷରୁ ଓଡ଼ିଶା ଯୋଗାସନର ମିଳିତ ଆନୁକୂଲ୍ୟରେ ଅଲ ଓଡ଼ିଶା ଓପନ ଯୋଗାସନ୍ ଚାମ୍ପିଅନଶିପ ଅନୁଷ୍ଠିତ ହୋଇଛି। ଏଥିରେ ବହୁ ସଂଖ୍ୟାରେ ସାଧାରଣ ପ୍ରତିଭାମାନଙ୍କ ସହିତ ଅସାଧାରଣ ତଥା ଦିବ୍ୟାଙ୍ଗ ପ୍ରତିଭା ଅଂଶଗ୍ରହଣ



ପୂର୍ବକ ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶ୍ୱ ଚମ୍ପିଅନଶିପରୁ ନେଇ ପାରା ଅଲମ୍ପିଆଡ଼ ପର୍ଯ୍ୟନ୍ତ ନିଜ ଦକ୍ଷତା ଦେଖାଇଥିବା ରାଖାଲ କୁମାର ସେଠୀ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲ୍ଲାରୁ ୨ ଶହ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ବ୍ଲିସଫୁଲ ଯୋଗ ସେଣ୍ଟରର ପ୍ରତିଷ୍ଠାତା ନିର୍ଦ୍ଦେଶିକା ସୌମ୍ୟା ଦାଶ ସୂଚନା ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା କନିଷ୍ଠ ଓ ବରିଷ୍ଠ ବର୍ଗ ସମେତ ଦିବ୍ୟାଙ୍ଗ ପ୍ରତିଭାଙ୍କ ପାଇଁ ସ୍ୱତନ୍ତ୍ର ସୁଯୋଗ ରଖାଯାଇଥିଲା।

# ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ



ବାଲିଅନ୍ତା, ୭।୧୨ (ସମିସ): ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସରକଣା ପଞ୍ଚାୟତରେ ୩୫୦ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସରକଣା ଗ୍ରାମ ପଞ୍ଚାୟତ କଲ୍ୟାଣମଣ୍ଡପ ସଭାକକ୍ଷରେ ଆୟୋଜିତ ସଭାରେ ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା, ପୂର୍ବତନ ସମିତି ସଭ୍ୟ ନାରାୟଣ ସାହୁ, ନାଏବ ସରପଞ୍ଚ ବିନାୟକ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କମ୍ବଳ ବଣ୍ଟନ କରିଥିଲେ। ନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସରକଣା ପଞ୍ଚାୟତର ୧୫ଟି ୱାର୍ଡର ଲୋକମାନେ ସାମିଲ ହୋଇଥିଲେ। ଏହି ଅବସରରେ ଆଗାମୀ ଦିନରେ ବାଲିଅନ୍ତା ବ୍ଲକର ଅନ୍ୟ ସବୁ ପଞ୍ଚାୟତରେ ଲୋକଙ୍କୁ ଶୀତ ବସ୍ତ୍ର ଯୋଗାଇ ଦିଆଯିବ ବୋଲି ଶ୍ରୀ ବେହେରା କହିଛନ୍ତି।

# ଅଢ଼େଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ଗାଡ଼ି ମାଲିକ ଗିରଫ

ଭୁବନେଶ୍ୱର/ହଂସପାଳ, ୭।୧୨ (ସମିସ):



ଗଞ୍ଜେଇ ଚେରା ଚାଲାଣ ଅଭିଯୋଗରେ ପାହାଳ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବୌଦ୍ଧ ଜିଲ୍ଲା ବୁଟୁପାଲି ଗ୍ରାମର ରମେଶ ମେହେର। ତାଙ୍କ ଠାରୁ ୨କ୍ୱିଣ୍ଟାଲ ୫୨କେଜି ଗଞ୍ଜେଇ ଏବଂ ଅପରାଧରେ ବ୍ୟବହୃତ ଏକ ଟାଟା ୱିଙ୍ଗର ଗାଡ଼ି ଜବତ ହୋଇଛି।

ପୁଲିସ ସୂଚନା ମୁତାବକ, ରମେଶ ବୌଦ୍ଧ ଜିଲ୍ଲାକୁ ନିୟମିତ ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଗଞ୍ଜେଇ ଚୋର ଚାଲାଣ କରନ୍ତି। ରବିବାର ମଧ ସେ ଏକ ଭ୍ୟାନ୍‌ରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ନେଇ ପାହାଳ ପୁଲିସକୁ ସୂଚନା ମିଳିଥିଲା। ପୁଲିସ ସୂଚନା ଆଧାରରେ ସକାଳ ୮ଟା ସମୟରେ ଘେରାବନ୍ଦି କରିଥିଲା। ଗାଡିର ଡ୍ରାଇଭର ରମେଶ ପୁଲିସକୁ ଦେଖିବା ମାତ୍ରେ ଭୟଭୀତ ହୋଇଯାଇ ଥିଲା। ଗାଡ଼ିର ଗତି ବଢ଼ାଇ ପୁଲିସ କବ୍‌ଜାରୁ ଖସିଯିବାକୁ ଚେଷ୍ଟା କରିଥିଲେ। ପୁଲିସ ଟିମ୍ ପିଛା କରି ଗାଡିଟିକୁ ଅଟକାଇବାରେ ସଫଳ ହୋଇଥିଲା।

ଗାଡ଼ି ଯାଞ୍ଚ ବେଳେ ବହୁ ପରିମାଣରେ ଧଳା ଜରି ବସ୍ତା ଗାଡ଼ିରୁ ମିଳିଥିଲା। ଏଥିରୁ ବିପୁଳ ପରିମାଣରେ ଗଞ୍ଜେଇ ବାହାରିଥିଲା। ପଚରାଉଚରା ବେଳେ ଜଣାପଡ଼ିଥିଲା ସେ ବାଲେଶ୍ୱରର ଜଣେ ବ୍ୟବସାୟୀଙ୍କୁ ସେ ଏହି ଗଞ୍ଜେଇ ଦେଇଥାନ୍ତେ। ପାହାଳ ପୁଲିସ ସମ୍ପୃକ୍ତ ବ୍ୟବସାୟୀଙ୍କ ନାମ ବାଲେଶ୍ୱର ପୁଲିସକୁ ଅବଗତ କରାଇଛି।

**ବାଲେଶ୍ୱର ପହଞ୍ଚିଥିଲେ ୫୦ହଜାର ମିଳିଥାନ୍ତା**

ଗଞ୍ଜେଇ ଚାଲଣରେ ବ୍ୟବହୃତ ଗାଡ଼ିର ମାଲିକ ହେଉଛନ୍ତି ରମେଶ। ଗଞ୍ଜେଇ ପହଞ୍ଚାଇ ଥିଲେ ତାଙ୍କୁ ୫୦ହଜାର ଟଙ୍କା ମିଳିଥାନ୍ତା। ହେଲେ ବାଟରେ ପୁଲିସ ମାଡ଼ି ବସିଲା। ଯାହାଫଳରେ ଟଙ୍କା ତ ମିଳିଲାନି ଓଲଟି ଗାଡ଼ିଟି ବି ଗଲା। ଗାଡ଼ି ବାହରିବା ଏବେ କାଠିକର ପାଠ ହୋଇଯିବ। ମିଳିଥିବା ସୂଚନା ମୁତାବକ, ସେ ଋଣ କରି ଗାଡ଼ିଟି କିଣିଥିଲେ। ପର୍ଯ୍ୟଟକଙ୍କୁ ନେବାଆଣିବା କରୁଥିଲେ। ହେଲେ ବ୍ୟବସାୟରେ କ୍ଷତି ନ ହେବାରୁ ଏହି ଗାଡ଼ିଟି ଚଲାଉ ନ ଥିଲେ। ଗାଡ଼ି ବେପାରରେ ଘାଟା ହେଉଛି ବୋଲି ସ୍ଥାନୀୟ ଜଣେ ଗଞ୍ଜେଇ ବ୍ୟବସାୟୀ ଜଣାଇଥିଲେ। ଗାଡ଼ିଟି ଗଞ୍ଜେଇ ଚାଲାଣରେ ଲଗାଇଲେ ମୋଟା ରୋଜଗାର ହେବ ବୋଲି ସମ୍ପୃକ୍ତ ଗଞ୍ଜେଇ ବ୍ୟବସାୟୀ ଜଣଙ୍କ ତାଙ୍କୁ ବୁଦ୍ଧି ଦେଇଥିଲେ। ଏହା ଟୁରିଷ୍ଟ ଗାଡ଼ି ହୋଇଥିବାରୁ ଧରାପଡ଼ିବାର ସମ୍ଭାବନା ବହୁତ କମ୍ ବୋଲି କହିଥିଲେ।

ଗଞ୍ଜେଇ ବେପାରୀଙ୍କ ଏହି ପ୍ରସ୍ତାବରେ ସେ ରାଜି ହୋଇ ଗଞ୍ଜେଇ ଚୋରା ଚାଲାଣ ବ୍ୟବସାୟ ଆରମ୍ଭ କରିଥିଲେ। ମାତ୍ର କିଛିଦିନ ବ୍ୟବସାୟ କରିବା ପରେ ଗାଡ଼ି ସହ ନିଜେ ବନ୍ଧା ହୋଇଗଲେ।

# ସଡ଼କ ଦୁର୍ଘଟଣା: ୭ ବର୍ଷରେ ଗଡ଼ିଲାଣି ୯୦୦ ମୁଣ୍ଡ

## ସ୍କୁଲ ପିଲାଙ୍କ ହାତରେ ବାଇକ: କଡ଼ାକଡ଼ି ହେଉନି ଯାଞ୍ଚ

**ଖୋର୍ଦ୍ଧା, ୭।୧୨(ସମିସ):** ଜିଲ୍ଲାରେ ଦୁର୍ଘଟଣାର ମାତ୍ରା ବଢ଼ି ବଢ଼ି ଚାଲିଛି। ଯେତିକି ଦୁର୍ଘଟଣା ଘଟୁଛି ତାର ପ୍ରାୟ ୭୦ପ୍ରତିଶତ ଜାତୀୟ ରାଜପଥରେ ଘଟୁଥିବା କୁହାଯାଉଛି। ବିଶେଷ କରି ଯୁବପିଢ଼ିଙ୍କ ବେପାରୁଆ ଓ ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟୁଛି। କିନ୍ତୁ ଜିଲ୍ଲା ପୁଲିସ୍ ଓ ପରିବହନ ବିଭାଗ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି। ଜିଲ୍ଲା ପୁଲିସର ତଥ୍ୟ ଅନୁସାରେ ଜିଲ୍ଲା ପୁଲିସ୍ ଅଧିନରେ ଥିବା ବିଭିନ୍ନ ଥାନା ଅଞ୍ଚଳରେ ଗତ ୭ବର୍ଷ ଭିତରେ ୯୩୧ମୁଣ୍ଡ ରାସ୍ତା ଦୁର୍ଘଟଣାରେ ଗଡ଼ିଲାଣି। ଆଉ କେତେ ମୁଣ୍ଡ ଗଡ଼ିଲେ ପ୍ରଶାସନର ଚେତା ପଶିବ ତାକୁ ନେଇ ଉଠିଛି ଏବେ ପ୍ରଶ୍ନ।



ମୁଖ୍ୟତଃ କଲିକତା-ମାଡ୍ରାସ ୧୬ନଂ ଜାତୀୟ ରାଜପଥର ଯଦିଓ କିଛି ସ୍ଥାନରେ ଓଭରବ୍ରିଜ ହୋଇଛି। ତଥାପି କେତେକ ଜନଗହଳିପୂର୍ଣ୍ଣ ଛକରେ ଦୁର୍ଘଟଣା ରୀତିମତ ଘଟୁଛି। କିଛିଦିନ ତଳେ ପିତାପଲ୍ଲୀ ଛକ ନିକଟରେ ପୃଥକ୍ ସଡକ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୭ନଂ ଜାତୀୟ ରାଜପଥର ଜାଗୁଲେଇପାଟଣା ଛକଠାରେ ଦୁଇ ଦୁଇଟି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଖୋର୍ଦ୍ଧା-ବଲାଙ୍ଗିର ୫୭ନଂ ଜାତୀୟ ରାଜପଥର ନୂଆ ମେଡିକାଲ ଛକ, ଟୁଙ୍ଗୁଡିଝର, ଶରଧାପୁର ଛକ, ଜାଗୁଲେଇପାଟଣା ଛକ, ପୁରୁସାହି, ସାରୁଅ, ବାଘମାରି, ବେଗୁନିଆ ସମେତ ବିଭିନ୍ନ ଛକ ସ୍ଥାନରେ ରାସ୍ତା ଦୁର୍ଘଟଣା ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ସେହିପରି ବାଣପୁର ଥାନା ଅଧିନରେ ଆଜି ଏକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି।

ସୂଚନା ମୁତାବକ, ଖୋର୍ଦ୍ଧା ପୁଲିସ୍ ଜିଲ୍ଲାରେ ୨୦୧୯ ମସିହାରେ ୨୭୫ଟି ଦୁର୍ଘଟଣା ହୋଇଥିଲା। ଏଥିରେ ୧୬୨ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ୨୦୨୦ରେ ୨୨୬ଟି ଦୁର୍ଘଟଣାରେ ୯୦ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୧ରେ ୨୨୬ଟି ଦୁର୍ଘଟଣାରେ ୧୦୬ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହିତ ୨୦୨୨ରେ ବିଭିନ୍ନ ସ୍ଥାନରେ ୨୬୪ଟି ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧୩୬ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ୨୦୨୩ରେ ୩୭୧ଟି ଦୁର୍ଘଟଣାରେ ୧୫୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୪ରେ ୩୫୦ଟି ଦୁର୍ଘଟଣାରେ ୧୫୨ଜଣଙ୍କ ଜୀବନ ଯାଇଛି। ଚଳିତବର୍ଷ ଆଜି ସୁଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ୩୩୭ ଟି ଦୁର୍ଘଟଣା ଘଟି ୧୨୭ରୁ ଉର୍ଦ୍ଧ୍ୱଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି।

ରାସ୍ତା ଦୁର୍ଘଟଣାପରେ ବିଭିନ୍ନ ସ୍ଥାନରେ ଉତ୍ତେଜନା ସମେତ ରାସ୍ତା ଅବରୋଧକୁ ନେଇ ପୁଲିସ୍ ଚିନ୍ତାରେ ପଡୁଥିବାବେଳେ ପରିବହନ ବିଭାଗ କିନ୍ତୁ କୁମ୍ଭକର୍ଣ୍ଣ ନିଦରେ ଶୋଇଛି। ଆଜି ମଧ୍ୟ ବହୁ ଭଙ୍ଗା ଦଦରା ଗାଡ଼ି ଓ ବିନା ଲାଇସେନ୍ସରେ ଗାଡ଼ି ଚାଳକଙ୍କ ସଂଖ୍ୟା ବୃଦ୍ଧିପାଉଥିବାବେଳେ ସଚେତନତା ଅଭାବରୁ ଅଭିଭାବକମାନେ ମଧ୍ୟ ନାବାଳକମାନଙ୍କୁ ସ୍ପିଡ୍ ବାଇକ ଧରାଇବା ଦୁର୍ଘଟଣା ଘଟିବାର ପ୍ରମୁଖ କାରଣ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ସେହିପରି ଟ୍ରାଫିକ ନିୟନ୍ତ୍ରଣ କ୍ଷେତ୍ରରେ ଜିଲ୍ଲା ପୁଲିସ୍ ଏକ ପ୍ରକାର ବିଫଳ ହୋଇଥିବାରୁ ଦୁର୍ଘଟଣା ସଂଖ୍ୟା ମଧ୍ୟ ବେଳକୁ ବେଳ ବଢୁଥିବା କୁହାଯାଉଛି। ଜିଲ୍ଲା ପୁଲିସ ପାଖରେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣର ଟ୍ରାଫିକ ପୁଲିସ ନ ଥିବାବେଳେ ଟ୍ରାଫିକ ନିୟନ୍ତ୍ରଣ ସମ୍ଭବ ହୋଇପାରୁନଥିବା କୁହାଯାଉଛି। ସରକାର ଏ ଦିଗ ପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଯେ କେତେ ମୁଣ୍ଡ ନଗଡ଼ିବ ତାହା ଏବେଠାରୁ କହିବା ମୁସ୍କିଲ ହେବ।

ଏସ୍‌ପି ବିବେକାନନ୍ଦ ଶର୍ମା ଦୁର୍ଘଟଣା ହ୍ରାସ ଲାଗି ସଡ଼କ ସୁରକ୍ଷା ସମୀକ୍ଷା କରିଥିଲେ। ଏ ନେଇ ଜିଲ୍ଲା ପ୍ରଶାସନ, ଆଞ୍ଚଳିକ ପରିବହନ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଏନଏଚ୍ ବିଭାଗ ସହ ଆଲୋଚନା କରିଥିବା ଏସପି କହିଛନ୍ତି। ୨୦ରୁ ଉର୍ଦ୍ଧ୍ୱ ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇଛି। ରାସ୍ତାରେ ଉପଯୁକ୍ତ ସଙ୍କେତଫଳକ, ସ୍ପିଡ୍ ଲିମିଟ୍ କଟକଣାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଶାସନର ଅଜବ ନୀତି: ଜଣେ ବ୍ୟକ୍ତି, ୩ଟି ପଦବୀ

**ବେଗୁନିଆ,୭।୧୨(ସମିସ୍):** ରାଜ୍ୟରେ ଶିକ୍ଷକ ପଦବୀ ପୂରଣ ପାଇଁ ଅପାରଗ ରାଜ୍ୟ ସରକାର ଏକରକମ୍ ଅକ୍ଷମ ହୋଇପଡ଼ିଛି। ଯାହା ଦେଖିବାକୁ ମିଳୁଛି ଖୋର୍ଦ୍ଧା ଜିଲ୍ଲାରେ। ପ୍ରଶାସନର ଅଜବ ନୀତି ଯୋଗୁଁ ଜଣେ ବ୍ୟକ୍ତି ତିନୋଟି ପଦବୀରେ ଭିନ୍ନ ଭିନ୍ନ ସ୍ଥାନରେ କାର୍ଯ୍ୟ କରିଆସୁଛନ୍ତି। ବେଗୁନିଆସ୍ଥ ଗୋପବନ୍ଧୁ ହାଇସ୍କୁଲ ୧୯୪୪ରେ ସ୍ଥାପିତ ହୋଇଥିବାବେଳେ ଏବେ ବହୁ ଦୟନୀୟ ଅବସ୍ଥାରେ ଗତି କରୁଥିବା ଅଭିଯୋଗ ହେଉଛି। ଏହି ବିଦ୍ୟାଳୟରେ ଗତ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସ୍ଥାୟୀ ପ୍ରଧାନଶିକ୍ଷକ ନ ରହିବା ଯୋଗୁଁ ଅବ୍ୟବସ୍ଥା ଭିତରେ ଦେଇ ଗତି କରୁଛି। ତେବେ ୬ ମାସ କିମ୍ବା ଏକବର୍ଷ ଚାକିରି ଥିବା ବ୍ୟକ୍ତି ଏଠାକୁ ପ୍ରଧାନଶିକ୍ଷକ ହୋଇଆସୁଥିବାବେଳେ ଅବସର ନେବା ପରେ ବର୍ଷେ ଦୁଇବର୍ଷ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡୁଛି।

ବିଦ୍ୟାଳୟରେ ଥିବା ସହକାରୀ ଶିକ୍ଷକ ଦାୟିତ୍ୱରେ ରହୁଛନ୍ତି। ଏତେ ବଡ଼ ବିଦ୍ୟାଳୟକୁ ଜଣେ ଅନଭିଜ୍ଞ ସହକାରୀ ଶିକ୍ଷକ କିପରି ଠିକ୍ ବାଟରେ ପରିଚାଳନା କରିପାରିବେ, ତାହା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଜାଣିଥିଲେ ମଧ୍ୟ କିଛି ନ ଜାଣିଲା ଭଳି ନିରବ ରହୁଛନ୍ତି। ବିଦ୍ୟାଳୟରେ ଜଣେ ସ୍ଥାୟୀ ପ୍ରଧାନଶିକ୍ଷକ ନ ରହିବା ଯୋଗୁଁ ସହକାରୀ ଶିକ୍ଷକଙ୍କଠାରୁ ଆରମ୍ଭ କରି କର୍ମଚାରୀଙ୍କ ସ୍କୁଲ ଯିବାଆସିବାର କୌଣସି ସମୟ ରହୁ ନ ଥିବାରୁ ପାଠପଢା ଠିକ୍ ହେଉ ନ ଥିବା ଦେଖିବାକୁ ମିଳୁଛି। ଏଭଳି ଅବସ୍ଥା ବିଦ୍ୟାଳୟରେ ଲାଗି ରହିଥିବାବେଳେ ବର୍ତ୍ତମାନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଥିବା ପ୍ରମୋଦ ସ୍ୱାଇଁଙ୍କୁ ପ୍ରଶାସନ ୩ଟି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିବା ସହ ବୋଲଗଡ଼ ବ୍ଲକ ଶିକ୍ଷାଧିକାରୀ ଓ ଖୋର୍ଦ୍ଧା ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ ଦାୟିତ୍ୱରେ ଅଛନ୍ତି। ଜଣେ ଲୋକ ପାଇଁ ଗୋଟିଏ ପଦବୀ ଉଦ୍ଦିଷ୍ଟ ଥିବାବେଳେ ସେ ଯଦି ୩ଟି ଗୁରୁତ୍ୱପୂର୍ଣ୍ଣ ପଦବୀ ଦାୟିତ୍ୱରେ ରୁହନ୍ତି, ତେବେ କେଉଁ ସ୍ଥାନର କାର୍ଯ୍ୟ ଠିକ୍ ଭାବେ ହେବ। ତାହା ଉଚ୍ଚ କର୍ତ୍ତୃପକ୍ଷ ଭଲ ଭାବେ ଅବଗତ ଥିବେ। ଏ ସମ୍ପର୍କରେ ପ୍ରମୋଦ ସ୍ୱାଇଁଙ୍କୁ ପଚାରିବାରୁ କାର୍ଯ୍ୟ କରିବାରେ କୌଣସି ଅସୁବିଧା ସୃଷ୍ଟି ହେଉ ନ ଥିବା କହିବା ସହ ଖୁବଶୀଘ୍ର ସରକାର ନିଯୁକ୍ତି ଦେଲେ ପଦବୀ ପୂରଣ ହୋଇପାରିବ ବୋଲି ମତ ପ୍ରକାଶ କରିଛନ୍ତି। ଏଥିରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଭିଭାବକ ଆଇନକୁ ହାତକୁ ନେବା ପୂର୍ବରୁ ଘଟଣାର ସମାଧାନ କରିବା ଉଚିତ।

## ୨୩ରୁ ସର୍ବଭାରତୀୟ ସଖା ସଂଘ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ନିରାକାରପୁର, ୭।୧୨ (ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡ଼ା ସଂସଦ ପକ୍ଷରୁ ଚଳିତବର୍ଷ ୩୨ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ବଛା ବଛା ଦଳ ଭାଗନେବେ। ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଭାପତି ବିପିନ ଜୟସିଂହ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ପଟ୍ଟନାୟକ, ଉପସଭାପତି ପ୍ରକାଶ ବଳିଆରସିଂହ, ମାନସ ପଟ୍ଟନାୟକ, ପ୍ରଦୀପ୍ତ ଷଡ଼ଙ୍ଗୀ, କାର୍ଯ୍ୟକାରୀ ସମ୍ପାଦକ ଦୀପକ ପ୍ରଧାନ, କୋଷାଧ୍ୟକ୍ଷ ହରିହର ସିଂହ, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ପ୍ରସାଦ ଦାସ, ଯୁଗ୍ମସମ୍ପାଦକ ଉମେଶ ମିଶ୍ର, ହିମାଂଶୁ ଚମ୍ପତିରାୟ, ଉପଦେଷ୍ଟା ମହେଶ୍ୱର ବେହେରା, ମ୍ୟାଚ୍ କମିଶନର ଅକ୍ଷୟ ପଟ୍ଟନାୟକ, କୋଚ୍ ଅଭିନାଶ ପଟ୍ଟନାୟକ, କ୍ୟାପଟେନ ଚିତ୍ତରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚ୍ ଏଫଏଫ୍‌ଏ ମଣିପୁର ଓ ଶବର ସ୍ପୋର୍ଟିଂ ଭୁବନେଶ୍ୱର, ୨୪ ତାରିଖରେ ଏସପିଏମ୍ ବିଶାଖାପାଟଣା ଓ ପପୁଲାର ଫୁଟବଲ କ୍ଲବ, ଢେଙ୍କାନାଳ, ୨୫ ତାରିଖରେ ସେଞ୍ଚୁରିଆନ ଫୁଟବଲ କ୍ଲବ, ନାଇଜେରିଆ ଓ ଧାନବାଦ ଫୁଟବଲ କ୍ଲବ, ଝାଡ଼ଖଣ୍ଡ, ୨୬ ତାରିଖରେ ହିନ୍ଦୁସ୍ଥାନ ହିରୋସ ଫୁଟବଲ କ୍ଲବ, କୋଲକାତା ଓ ସିଭି ରମଣ ଆଫ୍ରିକିଆନ ମଧ୍ୟରେ ଅନୁଷ୍ଠିତ ହେବ। ୨୭ ତାରିଖରେ ପ୍ରଥମ ସେମିଫାଇନାଲ, ୨୮ରେ ଦ୍ୱିତୀୟ ସେମିଫାଇନାଲ ଓ ୨୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ରାଇପଡ଼ା ପ୍ରିମିୟର ଲିଗ୍: ମା’ ତାରିଣୀ ୱାରିୟର ଚାମ୍ପିଅନ୍



**ଟାଙ୍ଗୀ,୭।୧୨(ସମିସ):** ସ୍ଥାନୀୟ ରାଇପଡ଼ାସ୍ଥ ମା’ ଖଣ୍ଡୁଆଳ ଖେଳ ପଡ଼ିଆରେ ଚାଲିଥିବା ସପ୍ତମ ରାଇପଡ଼ା ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ରାଇପଡ଼ାର ମା’ ତାରିଣୀ ୱାରିୟର କେରେଣ୍ଡାଟାଙ୍ଗୀର ମା’ ବରକନ୍ୟା ଇଲେଭେନ ଷ୍ଟାର୍‌କୁ ହରାଇ ଚାମ୍ପିଅନ୍ ହୋଇଛି। ମା’ ତାରିଣୀ ୱାରିୟର ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ହରାଇ ୧୪୮ ରନ ସଂଗ୍ରହ କରିଥିବାବେଳେ ମା’ ବରକନ୍ୟା ଇଲେଭେନ ଷ୍ଟାର୍ ସମସ୍ତ ୱିକେଟ ହରାଇ ୧୦୭ ରନ୍ କରି ୪୧ ରନ୍‌ରେ ପରାସ୍ତ ହୋଇଥିଲା। ମୁଖ୍ୟଅତିଥି ଭାବେ ସମାଜସେବୀ ବିଭୁପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ରବୀନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଅମରେଶ ପାଇକରାୟ, ପ୍ରଗତି ଭୂଷଣ ବଳବନ୍ତରାୟ, ପ୍ରଶାନ୍ତ କଳସ, ଅଜୟ ସାମନ୍ତରାୟ, ଲିଙ୍ଗରାଜ ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହିତ ୧୫ ହଜାର ଟଙ୍କା ଓ ମା’ ବରକନ୍ୟାକୁ ରନର୍ସଅପ ଟ୍ରଫି ସହିତ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ମାନସ ଦଳେଇ ମ୍ୟାନ ଅଫ ଦି ମ୍ୟାଚ ଓ ସୌମ୍ୟରଞ୍ଜନ ପାଇକରାୟ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ସଂଗ୍ରାମ ରାଉତରାୟ ଓ ଅଭୟ ପ୍ରଧାନ ଖେଳ ପରିଚାଳନା କରିଥିଲେ। ରତନ ରାଉତରାୟ, ସହଦେବ ଜେନା, ପିଣ୍ଟୁ ବେହେରା, ଗୋପାଳି ସାମନ୍ତରାୟ, ସୂର୍ଯ୍ୟ ରାଉତରାୟ ସହଯୋଗ କରିଥିଲେ।

## ଶ୍ରୀସତ୍ୟସାଇ ପାଦୁକା ରଥକୁ ଉଚ୍ଛ୍ୱସିତ ସ୍ୱାଗତ

**ଚିଲିକା,୭।୧୨(ସମସ):** ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ପୁଟପର୍ତ୍ତୀ ଆଶ୍ରମ ପ୍ରଶାନ୍ତି ନୀଳୟମରୁ ୨୦୨୨ ଗୁରୁପୂର୍ଣ୍ଣମାଠାରୁ ଆସି ସମଗ୍ର ଓଡିଶା ପରିକ୍ରମା କରୁଥିବା “ପାଦୁକା ରଥ’ର ଅନ୍ତିମ ପର୍ଯ୍ୟାୟରେ ନଭେମ୍ବର ୨ ତାରିଖରେ ଖୋର୍ଦ୍ଧା ଜିଲ୍ଲାରେ ପ୍ରବେଶ କରିଥିଲା। ଉକ୍ତ ରଥକୁ ରାଜସୁନାଖଳା ସମିତି ବାଣପୁର ସମିତିକୁ ଡିସେମ୍ବର ୧ ତାରିଖରେ ନାଚୁଣୀଠାରେ ହସ୍ତାନ୍ତର କରିଥିଲେ। ଏହି ରଥକୁ ସେଠାରେ ଜିଲ୍ଲା ସଭାପତି ବ୍ରଜସୁନ୍ଦର ମିଶ୍ର, ଜିଲ୍ଲା ସେବା ଦଳ ସଂଯୋଜକ ରାଜକିଶୋର ଭୋପା, ଜିଲ୍ଲା ମହିଳା ସେବାଦଳ ସଂଯୋଜିକା ମଞ୍ଜୁଲତା ମହାପାତ୍ର, ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜକ କୈଳାସ ସାହୁ, ଯୁବ ସଂଯୋଜକ ସଂଗ୍ରାମ ସେଠୀ, ଏସଆରପି ସଂଯୋଜକ ଶୁଭ୍ରାଂଶୁ ସେନାପତି, ଆଇଟି ସେଲ ସଂଯୋଜକ ଶ୍ରୀକାନ୍ତ ଜେନା, ବେଦ ସଂଯୋଜକ ଭବେନ୍ଦୁ ମହାପାତ୍ର, ବେଦ ସଂଯୋଜିକା ମିନତୀ ନାୟକ, ବାଲୁଗାଁ ଭଜନ ମଣ୍ଡଳୀ ଆବାହକ ସୁରେନ୍ଦ୍ର ବେହେରା ଓ ନାଚୁଣୀ ଆବାହକ ଦିଲ୍ଲୀପ ଶତପଥୀଙ୍କ ସମେତ ଖୋର୍ଦ୍ଧା, ଟାଙ୍ଗୀ ରତନପୁର, ବାଲୁଗାଁ, ବାଣପୁର ଓ ନାଚୁଣୀ ସମିତିରୁ ପ୍ରାୟ ଶତାଧିକ ସାଇଆଶ୍ରିତଙ୍କ ଉପସ୍ଥିତିରେ ବାଣାପୁର ସମିତି ଆବାହକ ବିଭୂତି ଘଡେଇ “ପାଦୁକା ରଥ’କୁ ସ୍ୱାଗତ କରି ସମିତି ଗୃହକୁ ପାଛୋଟି ଆଣିଥିଲେ। ସେଠାରେ ରାଜସୁନାଖଳା ସମିତି ଆବାହକ ନୀଳକଣ୍ଠ ମହାପାତ୍ରଙ୍କଠାରୁ ବାଣପୁର ସମିତି ଆବାହକ ବିଭୂତି ଘଡ଼େଇ ରଥ ଦାୟିତ୍ୱ ଗ୍ରହଣ କରିଥିଲେ। ୧ରୁ ୫ ତାରିଖ ପାଞ୍ଚଦିନ ବ୍ୟାପୀ “ପାଦୁକା ରଥ” ଚିଲିକା-ବାଣପୁର ଅଞ୍ଚଳରେ ଥିବା ବହୁ ଗ୍ରାମ ପରିକ୍ରମା କରିଥିଲା। ଉକ୍ତ ରଥ ଦେଖିବା ପାଇଁ ଓ ପାଦୁକାକୁ ସ୍ପର୍ଶ କରିବା ପାଇଁ ଜନସାଧାରଣଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା।



## କଳାପଥର କପ୍ କ୍ରିକେଟ୍: ସେମିରେ ଭାଲିଆବାଡି

**ବେଗୁନିଆ,୭।୧୨(ସମିସ):** କଳାପଥର ଜୀବନ ଜ୍ୟୋତି କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ଦ୍ୱିତୀୟ ସତ୍ୟଭାମା ଚୌଧୁରୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ଖେଳ ବାଙ୍କୀ ଓ ଭାଲିଆବାଡ଼ି କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଛି। ବାଙ୍କୀ ଦଳ ସମସ୍ତ ୱିକେଟ ହରାଇ ୯୫ ରନ ସଂଗ୍ରହ କରିଥିବାବେଳେ ଭାଲିଆବାଡ଼ି ଦଳ ୨ ୱିକେଟ ହରାଇ ଆବଶ୍ୟକ ୯୬ ରନ ସଂଗ୍ରହ କରି ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଖେଳକୁ ଚିତ୍ତରଞ୍ଜନ ପଣ୍ଡା ଓ ପ୍ରମୋଦ ମହାପାତ୍ର ପରିଚାଳନା କରିଥିବାବେଳେ ସନ୍ତୋଷ ସାମଲ ସଂଯୋଜନା, ପାର୍ଥବୀର ରାୟଗୁରୁ ଓ ବିଜୟ ସାହୁ ସ୍କୋରର୍ ଦାୟିତ୍ୱ ତୁଲାଇ ଥିଲେ। କଳାପଥର ଅଗ୍ନିଶମ ଅଧିକାରୀ ସୁବାସ ଜେନା ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବାଟଓଷା ପାଳିତ

**ଖୋର୍ଦ୍ଧା,୭।୧୨(ସମିସ):** ଗ୍ରାମୀଣ ପରମ୍ପରା ଅନୁସାରେ ଯମରାଜ ଙ୍କୁ ସନ୍ତୁଷ୍ଟ କରିବାପାଇଁ ଅର୍ଥାତ୍ ସନ୍ତାନସନ୍ତତିଙ୍କ ଦୀର୍ଘାୟୁ କାମନା କରି ମା’ମାନେ ଦାଣ୍ଡ ପହଁରା ବା ବାଟ ଓଷା ପୂଜା କରିଥିବାବେଳେ ଏହା ଉଦଯାପିତ ହୋଇଛି।

ପୌଷମାସ କୃଷ୍ଣ ଦ୍ୱିତୀୟା ତିଥିରେ ବାଟଓଷା ପାଳନ କରାଯାଇଛି। ଗାଁ ଦାଣ୍ଡ ରେ ଏକ ଗାତ ଖୋଳି ତାହାର ଚାରି ପାଖକୁ ଲିପାପୋଛା କରି ବିଭିନ୍ନ ଫୁଲରେ ସଜାଇ ସେହି ପଚ୍ଛେଇକୁ ଚନ୍ଦନ, ସିନ୍ଦୂର ଓ ଧୂପ ଦେଇ ବଜ୍ରମୂଳି ଡାଳ ରଖି ପୂଜା କରିଥିଲେ। ମା’ ମାନେ ଦିନସାରା ଉପବାସ ରହି ନୂଆ ଧାନ କୁଟି ପିଠାପଣା ସହିତ ଉଖୁଡ଼ା, କଦଳୀ, ମୁଆଁ, ଚୁଡ଼ା, କନ୍ଦମୂଳ, ଆଖୁ ଓ ମୂଳା ଆଦି ନୈବେଦ୍ୟ ରଖି, ଏକ ବଜ୍ରମୂଳି ଗଛରେ ତାହାକୁ ଘୋଡ଼ାଇ ଏହି ପଚ୍ଛେଇ ସ୍ଥାନରେ ଆଣି ପୂଜା କରିଥିଲେ। ସେଠାରେ ଓଷା ବହି ପଢ଼ିବା ଏବଂ ପୂଜା ସରିବା ପରେ ସେହି ଦାଣ୍ଡକୁ ବଜ୍ରମୂଳିରେ ଓଳାଇଥିବା ଦେଖାଯାଇଛି।



## ତ୍ରୟୋବିଂଶତମ ଜଟଣୀ ପୁସ୍ତକ ମେଳା ଉଦ୍‌ଘାଟିତ

**ଜଟଣୀ,୭।୧୨(ସମିସ):** ସ୍ଥାନୀୟ ଟାଉନ ହଲ୍ ସ୍ରଷ୍ଟା ପରିସରରେ ତ୍ରୟୋବିଂଶତମ ଜଟଣୀ ପୁସ୍ତକ ମେଳା ଆରମ୍ଭ ହୋଇଛି। ପୁସ୍ତକ ମେଳା କମିଟି କାର୍ଯ୍ୟକାରୀ ସଭାପତି ଜବାହରଲାଲ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ମହାନ୍ତି ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରସନ୍ନ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବେଗୁନିଆ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରସନ୍ନ ସ୍ୱାଇଁ ଯୋଗଦେଇଥିଲେ। ପୁସ୍ତକ ମେଳା କମିଟିର ଡ. ଶଶୀ ରଥ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁଶାନ୍ତ ରାଉତ, ଆଇନଜୀବୀ ସୁଶାନ୍ତ ସୁବୁଦ୍ଧି, କ୍ଷୀରୋଦ ନନ୍ଦ, ଡ ସୁକାନ୍ତୀ ମହାପାତ୍ର, ଆଦିନାରାୟଣ ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ। ଡ. ରଶ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଅବସରରେ ହୃଦରୋଗ ବିଶେଷଜ୍ଞ ଡା. ରିତେଶ ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା।



## ୧୦ କିଲୋ ଗଞ୍ଜେଇ ଜବତ, ବେପାରୀ ଗିରଫ

**ଟାଙ୍ଗୀ,୭।୧୨(ସମିସ):** ଆଜି ଟାଙ୍ଗୀ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରି ଟାଙ୍ଗୀ ଚିଲିକା ଛକ ନିକଟରେ ବାଇକ୍‌ରେ ବୋଝେଇ ହୋଇଥିବା ୧୦ କିଲୋ ଗଞ୍ଜେଇ ଜବତ କରିଥିବା ଜଣାପଡ଼ିଛି। ବାଇକ୍ ମଧ୍ୟ ଜବତ ହୋଇଥିବାବେଳେ ବେପାରୀ ଉଦୟନାଥ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ସବଇନ୍ସପେକ୍ଟର ରମେଶ ବାରିକ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଅବକାରୀ ରେଞ୍ଜ ଇନ୍ସପେକ୍ଟର ଅଜିତ ପାତ୍ର, ସବଇନ୍ସପେକ୍ଟର ଶ୍ରୀ ବାରିକ, ଏଏସଆଇ ଶମ୍ଭୁନାଥ ପାତ୍ର, ଅନିଲ ପ୍ରଧାନ, ମନୋଜ ଜୟସିଂହ, ସସ୍ମିତା ସେଠୀ ପ୍ରମୁଖ ସାମିଲ ଥିଲେ।

## ଚତୁର୍ଥ ମାନସ ଓ ବୁଲୁ ମେମୋରିଆଲ ଫୁଟବଲ; ମା’ଭୁଆଶୁଣି କ୍ଲବ ବିଜୟୀ

**ଖୋର୍ଦ୍ଧା,୭।୧୨(ସମିସ):** ଖୋର୍ଦ୍ଧା ଉପକଣ୍ଠ ନିଆଳରେ ଚତୁର୍ଥ ମାନସ ଓ ବୁଲୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ୮ଟି ଦଳ ଭାଗ ନେଇଛନ୍ତି। ଆଜିର ପ୍ରଥମ ମ୍ୟାଚ୍ ରେ ଜଗନ୍ନାଥ ଫୁଲବଲ ଟିମ ନିଆଳ ସହିତ ମା’ଭୁଆଶୁଣି କ୍ଲବ ଗମ୍ଭାରୀସାହି ମଧ୍ୟରେ ହୋଇଥିଲା। ଏହି ମ୍ୟାଚ ରେ ମା’ଭୁଆଶୁଣି କ୍ଲବ ୧-୦ ଗୋଲ ରେ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା କ୍ରୀଡ଼ା ସମ୍ପାଦକ ଉପେନ୍ଦ୍ରନାଥ ଦାସ, ନିଆଳ ଗ୍ରାମ୍ୟ କମିଟି ର ସଭାପତି ରାଧେଶ୍ୟାମ ବ୍ରହ୍ମା, ଅଖେଳ ସାହୁ, କୃଷ୍ଣଚନ୍ଦ୍ର ଖୁଁଟିଆ, ଗୋବର୍ଦ୍ଧନ ସାହୁ, ସଞ୍ଜୟ ନାୟକ, ନବ ନାୟକ, ରତ୍ନାକର ନାୟକ, ରାଜ୍ୟ ସ୍ତରୀୟ ଖେଳାଳି ଯୋଗେଶ୍ୱର ସାହୁ ଯୋଗଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ସରପଂଚ ବିଜୟ କୁମାର ଦାସ ଓ କ୍ଲବ ର ସମସ୍ତ ସଦସ୍ୟଙ୍କ ସହଯୋଗରେ ଆୟୋଜନ କରାଯାଇଛି। ମ୍ୟାଚ୍ କୁ ମୁଖ୍ୟ ରେଫେରି ମନୋରଞ୍ଜନ ଖୁଁଟିଆ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ସହଯୋଗ କରିଥିଲେ ଯୋଗେନ୍ଦ୍ର ନାୟକ ଓ ପିୟୁଷ ସାହୁ। ଆସନ୍ତା କାଲିର ମ୍ୟାଚ୍ କ୍ଲବ ନିଆଳ ସହିତ ପଦନପୁର ଫୁଟବଲ କ୍ଲବ ମଧ୍ୟରେ ହେବ।



## ସାମ୍ବାଦିକ ସଂଘ ପକ୍ଷରୁ ବୃଦ୍ଧାଶ୍ରମରେ ଫଳ ବଣ୍ଟନ

**ଟାଙ୍ଗୀ, ୭।୧୨(ସମିସ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପଟ୍ଟଶିଷ୍ୟ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ, ଲୋକ ସେବକ ମଣ୍ଡଳର ପୂର୍ବତନ ଅଧ୍ୟକ୍ଷ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୧୨୯ତମ ଜୟନ୍ତୀ ଅବସରରେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଟାଙ୍ଗୀ ବୃଦ୍ଧାଶ୍ରମରେ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ଉପସଭାପତି ମାନସ ପଟ୍ଟନାୟକ, ସମ୍ପାଦକ ମନୋଜ ପଟ୍ଟନାୟକ, ସହସମ୍ପାଦକ ରମେଶ ବେହେରା, କୋଷାଧ୍ୟକ୍ଷ ଦାମୋଦର ସାହୁଙ୍କ ସମେତ ପ୍ରଦୀପ ସାହୁ, ପ୍ରଶାନ୍ତ ବେହେରା, ଉମେଶ ପଟ୍ଟନାୟକ, ଆଲୋକ ମହାରଣା ଓ ସଂଯୋଜକ ରଜନୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ।




## ଅପହୃତ ତିନି ନାବାଳିକା ଉଦ୍ଧାର

**ବାଣପୁର,୭ ।୧୨(ସମିସ):** ବାଣପୁର ଓ ନାଚୁଣୀ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଅପହୃତ ହୋଇଥିବା ତିନିଜଣ ନାବାଳିକାଙ୍କୁ ଉଦ୍ଧାର କରିଛି ବାଣପୁର ଓ ନାଚୁଣୀ ପୁଲିସ। ନାଚୁଣୀ ଥାନା ଅପହରଣ ମାମଲାର ତଦନ୍ତ କରି ପୁଲିସ ପୀଡ଼ିତା ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ଅଭିଭାବକଙ୍କ ଜିମା ଦେଇଛି। ସେହିପରି ବାଣପୁର ଥାନାର ଦୁଇଟି ଅପହରଣ ମାମଲାର ତଦନ୍ତ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁଇ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ବିଧିବଦ୍ଧ ଆଇନ ପ୍ରକ୍ରିୟା ସମ୍ପନ୍ନ କରି ସମସ୍ତ ତିନି ନାବାଳିକାଙ୍କୁ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ବିଦେଶୀ ପକ୍ଷୀଙ୍କ କଳରବରେ ନୀଳାମ୍ବୁ ଚିଲିକା ମୁଖରିତ

**ବାଲୁଗାଁ, ୭।୧୨(ସମିସ):** ଭୌଗୋଳିକ ଅବସ୍ଥିତ ତଥା ଅନୁକୂଳ ପରିବେଶ ଯୋଗୁଁ କେଉଁ ଅନାଦି କାଳରୁ ନୀଳାମ୍ବୁ ଚିଲିକା ପକ୍ଷୀତୀର୍ଥ ପାଲଟିଛି। ଶୀତ ଋତୁର ଆଗମନ ପୂର୍ବରୁ ଚିଲିକା ଜଳ ରାଶିର ଗଭୀରତା ଧିରେ ଧିରେ ହ୍ରାସ ପାଇଥିବା ସ୍ଥଳେ ଶୈବାଳ ସଂଖ୍ୟା ବୃଦ୍ଧି ପାଇଥାଏ। ବର୍ଷା ଋତୁରେ ଜନ୍ମ ନେଇଥିବା ଛୋଟ ଛୋଟ ମାଛ, କଙ୍କଡା ଓ ଅନ୍ୟାନ୍ୟ ଜଳଜୀବ ମାନଙ୍କର ନୈସର୍ଗିକ କ୍ରୀଡା ଭୂମିରେ ପରିଣତ ହୋଇଯାଇଛି ଚିଲିକାର ଫେନୀଳ ଜଳରାଶି ଗର୍ଭ ମଧ୍ୟସ୍ଥ ପକ୍ଷୀ ଅଭୟାରଣ୍ୟ ନଳବଣ। ସୁଦୂର ସାଇବେରିଆ, ଋଷିଆ, କାଜିକସ୍ତାନ, ମଧ୍ୟ ଓ ଦକ୍ଷିଣ ପୂର୍ବ ଏସିଆ, ମଙ୍ଗୁଲିଆ, ଆମେରିକା, ଲଦ୍ଦାକ୍, ତିବତ୍, କାସ୍ପିଆନ ସାଗର ଓ ହିମାଳୟ ବରଫାବୃତ ଅଞ୍ଚଳରୁ ହଜାର ହଜାର ମାଇଲ ଅତିକ୍ରମ କରି ଲକ୍ଷ ଲକ୍ଷ ବିଭିନ୍ନ ଜାତିର ରଙ୍ଗବେରଙ୍ଗର ବିଦେଶାଗତ ଅତିଥି ପକ୍ଷୀ ଚିଲିକାର ପକ୍ଷୀ ଅଭୟାରଣ ନଳବଣ ଓ ମଙ୍ଗଳା ଯୋଡ଼ି ଏବଂ ଅନ୍ୟ ଅଞ୍ଚଳକୁ ସୁଅ ଛୁଟିଛନ୍ତି। ଏହି ପକ୍ଷୀଙ୍କୁ ପାଇ ଫୁଲେଇ ରାଣୀ ଚିଲିକା ପ୍ରତିବର୍ଷ ପରି ଚଳିତ ବର୍ଷ ଫାଟି ପଡୁଛି।





ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାକୁ ଚଳିତ ବର୍ଷ ଅକ୍ଟୋବର ମଧ୍ୟ ଭାଗ ଠାରୁ ବିଦେଶାଗତ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଛି। ବର୍ତ୍ତମାନ ସମଗ୍ର ଚିଲିକାକୁ ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ପ୍ରଜାତିର ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିବା ବିଭାଗୀୟ ତରଫରୁ ଆକଳନ କରାଯାଇଛି। ଚିଲିକା ମଧ୍ୟରେ ଥିବା ପକ୍ଷୀ ଅଭୟାରଣ୍ୟ ନଳବଣରେ ପ୍ରାୟ୨ ଲକ୍ଷରୁ ଉର୍ଦ୍ଧ୍ୱର୍ ପକ୍ଷୀ ଅବସ୍ଥାପିତ କରିଥିବାବେଳେ ବାହାର ଚିଲିକା ତଥା ଅଭୟାରଣ୍ୟ ବ୍ୟତିତ ଭୁଷୁଣ୍ଡପୁର, ମଙ୍ଗଳାଯୋଡି, ସୋରଣ, ସୁନ୍ଦରପୁର, କାଲୁପଡା ଆଦି ବାହାର ଚିଲିକା ଅଞ୍ଚଳକୁ ପ୍ରାୟ ଦୁଇ ଲକ୍ଷ୍ୟରୁ ଅଧିକ ପକ୍ଷୀ ଆଗମନ ହୋଇଥିବା ଦେଖିବାକୁ ମିଳୁଛି। ଆଗମନ ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ପ୍ରିଣ୍ଟେଲ, ଗର୍ଡୱାଟ୍, ଗର୍ଡୱାଲ୍, ସୋଭଲର, କମନ ପାଇପର, କଣ୍ଟନ୍‌ସିଲ ଜାତିର ପକ୍ଷୀ ଅନ୍ତର୍ଭୁକ୍ତ। ଚିଲିକା କେବଳ ପକ୍ଷୀତୀର୍ଥ ହୋଇ ରହି ନାହିଁ। ବରଂ ବିଗତ ପ୍ରାୟ ୨୨ବର୍ଷ ରୁ ଉର୍ଦ୍ଧ୍ୱର୍ ସମୟ ଧରି ନୀଳାମ୍ବୁ ଚିଲିକାରେ ପକ୍ଷୀଙ୍କ ସହ ଇରାୱାଡି ଡଲଫିନ୍ ଦେଖିବାକୁ ମିଳୁଛି। ଏହି ଇରାୱାଡି ଡଲଫିନ୍‌ଙ୍କ ମନଲୋଭା ଜଳକ୍ରୀଡା ପର୍ଯ୍ୟଟକ ମାନଙ୍କୁ ବିମୋହିତ କରି ଚିଲିକା ପରିଭ୍ରମଣ ଲାଗି ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରି ପାରିଛି। ତେବେ ଚିଲିକାରେ ଲକ୍ଷ ଲକ୍ଷ ରଙ୍ଗବେରଙ୍ଗ ବିଦେଶାଗତ ପକ୍ଷୀଙ୍କ କାକଳି ସହ ଇରାୱାଡି ଡଲଫିନ୍‌ର ମନଲୋଭା ଜଳକ୍ରୀଡା ଯୋଗୁଁ ଚିଲିକା ଉତ୍ସବ ମୁଖର ହୋଇ ପଡିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଚଳିତ ବର୍ଷ ପ୍ରଥମ କରି ଡ୍ରୋନ୍ ମାଧ୍ୟମରେ ପକ୍ଷୀ ଶିକାରୀଙ୍କୁ ଧରିବା ନିମନ୍ତେ ବ୍ୟବସ୍ଥା କରାଯିବା ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ଚିଲିକା ବନ୍ୟପ୍ରାଣୀ ଡିଏଫଓ ଅମ୍ଲାନ ନାୟକ କହିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୭/୧୨/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୯୭,୨୭୧/- ସୁନା: ୦୦.୦୭୦ ଗ୍ରାମ୍ ରୁପା: ୧୦.୦୦୦ ଗ୍ରାମ୍







### ଶ୍ରୀମନ୍ଦିରରେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ହେଉ

# ସମୂହ ଦୀପଦାନ ସହ ଶାନ୍ତିପୂର୍ଣ୍ଣ ପ୍ରତିବାଦ

**ପୁରୀ, ୭।୧୨ (ସମିସ):** ଶ୍ରୀମନ୍ଦିରକୁ ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ କଲବଲ ହେଉଛନ୍ତି ପୁରୀ ସହରବାସୀ। ପୂର୍ବରୁ ଗାଁ ଦେଉଳ ଭଳି ସେମାନେ ନିଜ ଇଚ୍ଛାରେ ଶ୍ରୀମନ୍ଦିରକୁ ଯିବାଆସିବା କରୁଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢା ସେବନ କରିବା ସହ ପରିବାର ପାଇଁ ଧରି ଆସୁଥିଲେ। ମନ୍ଦିରକୁ ଯିବାଆସିବାରେ ସେମିତି କଟକଣା ନ ଥିଲା। ହେଲେ କିଛିବର୍ଷ ହେବ ଏଭଳି ସ୍ଥିତି ଆଉ ନାହିଁ। ଶ୍ରୀମନ୍ଦିରକୁ ପ୍ରବେଶ କରିବାକୁ ହେଲେ ସେମାନଙ୍କୁ ଚିନ୍ତା କରିବାକୁ ପଡୁଛି। ସମ୍ପ୍ରତି ଦର୍ଶନ ପାଇଁ ହେଉ କି ଅବଢା ଆଣିବା ଲାଗି ସେମାନଙ୍କୁ ଅନ୍ୟ ଶ୍ରଦ୍ଧାଳୁଙ୍କ ଭଳି ଲମ୍ବା ଧାଡିରେ ଘଣ୍ଟା ଘଣ୍ଟା ଛିଡା ହେବାକୁ ପଡୁଛି। ତେଣୁ ନିଜର ହକ୍ ପାଇଁ ଏବେ ସ୍ୱର ଉଠାଇଛନ୍ତି ପୁରୀ ସହରବାସୀ। ଶ୍ରୀମନ୍ଦିରକୁ ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ କିପରି ସହଜ ହେବ ସେଥିଲାଗି ପ୍ରତିବାଦ ଚଳାଇଛନ୍ତି। ଏହି କ୍ରମରେ ରବିବାର ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପୁରୀବାସୀ ଏକାଠି ହୋଇ ସମୂହ ଦୀପଦାନ କରିବା ସହ ନୀରବ ପ୍ରତିବାଦ ଜଣାଇଛନ୍ତି। 'ଭକ୍ତର ଭାବପୂର୍ଣ୍ଣ ଡାକ ଶୁଣହେ ମଣିମା। ପୁରୀବାସୀଙ୍କୁ ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶର ମାର୍ଗଦର୍ଶକ ହୁଅ ହେ ମହାପ୍ରଭୁ। ଏପରି ଆକୁଳ ନିବେଦନ ସହ ଜୟ ଜଗନ୍ନାଥ ଧ୍ୱନି, ହରିବୋଲ, ହୁଳହୁଳିରେ କମ୍ପିଛି ଶରଧାବାଲି ଅଞ୍ଚଳ। ଶହ ଶହ ମହିଳା, ବରିଷ୍ଠ ନାଗରିକ, ସେବାୟତ, ପ୍ରବଚକ, ସାହିତ୍ୟିକ, ବିଭିନ୍ନ ସାହି ବାସିନ୍ଦା, ଗବେଷକ, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଯୁବଗୋଷ୍ଠୀ ଏଥିରେ ସାମିଲ ହୋଇଛନ୍ତି।

ପୁରୀବାସୀ କହିଛନ୍ତି, ଠାକୁରଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରବେଶ ଏକ ଦାବି କିମ୍ବା ଆନ୍ଦୋଳନ ହୋଇ ନ ପାରେ। ଜଗନ୍ନାଥଙ୍କ ଦର୍ଶନ ଓ ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶ, ପୁରୀବାସୀଙ୍କ ଜନ୍ମଗତ ଅଧିକାର ଓ ପରମ୍ପରା। ବିଧର୍ମୀଙ୍କ କବଳରୁ ଠାକୁରଙ୍କୁ ୧୭ ଥର ପୁରୀବାସୀ ରକ୍ଷା କରିଛନ୍ତି। ପ୍ରାକୃତିକ ଦୁର୍ବିପାକଠାରୁ କରୋନାରେ ପୁରୀବାସୀ ପ୍ରଶାସନ ଓ ସରକାରଙ୍କୁ ସହଯୋଗ କେବଳ ଦେଇନାହାନ୍ତି ଶହଶହ ବର୍ଷ ଧରି ବହିରାଗତ ଯାତ୍ରୀ, ପର୍ଯ୍ୟଟକ ଓ ଭକ୍ତଙ୍କୁ ନିଃସ୍ୱାର୍ଥପର ସହଯୋଗ ଦେଇ ଆସିଛନ୍ତି। ଅଥଚ୍ ପୁରୀବାସୀଙ୍କ ଶ୍ରୀମନ୍ଦିରରେ ସୁରୁଖୁରୁରେ ପ୍ରବେଶ, ମହାଲକ୍ଷ୍ମୀଙ୍କ ଦର୍ଶନ, ସତ୍ୟନାରାୟଣ ଦର୍ଶନ, ମହାପ୍ରସାଦ ଓ ଶୁଖିଲା ପ୍ରସାଦ ଆଣିବା ନେଇ ରାଜ୍ୟ ସରକାର, ସାଂସଦ ସମ୍ବିତ ପାତ୍ର, ଶୁଭାଶିଷ୍ ଖୁଣ୍ଟିଆ ଓ ବିଧାୟକ ସୁନୀଲ ମହାନ୍ତି ଏହା ପ୍ରତି ସକରାତ୍ମକ ସଙ୍କେତ ଦେବା ପରେ ମଧ୍ୟ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଯାବତ୍ ଆଶାଜନକ ଓ ନିର୍ଦ୍ଦିଷ୍ଟ ଘୋଷଣା ନେଇ ଆଲୋଚନା ହୋଇ ପାରିନାହିଁ। ତେବେ ଆଜିର ଏହି କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଓ ଅହିଂସାଧର୍ମୀ ଥିଲା। ପୁରୀବାସୀଙ୍କ ପାଇଁ ପ୍ରଶାସନ ହୃଦୟର ସହ ଆଲୋଚନା କରିବାକୁ ମଞ୍ଚ ନିବେଦନ ରଖିବା ସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ଘୋଷଣା କରିଛି।



ଗୀତଗୋବିନ୍ଦରେ କମ୍ପିଲା ଶରଧାବାଲି

### ପାଳିଆ ସେବାୟତଙ୍କୁ ଛୁଇଁଦେଲେ ଅନ୍ୟ ଜଣେ ସେବକ

## ମହାପ୍ରଭୁଙ୍କର ହେଲା ଛୁଆଁ ମହାସ୍ନାନ

**ପୁରୀ,୭।୧୨(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ଛୁଆଁ ମହାସ୍ନାନ। ଜଣେ ପାଳିଆ ସେବାୟତଙ୍କୁ ଅନ୍ୟଜଣେ ସେବକ ଛୁଇଁ ଦେବାରୁ ଏହି ମହାସ୍ନାନ ହୋଇଥିଲା। ଏଥିପାଇଁ ନୀତିକାନ୍ତିରେ ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଥିଲା। ରବିବାର ସକାଳ ୬ଟାରେ ଦ୍ୱାର ଫିଟିଥିଲା। ୬ଟା ୩୫ରେ ଭିତର ଶୋଧ କରାଯାଇ ୬ଟା ୪୦ରେ ମଙ୍ଗଳ ଆଳତି ବଢିଥିଲା। ୬ଟା ୪୫ରେ ମଇଲମ ସରିଥିଲା। ଏହାପରେ ତଡ଼ପଲାଗି ହୋଇ ଅବକାଶ ହୋଇଥାନ୍ତା। ଏହି ସମୟରେ ପାଳିଆ ସେବାୟତ ସିଂହାସନ ଉପରେ ଥିଲେ। ତଳେ ଥିବା ଅନ୍ୟ ଜଣେ ସେବକ ମୁଣ୍ଡିଆ ମାରିବା ସମୟରେ ତାଙ୍କ ହାତ ପାଳିଆ ସେବାୟତଙ୍କ ଦେହରେ ବାଜିଥିଲା। ଫଳରେ ଠାକୁରଙ୍କର ଛୁଆଁ ମହାସ୍ନାନ ହୋଇଥିଲା। ସକାଳ ୮ଟା ୨୦ରେ ମହାସ୍ନାନ ପୂଜା ଶେଷ ହୋଇଥିଲା। ଏହାପରେ ଅଟକି ଥିବା ନୀତିକାନ୍ତି ପୁଣି ଆରମ୍ଭ ହୋଇଥିଲା। ତେବେ ଏଥିପାଇଁ ଦର୍ଶନ ବନ୍ଦ ଥିବାରୁ ବାହାରେ ଧାଡିରେ ଭକ୍ତଙ୍କୁ ଅପେକ୍ଷା କରିବାକୁ ପଡିଥିଲା।

## ଆଜିଠୁ ଆମରଣ ଅନଶନ କରିବେ ଆୟୁଷ ଛାତ୍ରଛାତ୍ରୀ

**ପୁରୀ,୭।୧୨(ସମିସ):** ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀମାନେ ପ୍ରତିବାଦ କରି ନିରାଶ ହେବା ପରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାରଠାରୁ ରାଜ୍ୟ ୭ଟି ଯାକ ଆୟୁଷ ମହାବିଦ୍ୟାଳୟର ୧,୮୦୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଆମରଣ ଅନଶନ କରିବେ। ଗତ ନଭେମ୍ବର ୬ ତାରିଖରୁ ୮ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ସହ କଳାବ୍ୟାଚ୍ ପିନ୍ଧି ପ୍ରତିବାଦ କରିଆସୁଥିଲେ ମଧ୍ୟ ଦାବି ପୂରଣ ନେଇ ଆଲୋଚନାକୁ ଡାକିଲେ ନାହିଁ। ତେଣୁ ଗତ ୨୪ ତାରିଖରୁ ରାଜ୍ୟବ୍ୟାପୀ ମହାବିଦ୍ୟାଳୟ ବନ୍ଦ ଡାକରା ଦିଆଯିବା ସହିତ ଗତ ୩୦ ତାରିଖରୁ ଦିବାରାତ୍ର ଧାରଣା ଆନ୍ଦୋଳନ ଜାରି ରହିଥିଲା। ଗୋଟିଏ ବି ଦାବି ପୂରଣ ହୋଇ ନ ଥିବାରୁ ବାଧ୍ୟ ହୋଇ ଆମରଣ ଅନଶନ ଭଳି ଚରମ ପନ୍ଥା ଆପଣାଇଛନ୍ତି ବୋଲି ସଂଘ ସଭାପତି ଗିରିଧାରୀ ବିଶ୍ୱାଳ କହିଛନ୍ତି।

### ● ବଡ଼ଦାଣ୍ଡରେ ରାତି କାଟିବେନି ତୀର୍ଥଯାତ୍ରୀ, ପର୍ଯ୍ୟଟକ

## ତିଆରି ଚାଲିଛି ଧର୍ମଶାଳା, ମିଳିବ ସୁଲଭ ରହଣୀ ସୁଯୋଗ

**ପୁରୀ,୭।୧୨(ସମିସ):** ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀର ଭକ୍ତ, ପର୍ଯ୍ୟଟକ ତଥା ତୀର୍ଥଯାତ୍ରୀଙ୍କ ପାଇଁ ଖୁସି ଖବର। ଏଣିକି ଆଉ ବଡଦାଣ୍ଡରେ ସେମାନେ ରାତି କାଟିବେନି। ସୁଲଭ ମୂଲ୍ୟରେ ରହଣୀ ପାଇଁ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ଧର୍ମଶାଳା। ଅବଢା ଯୋଜନାରେ ବାସେଳୀସାହି ଥାନା ନିକଟରେ ଜି ପ୍ଲସ ଥ୍ରୀ ୫ଟି କୋଠା ନିର୍ମାଣ ଆଗେଇ ଚାଲିଛି। ଦୁଇମାସ ମଧ୍ୟରେ ଏହାର ନିର୍ମାଣ ସରିବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା।

ଭକ୍ତ ଓ ତୀର୍ଥଯାତ୍ରୀଙ୍କ ପାଇଁ ଅବଢା ଯୋଜନାରେ ୨୦୨୨ରୁ ଆରମ୍ଭ ହୋଇଥିବା ଏହି ଧର୍ମଶାଳା ନିର୍ମାଣ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଜେଡି ସରକାରଙ୍କ ସମୟରେ ଓବିସିସି ପକ୍ଷରୁ ୨୦୨୨ ଅଗଷ୍ଟ ୨୩ ତାରିଖରେ ଧର୍ମଶାଳା ପ୍ରକଳ୍ପ ନିମନ୍ତେ ଶ୍ରୀଜୀକୃପା ପ୍ରୋଜେକ୍ଟ ଲିମିଟେଡ୍ ସଂସ୍ଥାକୁ ୧୩୫.୬ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ୨୪ ମାସ ମଧ୍ୟରେ ଅର୍ଥାତ୍ ୨୦୨୪ ଅଗଷ୍ଟ ୨୨ ତାରିଖରେ ଏହି ପ୍ରକଳ୍ପ ସାରିବାକୁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଏହା ଶେଷ ହୋଇନାହିଁ। ଫଳରେ ବଡଦାଣ୍ଡରେ ପ୍ରତିଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ରାତି କାଟୁଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ଗରିବ ଓ ମଧ୍ୟବିତ୍ତ ଭକ୍ତମାନେ ହୋଟେଲରେ ରହିବା ପାଇଁ ଅର୍ଥାଭାବରୁ ବାଧ୍ୟ ହୋଇ ବଡ଼ଦାଣ୍ଡରେ ରାତି କାଟୁଛନ୍ତି। କିଏ ଗାମୁଛା ପାରି ଶୋଉଛି ତ ଆଉ କିଏ ପରିବାର ସହ ବସିରହି ରାତି କଟାଉଛନ୍ତି। ଏମିତି ବି ଅନେକ ଛୋଟ ପିଲା ବି ସେମାନଙ୍କ ସହିତ ରହୁଛନ୍ତି। ହୋଟେଲ୍, ଲଜିଂର ଚଢାଦର ଏମାନଙ୍କ ପକେଟ୍‌କୁ ସାଥ୍ ଦେଉ ନ ଥିବାରୁ ବାଧ୍ୟ ହୋଇ ବଡଦାଣ୍ଡରେ ରାତି କାଟୁଥିବା ଏମାନେ କହିଛନ୍ତି।

ତେବେ ଅବଢା ଯୋଜନାରେ ଧର୍ମଶାଳା ନିର୍ମାଣ କରାଯାଉଛି। ପ୍ରାୟ ୩,୭୦୦ ବିଶିଷ୍ଟ ଶଯ୍ୟା ବ୍ୟବସ୍ଥା ରହିବ ବୋଲି ଓବିସିସି ପକ୍ଷରୁ କୁହାଯାଇଛି। ଅନ୍ୟପଟେ ନିର୍ମାଣାଧୀନ ଧର୍ମଶାଳା ସମ୍ପର୍କରେ ଜିଲ୍ଲାପାଳ କହିଛନ୍ତି, କାମ ଦ୍ରୁତଗତିରେ ଚାଲିଥିବା ବେଳେ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୁଇମାସ ମଧ୍ୟରେ ଏହା ପୂର୍ଣ୍ଣାଙ୍ଗ ରୂପ ନେବ। ଧର୍ମଶାଳାରେ ଭକ୍ତଙ୍କ ପାଇଁ ରୁମ୍ ଓ ଡର୍ମେଟରୀ ଦୁଇପ୍ରକାର ବ୍ୟବସ୍ଥା ସହ ଲିଫ୍ଟର ବ୍ୟବସ୍ଥା କରାଯିବ। ଯାତ୍ରୀଙ୍କ ରହଣୀ ପାଇଁ ସୁଲଭ ମୂଲ୍ୟର ବ୍ୟବସ୍ଥା ହେଉଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ପଥର ପୋଖରୀ ସଫେଇ କଲେ ସ୍ୱେଚ୍ଛାସେବୀ

**ପୁରୀ, ୭।୧୨ (ସମିସ):** ପୁରୀର ପ୍ରବେଶ ପଥ ଅଠରନଳା ନିକଟସ୍ଥ ଐତିହ୍ୟ ପଥର ପୋଖରୀ ଦୀର୍ଘଦିନ ଧରି ଅବହେଳିତ ହୋଇପଡିଛି। ଏହାର ପୁନରୁଦ୍ଧାର କରାଯିବ ବୋଲି ବାରମ୍ବାର ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହେଉଥିଲେ ହେଁ କାମ ଆରମ୍ଭ ହୋଇନାହିଁ। ରବିବାର ଏହି ପୋଖରୀକୁ ସଫେଇ କରିଛନ୍ତି ହୋପ ଇଜ୍ ଲାଇଫର ସ୍ୱେଚ୍ଛାସେବୀ। ଅଲାମଚଣ୍ଡୀ ମନ୍ଦିର ସମ୍ମୁଖ ଭାଗରେ ଥିବା ଏହି ଐତିହ୍ୟ ପୁଷ୍କରିଣୀରୁ ଦଳ ସହ ବର୍ଜ୍ୟ କଢାଯାଇଛି। ଆସନ୍ତା ରବିବାର ମଧ୍ୟ ଏହାର ସଫେଇ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଫେଇରେ ଅନୁଷ୍ଠାନର ଜଗବନ୍ଧୁ ବେହେରା, ଆଶିଷ ଦାସ, ଅରକ୍ଷିତ ବେହେରା, ସୁଶାନ୍ତ କୁମାର ମହାପାତ୍ର, ସନ୍ଧ୍ୟାରାଣୀ କାଠୁଆ, ସବିତା ପୃଷ୍ଟି, ସୁନିତା ମିଶ୍ର, ଭାରତୀ ମହାପାତ୍ର, ଚନ୍ଦନା ଦାସ, ସନ୍ତୋଷୀ ବିଶ୍ୱାଳ, ଚିନ୍ମୟୀ ନନ୍ଦ, ଉମା ଦଳେଇ, ମାନସ ମହାନ୍ତି, ମନୋଜ ମହାନ୍ତି, ବୈକୁଣ୍ଠ ସ୍ୱାଇଁ, ଅନିଲ ପାତ୍ର, ରଜନୀକାନ୍ତ ପଟ୍ଟନାୟକ, ଦିବାକର ଦଳେଇ, ପ୍ରଶାନ୍ତ ଜେନା, କାମଦେବ ପ୍ରଧାନ, ରଶ୍ମିରଞ୍ଜନ ସାମନ୍ତସିଂହାର, ହାଡିବନ୍ଧୁ ଭଟ୍ଟ, ସନ୍ତୋଷ ପାଢ଼ୀ, ବିକାଶ ରାଉତ, ନିରଞ୍ଜନ ବେହେରା, ସନ୍ଦୀପ କର୍ମକାର, ବିଦ୍ୟୁଭୂଷଣ ମଙ୍ଗରାଜ, ସଭାପତି ସୁରେଶ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ। ପଥରପୋଖରୀ ଉନ୍ନୟନ କମିଟି ସଭାପତି ଅମିୟ କୁମାର ମହାପାତ୍ର, ସମ୍ପାଦକ ବସନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଅର୍ଜୁନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



### ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା

## 'ବଳରାମ ଦାଶଙ୍କ ଭକ୍ତି ଧାରାରେ ଶ୍ରୀଜଗନ୍ନାଥ'

**ପୁରୀ,୭।୧୨(ସମିସ):** ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଡିସେମ୍ବର ମାସର ଆଲୋଚନାଚକ୍ର ରବିବାର ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରକୁ ସଞ୍ଚାଳନ କରିଥିଲେ ସମ୍ପାଦକ ଡ. ଶ୍ରୀନିବାସ ଆଚାର୍ଯ୍ୟ। ଆଲୋଚ୍ୟ ପ୍ରସଙ୍ଗ 'ସନ୍ଥ କବି ବଳରାମ ଦାଶଙ୍କ ଭକ୍ତି ଧାରାରେ ଶ୍ରୀଜଗନ୍ନାଥ' ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ପ୍ରାଧ୍ୟାପିକା ବାସନ୍ତୀ ଦେବୀ।

ମଧ୍ୟଯୁଗୀୟ ପଞ୍ଚଶଖାଙ୍କ ମଧ୍ୟରେ ଜ୍ୟେଷ୍ଠ, ଜ୍ଞାନ ମିଶ୍ର ଭକ୍ତିର ପ୍ରଥମ ଉପସ୍ଥାପକ ଥିଲେ ବଳରାମ ଦାସ। ସେ ଖ୍ରୀ ୧୪୭୫ରେ ପୁରୀ ଜିଲ୍ଲାର ଏରବଙ୍ଗ ଗ୍ରାମରେ ଶୂଦ୍ର କୂଳରେ ଆବିର୍ଭୂତ ହୋଇଥିଲେ। ବଳରାମଙ୍କ ରଚିତ ପ୍ରାୟ ୩୫ରୁ ଅଧିକ ଗ୍ରନ୍ଥ ମଧ୍ୟରେ ଦାଣ୍ଡି ରାମାୟଣ ବା ଜଗମୋହନ ରାମାୟଣ, ଭାବ ସମୁଦ୍ର, ବ୍ରହ୍ମାଣ୍ଡ ଭୂଗୋଳ, ବଟ ଅବକାଶ, ବେଦାନ୍ତ ସାର ଗୁପ୍ତ ଗୀତା, ଅମରକୋଷ ଗୀତା, ପ୍ରଣବସାର ଗୀତା, ଲକ୍ଷ୍ମୀପୁରାଣ ଆଦି ଉଲ୍ଲେଖଯୋଗ୍ୟ। ତାଙ୍କ ରଚିତ ଗ୍ରନ୍ଥମାନଙ୍କରୁ ତାଙ୍କ ଭକ୍ତିମତ୍ତା, ବିଦ୍ୱତ୍ତା, ପ୍ରତିଭା ଏବଂ ଜଗନ୍ନାଥୈକ ପ୍ରାଣତାର ପରିଚୟ ମିଳେ। କବି ମୂଳ ରାମାୟଣର ଅବଲମ୍ବନରେ ଜଗମୋହନ ରାମାୟଣ ରଚନା କରିଥିଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ମହିମାକୁ ପ୍ରସାରିତ କରିବାର ପ୍ରୟାସ କରିଛନ୍ତି। ଏଥିରେ ଶ୍ରୀଜଗନ୍ନାଥଙ୍କ ସ୍ତୁତିଗାନ ସହ ଏହାର ରଚୟିତା ସ୍ୱୟଂ ଜଗନ୍ନାଥ ବୋଲି କବି ସ୍ୱୀକାର କରିଛନ୍ତି। ଏଥିରେ କବି ଶ୍ରୀରାମ ଏବଂ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ଅଭେଦତ୍ୱ ବହୁସ୍ଥଳରେ ପ୍ରମାଣିତ କରିଛନ୍ତି। ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରାଙ୍କଠାରୁ ଅଭିନ୍ନ ବୋଲି ଦର୍ଶାଇଛନ୍ତି। କବିଙ୍କ ବର୍ଣ୍ଣନାରେ ଶ୍ରୀକ୍ଷେତ୍ର ହେଉଛି ନିତ୍ୟ ବୃନ୍ଦାବନ, ବଳଦେବ ହେଉଛନ୍ତି ଅନନ୍ତ ଏବଂ ସୁଭଦ୍ରା ପ୍ରେମରୂପା ଅଟନ୍ତି। ସ୍ୱୟଂ ଜଗନ୍ନାଥ ହେଉଛନ୍ତି ରାଧାକୃଷ୍ଣଙ୍କ ମିଳିତ ରୂପ। ପୁନଶ୍ଚ ଗୁଣ୍ଡିଚା ନବର ହେଉଛି ଗୋପପୁର ବା ବିରହ ବୃନ୍ଦାବନ, ଯେଉଁଠାରେ ଶ୍ରୀକୃଷ୍ଣ ଗୁପ୍ତରାସ କରନ୍ତି। 'ଭାବ ସମୁଦ୍ର' ଗ୍ରନ୍ଥରେ କବି ଶ୍ରୀଜଗନ୍ନାଥଙ୍କୁ ନିର୍ଗୁଣ ଓ ସଗୁଣ ସ୍ୱରୂପରେ ବର୍ଣ୍ଣନା କରିଛନ୍ତି। 'ବିରାଟ ଗୀତା'ରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ବ୍ୟାଖ୍ୟାନ ସହ ପିଣ୍ଡ ମଧ୍ୟରେ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ରର ପରିକଳ୍ପନା କରିଛନ୍ତି। 'ଗୁପ୍ତଗୀତା'ରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କଥୋପକଥନରେ କବି ବଳଭଦ୍ରଙ୍କୁ ସାମବେଦ, ସୁଭଦ୍ରାଙ୍କୁ ଋକ୍ ଏବଂ ଶ୍ରୀଜଗନ୍ନାଥଙ୍କୁ ଯର୍ଜୁବେଦ ତଥା ସୁଦର୍ଶନଙ୍କୁ ଅଥର୍ବ ବେଦ ବୋଲି କହିଛନ୍ତି। 'ବ୍ରହ୍ମାଣ୍ଡ ଭୂଗୋଳ'ରେ କବି ଶ୍ରୀଜଗନ୍ନାଥଙ୍କୁ ଭକ୍ତ ବଲ୍ଲଭ, ସଂସରର ସେତୁ ଏବଂ ସବୁ କର୍ମର ହେତୁ ବୋଲି କହିଛନ୍ତି। ଶ୍ରୀଜଗନ୍ନାଥଙ୍କ ଅବତାରିତ୍ୱ ପ୍ରତିପାଦନ କରି ତାଙ୍କ ଶରୀରରୁ ସମସ୍ତ ଅବତାର ଆତ୍ମପ୍ରକାଶ କରିଥିବା ସୂଚିତ କରିଛନ୍ତି। 'ଲକ୍ଷ୍ମୀ ପୁରାଣ'ରେ ମା' ଲକ୍ଷ୍ମୀଙ୍କ ସହ ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ରଙ୍କ ଚରିତ୍ରର ମହିମା ପ୍ରକଟିତ। ଚଣ୍ଡାଳ ଗୃହରେ ମହାଲକ୍ଷ୍ମୀଙ୍କ ପୂଜା ବଳରାମଙ୍କ ଅନନ୍ୟ ବ୍ୟକ୍ତିତ୍ୱର ସୂଚନା ଦିଏ। ନାରୀର ଅମର୍ଯ୍ୟାଦା ହେଲେ ସଂସାରରେ ଘୋର ଅନର୍ଥ ହୁଏ ବୋଲି ଲକ୍ଷ୍ମୀଙ୍କ ମୁଖରେ ପ୍ରକାଶ ପାଇଛି। ପାରିବାରିକ ଜୀବନରେ ନାରୀର ଗୁରୁତ୍ୱପୂର୍ଣ୍ଣ ସ୍ଥିତି ବର୍ଣ୍ଣନା କରି ସମାଜରେ ଜାତିପ୍ରଥା ବିରୁଦ୍ଧରେ କବିଙ୍କର ବୈପ୍ଳବିକ ସ୍ୱର ମୁଖରିତ ହୋଇଛି।

ଏହି ଆଲୋଚନାଚକ୍ରରେ ଡ. ଉମେଶ ଚନ୍ଦ୍ର ଚିହ୍ନରା, ଡ, ଭାସ୍କର ମିଶ୍ର, ଡ. ପ୍ରମୋଦ କୁମାର ଦଳେଇ, ଡ. କାଦମ୍ବିନୀ ଦାଶ, ପ୍ରାଧ୍ୟାପିକା ବାସନ୍ତୀ ଦେବୀ, କୋଟେଶ ଚନ୍ଦ୍ର ପାତ୍ର, ଡ. ଦେବରାଜ ପ୍ରଧାନ, ଅଶୋକ କୁମାର ଆଢ୍ୟ, ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ର, ସନ୍ଧ୍ୟାରାଣୀ ଚିହରା, ଅନାମ ଚନ୍ଦ୍ର ସାହୁ, ରଞ୍ଜିତା ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସହିଦ ଜୟୀ ରାଜଗୁରୁଙ୍କ ସ୍ମୃତିସଭା

**ପୁରୀ,୭।୧୨(ସମିସ):** ଶ୍ରୀଜଗନ୍ନାଥ ଗବେଷଣା କେନ୍ଦ୍ର, ସର୍ବୋଦୟ ମେଳା କମିଟି ଓ ସହିଦ ରାଜଗୁରୁ ଫାଉଣ୍ଡେସନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଗାନ୍ଧୀ ସ୍ମୃତିପୀଠରେ ଶରତ ଚନ୍ଦ୍ର ମହାପାତ୍ରଙ୍କ ସ୍ମୃତି ସଭା ଓ ସହିଦ ରାଜଗୁରୁଙ୍କ ୨୨୦ତମ ବଳିଦାନ ଦିବସ ପାଳିତ ହୋଇଛି। ଶ୍ରୀ ଜଗନ୍ନାଥ ଓ ଜୟୀ ରାଜଗୁରୁ ଶୀର୍ଷକ ଆଲୋଚନା ଚକ୍ରରେ ଶ୍ରୀ ଜଗନ୍ନାଥ ଗବେଷଣା କେନ୍ଦ୍ର ଓ ସର୍ବୋଦୟ ମେଳା କମିଟି ସଭାପତି ଉମାବଲ୍ଲଭ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ଜୟୀ ରାଜଗୁରୁଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଶହୀଦ ଜୟୀ ରାଜଗୁରୁ ଫାଉଣ୍ଡେସନ ଟ୍ରଷ୍ଟର ଓଡିଶା ସଭାପତି ଓ ପ୍ରାକ୍ତନ ନିର୍ଦ୍ଦେଶକ ଭାରତ ସରକାର ମାନସ ରଞ୍ଜନ ମହାପାତ୍ର ସମ୍ୟକ ସୂଚନା ଦେଇ ବରପୁତ୍ରମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସ୍ୱର୍ଗତଃ ଶରତ ଚନ୍ଦ୍ର ମହାପାତ୍ରଙ୍କ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି, ନିଷ୍ଠା ଓ ଶ୍ରୀମନ୍ଦିର ପରିଚାଳକ ଭାବେ ତାଙ୍କ ଦକ୍ଷତା ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସେହିପରି ଶହୀଦ ରାଜଗୁରୁଙ୍କୁ ଇତିହାସରେ ଉପଯୁକ୍ତ ସ୍ଥାନ ଦିଆଯାଇ ନାହିଁ ବୋଲି ସେ କହିଥିଲେ। ଏହି ସ୍ମୃତି ସଭାରେ ଗଙ୍ଗାଧର ଦାଶ, ବାସୁଦେବ ସାହୁ, ଗିରିଜା ଶଙ୍କର ପାଢ଼ୀ, ସୂର୍ଯ୍ୟନାରାୟଣ ରଥ, ଶୈଳବାଳା ମହାପାତ୍ର, ଗୌରହରି ପ୍ରଧାନ, ବିଶ୍ୱମିତ ମିଶ୍ର, ପ୍ରିୟ ମହାପାତ୍ର ଓ ଜୟଦେବ ଶତପଥୀ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଦୀପ ଚନ୍ଦ୍ର ମହାପାତ୍ର, ରଶ୍ମିତା ମହାପାତ୍ର ଓ ସମ୍ପାଦକ ଶିବପ୍ରସାଦ ମିଶ୍ର ସଭା ପରିଚାଳନା କରିଥିଲେ।



## ୧୩ରୁ ଦୁଇଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ

**ପୁରୀ,୭।୧୨(ସମିସ):** ଚଳିତ ମାସ ୧୩ ଏବଂ ୧୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି ୨୧ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ-୨୦୨୫। ଶିଶୁ ମହୋତ୍ସବ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର କରିବା ନିମନ୍ତେ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ରଙ୍କ ସଭାପତିତ୍ୱରେ ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଶୁ ମହୋତ୍ସବ ଟ୍ରଷ୍ଟର ମୁଖ୍ୟ ମାର୍ଗଦର୍ଶକ ତଥା ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ସମ୍ପାଦକ ଶଙ୍ଖମିତ୍ର ସିଂହାରୀ, ଆବାହକ ସୁଧାଂଶୁ ରଥ, କୋଷାଧ୍ୟକ୍ଷ ପ୍ରଶାନ୍ତ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଅନୁଷ୍ଠାନର ମନୋଜ ମହାପାତ୍ର, ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ, ଅମର ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ଜିତେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ କିଭଳି ସୁଚାରୁ ରୂପେ ସମ୍ପାଦନା କରାଯିବ ତାହା ଉପରେ ଆଲୋଚନା କରିଥିଲେ। ପ୍ରକାଶଥାଉ କି,ଉକ୍ତ ମହୋତ୍ସବରେ ସମଗ୍ର ରାଜ୍ୟରୁ ପ୍ରାୟ ୩୫୦ ଶିଶୁ କଳାକାର ସଙ୍ଗୀତ, ନୃତ୍ୟ ଓ ବାଦ୍ୟ ବିଭାଗରେ ଯୋଗଦାନ କରି ନିଜର ପ୍ରତିଭାକୁ ପ୍ରଦର୍ଶନ କରିବେ। ଏହି ଅବସରରେ ଗୁରୁ ଏବଂ ଶିଶୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଦ୍ୱି ଦିବସୀୟ କାର୍ଯ୍ୟକ୍ରମ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବା ସହିତ ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗଦେବେ ବୋଲି ସଭାପତି ସୂଚନା ପ୍ରଦାନ କରିଛନ୍ତି।

### ଓଡ଼ିଶା କୁରାଳ ମହାସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ଶତାୟୁ ପାଲାଗାୟକ ଡ. ଜଗନ୍ନାଥ ବେହେରା ସମ୍ବର୍ଦ୍ଧିତ

**ପୁରୀ,୭।୧୨(ସମିସ):** ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ରବିବାର ଓଡ଼ିଶା କୁରାଳ ମହାସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ସଭାପତି ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଜୟରାମ ସାହୁ, ରାମଚନ୍ଦ୍ର ମୁଦୁଲି, ସୁବୋଧ ରଣା, ବ୍ରହ୍ମାନନ୍ଦ ରଣା, ପ୍ରଫୁଲ୍ଲ ବେହେରା, ଅକ୍ଷୟ ରଣା, ରବୀନ୍ଦ୍ର ବେହେରା, ରାମନାଥ କୁମ୍ଭାର, ପ୍ରଶାନ୍ତ ରଣା, ଲକ୍ଷ୍ମଣ ବେହେରା, ରବୀନ୍ଦ୍ର ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମହାସଂଘର ବୟୋଜ୍ୟେଷ୍ଠ ସଦସ୍ୟ ତଥା ଶତାୟୁ ପାଲାଗାୟକ ଡ. ଜଗନ୍ନାଥ ବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରାରମ୍ଭରେ ମହେନ୍ଦ୍ର ବିଶୋଇ ବୈଠକର ଏଜେଣ୍ଡା ଉପସ୍ଥାପନ କରିଥିଲେ। ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ବିଚିତ୍ରା ନନ୍ଦ ବେହେରା। ସମ୍ପାଦକ ଜୟରାମ ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ବୈଠରେ କୁମ୍ଭକାରମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ଏବଂ ତା'ର ସମାଧାନ ଉପରେ ବିଷଦ ଆଲୋଚନା ହୋଇଥିଲା। ଓଡ଼ିଶାରେ ମାଟି କଳା ବୋର୍ଡ଼ ଗଠନ, କୁମ୍ଭକାର କାରିଗରଙ୍କୁ ସ୍ୱତନ୍ତ୍ର ଭାବେ ଭତ୍ତା ପ୍ରଦାନ, କୁରାଳ ଭବନ ପାଇଁ ଜମି ଯୋଗାଇ ଦେବା, ବ୍ୟବସାୟ ପାଇଁ ସହଜ ସରଳ କିସ୍ତିରେ ବ୍ୟାଙ୍କ ଋଣ ପ୍ରଦାନ, ସମସ୍ତ କୁମ୍ଭକାରଙ୍କୁ ଇଲେକ୍ଟ୍ରି ଚକ ପ୍ରଦାନ କରିବା ଦିଗରେ ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ନିବେଦନ କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଛି। ବିଶେଷତଃ ପୁରୀରେ ବସବାସ କରୁଥିବା କୁମ୍ଭକାରମାନଙ୍କ ସମସ୍ୟା ସମାଧାନ ଦିଗରେ ସରକାର ଦୃଷ୍ଟି ଦେବାକୁ ଦାବି କରାଯିବା ସହ ଆଗାମୀ ରାଜ୍ୟ ସମ୍ମିଳନୀ ସହିତ ପ୍ରତି ଜିଲ୍ଲା ସଂଗଠନକୁ କ୍ରିୟାଶୀଳ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଫୁଲ୍ଲ ବେହେରା। ବୈଠକରେ କଳାହାଣ୍ଡି, ବୌଦ୍ଧ, ନୂଆପଡା, ବଲାଙ୍ଗୀର, ନବରଙ୍ଗପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ, କଟକ, ଖୋର୍ଦ୍ଧା, ଭଦ୍ରକ, ଅନୁଗୁଳ ନୟାଗଡ, ଢେଙ୍କାନାଳ, ଯାଜପୁର ଜିଲ୍ଲା ପ୍ରତିନିଧି ଯୋଗଦେଇଥିଲେ।

